

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia
RNI No. ODIODI / 2014 / 56157 www.amrutadunia.org

Vol.13, Issue.110, Saturday, 8 August 2026, Puri, Pages - 20, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୦, ଶନିବାର, ୮ ଅଗଷ୍ଟ ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.110, Saturday, 8 August 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୦, ଶନିବାର, ୮ ଅଗଷ୍ଟ ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.110, Saturday, 8 August 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୦, ଶନିବାର, ୮ ଅଗଷ୍ଟ ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


**ନୂଆଦିଲ୍ଲୀରେ ଫୁଡ୍ ପ୍ରୋ ୨୦୨୬**

# ଓଡ଼ିଶା ଆସିବ ୪୩,୪୩୭ କୋଟି ଟଙ୍କାର ନିବେଶ

- ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଭିଜନ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ଇନ୍‌ଭେଷ୍ଟମେଣ୍ଟ ରୋଡ୍-ଶୋ'ରେ ଯୋଗଦେଲେ ୩୦୦ରୁ ଅଧିକ ଉଦ୍ୟୋଗପତି
- ୨୭ ଏମ୍‌ଓୟୁ ସ୍ୱାକ୍ଷର, ୧୨ ନିବେଶ ଇଚ୍ଛାପତ୍ର ଗ୍ରହଣ
- ୪୩,୩୧୬ ଜଣଙ୍କୁ ନିଯୁକ୍ତି ସୁଯୋଗ




ନୂଆଦିଲ୍ଲୀ

ରାଜ୍ୟର ପ୍ରଥମ କ୍ଷେତ୍ର-କୈନ୍ଦ୍ରିକ ଇନଭେଷ୍ଟମେଣ୍ଟ ରୋଡ୍-ସୋ' 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ପ୍ରଥମ ଦିନରେ ଓଡ଼ିଶା ସରକାର ମୋଟ ୪୩,୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି। ଯାହା ଦ୍ୱାରା ୪୩,୩୧୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ରୋଡ୍-ସୋ'ରେ ୪୧,୭୪୮ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୨୭ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ଦ୍ୱାରା ୩୫,୨୫୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ଓଡ଼ିଶା ସରକାର ୧,୬୮୯ କୋଟି ଟଙ୍କାର ନିବେଶ ପାଇଁ ୧୨ଟି ନିବେଶ ଇଚ୍ଛାପତ୍ର ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ୮,୦୬୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହି ରୋଡ ସୋ'ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ହେଉଛି ଆମର କୃଷକମାନଙ୍କ ସମୃଦ୍ଧି, ଗ୍ରାମାଞ୍ଚଳର ରୂପାନ୍ତର ଏବଂ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ଏକ ସେତୁ। ଏହି କ୍ଷେତ୍ରରେ କରାଯାଉଥିବା ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରକୁ ଉନ୍ନତ କରିବା ସହିତ ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି କରେ, ରପ୍ତାନି ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ସମୃଦ୍ଧ କରିଥାଏ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତର ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ହେବାକୁ ଓଡ଼ିଶା ପ୍ରସ୍ତୁତ ରହିଛି । ଏହି ଯାତ୍ରାରେ ଆମ ସହିତ ପାର୍ଟନର ହେବା ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରୁଛି । ଏଥିସହ ଓଡ଼ିଶା ପାଇଁ ଏକ ନୂତନ ଅଭିବୃଦ୍ଧି ଏଜେଣ୍ଡା ଉପସ୍ଥାପନ କରିଛନ୍ତି। ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣକୁ କେବଳ ଏକ ଶିଳ୍ପ କ୍ଷେତ୍ର ଭାବରେ ଦେଖୁନାହିଁ, ବରଂ ଏହାକୁ ଏକ ଅର୍ଥନୈତିକ ରୂପାନ୍ତର ଭାବରେ ଦେଖୁଛି ଯାହା କୃଷକ, ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଏବଂ ଗ୍ରାମାଞ୍ଚଳର ଉଦ୍ୟୋଗଗୁଡ଼ିକୁ ସିଧାସଳଖ ଉପକୃତ କରିଥାଏ। ସେ କହିଛନ୍ତି ଯେ ଓଡ଼ିଶାରେ ଉତ୍ପାଦିତ ପ୍ରତ୍ୟେକ ପ୍ରମୁଖ କୃଷି ଏବଂ ସାମୁଦ୍ରିକ ସାମଗ୍ରୀ ଯେପରି ରାଜ୍ୟ ଭିତରେ ଅଧିକରୁ ଅଧିକ ପ୍ରକ୍ରିୟାକରଣ ହେବା ଆବଶ୍ୟକ । ଏହା ହେଉଛି ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ଉତ୍ପାଦକମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିବା ସହିତ ଯୁବବର୍ଗଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୁନିଶ୍ଚିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ବ୍ୟାପକ ପ୍ରାକୃତିକ ସମ୍ପଦ, ଅନେକ ପ୍ରକାରର କୃଷି ଉତ୍ପାଦ, ଦଶଟି କୃଷି-ଜଳବାୟୁ ମଣ୍ଡଳ, ୫୭୫ କିଲୋମିଟର ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳ, ସମୃଦ୍ଧ ମତ୍ସ୍ୟଚାଷ, ବର୍ଦ୍ଧିତ ବନ୍ଦର ଭିତ୍ତିଭୂମି, ଉନ୍ନତ ଲଜିଷ୍ଟିକ୍ସ ସଂଯୋଗ ରହିଛି । ଏହା ସହିତ ଭାରତର ବିଭିନ୍ନ ରାଜ୍ୟ ମାନଙ୍କ ମଧ୍ୟରେ ଓଡ଼ିଶାର ନିବେଶ ନୀତି ଶିଳ୍ପସ୍ଥାପନ ପାଇଁ ଖୁବ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଏହି ଅବସର ମୁଖ୍ୟମନ୍ତ୍ରୀ ପାଞ୍ଚଟି ଷ୍ଟ୍ରାଟେଜିକ୍ ପିଲାର୍ ସମ୍ପର୍କିତ ଏକ ଦୀର୍ଘମିଆଦୀ ରୋଡମ୍ୟାପ ମଧ୍ୟ ଉନ୍ମୋଚନ କରିଛନ୍ତି । ଖାଦ୍ୟ ପ୍ରକ୍ରିୟାକରଣ କ୍ଲଷ୍ଟର ସୃଷ୍ଟି, ସମନ୍ୱିତ କୋଲ୍ଡ-ଚେନ୍ ଏବଂ ୱେରହାଉସିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଖାଦ୍ୟର ଗୁଣବତ୍ତା ଏବଂ ପ୍ରମାଣପତ୍ର ପ୍ରଣାଳୀକୁ ସୁଦୃଢ଼ କରିବା, ସଂଗଠିତ ଶିଳ୍ପ ସହିତ କୃଷକ ଉତ୍ପାଦକ ସଂଗଠନ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହିତ ଯୋଡ଼ିବା ହେଉଛି, ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ଏହାଦ୍ୱାରା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷ ୱାର୍କଫୋର୍ସ'ର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି । ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ■ ପୃଷ୍ଠା-୫

**ବନ୍ୟା କ୍ଷୟକ୍ଷତି ଆକଳନ ନେଇ ସମୀକ୍ଷା**

# ୨୩ ଜିଲ୍ଲା ହୋଇଛି ପ୍ରଭାବିତ

- ବନ୍ୟାରେ ୩୫୬୭ ଘର କ୍ଷତିଗ୍ରସ୍ତ
- ୩୭,୨୯୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ
- ଦିନେ ଦୁଇଦିନ ଭିତରେ ସମସ୍ତ ଜିଲ୍ଲାର ଚୂଡ଼ାନ୍ତ ରିପୋର୍ଟ ମିଳିବ

ଭୁବନେଶ୍ୱର(ବ୍ୟୁରୋ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା କ୍ଷୟକ୍ଷତି ଆକଳନ ସମ୍ପର୍କରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତ। କିଛି ଜିଲ୍ଲାରେ ସମ୍ପୂର୍ଣ୍ଣ ରୂପେ ବନ୍ୟାଜଳ ପ୍ରଭାବ ହ୍ରାସ ହୋଇନଥିବାରୁ ପରିସ୍ଥିତିରେ ସୁଧାର ଆସିବା ପରେ ଯଥାଶୀଘ୍ର ସେ ସମସ୍ତ ଜିଲ୍ଲାର ରିପୋର୍ଟ ପଠାଇବାକୁ ସମ୍ପୃକ୍ତ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । କ୍ଷୟକ୍ଷତି ଆକଳନ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ ସହ କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ସମସ୍ତ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟାରେ ପ୍ରାୟ ୨୩ ଜିଲ୍ଲା ଆଂଶିକ ବା ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ବେଳେ ସ୍ଥିତି କ୍ରମଶଃ ସ୍ୱାଭାବିକ୍ ଅବସ୍ଥାକୁ ଆସୁଛି । ୩୫୬୭ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩୭,୨୯୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଏହା ଅଧିକ ହୋଇପାରେ। ଆସନ୍ତା ଦିନେ ଦୁଇଦିନ ଭିତରେ ସମସ୍ତ ଜିଲ୍ଲାର ଚୂଡ଼ାନ୍ତ ରିପୋର୍ଟ ସହ ସମ୍ପୂର୍ଣ୍ଣ ତଥ୍ୟ ଆସିପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି । ଜିଲ୍ଲାପାଳମାନେ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବା ସହ ବନ୍ୟା ମୁକାବିଲା ପାଇଁ ପ୍ରଦତ୍ତ ଆର୍ଥିକ ସହାୟତାରୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଧିକ ଅର୍ଥ ଆବଶ୍ୟକ ହେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାହା ମଧ୍ୟ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ରାଜ୍ୟସରକାର ସମୁଦାୟ ୧୧୦ କୋଟି ଟଙ୍କାର ■ ପୃଷ୍ଠା-୫

## ସର୍ପାଘାତରେ ମା'ପୁଅଙ୍କ ମୃତ୍ୟୁ

ରାୟଗଡ଼ା(ଅମୃତ ମିଡ଼ିଆ)

ଶୋଇଥିବା ବେଳେ ରଣା ସାପ କାମୁଡ଼ାରେ ଜଣେ ମହିଳା ଓ ତାଙ୍କ ୭ ବର୍ଷର ପୁଅଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଜଲାଙ୍ଗ ପଞ୍ଚାୟତ କଡ଼ମତାଲ ଗାଁରେ ଘଟିଛି ଏହି ଘଟଣା। ମୃତକମାନେ ହେଉଛନ୍ତି ଗାଁର ଅଜୟ କୁମାର ବଡ଼ରଇତଙ୍କ ପତ୍ନୀ ଲଳିତା ବଡ଼ରଇତ (୩୦) ଓ ପୁଅ ଅମିତ କୁମାର ବଡ଼ରଇତ (୭)। ଗତକାଲି ବିଳମ୍ବିତ ରାତିରେ ଘଟିଥିଲା ଏହି ଘଟଣା। ଅଜୟ, ପତ୍ନୀ ଲଳିତା, ପୁଅ ଅମିତ ଓ ଦେଢ଼ ବର୍ଷର ଝିଅ ସହିତ ଶୋଇଥିଲେ। ସୂଚନା ଅନୁଯାୟୀ, ସେମାନେ ସମସ୍ତେ ଶୋଇଥିବା ବେଳେ ଦୁଇଟି ରଣା ସାପ ଘରେ ପଶି ଲଳିତା ଓ ତାଙ୍କ ପୁଅଙ୍କୁ କାମୁଡ଼ି ଦେଇଥିଲେ। ସାପ କାମୁଡ଼ିବା ପରେ ଉଭୟ ଚିତ୍କାର କରି ଉଠି ପଡ଼ିଥିଲେ। ତେଣୁ ଅଜୟଙ୍କର ନିଦ ଭାଙ୍ଗି ଯାଇଥିଲା। ସେ ଉଠିବା ପରେ ଘରେ ଦୁଇଟି ରଣା ସାପ ଦେଖିଥିଲେ। ଲଳିତା ଓ ଅମିତଙ୍କୁ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

**ହିତାଧିକାରୀଙ୍କ ପାଇଁ ଖୁସି ଖବର**

# ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଟଙ୍କା



ଭୁବନେଶ୍ୱର(ବ୍ୟୁରୋ)

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ପାଇଁ ଆସିଛି ବଡ଼ ଖୁସି ଖବର। ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି ଟଙ୍କା ପ୍ରଦାନ କରାଯିବ। ଏଥିସହ ୨୫ ଜୁଲାଇ ସୁଦ୍ଧା ଯେଉଁ ଆବେଦନଗୁଡ଼ିକର ନାମ ଜିଲ୍ଲା ସ୍ତରରୁ ଚୂଡ଼ାନ୍ତ ତାଲିକାରେ ଆସିଥିବ, ସେହି ଯୋଗ୍ୟ ହିତାଧିକାରୀମାନେ ମଧ୍ୟ ଏହି ପର୍ଯ୍ୟାୟରେ ଆର୍ଥିକ ସହାୟତା ପାଇବେ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ୨୫ ଜୁଲାଇ ସୁଦ୍ଧା ଜିଲ୍ଲା ସ୍ତରରୁ ଯେଉଁ ନାମଗୁଡ଼ିକ ଅନୁମୋଦନ ପାଇ ସରକାରଙ୍କ ନିକଟକୁ ପହଞ୍ଚିଥିବ, ସେହି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସିଧାସଳଖ ଟଙ୍କା ପଠାଯିବ। ଏହା ଫଳରେ ଅପେକ୍ଷାରେ ଥିବା ଅନେକ ମହିଳା ଉପକୃତ ହେବେ। ସୁଭଦ୍ରା ଯୋଜନା ଓଡ଼ିଶା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ମହିଳା କଲ୍ୟାଣ ଯୋଜନା। ଏହା ମାଧ୍ୟମରେ ଯୋଗ୍ୟ ମହିଳାମାନଙ୍କୁ ପର୍ଯ୍ୟାୟକ୍ରମେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯାହା ସେମାନଙ୍କ ଆର୍ଥିକ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରିବାରେ ସହାୟକ ହେଉଛି। ଏହି ଯୋଜନାରେ ଯୋଗ୍ୟ ମହିଳାମାନଙ୍କୁ ପ୍ରତିବର୍ଷ ୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ପ୍ରତିବର୍ଷ ପ୍ରଥମକିସ୍ତି ରକ୍ଷାବନ୍ଧନ ଦିବସରେ ଓ ଦ୍ୱିତୀୟ କିସ୍ତି ଆନ୍ତର୍ଜାତୀୟ ମହିଳା ଦିବସରେ ପ୍ରଦାନ କରାଯାଉଛି।

**୧୩ତମ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ବୈଠକ**

# ଶିକ୍ଷା ହେଉଛି ସମାବେଶୀ ବିକାଶ ଓ ସହଭାଗୀ ସମୃଦ୍ଧିର ମୂଳଦୁଆ




୨୦୦ରୁ ଅଧିକ ପ୍ରତିନିଧି ସମ୍ମିଳନୀରେ ସାମିଲ

ଭୁବନେଶ୍ୱର(ବ୍ୟୁରୋ)

ବ୍ରିକ୍ସ ସହଯୋଗରେ ଜନ କୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ। ଭୁବନେଶ୍ୱରରେ ଅନୁଷ୍ଠିତ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକରେ ଶ୍ରୀ ଯୋଶୀ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ଘୋଷଣାନାମା ଗୃହୀତ ହୋଇଛି । ଭାରତର ବ୍ରିକ୍ସ ଅଧ୍ୟକ୍ଷତା ୨୦୨୬ର ବାର୍ତ୍ତା "ଦୃଢ଼ତା, ନବସୃଜନ, ସହଯୋଗ ଏବଂ ଦୀର୍ଘସ୍ଥାୟିତ୍ୱ ପାଇଁ ନିର୍ମାଣ" ବିଷୟରେ ଉଲ୍ଲେଖ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ, ଶିକ୍ଷା ବ୍ୟବସ୍ଥା ମାନବୀୟ ମୂଲ୍ୟବୋଧର ମୂଳଦୁଆରେ ଦୃଢ଼ ଭାବେ ତିଷ୍ଠି ରହିବା ସହିତ ଯୁବପିଢ଼ିଙ୍କୁ ପରିବର୍ତ୍ତିତ ସୁଯୋଗ ପାଇଁ ପ୍ରସ୍ତୁତ କରିବା ଉଚିତ୍ । ବିଦ୍ୟାର୍ଥୀ, ଶିକ୍ଷକ, ଗବେଷକ ଓ ଯୁବପିଢ଼ିଙ୍କୁ ନୀତି ନିର୍ଦ୍ଧାରଣ ଏବଂ ଅନ୍ତର୍ଜାତୀୟ ସହଯୋଗର କେନ୍ଦ୍ରରେ ରଖାଯିବା ଆବଶ୍ୟକ । ଶିକ୍ଷା ହେଉଛି ସମାବେଶୀ ବିକାଶ ଏବଂ ସହଭାଗୀ ସମୃଦ୍ଧିର ମୂଳଦୁଆ। ଆଜିର ବୈଠକରେ ଗୃହୀତ ହୋଇଥିବା ଘୋଷଣାନାମା ପାଞ୍ଚଟି ପ୍ରାଥମିକତା କ୍ଷେତ୍ରରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଯୋଶୀ ନୂତନତ୍ୱ ଓ ଐତିହ୍ୟ ପରସ୍ପରର ପରିପୂରକ ବୋଲି ମତବ୍ୟକ୍ତ କରି ପାରମ୍ପରିକ ଏବଂ ସ୍ୱଦେଶୀ ଜ୍ଞାନ ପ୍ରଣାଳୀର ସଂରକ୍ଷଣ ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଥିଲେ । ପାରମ୍ପରିକ ଜ୍ଞାନକୁ ସଂରକ୍ଷଣ କରିବା, ଏହାକୁ ଗଭୀର ଭାବରେ ଅଧ୍ୟୟନ କରିବା ଏବଂ ଭବିଷ୍ୟତ ପିଢ଼ିକୁ ଏହାର ମୂଲ୍ୟ ପ୍ରଦାନ କରିବା ଲାଗି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ସମୃଦ୍ଧ ସଭ୍ୟତା ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଛି । ତ୍ରୟୋଦଶ ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ଘୋଷଣାନାମା ଗୃହୀତ ହେବା ସହିତ ଶିକ୍ଷାକୁ ବ୍ରିକ୍ସ ସହଯୋଗର ଏକ ପ୍ରମୁଖ ସ୍ତମ୍ଭ ଭାବରେ ପୁନଃପ୍ରତିଷ୍ଠା କରାଯାଇଥିଲା। ଏଥିସହିତ ଭାରତର ଅଧ୍ୟକ୍ଷତା ଅଧୀନରେ ଚିହ୍ନଟ ହୋଇଥିବା ପାଞ୍ଚଟି ପ୍ରାଥମିକତା କ୍ଷେତ୍ର ମଧ୍ୟରେ ଏକ ସହଭାଗୀ ରୂପରେଖ ନିର୍ଦ୍ଧାରଣ କରାଯାଇଥିଲା। ପ୍ରଥମତଃ, ବୈଠକରେ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ଏବଂ (ଇସିସିଇ) ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଏଫଏଲଏନ)କୁ ମଜବୁତ କରିବା ନେଇ ସଦସ୍ୟ ରାଷ୍ଟ୍ରମାନେ ସହମତ ହୋଇଥିଲେ। ଦ୍ୱିତୀୟତଃ, ଦକ୍ଷତା ବିକାଶ ଏବଂ ଟିଭିଇଟିରେ ■ ପୃଷ୍ଠା-୫

**ସେ କହିଲେ...**



ହସ୍ତତନ୍ତ କେବଳ ଏକ କପଡ଼ା ନୁହେଁ, ବରଂ ଏହା ଆମ ଐତିହ୍ୟ, ମର୍ଯ୍ୟାଦା, ଦକ୍ଷତା ଏବଂ ସ୍ୱାବଲମ୍ବନର ପ୍ରତୀକ। ସମବାୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଭିତ୍ତିଭୂମି ବିକାଶ, ବଜାର ପ୍ରୋତ୍ସାହନ, ଡିଜାଇନ୍ ହସ୍ତକ୍ଷେପ, ଦକ୍ଷତା ଉନ୍ନତି ଏବଂ ସାମାଜିକ ସୁରକ୍ଷା ପଦକ୍ଷେପ ମାଧ୍ୟମରେ ବୁଣାକାରଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଛନ୍ତି। ଏଥିସହ ବିଭାଗୀୟ ମନ୍ତ୍ରୀ ସମସ୍ତଙ୍କୁ ହସ୍ତତନ୍ତ ଉତ୍ପାଦକୁ ସମର୍ଥନ କରିବା ଏବଂ ବୁଣାକାର ସମ୍ପ୍ରଦାୟର ଜୀବିକା ନିର୍ବାହରେ ଯୋଗଦାନ ଦିଅନ୍ତୁ ।

**ଡ. ହରି ବାବୁ କମ୍ଭମପାଟି**

ରାଜ୍ୟପାଳ

**ଅଧ୍ୟାପକ ସଂଘ - ବିଧାୟକ ମୁହାଁମୁହିଁ**

# ତେଜୁଛି ରେଭେନ୍ସା କଳି, ବିଗୁଡୁଛି ଶୈକ୍ଷିକ ପରିବେଶ

ତେଜିବାରେ ଲାଗିଛି ରେଭେନ୍ସ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସଂଘ ଓ ବିଧାୟକ କଳି। ଏହି ବିବାଦ ଏବେ ଉଚ୍ଚଶିକ୍ଷା ବିଭାଗ ଏବଂ କୁଳାଧିପତି ତଥା ରାଜ୍ୟପାଳଙ୍କ ନିକଟରେ ପହଞ୍ଚିଛି। କିଛି ପୂର୍ବତନ ଛାତ୍ର ଓ ଛାତ୍ର ନେତା ବି ଏଥିରେ ମୁଣ୍ଡ ପୁରାଇଛନ୍ତି। ଅଧ୍ୟାପକଙ୍କ ସମର୍ଥନରେ ବିଧାୟକଙ୍କ ବିରୋଧରେ ପ୍ରତିବାଦ କରିଛନ୍ତି। ସେପଟେ ବିଧାୟକଙ୍କ ସିନେଟ ସଦସ୍ୟତାକୁ ନେଇ ଦ୍ୱନ୍ଦ୍ୱ ଭିତରେ ଆସିଛି ଉଚ୍ଚଶିକ୍ଷା ବିଭାଗର ଚିଠି। ବିଧାୟକ ସିନେଟ ସଦସ୍ୟ ଥିବା ସ୍ପଷ୍ଟ ହୋଇଛି। ତେଣୁ ବିବାଦ ନବଢାଇ ସମାଧାନର ରାସ୍ତା ବାହାରିବା ଦରକାର। ନଚେତ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ ନଷ୍ଟହେବାର ଆଶଙ୍କା ରହିଛି।






- ଅଧ୍ୟାପକଙ୍କ ସମର୍ଥନରେ ଛାତ୍ରନେତା
- ସ୍ପଷ୍ଟହେଲା ବିଧାୟକଙ୍କ ସିନେଟ ସଦସ୍ୟତା
- ରାଜ୍ୟପାଳଙ୍କ ପାଖରେ ପହଞ୍ଚିଲା ଘଟଣା
- ବାଚସ୍ପତିଙ୍କୁ ପତ୍ର ଲେଖିଲେ ବିଧାୟକ

ଭୁବନେଶ୍ୱର (ବ୍ୟୁରୋ)

ରେଭେନ୍ସ ଇଷ୍ଟ ହଷ୍ଟେଲ ଅନ୍ତେବାସୀଙ୍କ ପ୍ରତିବାଦରୁ ଆରମ୍ଭ ବିବାଦ ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଧ୍ୟାପକଙ୍କୁ କଟକ ସଦର ବିଧାୟକ ପ୍ରକାଶ ସେଠି ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଅଧ୍ୟାପକମାନେ ନିଜ ଜିଦରେ ଅଟଳ ଅଛନ୍ତି। ଆଜି କିଛି ପୁରାତନ ଛାତ୍ର ଏବଂ ଛାତ୍ର ନେତାମାନେ ଅଧ୍ୟାପକଙ୍କ ସମର୍ଥନରେ ବାହାରି ପ୍ରତିବାଦ କରିବା ସହ ବିଧାୟକ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ସେପଟେ ଏହି ଘଟଣା ଉଚ୍ଚଶିକ୍ଷା ବିଭାଗ ଏବଂ କୁଳାଧିପତି ତଥା ରାଜ୍ୟପାଳଙ୍କ ନିକଟରେ ପହଞ୍ଚିଛି। ଘଟଣାକୁ ନେଇ ବିଧାନସଭା ବାଚସ୍ପତିଙ୍କୁ ପତ୍ର ଲେଖିଛନ୍ତି ବିଧାୟକ। ଚିଫ୍ ୱାର୍ଡେନ୍ ପ୍ରଫେସର ସୁଦର୍ଶନ ମିଶ୍ର ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି ପ୍ରକାଶ ସେଠୀ। ଘଟଣା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ଅଧ୍ୟାପକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ବିଧାୟକ ସିନେଟ ସଦସ୍ୟ ନଥିବା ଅଭିଯୋଗ କରିଥିଲେ। ବିଧାୟକଙ୍କ ସିନେଟ୍ ସଦସ୍ୟତାକୁ ନେଇ ଦ୍ୱନ୍ଦ୍ୱ ଭିତରେ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରେଭେନ୍ସା କୁଳପତିଙ୍କୁ ଲେଖାଯାଇଥିବା ଏକ ଚିଠି ସାମ୍ନାକୁ ଆସିଛି। ଗତ ୬ ଅଗଷ୍ଟର ଏହି ଚିଠିରେ, ସଦର ବିଧାୟକ ପ୍ରକାଶ ସେଠୀ, ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ୪ ଜଣଙ୍କୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟଭାବେ ମନୋନୀତ କରାଯାଇଥିବା ଉଲ୍ଲେଖ କରାଯାଇଛି। ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁଯାୟୀ ସିନେଟ୍‌ର କାମ ହେଉଛି ବିଶ୍ୱବିଦ୍ୟାଳୟର ନୀତି, ନିୟମ, କାର୍ଯ୍ୟକ୍ରମ, ବାର୍ଷିକ ରିପୋର୍ଟ, ହିସାବ, ଶିକ୍ଷା, ଗବେଷଣା ଓ ପ୍ରଶାସନିକ କାର୍ଯ୍ୟର ସମୀକ୍ଷା କରିବା। ଦୈନନ୍ଦିନ ହଷ୍ଟେଲ ସମସ୍ୟା କିମ୍ବା ଆଭ୍ୟନ୍ତରୀଣ ବୈଠକରେ ହସ୍ତକ୍ଷେପ କରିବା ସିନେଟ୍‌ର କାମ ନୁହେଁ ବୋଲି କୁହାଯାଇଛି। ହେଲେ ଜଣେ ଲୋକପ୍ରତିନିଧି ଭାବେ ଭଲ ମନ୍ଦ ବୁଝିବାର ଦାୟିତ୍ୱ ବିଧାୟକଙ୍କର ରହିଛି। ଏଭଳି ସ୍ଥିତିରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ କଥା ବଢ଼ାଇବା ଉଚିତ ନୁହେଁ। ଏଭଳି ସମସ୍ୟାର ସରଳ ସମାଧାନ କରାଯିବ ଉଚିତ। ବିଶେଷ କରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରେଭେନ୍ସା କୁଳପତିଙ୍କୁ ଲେଖାଯାଇଥିବା ଏକ ଚିଠି ସାମ୍ନାକୁ ଆସିବା ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଦରକାର। ନଚେତ୍ ଶିକ୍ଷା ପରିବେଶ ବିଗିଡ଼ିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଦିନକୁ ଦିନ ପରିବେଶ ଓ ପରିସ୍ଥିତି ବଦଳୁଥିବା ■ ପୃଷ୍ଠା-୫



# ବନ୍ୟା ଓ ସଫଳ ମୁକାବିଲା

**ଏପ୍ରିଲ ମାସରୁ ହିଁ ଜଳ ସମ୍ପଦ ବିଭାଗ ତରଫରୁ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ନଦୀବନ୍ଧ ମରାମତି, ଦୁର୍ବଳ ସ୍ଥାନ ଚିହ୍ନଟ କରିବା, ଘଳିଆ ବନ୍ଦ କରିବା ଭଳି କାମ ସୁଚାରୁ ରୂପେ ହେଉଥିଲା। କିନ୍ତୁ ଏବେ ଏସବୁ କେବଳ କାଗଜପତ୍ର ଆଉ ଫାଇଲ୍ ତଳେ ଚାପି ହୋଇଯାଇଛି। ଯେତେବେଳେ ବନ୍ୟା ପାଣି ଗାଁ ଭିତରକୁ ମାଡ଼ି ଆସୁଛି, ସେତେବେଳେ ପ୍ରଶାସନର ଚେତା ପଶୁଛି। ପ୍ରତିବର୍ଷ ଏଭଳି ବନ୍ୟା ଆସୁଛି ଓ ଲୋକଙ୍କ ସ୍ୱପ୍ନକୁ ଚୁରମାର କରିପକାଉଛି। କ୍ଷେତବାଡ଼ି, ଘରଦ୍ୱାର, ରାସ୍ତାଘାଟ ସବୁ ନଷ୍ଟଭ୍ରଷ୍ଟ କରିପକାଉଛି। ହେଲେ କେବେ ମିଳିବ ବନ୍ୟା ଦାଉରୁ ମୁକ୍ତି? କେବେ ବଦଳିବ ଏଭଳି ବନ୍ୟାର କରୁଣ ଚିତ୍ର? ବର୍ଷା ପୂର୍ବରୁ ପ୍ରତିବର୍ଷ ଏନେଇ ପ୍ରସ୍ତୁତିର ସମୀକ୍ଷା ଓ କାର୍ଯ୍ୟ କରାଯାଉଛି, ହେଲେ ଠିକ୍ ସମୟରେ ସବୁ ଫୁସ୍। ପୁଣି ଭାସୁଛି, ବୁଡୁଛି ଓ ଉଜାଡୁଛି। ସରକାରଙ୍କ ସବୁ ପ୍ରୟାସ ଫସର ଫାଟୁଛି। ଦୀର୍ଘମିଆଦୀ କାର୍ଯ୍ୟଖସଡ଼ା କିମ୍ବା ବନ୍ୟା ମୁକାବିଲାର ସ୍ଥାୟୀ ପ୍ରତିକାର ଲାଗି ଯେମିତି କାହାର ଆଗ୍ରହ ନାହିଁ, ସେଇଭଳି ମନେହୁଏ।**

ସୁଶାନ୍ତ କୁମାର ଦାସ



ରାଜ୍ୟରେ ବନ୍ୟାଜଳ କମିଥିଲେ ବି ଦୁର୍ଦ୍ଦଶା ବେଶ ବଢ଼ିଛି। ଲୋକମାନେ ନଦୀବନ୍ଧ ଉପରେ, ଛାତଘର ଉପରେ ଅତି ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି। ସାପ, ବେଙ୍ଗ, କୁମ୍ଭୀର ଭୟ ଲୋକଙ୍କୁ ଘାରୁଛି। ଅନେକ ସ୍ଥାନରେ ଏବେ ବି ସରକାରୀ ରିଲିଫ ପହଞ୍ଚିପାରିନି। କେଉଁଠି ପାଲ ନାହିଁ ତ କେଉଁଠି ଖାଇବାକୁ କିଛିନାହିଁ। ଦୟନୀୟ ଅବସ୍ଥାରେ ଲୋକମାନେ କାଳାତିପାତ କରୁଛନ୍ତି। ବର୍ଷା ଓ ବନ୍ୟା ଲୋକଙ୍କ ପାଇଁ କାଳ ସାଜିଛି। ହେଲେ ପ୍ରତିବର୍ଷ ହେଉଥିବା ଏଭଳି ପ୍ରାକୃତିକ ବିପତ୍ତିକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ସେଭଳି କିଛି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉନାହିଁ।

## ମନୁଷ୍ୟକୃତ ତ୍ରୁଟିରୁ ଦୁର୍ଦ୍ଦଶା

ପ୍ରତିବର୍ଷ ବନ୍ୟା ଆସେ, ଆଉ ସରକାର କିଛି ରିଲିଫ୍ ଘୋଷଣା କରନ୍ତି। ପ୍ରଭାବିତ ଅଞ୍ଚଳରେ ଚୁଡ଼ା ଓ ଗୁଡ଼ ବଣ୍ଟାଯାଏ, ଆଉ ତାପରେ ଯେମିତି ପାଣି ଛାଡ଼ିଯାଏ ସବୁ କଥା, ସବୁ ପ୍ରତିଶ୍ରୁତି ବଢ଼ିପାଣିରେ ଭାସିଗଲା ଭଳି ପଳାଏ। କିନ୍ତୁ ଆମେ କେବେ ଥରେ ଚିନ୍ତା କରିଛେ କି, ଏ ସମସ୍ୟାର ସ୍ଥାୟୀ ସମାଧାନ କାହିଁକି ହୋଇପାରୁନାହିଁ? ସରକାରୀ ଖାତାରେ ଆମେ ବିପର୍ଯ୍ୟୟ ମୁକାବିଲା ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବାହାବା ସାଉଁଟୁଛେ ସତ, କିନ୍ତୁ ଗାଁ ଗଣ୍ଡାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ କଥା କହୁଛି। ବନ୍ୟାକୁ ଆଉ ଏବେ କେବଳ 'ପ୍ରକୃତିର କୋପ' ବୋଲି କହି ପ୍ରଶାସନ ନିଜ ଦୋଷ ଲୁଚାଇ ପାରିବ ନାହିଁ। ଏହା ହେଉଛି ଅନିୟମିତ ବର୍ଷା, ପୂର୍ବ ପ୍ରସ୍ତୁତିର ଅଭାବ, ନଦୀଗର୍ଭରେ ଚାଲିଥିବା ବେଆଇନ ନିର୍ମାଣ, ଆଉ ସହରାଞ୍ଚଳର ଅବ୍ୟବସ୍ଥିତ ଡ୍ରେନେଜ୍ ବ୍ୟବସ୍ଥାର ଗୋଟେ ଗୋଟେ ଭୟଙ୍କର ପରିଣାମ। ଗୋଟେ ଧାଡ଼ିରେ କହିବାକୁ ଗଲେ ଏସବୁ ଲାଗି ଆମେ ଦାୟୀ। ମନୁଷ୍ୟକୃତ ତ୍ରୁଟି ଲାଗି ହିଁ ଆଜି ଏଭଳି ଦୁର୍ଦ୍ଦଶା ଲୋକଙ୍କୁ ଭୋଗିବାକୁ ପଡୁଛି। ଜଳବାୟୁ ପରିବର୍ତ୍ତନ କଥା ଏଡ଼ାଇ ଦିଆଯାଇ ପାରିବନି। ହେଲେ ପ୍ରସ୍ତୁତିର ସମୀକ୍ଷା, କାର୍ଯ୍ୟକାରିତାକୁ ଭୁଲିଯିବା ଉଚିତ ନୁହେଁ।

## ବିଭାଗୀୟ ସମନ୍ୱୟର ଅଭାବ

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କିମ୍ବା ନଗର ଉନ୍ନୟନ ବିଭାଗ... ଏମାନଙ୍କ ମଧ୍ୟରେ ଯେମିତି କୌଣସି ତାଳମେଳ ହିଁ ନାହିଁ। ନଦୀ ପଠାରେ, ଖୋଦ୍ ନଦୀ ଗର୍ଭରେ ବଡ଼ ବଡ଼ ଅଟ୍ଟାଳିକା ଛିଡ଼ା ହେଉଛି। କଟକର କାଠଯୋଡ଼ି ହେଉ କିମ୍ବା ମହାନଦୀ ଅବବାହିକା, ସବୁଠି ପ୍ରଭାବଶାଳୀ ବିଲ୍ଡରମାନେ ନିୟମକୁ ଆଖିଠାର ମାରି ନଦୀପଠା ଜବରଦଖଲ କରୁଛନ୍ତି। ହାଇକୋର୍ଟ ଏନେଇ ତାଗିଦ୍ କରୁଛନ୍ତି, ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ ମଧ୍ୟ ଆପତ୍ତି ଉଠାଉଛନ୍ତି, ତଥାପି ଏହି କୋଠାବାଡ଼ି ଗୁଡ଼ିକୁ କିଏ ଅନୁମତି ଦେଉଛି? ସରକାରଙ୍କ ଦୃଷ୍ଟି ଆଢୁଆଳରେ ଏସବୁ କେମିତି ସମ୍ଭବ ହେଉଛି? ସାଧାରଣ ଗରିବ ଲୋକଟିଏ ଛୋଟ ଘର ଖଣ୍ଡେ କଲେ ମ୍ୟୁନିସିପାଲିଟି ନୋଟିସ୍ ଧରାଇ ଦେଉଛି ଅଥଚ ନଦୀ ତଣ୍ଟି ଚିପି ବଡ଼ବଡ଼ିଆଙ୍କ ବେଆଇନ ଆପାର୍ଟମେଣ୍ଟ ତିଆରି ହୋଇଗଲା ବେଳେ ପୁଲିସ ପ୍ରଶାସନଠାରୁ ଆରମ୍ଭ କରି ନଗର ଉନ୍ନୟନ କର୍ତ୍ତୃପକ୍ଷ ସମସ୍ତେ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସି ଯାଉଛନ୍ତି। ଏଭଳି ସ୍ଥିତିରେ ସରକାରଙ୍କ ନିରବତା ଯେ ମହାବିପତ୍ତିକୁ ଡାକିଆଣୁଛି, ତାହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ।

## ମହାବାତ୍ୟାରୁ ବି ଶିଖିଲେନି କେହି

ଓଡ଼ିଶାର ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ବାଲେଶ୍ୱର, ଭଦ୍ରକ ଓ କଟକ ଭଳି ଜିଲ୍ଲାଗୁଡ଼ିକ ଅତ୍ୟଧିକ ବନ୍ୟାପ୍ରବଣ ଅଞ୍ଚଳ ଭାବେ ପରିଚିତ। ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, ଋଷିକୂଲ୍ୟା ଓ ସୁବର୍ଣ୍ଣରେଖା ନଦୀ ଫୁଲିଲେ ଏହି ସମସ୍ତ ଅଞ୍ଚଳର ଚାଷୀକୁଳ ସମ୍ପୂର୍ଣ୍ଣ ଉଜୁଡ଼ିଯାଏ। ବର୍ଷ ବର୍ଷ ଧରି ଲୋକେ ନିଜର ବାସଗୃହ ହରାଉଛନ୍ତି, ଫସଲ ନଷ୍ଟ ହେଉଛି, ଯାହାଦ୍ୱାରା ରାଜ୍ୟର ଅର୍ଥନୀତି ତଳିତଳାନ୍ତ ହୋଇପଡୁଛି। ୧୯୯୯ ମହାବାତ୍ୟା ପରେ ରାଜ୍ୟରେ ଲକ୍ଷ ଲକ୍ଷ ଘର ତିଆରି ହେଲାଣି, ହେଲେ ସେଥିରୁ ପ୍ରକୃତରେ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି କେତୋଟି ଘର ନିର୍ମାଣ କରାଯାଇଛି? କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ ଓ ସ୍ଥାୟୀ ପଦକ୍ଷେପ ନେବାରେ ଆମେ ଡେରି କରୁଛୁ କାହିଁକି? ମହାବାତ୍ୟା ପରେ ବି ସରକାର କିଛି ଶିଖିଲେନି। ସେଭଳି ପ୍ରତିକାର ବ୍ୟବସ୍ଥା ବା ପଦକ୍ଷେପ ଗ୍ରହଣ କରିବାରେ ସରକାରଙ୍କ ଆନ୍ତରିକତା ନଥିବା ଭଳି ମନେହେଉଛି। ସରକାର ପରେ ସରକାର ବଦଳୁଛି, ହେଲେ ଲୋକଙ୍କ ଏଭଳି କା କାଳର ଦୁର୍ଦ୍ଦଶା ଅଣଦେଖା କରାଯାଉଛି। ଏସବୁର ସ୍ଥାୟୀ ପ୍ରତିକାର ଲାଗି କାଣିଚାଏ ପଦକ୍ଷେପ ବି ଏପର୍ଯ୍ୟନ୍ତ ଗ୍ରହଣ କରାଗଲାନି। ଆଉ କେତେଦିନ ଗଲେ ଆମେ ଚେତିବା? ଲୋକଙ୍କ ସୁରକ୍ଷା ଓ ଜୀବନ ରକ୍ଷାଠାରୁ ବଡ଼ କଥା ଆଉ କ'ଣ ଅଛି ଯେ। ହେଲେ ଏଥିଲାଗି ସରକାରଙ୍କ ଆନ୍ତରିକତା ଥିବାଭଳି ଜମା ଲାଗୁନାହିଁ। ଏବେଠାରୁ ଏନେଇ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

## ରାଜନୈତିକ ଇଚ୍ଛାଶକ୍ତିର ଅଭାବ

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଆମ ରାଜନୈତିକ ନେତାମାନଙ୍କର ନିରବତା ଓ ଇଚ୍ଛାଶକ୍ତିର ଅଭାବ। ଗାଁ ପଞ୍ଚାୟତର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ, ଜିଲ୍ଲା ଏବଂ ବିଧାନସଭାର ପ୍ରତିନିଧିମାନଙ୍କ ପର୍ଯ୍ୟନ୍ତ... କେହି କେବେ ଜଳବାୟୁ ପରିବର୍ତ୍ତନ କିମ୍ବା ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ଉପରେ କୌଣସି ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରୁଥିବାର ଆପଣ ଦେଖିଛନ୍ତି କି? ନିର୍ବାଚନ ଆସିଲେ ସଭା ସମିତି ହେବ, ବ ଡ଼ ବଡ଼ ପ୍ରତିଶ୍ରୁତି ଦିଆଯିବ, କିନ୍ତୁ ବିପର୍ଯ୍ୟୟ ପରିଚାଳନା ପାଇଁ କେବେ ସ୍ୱତନ୍ତ୍ର ଏବଂ ନିର୍ଦ୍ଦିଷ୍ଟ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେବନାହିଁ। ଏହା କେବଳ ଏକ ଭୋଟ୍ ବ୍ୟାଙ୍କ ରାଜନୀତିର ଅଂଶ ହୋଇ ରହିଯାଇଛି। ଆଗରୁ ଅବସ୍ଥା ଅଲଗା ଥିଲା। ଏପ୍ରିଲ ମାସରୁ ହିଁ ଜଳସମ୍ପଦ ବିଭାଗ ତରଫରୁ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହେଉଥିଲା। ନଦୀବନ୍ଧ ମରାମତି, ଦୁର୍ବଳ ସ୍ଥାନ ଚିହ୍ନଟ କରିବା, ଘଳିଆ ବନ୍ଦକରିବା ଭଳି କାମ ସୁଚାରୁରୂପେ ହେଉଥିଲା। କିନ୍ତୁ ଏବେ ଏସବୁ କେବଳ କାଗଜପତ୍ର ଆଉ ଫାଇଲ୍ ତଳେ ଚାପି ହୋଇଯାଇଛି। ଯେତେବେଳେ ବନ୍ୟା ପାଣି ଗାଁ ଭିତରକୁ ମାଡ଼ି ଆସୁଛି, ସେତେବେଳେ ପ୍ରଶାସନର ଚେତା ପଶୁଛି।

## ଚିନ୍ତା ବଢ଼ାଉଛି ଜଳବାୟୁ ପରିବର୍ତ୍ତନ

କ'ଣ ସତରେ ସରକାରୀ ବିଭାଗ ଗୁଡ଼ିକର ଆନ୍ତରିକତାର ଅଭାବ ଏହି ଦୁର୍ଦ୍ଦଶା ପାଇଁ ଦାୟୀ ନୁହେଁ କି? ଆମକୁ ଏହି ପ୍ରସଙ୍ଗ ଉପରେ ଏକଜୁଟ୍ ହୋଇ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ସମୟ ଆସିଛି ଆମକୁ ଏବେ କଡ଼ା ପ୍ରଶ୍ନ କରିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆଗକୁ ଅଦିନିଆ ତଥା ଲଗାଣ ବର୍ଷା ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଆମେ ଏବେଠାରୁ ଚେତିବା ନାହିଁ, ନଦୀ ଶଯ୍ୟାରୁ ବେଆଇନ ଜବରଦଖଲ ଉଚ୍ଛେଦ କରିବା ନାହିଁ, ଆଉ ଯଦି ପ୍ରାକୃତିକ ଜଳାଶୟ ଗୁଡ଼ିକର ସଠିକ୍ ପୁନରୁଦ୍ଧାର ନହେବ, ତେବେ ଆଗାମୀ ଦିନରେ ନୂଆ ଓଡ଼ିଶା ଗଠନର ସ୍ୱପ୍ନ କେବଳ ଗୋଟିଏ ପ୍ରହସନ ହୋଇ ରହିଯିବ।

ଆଉ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ଆମକୁ ଚିନ୍ତା କରିବାକୁ ପଡ଼ିବ। ସଠିକ ବର୍ଜ୍ୟବସ୍ତୁ ପରିଚାଳନା, ନଦୀବନ୍ଧ ବା ହୁଡ଼ା ପାଖରେ ବେଆଇନ ନିର୍ମାଣକୁ ରୋକିବା, ନଦୀରୁ ବେଆଇନ ବାଲି ଉତ୍ତୋଳନ ଉପରେ ରୋକ ଲଗାଇବା, ସଶକ୍ତ ନଦୀବନ୍ଧ ନିର୍ମାଣକରିବା ଓ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ଲାଗି କଂକ୍ରିଟ ୱାଲ ନିର୍ମାଣ ଭଳି କେତେକ ପଦକ୍ଷେପ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯିବା ଜରୁରୀ। କେବଳ ସରକାର ନୁହନ୍ତି, ସର୍ବଦଳୀୟ ପ୍ରତିନିଧି ଏକାଠି ହୋଇ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଲାଗି ଆଗେଇ ଆସିବା ଏକାନ୍ତ ପ୍ରୟୋଜନ।








# ରାସ୍ତା ପାଇଁ ଦୁଃଖ ଭୋଗୁଛନ୍ତି ନିରୀହ ଆଦିବାସୀ

## ସରକାରୀ ଚାଉଳ ପାଇଁ ବିପଦସଂକୁଳ ପାହାଡ଼ ଅତିକ୍ରମ କରିବାକୁ ପଡ଼େ

**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କଳାହାଣ୍ଡି ଜିଲ୍ଲାରେ ଚାଉଳ ପାଇଁ କସରତ ଚାଲିଛି । ସରକାରୀ ଚାଉଳ ପାଇଁ କିଲୋମିଟର କିଲୋମିଟର ବିପଦସଙ୍କୁଳ ପାହାଡ଼ ଅତିକ୍ରମ କରି ଚାଉଳ ଓ ଭତ୍ତା ପାଇଁ ପଞ୍ଚାୟତକୁ ଯାଉଛନ୍ତି ।ପ୍ରକାଶ ଥାଉ କି କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକ ମାନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି ।କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ଓ ଲାଞ୍ଜିଗଡ଼ ବ୍ଲକର ୮ଟି ଗାଁ ଅଛି ।ଯେଉଁଠି ସ୍ୱାଧୀନତା ର ବହୁ ବର୍ଷ ପରେ ମଧ୍ୟ ଗାଁ ଗୁଡ଼ିକର ଯୋଗାଯୋଗ ବ୍ୟବସ୍ଥା ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଜିଲ୍ଲାର ମଦନପୁର ରାମପୁର, ଥୁଆମୂଳ ରାମପୁର ଓ ଜୟପାଟଣା ବ୍ଲକର ବହୁ ଗାଁ ବର୍ଷ ବର୍ଷ ଧରି ପାହାଡ଼ ଆର ପାଖରେ ବହୁ କଷ୍ଟରେ ଜୀବନ କାଟୁଛନ୍ତି ।ଗ୍ରାମର ଅଧିବାସୀ ଚାଉଳ ପାଇ ପାହାଡ ଚଢ଼ି ଜୀବନକୁ ବାଜି ଲଗାଇ ଯିବାକୁ ପଡୁଛି । କଳାହାଣ୍ଡି



ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ଓ ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ଯୁଗସାଇପାଟଣା ପଞ୍ଚାୟତର ସଲପାଙ୍ଗ, କଟଲଙ୍ଗ, କଟରୁସରୁ, ଝୋନଙ୍କାପିଟା, ରଙ୍ଗଗୁଡା, ପଣ୍ଡାମ, ଖଜୁରଗୁଡ଼ା ଓ ବଡ଼ମ୍ବା ସମେତ ୮ଟି ଗାଁର ଦୂରତା ବ୍ଲକ ମୁଖ୍ୟାଳୟଠାରୁ ୫୫ କିଲୋମିଟର ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ଯୁଗସାଇପାଟଣାଠାରୁ ପ୍ରାୟ ୮୦ କିଲୋମିଟର ଦୂରତା ପଡୁଛି । ଯୁଗସାଇପାଟଣା ପଞ୍ଚାୟତ ଓ ଏହି ୮ଟି ପଞ୍ଚାୟତ ମଧ୍ୟରେ ୪ଟି ପାହାଡ଼, ୩ଟି ନାଳ, ଝରଣା, ଘଞ୍ଚ ଜଙ୍ଗଲ ଓ ଘାଟି ଦେଇ ପାଦଚଲା ରାସ୍ତା ୨୫ କିମି ଚଲା ବାଟ ରହିଥିବାବେଳେ ଯିବା ଆସିବା ଲୋକଙ୍କ ପାଇଁ ଦୁର୍ବିସହ ହୋଇପଡିଛି । ଯିଏ ରାସ୍ତା ଦେଇ ଯାଏ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛି । ୮ଟି ଗାଁରେ ପ୍ରାୟ ୩୨୦ରୁ ଉର୍ଦ୍ଧ୍ୱ ପରିବାର ରହୁଥିବାବେଳେ ପ୍ରାୟ ୨୫ ଶହରୁ ଅଧିକ ଜନସଂଖ୍ୟା ଅଟେ । ସଲପାଙ୍ଗ ୮୦ ପରିବାର, କଟଲଙ୍ଗରେ ୭୦ ପରିବାର, କଟରୁସରୁରେ ୨୭ ପରିବାର, ଝୋନଙ୍କାପିଟାରେ ୫୫ ପରିବାର, ରଙ୍ଗଗୁଡାରେ ୨୬ ପରିବାର, ପଣ୍ଡାମରେ ୨୦ ପରିବାର, ଖଜୁରଗୁଡ଼ାରେ ୨୪ ପରିବାର, ବଡ଼ମ୍ବା ରେ ୨୮ ପରିବାର ରହୁଛନ୍ତି । ପ୍ରଶାସନ ପକ୍ଷରୁ ଠିକ ଭାବେ ତଦାରଖ ହେଉନଥିବାରୁ ଲୋକେ ଅଭିଯୋଗ କରିବା ପାଇଁ ପଞ୍ଚାୟତ ଓ ବ୍ଲକ ମହକୁମାକୁ ଯିବା କଷ୍ଟସାଧ ହୋଇ ପଡ଼ିଥାଏ । ସେହିଭଳି ଥୁଆମୂଳ ରାମପୁର ବ୍ଲକ ଜେଲୁଆମାଲି, କୁଟୁରୁମାଳି, ମଦନପୁର ରାମପୁର ବ୍ଲକର ଚମଗାଁ,କୁର୍ଭିମ,ପୁଲଝିରି ସମେତ ଜିଲ୍ଲାର ବହୁ ଗାଁରେ ଲୋକେ କିଲୋମିଟର କିଲୋମିଟର ଅତିକ୍ରମ କରି ପାହାଡ଼ ଚଢ଼ି ଚାଉଳ ଆଣିବାକୁ ଯାଉଛନ୍ତି । ରାଜ୍ୟ ସରକାର ଏନେଇ ହସ୍ତକ୍ଷେପ କରି ବ୍ୟବସ୍ଥା କରା ନଗଲେ ରାସନ ଚାଉଳ ପାଇଁ ମାଗଣା ଚାଉଳ ଆଣିବାକୁ ଯାଇ ବହୁ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି । ତେଣୁ ଜିଲ୍ଲା ପ୍ରଶାସନ ରାଜନେତା ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଧାରଣରେ ଦାବି ହୋଇଛି ।

# ଠିକାକାମକୁ ନେଇ ବିଜେପି-ବିଜେଡିର ଟଣାଓଟରା

## ■ ଠିକାକୁ ନେଇ ଅଟକୁଛି ବିକାଶ

**କଳାହାଣ୍ଡି(ଅମୃତ ମିଡିଆ):** ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ କଳାହାଣ୍ଡିର ରାଜନୈତିକ ପାଣିପାଗ ଧୀରେ ଧୀରେ ଉଷ୍ଣ ହେବାରେ ଲାଗିଛି । ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ତୃଣମୂଳସ୍ତରରେ ସଂଗଠନ ସଜାଡ଼ିବା ସହ ଆଗୁଆ ଗୋଟିଚାଳନା ଆରମ୍ଭ କରିଥିବା ବେଳେ ଜିଲ୍ଲାର ରାଜନୀତିରେ ଏଥର ଆଉ ଏକ ପ୍ରସଙ୍ଗ ଚର୍ଚ୍ଚାର କେନ୍ଦ୍ରକୁ ଆସୁଛି ସରକାରୀ ଠିକା କାମ । ଗତ ସାଧାରଣ ନିର୍ବାଚନ ପରେ ବିଭିନ୍ନ ବ୍ଲକ୍ ?ରେ ରାଜନୈତିକ ସମୀକରଣ ବଦଳିଥିବାରୁ ବିଧାୟକ, ବ୍ଲକ୍ ନେତୃତ୍ୱ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଭିନ୍ନ ଭିନ୍ନ ଦଳର ହେବା ଅନେକ ସ୍ଥାନରେ ନୂଆ ଶକ୍ତି ସଂଘର୍ଷ ସୃଷ୍ଟି କରିଛି । ଏହାର ପ୍ରଭାବ ଠିକା କାମ ବଣ୍ଟନ ଓ ଉନ୍ନୟନ ପ୍ରକଳ୍ପ ଉପରେ ପଡୁଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଜୁନାଗଡ଼, ଥୁଆମୂଳ ରାମପୁର, କେସିଙ୍ଗା, କଲମପୁର ସମେତ ବିଭିନ୍ନ ଅଞ୍ଚଳରେ ଠିକା କାମକୁ କେନ୍ଦ୍ର କରି ପୂର୍ବରୁ ବିଜେପି-ବିଜେଡି ମଧ୍ୟରେ ମୁହାଁମୁହିଁ ସ୍ଥିତି ଓ ଅଭିଯୋଗ ପ୍ରତିଅଭିଯୋଗ ଦେଖାଦେଇଥିବା ବେଳେ ପଞ୍ଚାୟତ ଭୋଟ୍ ନିକଟତର ହେବା ସହ ଏହି ବିବାଦ ଆହୁରି ତୀବ୍ର ହୋଇପାରେ ବୋଲି ଆକଳନ କରାଯାଉଛି । ବିଜେପି ସାଧାରଣ ନିର୍ବାଚନର ସଫଳତାକୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ନେବାକୁ ଉଦ୍ୟମ ଚଳାଇଥିବା ବେଳେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ କଳାହାଣ୍ଡି ଗସ୍ତ, ସାଂଗଠନିକ ବୈଠକ ଓ ତୃଣମୂଳ କର୍ମୀଙ୍କ ସହ ଆଲୋଚନାକୁ ସେହି ରଣନୀତିର ଅଂଶ ଭାବେ ଦେଖାଯାଉଛି । ଅନ୍ୟପଟେ ବିଜେଡି ମଧ୍ୟ ନିଜ ପାରମ୍ପରିକ ତୃଣମୂଳ ସଂଗଠନକୁ ପୁଣି ସକ୍ରିୟ କରିବାରେ ଲାଗିଛି । ଭବାନୀପାଟଣା ପୌରପାଳିକା, ଜୁନାଗଡ଼ ଓ କେସିଙ୍ଗା ଭଳି ସ୍ଥାନରେ ସ୍ଥାନୀୟ ଶକ୍ତି ସମୀକରଣ ଏବଂ ଅନ୍ୟ କେତେକ ବ୍ଲକ୍ ?ରେ ବିଧାୟକ ଗୋଟିଏ ଦଳର ଓ ସ୍ଥାନୀୟ ନେତୃତ୍ୱ ଅନ୍ୟ ଦଳର ହେବାରୁ ପ୍ରଶାସନିକ ଓ ରାଜନୈତିକ ଟଣାଓଟରା ଅଧିକ ହେଉଥିବା ଅଭିଯୋଗ ରହିଛି । ଏହାରି ମଧ୍ୟରେ "କେଉଁ ଠିକା କାହାକୁ ମିଳିବ, କେଉଁ ଗୋଷ୍ଠୀର ଠିକାଦାର କାମ କରିବେ"ଏହାକୁ ନେଇ ଅଦୃଶ୍ୟ ଶକ୍ତି ପ୍ରଦର୍ଶନ ଚାଲୁଥିବା ନେଇ ଅଭିଯୋଗ ଶୁଣିବାକୁ ମିଳୁଛି । ପଞ୍ଚାୟତ ନିର୍ବାଚନ ପାଇଁ ପାଣ୍ଠି ଯୋଗାଡ଼ ସହ ଠିକା କାମର ସମ୍ପର୍କ ରହିଥିବା ନେଇ ମଧ୍ୟ ରାଜନୈତିକ ମହଲରେ ଆଲୋଚନା ହେଉଛି; କିନ୍ତୁ ଏଭଳି ଅଭିଯୋଗର କୌଣସି ଠୋସ ପ୍ରମାଣ ସାମ୍ନାକୁ ନଆସିବା ପର୍ଯ୍ୟନ୍ତ ଏହାକୁ ଅଭିଯୋଗ ଭାବେ ହିଁ ଦେଖିବାକୁ ପଡ଼ିବ । ଅନ୍ୟପଟେ ଠିକାଦାରଙ୍କ ଉପରେ ରାଜନୈତିକ ଚାପ ସୃଷ୍ଟି କରାଯାଉଥିବା ଏବଂ ନିଜ ନିଜ ସମର୍ଥକଙ୍କୁ କାମ ଦେବା ପାଇଁ ପ୍ରଭାବ ବିସ୍ତାରର ପ୍ରତିଯୋଗିତା ଚାଲୁଥିବା ନେଇ ମଧ୍ୟ ଅଭିଯୋଗ ଉଠୁଛି । ଥୁଆମୂଳ ରାମପୁର ସମେତ କେତେକ ବ୍ଲକ୍‌ରେ କିଛି ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ନେଇ ବିବାଦ ଦେଖାଦେବା ଏବଂ 'କିଏ କାମ କରିବ' ତାହା ଛିଣ୍ଡୁନଥିବାରୁ ଉନ୍ନୟନ କାମ ପ୍ରଭାବିତ ହେଉଥିବା ଅଭିଯୋଗ ଏହି ରାଜନୈତିକ ଲଢ଼େଇକୁ ଆଉ ଏକ ମାତ୍ରା ଦେଇଛି । ଶେଷରେ ଏହି ଶକ୍ତି ସଂଘର୍ଷର ମୂଲ୍ୟ ସାଧାରଣ ଲୋକଙ୍କୁ ଦେବାକୁ ପଡୁଛି; କାରଣ ରାସ୍ତା, ପୋଲ, ପାନୀୟଜଳ, ଗୃହ ଓ ଅନ୍ୟାନ୍ୟ ଉନ୍ନୟନ କାମ ରାଜନୈତିକ ଟଣାଓଟରାରେ ଅଟକିଲେ ତାହାର ସିଧାସଳଖ ପ୍ରଭାବ ଜନସାଧାରଣଙ୍କ ଉପରେ ପଡ଼ିବ । ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ କଳାହାଣ୍ଡିର ଲଢ଼େଇ କେବଳ ଦଳୀୟ ପତାକା, ପ୍ରାର୍ଥୀ କିମ୍ବା ଭୋଟ୍ ?ରେ ସୀମିତ ରହିବ ନାହିଁ; ଠିକା କାମ ଉପରେ କାହାର ପ୍ରଭାବ ରହିବ, ତୃଣମୂଳସ୍ତରରେ କିଏ ନିଜ ଶକ୍ତି ବଜାୟ ରଖିବ ଏବଂ ଜିଲ୍ଲାର ସ୍ଥାନୀୟ ରାଜନୈତିକ ସମୀକରଣ କାହା ସପକ୍ଷରେ ଯିବ ଏହାକୁ ନେଇ ବିଜେପି ବିଜେଡି ଛକାପଞ୍ଝା ଆଗାମୀ ଦିନରେ ଆହୁରି ରୋଚକ ହେବାର ସଙ୍କେତ ମିଳୁଛି ।

# ସହୀଦ ସ୍ମୃତି ଦିବସ ପାଳନ ନେଇ ପ୍ରସ୍ତୁତି

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ପାପଡ଼ା ହାଣ୍ଡି ଆସନ୍ତା ଅଗଷ୍ଟ ୨୪, ମାଟି ର ଗଣ ପର୍ବ ଶହୀଦ ସ୍ମୃତି ଦିବସ ମହାସମାରୋହରେ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂବତନ ବିଧାୟକ ତଥା ସ୍ୱାଧିନତା ସଂଗ୍ରାମୀ ଜଗନ୍ନାଥ



ତ୍ରିପାଠୀ କଂ ୧୯ ତମ ମହାପ୍ରୟାଣ ଦିବସ ରେ ୨୩ ତାରିଖ ଦିନ ନବରଙ୍ଗପୁର ଠାରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦ ଓଡ଼ିଶା ତରଫରୁ ୪୧ ତମ ଶହୀଦ ସ୍ମୃତି ମଶାଲ ଜଳିବ ,ଏହା ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ରେ ପାପଡା ହାଣ୍ଡି ରେ ୨୪ ତାରିଖ ଦିନ ସଂଗ୍ରାମୀ ପରିବାର ସହ ଯିବ । ଆଜିର ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ସାର କଂ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବୈଠକ ରେ ମୁନା ତ୍ରିପାଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତି ରାମ ନାୟକ, ପାପଡ଼ା ହାଣ୍ଡି ବ୍ଲକ ଉପାଦ୍ଧକ୍ଷ ସୁଶାନ୍ତ କୁମାର ବେହେରା, ପୂର୍ବତନ ଡ଼ାବୁଗାଁ ବିଧାୟକ ଭୁଜ ବଳ ମାଝି, ସୋମନାଥ ପୁଜାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ସଫଳ ପରିଚାଳନା ବୈଠକ

## ଜରୁରୀକାଳୀନ ଯୋଜନା, ପୂର୍ବ ପ୍ରସ୍ତୁତି ତଥା ପରବର୍ତ୍ତୀ ପ୍ରତିକ୍ରିୟାର ସମୀକ୍ଷା

**ବଲାଙ୍ଗୀର(ଅମୃତ ମିଡିଆ):** ଜିଲ୍ଲାରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ସଫଳ ପରିଚାଳନା, ଜରୁରୀକାଳୀନ ଯୋଜନା, ପୂର୍ବ ପ୍ରସ୍ତୁତି ତଥା ପରବର୍ତ୍ତୀ ପ୍ରତିକ୍ରିୟାର ସମୀକ୍ଷା କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ ବୈଠକଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପ୍ରସ୍ତୁତିର ସମୀକ୍ଷା କରିବା ସହ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, କାରଖାନା ଏବଂ ରାସାୟନିକ ପଦାର୍ଥ ପରିବହନ ସମୟରେ ହୋଇପାରୁଥିବା ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ବ୍ୟାପକ ଆଲୋଚନା କରାଯାଇଥିଲା । କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେଲେ, ତାହାର ତୁରନ୍ତ ଓ ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ଏଥିସହ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ନିୟମିତ ଭାବେ




ସୁରକ୍ଷା ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୃକ୍ତ ବିଭାଗ, ଅଗ୍ନିଶମ ବାହିନୀ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତିକୁ ପରଖିବା ପାଇଁ ନିୟମିତ ମକ୍‌ଡ୍ରିଲ୍ କରାଯିବ । ରାସାୟନିକ ଦୁର୍ଘଟଣା ସମୟରେ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆମ୍ବୁଲାନ୍ସ, ଔଷଧ ଏବଂ ଡାକ୍ତରୀଦଳକୁ ସଦାସର୍ବଦା ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଅପରପକ୍ଷରେ, ଦୁର୍ଘଟଣା ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ, ସେ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ।

# ବାଘଛାଲ ସହ ଅଭିଯୁକ୍ତ ଗିରଫ

## ବାଘଛାଲ, ଦାନ୍ତ ଓ ୧୪ ନଖ ଜବତ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ଫରେଷ୍ଟ ସେକ୍ସନ ଅଧୀନ ଡହାଗାଁଠାରେ ବନ ବିଭାଗକୁ ମିଳିଛି ବଡ଼ ସଫଳତା । ବାଘ ଅଙ୍ଗପ୍ରତ୍ୟଙ୍ଗ ଚୋରା ଚାଲାଣ ନେଇ ସୂଚନା ପାଇବା ପରେ ବନ ବିଭାଗ ଅଚାନକ ଚଢ଼ଉ କରି



ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବାଘଛାଲ,୧୪ ଟି ନଖ ଓ ଦାନ୍ତ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ନବରଙ୍ଗପୁର (ହିର୍ଲି ଡଙ୍ଗର) ଅଞ୍ଚଳର ସୁକେନ ଗୌଡ଼ ବୋଲି ବନ ବିଭାଗ ସୂଚନା ଦେଇଛି । ଗୁରୁବାର ଡହାଗାଁ ନିକଟରେ ସୁକେନ ଗୌଡ଼ ବାଘଛାଲ ଓ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ନେଇ ବନ ବିଭାଗ ନିକଟରେ ଗୁପ୍ତ ଖବର ପହଞ୍ଚିଥିଲା । କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଏସିଏଫ୍ ?ଙ୍କ ତତ୍ତ୍ୱାବଧାନରେ ଏକ ବିଶେଷ ଟିମ୍ ଗଠନ କରାଯାଇ ଚଢ଼ଉ କରାଯାଇଥିଲା । ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ କାବୁ କରାଯିବା ସହ ଜବତ ସାମଗ୍ରୀ ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ସୀମାଞ୍ଚଳ ମିଶ୍ରଙ୍କ ସମେତ ବେହେରା ସେକ୍ସନ ଫରେଷ୍ଟର କ୍ଷୀରୋଦ ଚନ୍ଦ୍ର ସେଠ, ବନରକ୍ଷୀ ଲଳିତ ନାଏକ, ଜଗନ୍ନାଥ ନାଏକ, ପ୍ରଭାସିନୀ ଗୋପାଳ, ପାରାଷ୍ଟାଫ୍ କ୍ଷତ୍ରିୟ ନାଏକ ମାନସ ସାମିଲ ଥିଲେ ।

# କପିଲାଭଟା ହାଇସ୍କୁଲରେ ପିସିଏମ୍ ଓ ସିବିଜେଡ ଶିକ୍ଷକଙ୍କ ଡେପୁଟେସନ ପାଇଁ ବିଧାୟକଙ୍କୁ ଦାବିପତ୍ର



**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଳାଭଟା ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ପିସିଏମ୍ ଓ ସିବିଜେଡ ଶିକ୍ଷକଙ୍କ ଡେପୁଟେସନ ପାଇଁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପୁରାତନ ଛାତ୍ର ତଥା ମା ସାହାଜି ଯୁବକ ସଂଘ ର ସମ୍ପାଦକ ହୁଲେଶ୍ୱର ହଂସ ଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ସାମିଲ ହୋଇଥିଲେ । କପିଲାଭଟା ହାଇସ୍କୁଲ ଟି ଏକ ନୂତନ ସହାୟତା ପ୍ରାପ୍ତ ହାଇସ୍କୁଲ ଯାହା ପ୍ରାୟ ୨୦୦ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ୨୦୦୯ ମସିହାରୁ ପିସିଏମ୍ ଓ ସିବିଜେଡ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଛି । ପୂର୍ବରୁ, ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଚୁଲିଫୁଙ୍କା ର ଦୁର୍ଗାପ୍ରସାଦ ପାଣିଗ୍ରାହି ପିସିଏମ ଙ୍କୁ ସପ୍ତାହ ରେ ତିନି ଦିନ ପାଇଁ କପିଲାଭଟା ହାଇସ୍କୁଲ ରେ ଡେପୁଟେସନ କରାଯାଇଥିଲା । କିନ୍ତୁ, ଏହି ବର୍ଷ ତାଙ୍କୁ ବଲାଙ୍ଗିର ର ପି.ଆର ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଛି । ଫଳରେ ଗଣିତ ଏବଂ ବିଜ୍ଞାନ ପଢ଼ାଇବା ରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛି । ଏହି ଅଭାବ ସତ୍ତ୍ୱେ, ଗତ ଛଅ ବର୍ଷ ଧରି ମାଟ୍ରିକ ପରୀକ୍ଷା ଫଳାଫଳ ୯୫ ପ୍ରତିଶତ ଉପରେ ରହୁଛି । ବଙ୍ଗୋମୁଣ୍ଡା ବ୍ଲକ ମଧ୍ୟରେ ଥିବା ନିକଟସ୍ଥ ଯେକୌଣସି ହାଇସ୍କୁଲରୁ ସପ୍ତାହରେ ତିନି ଦିନ ପାଇଁ ଜଣେ ପିସିଏମ୍ ଶିକ୍ଷକ ଏବଂ ଜଣେ ସିବିଜେଡ ଶିକ୍ଷକ ଙ୍କୁ ନିଯୁକ୍ତ କରିବା ପାଇଁ ଦାବି କରାଯାଇଛି ।

# ଭାଲୁଚୁଆ ଶ୍ମଶାନ ରାସ୍ତା ନିମ୍ନମାନର

## ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ମିଳିତ ଉଦ୍ୟମରେ ଲକ୍ଷାଧିକ ଟଙ୍କା ହେରଫେର



**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଧର୍ଅଁରପୁର ପଞ୍ଚାୟତର ଭାଲୁଚୁଆ ଗ୍ରାମର ଆର.ଡି. ରାସ୍ତାରୁ ଶ୍ମଶାନ ଘାଟକୁ ଯାଇଥିବା ରାସ୍ତା ଉନ୍ନତିକରଣ କାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି । କାମ ସମାପ୍ତ ହେବାର କିଛି ଦିନ ମଧ୍ୟରେ ରାସ୍ତାର ଅବସ୍ଥା ପୂର୍ବପରି ଖରାପ ହୋଇଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜନ ସାଧାରଣ ଦାବି କରିଛନ୍ତି । ପ୍ରାପ୍ତ ସୂଚନା ମୁତାବକ ଫଳକ ଅନୁଯାୟୀ, ଜିଲ୍ଲା ପରିଷଦ ପାଣ୍ଠିରୁ ଧର୍ମଗଡ଼ ପଞ୍ଚାୟତ ସମିତି ମାଧ୍ୟମରେ ୨୦୨୬-୨୦୨୭ ଆର୍ଥିକ ବର୍ଷରେ ଏହି ରାସ୍ତା ଉନ୍ନତିକରଣ କାମ କରାଯାଇଛି । ପଞ୍ଚଦଶ ସି.ଏଫ୍.ସି. ଯୋଜନାରେ ଏହି ପ୍ରକଳ୍ପ ପାଇଁ ମୋଟ ୪ ଲକ୍ଷ ୨୭ ହଜାର ୭୦୦ ଟଙ୍କା ବ୍ୟୟବରାଦ ହୋଇଥିବା ଉଲ୍ଲେଖ ରହିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପ୍ରକଳ୍ପରେ ମେଟାଲ ସହ ମୋରମ ପକାଇ ରାସ୍ତାକୁ ସୁଦୃଢ଼ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ବାସ୍ତବରେ କେବଳ ମୋରମ ବିଛାଇ କାମକୁ ଶେଷ କରିଦିଆଯାଇଛି । ବର୍ଷା ଆରମ୍ଭ ହେବା ପରେ ରାସ୍ତାର ପ୍ରକୃତ ଚିତ୍ର ସାମ୍ନାକୁ ଆସିଛି । ବିଭିନ୍ନ ସ୍ଥାନରେ ଗଭୀର ଗାତ ସୃଷ୍ଟି ହୋଇ ଆଣ୍ଠୁଏ ପାଣି ଜମି ରହୁଥିବା ବେଳେ ରାସ୍ତାଟି ଖାଲଖମାରେ ପରିଣତ ହୋଇଛି । ଫଳରେ ରେ ଶ୍ମଶାନ ଘାଟକୁ ଯିବାକୁ ଲୋକଙ୍କୁ ବହୁ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ବିଶେଷକରି ଶବଯାତ୍ରା ସମୟରେ ଏହି ରାସ୍ତା ଦେଇ ଯାତାୟାତ କରିବା ଅତ୍ୟନ୍ତ କଷ୍ଟସାଧ ହୋଇ ପଡୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ, ଦୀର୍ଘ ଦିନ ଧରି ଏହି ଶ୍ମଶାନ ରାସ୍ତାର ଉନ୍ନତିକରଣ ଦାବି କରାଯାଉଥିଲା । ସରକାର ଲୋକଙ୍କ ସୁବିଧା ପାଇଁ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ କାର୍ଯ୍ୟନିର୍ବାହରେ ଗୁଣାତ୍ମକ ମାନ ବଜାୟ ରଖା ଯାଇ ନଥିବା ଅଭିଯୋଗ ଉଠିଛି । ବିଭାଗୀୟ ଯନ୍ତ୍ରୀ ଓ ସଂପୃକ୍ତ ଠିକାଦାରଙ୍କ ଅବହେଳା କିମ୍ବା ଅନିୟମିତତା ଯୋଗୁଁ ସରକାରୀ ଅର୍ଥର ସଠିକ୍ ବ୍ୟବହାର ହୋଇନଥିବା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ଏହି ପ୍ରକଳ୍ପ ଜିଲ୍ଲା ପରିଷଦ ସଦସ୍ୟଙ୍କ ପାଣ୍ଠିରୁ କରାଯାଇଥିବା ବେଳେ ସଂପୃକ୍ତ ଜିଲ୍ଲା ପରିଷଦ ସଦସ୍ୟ ଭାଲୁଚୁଆ ଗ୍ରାମର ବାସିନ୍ଦା ବାସି ହୋଇଥ ?ିବାରୁ ନିଜ ଗାଁରେ ହୋଇଥିବା କାମର ଗୁଣବତ୍ତା ନେଇ ପ୍ରଶ୍ନ ଉଠିଛି । ଲୋକମାନଙ୍କ ମତରେ, ନିର୍ମାଣ କାମ ଉପରେ ସଠିକ୍ ତଦାରଖ ହୋଇଥାନ୍ତା ତେବେ ଏପରି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଏହି କାମର ବୈଷୟିକ ଯାଞ୍ଚ କରାଯାଇ ପ୍ରକଳ୍ପରେ ବ୍ୟବହୃତ ସାମଗ୍ରୀ, ଅଟକଳ ଅନୁଯାୟୀ କାର୍ଯ୍ୟ ହୋଇଛି କି ନାହିଁ ଏବଂ ସରକାରୀ ଅର୍ଥର ଅପବ୍ୟୟ ହୋଇଛି କି ନାହିଁ, ତାହାର ନିରପେକ୍ଷ ତଦନ୍ତ କରାଯିବା ଆବଶ୍ୟକ । ତଦନ୍ତରେ କୌଣସି ଅନିୟମିତତା ପ୍ରମାଣିତ ହେଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ଏନେଇ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗର ପ୍ରୟାସ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ । ବ୍ଲକ ପ୍ରଶାସନ ତୁରନ୍ତ ଏହି ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାକୁ ଦାବି ହୋଇଛି ।

# ଶୌଚାଳୟ ବ୍ୟବହାର କରିବାକୁ ଦାବି

**ରାଇଘର(ଅମୃତ ମିଡିଆ):**ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରେ ରାଇଘର ବ୍ଲକ ଅବସ୍ଥିତ । ଏହି ବ୍ଲକ ୨୬ଗୋଟି ପଞ୍ଚାୟତ ନେଇ ଗଠିତ ହେଇଛି । ରାଇଘର ଠାରୁ ପ୍ରତେକ ଦିନ ଭୁବନେଶ୍ୱର ଠାରୁ ଆରମ୍ଭ କରି ଆନ୍ଧ୍ର ପ୍ରଦେଶ , ରାଉରକେଲା , ଛତିଶଗଡ଼ ର ରାୟପୁର, ବ୍ରହ୍ମପୁର , ପୁରିକୁ ପ୍ରତ୍ୟେକ ଦିନ ବସ୍ ଚଳାଚଳ କରୁଅଛି । ତାଛଡ଼ା ୪୦ନୋ ରାଜ୍ୟ ରାଜପଥ ରହିଅଛି, ଏବଂ ପ୍ରତ୍ୟେକ ଦିନ ଶହଶହ ବସ ଟ୍ରକ ଆଦି ଯିବା ଆସିବା କରିବା ଦେଖିବାକୁ ମିଳିଛି । ଏବଂ ନବରଙ୍ଗପୁର ଜିଲ୍ଲାର ସବୁଠାରୁ ବଡ ବ୍ୟବସାୟିକ କେନ୍ଦ୍ର ଭାବରେ ରାଇଘର ପରିଚିତ । କିନ୍ତୁ ଦୁଃଖର ବିଷୟ ଶୌଚାଳୟ ଥାଇ ବି କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ସମିତି ମିଟିଂ ରେ ଶୌଚାଳୟ ନିର୍ମାଣ ନିମନ୍ତେ ଅଭିଯୋଗ ପରେ ୧୦,୦୦୦୦ ଦଶ ଲକ୍ଷ ଟଙ୍କା ବ୍ୟୟରେ ଗୋଟାଏ ଶୌଚାଳୟ ନିର୍ମାଣ ହେଲା । ନିର୍ମାଣ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ' ମଧ୍ୟ ବର୍ତ୍ତମାନ୍ ସୁଦ୍ଧା ତାହା ବ୍ୟବହୃତ ହୋଇପାରୁ ନାହିଁ । କିଛି ଦିନ ଖୋଲାଯାଇ ପୁଣି ତାଲା ପଡ଼ିରହିଅଛି ।ଯାହା ଫଳରେ ଦୁର ଦୁରାନ୍ତ ରୁ ଆସୁଥିବା ଯାତ୍ରୀ ନାହିଁନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ବାଧ୍ୟ ହୋଇ ପୋଖରିକୁ ଯିବା ଦେଖିବାକୁ ମିଳିଛି । ତେଣୁ ଶୌଚାଳୟ ବ୍ୟବହୃତ କରିବା କୁ ସାଧାରଣ ରେ ଦାବୀ ହେଉଛି ।

# ମିନି ଷ୍ଟାଡିୟମରେ ବିଦ୍ୟୁତ୍ ସଂଯୋଗୀକରଣ ଦାବି

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମ ପରିସରରେ ମଧ୍ୟରେ ବିଦ୍ୟୁତ ସଂଯୋଗ କରିବାକୁ ଦାବି ହେଉଛି । ପ୍ରକାଶ ଥାଉ କି ମିନି ଷ୍ଟାଡିୟମ ଠାରେ ଖେଳ କୁଦ ସହ ଦୁଇ ଅବସର ପ୍ରାପ୍ତ ସେନା କର୍ମଚାରୀଙ୍କ ପ୍ରୟାସରେ ପ୍ରତେକ ଦିନ ସକାଳ ହୋଇଗଲେ ବହୁ ଯୁବକ ଯୁବତୀ ବ୍ୟାୟାମ ସକାଶେ ଷ୍ଟାଡିୟମ ରେ ପହଞ୍ଚି ଯାଇଥାଆନ୍ତି । ଦୁଇ ସେନା କର୍ମଚାରୀ ଯୁବକ ଯୁବତୀ ମାନଙ୍କୁ ଉନ୍ନତ ମାନର ବ୍ୟାୟାମ ଶିକ୍ଷା ଦେଇଥାନ୍ତି । ଯାହା ଫଳରେ କେତେକ ଯୁବକ ଯୁବତୀ ପୋଲିସ, ଚାକିରି, କିଏ ଫରେଷ୍ଟ ଗାର୍ଡ, ତ କିଏ ସି ଆର ପି ଏଫ୍‌ରେ ଚାକିରି ପାଇଲେଣି । କିନ୍ତୁ ଷ୍ଟାଡିୟମ ପରିସରରେ ମଧ୍ୟରେ ବିଦ୍ୟୁତ ସଂଯୋଗ ନ ଥିବାରୁ ସନ୍ଧ୍ୟା ସମୟରେ ମଦ୍ୟପଙ୍କ ଆଡ୍ଡା ସ୍ଥଳି ପାଲଟି ଯାଇଛି । ସାଧାରଣ ତ ଯୁବକ ମାନେ ସନ୍ଧ୍ୟା ହୋଇଗଲେ ଅନ୍ଧାର ମୟ ଷ୍ଟାଡିୟମରେ ପହଞ୍ଚି ମଦ ପିଇ ପାଣି ବୋତଲ ମଦବୋତଲ, ଓ ଗ୍ଲାସ୍ ଷ୍ଟାଡିୟମ ଗେଲେରୀ ଉପରେ ଛାଡି ପଳାଇ ଆସୁଛନ୍ତି । ତ ବେଳେ ବେଳେ ବୋତଲ ଭାଙ୍ଗି କାଚ ଗୁଡିକୁ ପକାଇ ଚାଲି ଯାଉଛନ୍ତି । । ତାଶହ ଗେଟ ଖୋଲା ରହିବା ସାଙ୍ଗକୁ କୋଉଠି କୋଉଠି ପାଚେରି ଭାଙ୍ଗି ଯାଇ ଥିବାରୁ ମଦ୍ୟପ ଙ୍କ ଆଡ୍ଡା ସ୍ଥଳୀ ପାଲଟି ଯାଇଥିବ ନେଇ ଚର୍ଚ୍ଚା ହେଉଛି । ତେଣୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ନଜର ଦେଇ ଷ୍ଟାଡିୟମ ଭିତରେ ବିଦ୍ୟୁତ ସଂଯୋଗ କରିବାକୁ ସଧାରଣ ରେ ଦାବି ହେଉଛି ।

ସମ୍ପାଦକୀୟ...

# ସୀମାନ୍ତ ସମସ୍ୟା

ଭାରତ ଏବଂ ପାକିସ୍ତାନ୍ ମଧ୍ୟରେ ବିଭାଜନ ପରେ ଯେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଯେ ଖରାପ ଅବସ୍ଥାକୁ ଆସିଲା, ସେମିତି ବି କହିହେବ ନାହିଁ। ସମ୍ପର୍କ ତ ବହୁ ପୂର୍ବରୁ ବି ଖରାପ୍ ଥିଲା। ଯାହା ପଛରେ ମୁଖ୍ୟ କାରଣ ଯାହାକୁ ଅତି ସରଳ ଏବଂ ଅତି ସ୍ପଷ୍ଟ ଭାବରେ ବୁଝାଯାଇପାରେ।. ଉଗ୍ରବାଦ ଅବା ସନ୍ତ୍ରାସବାଦ ଭଳି ଶବ୍ଦ ଯାହା କି ପୃଥିବୀ ଇତିହାସରେ ଅତି ଦୁଇଟି ଜଘନ୍ୟ ଶବ୍ଦ, ଅତି ମାରାତ୍ମକ ଶବ୍ଦ ଯାହାକୁ କେବେ ବି ଗ୍ରହଣ କରାଯାଇପାରେନା, ଯାହାକୁ କେବେ ବି ସ୍ୱୀକାର କରାଯାଇପାରେନା। ଏଭଳି ଶବ୍ଦ ଅଭିଧାନରେ ଥାଇପାରେ। ହେଲେ ଏଭଳି ଶବ୍ଦ ମାନବ ସମାଜ ପାଇଁ କେବେ ବି ଗ୍ରହଣୀୟ ହୋଇନପାରେ। ତଥାପି ସମାଜରେ ବାରମ୍ବାର ବ୍ୟବହାର ହେଉଛି ଏଭଳି ଶବ୍ଦ, କେବଳ କଥାରେ ନୁହେଁ, କାମରେ ମଧ୍ୟ ବ୍ୟବହାର ହେଉଛି ଯାହା କି କୌଣସି ବି ସମାଜ ପାଇଁ, ରାଷ୍ଟ୍ର ପାଇଁ ଅତ୍ୟନ୍ତ ଚିନ୍ତାଜନକ ଏବଂ ଅତ୍ୟନ୍ତ ଦୁଃଖଦାୟକ ଏବଂ ଅତି କ୍ଷତିକାରକ.. ଅତ୍ୟନ୍ତ ମାରାତ୍ମକ। ପୃଥିବୀରେ ଆଜି ବି ସେହିଭଳି ଅନେକ ଦେଶ ରହିଛନ୍ତି, ଯେଉଁମାନେ ଏସବୁରେ ବିଶ୍ୱାସ କରନ୍ତି। ସେମାନେ ଏବେ ବି ଜୀବିତ ଅର୍ଥାତ୍ ସେମାନେ ଏବେ ବି ସତ୍ତାରେ ଅଛନ୍ତି ଯେମିତି କି ଆମର ଅତି ପ୍ରିୟ ପାକିସ୍ତାନ୍! ଭାରତର ଅତିକ ପ୍ରିୟ ପାକିସ୍ତାନ୍ ..! ଏଭଳି ଉକ୍ତିରେ ଯେ କେହି ବି ବିସ୍ମୟ ପ୍ରକାଶ କରିପାରେ । କାରଣ ପାକିସ୍ତାନ୍ କେବେ ବି ଭାରତର ପ୍ରିୟ ନଥିଲା.. ଅତି ପ୍ରିୟ ତ ଅତି ଦୂରକଥା। ଯାହା ପଛରେ ପାକିସ୍ତାନ୍‌ର ସେହି ନକାରାତ୍ମକ ଇତିହାସ ଯାହା କି ଅତି ଉଗ୍ରବାଦ ଏବଂ ଶକ୍ତ ସନ୍ତ୍ରାସବାଦ ସହିତ ବହୁ ପୂର୍ବରୁ ଜଡ଼ିତ , ଅତି ଆଗରୁ ସମ୍ପର୍କିତ; ସେହି ପାକିସ୍ତାନ୍ ଯେ କି ଭାରତର ଅତି ପଡ଼ୋଶୀ ମାନେ ଅତି ନିକଟତମ ପଡ଼ୋଶୀ କିନ୍ତୁ ତା'ର ବୃତ୍ତି ଏବଂ ପ୍ରବୃତ୍ତି ଯେ କେତେ ଖରାପ୍ .ତାହା ନିଜେ ବି ଜାଣିପାରୁନି। ବୋଧହୁଏ କେବଳ ସେଇ ଗୋଟାଏ ମୁଖ୍ୟ କାରଣକୁ ଆମେ ଦୋହରାଇପାରୁ... ଉଗ୍ରବାଦ ଏବଂ ସନ୍ତ୍ରାସବାଦ ଯାହକୁ ପାକିସ୍ତାନ୍ ତା'ର ସାଥୀ ଭାବେ ଗ୍ରହଣ କରିନେଇଛି। ସାଥୀ ତ ନୁହେଁ,ବଡିଗାର୍ଡ ବି କୁହାଯାଇପାରେ। ସେହି ବଡିଗାର୍ଡ ଯେ କି ପାକିସ୍ତାନକୁ ବିପଦ ସମୟରେ କେବେ କେବେ ସାହାଯ୍ୟ କରୁଛି ,ତ ଆଉ କେବେ ପୁଣି ବିପଦ ଘେରକୁ ଟାଣିନେଉଛି । ସେହି ପାକିସ୍ତାନ୍ ଯିଏ କି ଉଗ୍ରବାଦର ସାହାରା ନେଇ, ସନ୍ତ୍ରାସବାଦର ସାହାରା ନେଇ କେବଳ ଭାରତକୁ ଟାର୍ଗେଟ୍ କରୁଛି, ଭାରତ ତା'ର ଅତି ନିକଟତମ ପଡ଼ୋଶୀ .ବନ୍ଧୁ ଭଳି ଅଥଚ ସେହି ଭାରତ ସହିତ ସବୁବେଳେ ବିଶ୍ୱାସଘାତକତା କରି ଆସୁଛି। ସୀମାରେ ପାକିସ୍ତାନ୍ ର ଉଗ୍ରବାଦ କାର୍ଯ୍ୟକଳାପ ଯାହା କି ଭାରତ ପାଇଁ ସର୍ବଦା ଚିନ୍ତାର କାରଣ ହୋଇଛି। ଯାହାପାଇଁ କାଶ୍ମୀର ସୀମାରେ ବର୍ଷର ବିଭିନ୍ନ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ। କେବଳ ଭାରତ ସୀମାରେ ନୁହେଁ,ପାକିସ୍ତାନ ସୀମାରେ ବି ଅନେକ ସମୟରେ ନାନାଦି ସମସ୍ୟା ସୃଷ୍ଟି ହୁଏ ଯାହାକି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଭାରତର ସୀମାନ୍ତ ସମସ୍ୟା ସହିତ ଜଡ଼ିତ ହୋଇପାରେ ଯାହାକୁ ଭାରତ ତ ବୁଝିଛି, ହେଲେ ପାକିସ୍ତାନ୍ କିନ୍ତୁ କେବେ ବି ଏଯାବତ୍ ବୁଝିପାରୁନି ଯାହାକୁ ନେଇ ପାକିସ୍ତାନ୍ ଏବଂ ଭାରତ ମଧ୍ୟରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମସ୍ୟାମାନ ସୃଷ୍ଟି ହେଉଛି। ହେଲେ ହୋଲେ ନାହିଁ କି ଡୋଲେ ନାହିଁ ପାକିସ୍ତାନ୍‌ର; ଭାରତ କିନ୍ତୁ ପାକିସ୍ତାନ୍‌ର ସେଭଳି ଆଚରଣ ଏବଂ ଉଚ୍ଚାରଣରେ ଅତି ପରିମାଣରେ ଅତିଷ୍ଠ ହୋଇପଡୁଛି। ତଥାପି ଏଯାବତ୍ ବୁଝୁନି ପାକିସ୍ତାନ୍ କି ବୁଝିବାକୁ ଚେଷ୍ଟା କରୁନି ଓଲଟା ଭାରତ ଉପରେ ଦୋଷ ଲଦି ଦେଉଛି। ତାହା ପୁଣି ଜାତିସଂଘରେ କାଶ୍ମୀର ଇସ୍ୟୁ ନେଇ ଭାରତ ବିପକ୍ଷରେ କହି ଭାରତକୁ ବଦନାମ କରିବାକୁ ଚେଷ୍ଟା କରୁଛି। ଯାହାସବୁ ବି ପାକିସ୍ତାନ୍ କରୁଛି ଭାରତ ବିପକ୍ଷରେ ସେ ସବୁ କେବଳ ଚାଇନା କଥାରେ ଅବା ଚାଇନା ପରାମର୍ଶରେ ପଡ଼ି ସେମିତି କରୁଛି ନଚେତ ଭାରତକୁ ବେଶି ସମୟ ଲାଗିବ ନାହିଁ ସାଇଜ୍ କରିବା ପାଇଁ ପାକିସ୍ତାନକୁ , ସାବାଡ଼ କରିବା ପାଇଁ ପାକିସ୍ତାନକୁ। ଆଜି ନ ହେଲେ ବି କାଲି ପାକିସ୍ତାନକୁ ଉଚିତ୍ ଶିକ୍ଷା ଦେବ ଭାରତ। ସେଥିପାଇଁ ପ୍ରସ୍ତୁତି ପଥେ ଭାରତ।

ଜ୍ଞାନାମୃତ

## ଅଭିପ୍ରାୟ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢ଼ିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ତାଙ୍କର ସମସ୍ୟା ସମାଧାନର ରାସ୍ତା ଦେଖାଇଲେ।

# ଶୟନ



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆହର ସମସ୍ତଙ୍କ ଥିବା ପରି ଶୟନ ସମସ୍ତଙ୍କ ଅଛି, ସେ ଯେ କୌଣସି ଜୀବ, ଜନ୍ତୁ, ମନୁଷ୍ୟ, ଉଦ୍ଭିଦ ମରଲୋକର ହୁଅନ୍ତୁ ଏହି ଧାରାରୁ ବାଦ ନୁହଁନ୍ତି। ଏମିତିକି ଦେବତା ଯେ ନର ଗଣ ଅର୍ପିତ ପ୍ରସାଦର ସୂକ୍ଷ୍ମ ଅଂଶ ଗ୍ରହଣ କରିବା ଅନୁଭବ ହୁଏ ସେମାନେ ବି ଶୟନ କରିବାବି ମାନବୀୟ ଅନୁଭବ ଶାସ୍ତ୍ର ମାନଙ୍କରେ ଲିଖିତ ରହିଛି। ଅନେକଙ୍କ ଦେବାଳୟ ବା ଠାକୁର ଘରେ ରାତ୍ରୀ ହେଲେ ଯଦି ଗୁରୁଦେବ ଓ କୌଣସି ଦେବତାଙ୍କ ପ୍ରତିମା ବା ପ୍ରତିମୂର୍ତ୍ତି ବା ଫଟୋ ଚିତ୍ର ପୂଜା ସେବା ହେଉଥାଏ ତେବେ ସେମାନେ ନିଜେ ରାତ୍ର ପୂଜା ଆରତୀ ପରେ ଦେବଶୟନ ପାଇଁ ସୁନ୍ଦର ଶଯ୍ୟା ଦି ବ୍ୟବସ୍ଥା କରି ଗୃହ ବନ୍ଦ କରି ସେ ଦିନ ପାଇଁ ଠାକୁର ଘରୁ ଦୂରେଇ ରହି ସ୍ୱ ବିଶ୍ରାମକୁ ଯାଆନ୍ତି। ପ୍ରତ୍ୟେକ କାର୍ଯ୍ୟ ଗୁରୁ ହୁଅନ୍ତୁ ବା ଇଷ୍ଟ ଦେବତା ତାଙ୍କ ଦିବ୍ୟ ଦୃଷ୍ଟିରେ ସବୁ କାର୍ଯ୍ୟ ତାଙ୍କ ଉପାସକ ଉପସିକାଗଣଙ୍କ ସଂଦର୍ଶନ କରୁଛନ୍ତି। ଏହି ଭାବ ଆସିଲେ ଯେ କେହି ଅନ୍ୟାୟ, ଅନୀତି, ଅଶାସ୍ତ୍ରୀୟ କାର୍ଯ୍ୟ କେବେ କରିପାରଃ ନାହିଁ। ଯଦି କେହିବି କରିଥାଏ ସେ ବାରମ୍ବାର ଏପରି ସେବା ଆଶ୍ରୟରେ ସଂସ୍କାରିତ ହୋଇଯାଆନ୍ତି। ରାଗ, କ୍ରୋଧ, ହିଂସା, ଆକ୍ରୋଶ, ଲୋଭ, କାମାତୁର ଭାବ, ଦେବଗୁରୁଙ୍କ ବାରବାର ସାନ୍ନିଧ୍ୟରୁ ଦିଗବଦଳ କରେ। ଦେବତା ଗ୍ରହଙ୍କ ସ୍ଥିତି ଅଦୃଶ୍ୟ କିନ୍ତୁ ତାଙ୍କ ପ୍ରତିନିଧି ସଂସାରରେ ଦୃଶ୍ୟ କେହି ବି ଯଦି ଐତିହାସିକ ନାଟକ ଡ୍ରାମା ବା ସାମାଜିକ ନାଟକ ଡ୍ରାମା ଦେଖୁଥାନ୍ତି ଦେଖିବେ ନାଟକ ଡ୍ରାମାରେ ଚରିତ୍ର ଗୁଡ଼ିକ କଳ୍ପିତ ଚରିତ୍ର। ଯାହା ପୂର୍ବରୁ ଥିବା ବା ଘଟୁଥିବା ସମୟର ସତ୍ୟ ଆଧାରର ଛାୟା ଚରିତ୍ର ମାତ୍ର, ପିତୃ, ମାତୃ, ବଡ଼ଭାଇ ସାନ ଭାଇ, ପୁଅ, ଝିଅ, ସ୍ୱାମୀ, ସ୍ତ୍ରୀ ଅନ୍ୟାନ୍ୟ ସମ୍ପର୍କୀୟ, ଶତ୍ରୁ, ମିତ୍ର, ରାଜା, କାନୁନ, ପାପ, ପୁଣ୍ୟ, ଧର୍ମ, ଅଧର୍ମ, ଖାଦ୍ୟପେୟ, ଭୋଗ୍ୟ, ଅଭୋଗ୍ୟ ସବୁ ଗ୍ରହଙ୍କ ପ୍ରତିନିଧି ରୂପେ ରହିଛନ୍ତି। ପ୍ରତ୍ୟେକଙ୍କ ପାଇଁ ଇଷ୍ଟ ଦେବ ମୂର୍ତ୍ତି ମାନ କଳ୍ପିତ ଦେବତାଙ୍କର ଓ ଗୁରୁଙ୍କ ପ୍ରତିକୃତି ଚିତ୍ର ଛବି ଗୁରୁଙ୍କ ନିତ୍ୟ କାଳର ଏକ ସ୍ଥିର ଅବସ୍ଥା ମାତ୍ର। ଏହା ଉପାସନାକାରୀଙ୍କୁ ପ୍ରେରଣା ଯୋଗାଏ ସ୍ଥିରୋଭାବ। ସେମାନଙ୍କ କଥିତ ଉପଦେଶମାନ ଦେଇ ଯାହା ତାଙ୍କ ପ୍ରକଟ କାଳରେ ଦେଇ ସମସ୍ୟା ସମାଧାନ କରୁଥିଲେ ତାହା ତାଙ୍କର ଅପ୍ରକଟ ହେବା ପୂର୍ବରୁ ସ୍ଥିର ଭାବରେ ଲେଖି ରଖି ପୋଥି ବା ଛପା ପୁସ୍ତକରେ ପ୍ରକାଶ ତାଙ୍କ ଶିଷ୍ୟ ଭକ୍ତ ପାଇଁ ଯାଇଛନ୍ତି। ବିରାଟ ଶିଖ ସମ୍ପ୍ରଦାୟ ଗୁରୁଗ୍ରନ୍ଥ ସାହେବକୁ ସଦା ମାନି ଚଳିବା ଦେଖାଯାଏ। ଗୁରୁ ବାକ୍ୟକୁ ଆଚରଣ ପୋଷାକରେ ପରିଧାନରେ ଏପରି ଲଗାଇଛନ୍ତି ଯେ ମୁଣ୍ଡର ପଗଡ଼ି ଛାଡ଼ି ପୋଲିସ ସେନାର ଚାକିରୀରେ ବିହିତ ଟୋପି ପିନ୍ଧୁ ନାହାଁନ୍ତି। ଏପରିକି ହେଲମେଟ ଦ୍ୱିଚକ୍ର ଯାନ ଚାଳନା କାଳରେ ଲଗାଉନାହାନ୍ତି। ଏଠାରେ ରାଜ କାନୁନ ତାଙ୍କ ଗୁରୁ ବାକ୍ୟକୁ ମାନ୍ୟତା ଦେଉଛନ୍ତି। ଏମିତି ବହୁ ଧର୍ମର ମୌଳିକ ନିୟମକୁ ଆମ ଦେଶରେ ମାନ୍ୟତା ଦିଆଯାଉଛି। ଏବେ ଆମର ବ୍ୟବହାରିକ ପରମ୍ପରାରେ ଅନ୍ୟ ସ୍ଥାନ ଅଞ୍ଚଳର ଏପରିକି ଅନ୍ୟ ଜାତି ପାଟକ ସମ୍ପ୍ରଦାୟଙ୍କ ବ୍ୟବହାରିକ ପରମ୍ପରାର ଛାୟା ପଡ଼ି ହୋଇ ବିକୃତ ଗଲାଣି। ଦେଖନ୍ତୁ କନ୍ୟା ଯାଇ ବର ଘରେ ବିବାହ କେବେ ଦେଖିବାକୁ ମିଳୁନାହିଁ। ଯାହା ତୋଳା କନ୍ୟା ବିବାହ। ବରଯାଇ କନ୍ୟା ଘରେ ବିବାହା କରିବା ପଦ୍ଧତି ଯାହା ପାନିକି ଚଢ଼ା ବିବାହ ନିୟମରେ ନ ହୋଇ କନ୍ୟା ଘରକୁ ବର ନଯାଇ ଏକ ଭିନ୍ନ ସ୍ଥାନ କଲ୍ୟାଣ ମଣ୍ଡପ ବା ହୋଟେଲରେ ବିବାହ କାର୍ଯ୍ୟ କରାଗଲାଣି। କେହି ବି ପତ୍ର ପକାଇ ଭୋଜନ ବସି କରୁନାହାନ୍ତି। ଠିଆ ଠିଆଥାଳି ଧରି ମାଗନ୍ତା ମୁଦ୍ରାରେ ଖାଦ୍ୟରେ କାଦ୍ୟ ମାଗି ଭୋଜନ କରୁଛନ୍ତି। ଶଙ୍ଖୁଆ ଏକ ଶ୍ରେଣୀ ଏହାଙ୍କୁ ଶୁଭ କାର୍ଯ୍ୟରେ ଖୋଜା ଥିଲା, ଏବେ ଯିଏମାନେ ସେ ଶଙ୍ଖ ବଜାଉଛନ୍ତି। ଏମିତି ଅନେକ ପରିବର୍ତ୍ତନରେ ଉଖୁଡ଼ା ହାଣ୍ଡି, ଫେଣା ହାଣ୍ଡି, ବିଲୁପ୍ତ। ଏହିପରି ଏକ ବିଶେଷ ପରମ୍ପରା 'ଦିଅଁ ଶୋଇଲେ, ଝିଅ ଜେମା ଦେଇ, ଘରେ ରହିଲେ ଏସବୁ ବିଗତ କାଳର ପରମ୍ପରା, ଚତୁର୍ମାସ୍ୟା ଯେ କୌଣସି ଚାରି ମାସକୁ ନେଇ କୁହାଯାଏ ନାହିଁ। କେବଳ ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ସମୟ, ହରିଶୟନୀ ମହାପ୍ରଭୁ ଜଗନ୍ନାଥଙ୍କ ଓଲଟ ବା ବାହୁଡ଼ା ରଥଯାତ୍ରାରେ ସୁନାବେଶ ଠାରୁ କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ଯାଏ ହରିଶୟନ। ଶୟନରୁ ଉତ୍ଥାନ କାଳ ଠିକ ମଧ୍ୟରେ ପାର୍ଶ୍ୱ ପରିବର୍ତ୍ତନ, ଏପରି ତିନି ମୁଖ୍ୟ ଏକାଦଶୀ ସମ୍ବନ୍ଧଚତୁର୍ମାସ୍ୟା। ଏହି ସମୟରେ ବର୍ଷାଋତୁ। ବର୍ଷା ଦିନ ଖାରିଫଧାନ ଫସଲର ସମୟ ଆମ ରାଜ୍ୟ କୃଷି ପ୍ରଧାନ ରାଜ୍ୟ, ଭାତ ଆମର ପ୍ରଧାନ ଖାଦ୍ୟ। ପୁଣି ଚାଉଳରୁ ଅନେକ ପ୍ରକାର ଶାଖା ଖାଦ୍ୟ ଯଥା ଖଇ, ମୁଢ଼ି, ଚୁଡ଼ା, ଉଖୁଡ଼ା, ହୁଡୁମ୍ବ ଚାଉଳ ଚୁନା ବା ବଟାରୁ ନାନା ପ୍ରକାର ପିଠା ପ୍ରସ୍ତୁତ ହୁଏ। ଏହି ବର୍ଷା ଉପରେ ନିର୍ଭର କରି ଶାରଦ ଧାନ ଚାଷ। ଏହି ଚାରି ମାସର ସମୟ ନିର୍ଘଣ୍ଟରେ ରହିଛି ଭୂଦେବୀ ଓ ଶ୍ରୀଦେବୀ ପ୍ରଭୁଙ୍କର ନିତ୍ୟ ସେବାରେ ନିମଗ୍ନ। ଏହି ଶ୍ରୀ ଦେବୀ ଶସ୍ୟ ସମ୍ଭାର ପ୍ରଦାୟିନୀ ଅନ୍ନ ଦାୟିନୀ। ସର୍ବ ଜୀବ ପୋଷଣ କାରିଣୀ ମାଆ ପୃଥିମାତା ଭୂଦେବୀ ଏହି ଦୁଇ ମା ପରସ୍ପର ସମଝୋତାରେ ଓ ଇନ୍ଦ୍ରଙ୍କ ସମୟ ଅନୁଯାୟୀ ବର୍ଷଣ କାଳରେ ମନୁଷ୍ୟ ମାନଙ୍କର ଆହାର ମିଳୁଛି। କାଳଙ୍କର ହାତ ନାହିଁ କାଳ ମାନେ କାହାରି ହାତଦ୍ୱାରା କାର୍ଯ୍ୟ ସାଧନ କରନ୍ତି। ଭୂଦେବୀଙ୍କ କାର୍ଯ୍ୟ ଭୂମି ପୁତ୍ରଙ୍କ ଦ୍ୱାରା ସାଧିତ ହୁଏ ଭୂମିପୁତ୍ରରେ ଏକ ହେଉଛନ୍ତି କୃଷକମାନେ ଆଉ ତାଙ୍କ ଠାକୁର ହଳାୟୁଧ ପ୍ରଭୁ ବଳରାମ। ରଥଯାତ୍ରାର ଆଗୁଆ ଯାତ୍ରୀ ବଳରାମ। ସେପରି କୃଷକ ଆଗୁଆ ଅନ୍ନ ଚିନ୍ତକ, ସେମାନେ କୃଷିର ଅବହେଳା କଲେ ଆଗକୁ ଲୋକେ ଖାଇବେ କ'ଣ? ଅନ୍ନ ବହୁନେ ହଂସ ହାନି। ଯୋଗ ସାଧିବୁ କାହାଘେନି। ମାଳିକାରେ ଅଛି, ଆଗେ ମରିବେ ସୂତ୍ରଧାରୀ, ମଧେ ମରିବେ ବଣିକାରୀ, ଶେଷେ ମରିବେ କୃଷିକାରୀ। କୃଷକମାନେ ନଖାଇ ଆଗ ବିହନ ସଂଚୟ କରି ରଖନ୍ତି। ଚାଷୀ ହୁଡ଼ିଲେ ବର୍ଷେ, ନଦୀବଢ଼ି, ମରୁଡ଼ି ଯାହା ହେଲେ ସବୁ ବର୍ଷ ହେଉନାହିଁ ବିହନ ବଞ୍ଚିଲେ କି ଥିଲେ ଆଗାମୀକୁ ଚାଷ ଉଠିପାରିବ ଏ ଭରସା କୃଷକଙ୍କ ରହି ଆସିଛି। ଏହି ଚାରିମାସ ଶଙ୍ହେ କୋଡିଏ ଦିନ ଚାଷୀ ଚାଷ ଶ୍ରମିକ ଭୂଦେବୀ ଶ୍ରୀଦେବୀଙ୍କ ସେବାରେ ପାଣି, କାଦୁଅ, ଖରା, ବର୍ଷାରେ ଏକ ଲୟରେ ମାଙ୍କୁ ସବୁଜାମ୍ବରୀ ପିତାମ୍ବରୀ ଶସ୍ୟେ ଶ୍ୟାମଳା କରିବା ସାଧନାରେ ଲିପ୍ତ ରହନ୍ତି। ଧାନ ଉଠିଲେ ସବୁ ଲୀଳା ନହେଲେ ସବୁ ବିଫଳ। ଏ ପାଇଁ ଠାକୁରେ ଶୟନ କଲେ ଏ ଲୀଳା ଚାରିମାସ, ଚାଷ ଛାଡ଼ି କେଉଁ କୃଷକ କେବେ ତୀର୍ଥ କରି କେବେ ଯାଆନ୍ତି ନାହିଁ। ଆଗତ୍ୟା ଗୃହରେ ମରିଯାଇ ଥିବା ବ୍ୟକ୍ତିଙ୍କ ଅସ୍ଥି ବିସର୍ଜନ, ଗୟାଶ୍ରାଦ୍ଧ ପାଇଁ ପୁଣି ଅପରପକ୍ଷ ଶ୍ରାଦ୍ଧ ପୟା ଶ୍ରାଦ୍ଧ ଏହି ଦକ୍ଷିଣାୟାନ ପିତୃପକ୍ଷର ସମୟରେ କରାଯାଏ ଯହିଁରେ ସବୁ କୃଷିକାରୀ ଜଡ଼ିତ ନୁହଁନ୍ତି। ପ୍ରତି ଜୀବ ଶୟନ କରନ୍ତି। ମନୁଷ୍ୟ ତାର ଚିନ୍ତନର ଶ୍ରେଷ୍ଠ ଅତି ସୁନ୍ଦର ଶଯ୍ୟା ସ୍ୱ ଅର୍ଜନ ଅର୍ଥବଳରେ ଶଯ୍ୟା ଗୃହଖଟ ପଲଙ୍କ ଶଯ୍ୟା ଦ୍ରବ୍ୟ ବ୍ୟବହାର କଲାବେଳେ ସ୍ୱଇଷ୍ଟଙ୍କ ନିମିତ୍ତ ଆହୁରି ମୂଲ୍ୟବାନ ଯୋଗାଡ଼ କରି ଦେବ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି। ଏ ସମୟରେ ଝଡ଼ ତୋଫାନ ସମୟ ପ୍ରଭୁ ବରୁଣ ରାଜଙ୍କ ଜାମାତା ସେ ତାଙ୍କ ଶ୍ୱଶୁର ଘରେ ତତ୍କାଳ ଶୟନ କରନ୍ତି ହେଲେ ଯୋଗନିଦ୍ରାରେ ଥାଆନ୍ତି। ସାଗରରୁ ହିଁ ଝଡ଼ର ସୃଷ୍ଟି ଏହା ପ୍ରଭୁଙ୍କ ଅଗୋଚରରେ କେବେ ସାଗର ଦିଗରୁ ଆସି ନପାରେ। ମନୁଷ୍ୟ ଏବେ ଅନେକ ଅସୁର ଚରିତ୍ର ଧାରୀ, ନିଜକୁ ସର୍ବେସର୍ବା ଚିନ୍ତନକାରୀ। ସବୁ ବିଜ୍ଞାନ ଭାବନା ଘଟଣା କିନ୍ତୁ ପ୍ରାକୃତିକ ତାଣ୍ଡବ ଏପରି ହୋଇପାରେ ଏପାଇଁ ଦେବ ଶୟନ କାଳରେ ଅନେକ ଉପାସନା ପୁଣି ଯୋଡ଼ା ଯାଇଛି। ଅକାଳ ବୋଧନ, ବଳଭଦ୍ର ଜନ୍ମ, ଭାଗବତ ଜନ୍ମ, ହରିଜନ୍ମ ଗଣେଶ ଜନ୍ମ, ବାମନ ଜନ୍ମ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, କାଳୀ ପୂଜା, ତୁଳସୀ ବିବାହ, ଗୋବର୍ଦ୍ଧନ ପୂଜା, ବଡ଼ ଓଷା ପାଳିତ ହେଲେ ବି ପ୍ରକୃତିକୁ ଶାନ୍ତ ପାଇଁ ଏ ସବୁ ପୂଜା ପାର୍ବଣ ଯୋଡ଼ାଯାଇଛି। ଆଦିବାସୀମାନେ ଜଙ୍ଗଲକୁ ମା, ପୃଥିବୀକୁ ଧରଣୀ ପେନୁ ପାର୍ବତକୁ ଦେବତା ରୂପେ ବିଶେଷ ମାନ୍ୟତା ଦେଉଥିଲାବେଳେ ଆଧୁନିକ ବିଜ୍ଞାନ ଶାସ୍ତ୍ର ପଢ଼ା ଲୋକେ ଜଙ୍ଗଲ ନଷ୍ଟ, ପାହାଡ଼କୁ ଡିନାମାଇଟରେ ଫଟାଇ ବୃକ୍ଷ ମାନଙ୍କୁ ବିଲୋପ କରି କଳ କାରଖାନା ରାସ୍ତା ଆଲିଶାନ ବଙ୍ଗଳା କରିବା ଦ୍ୱାରା ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ବର୍ଷ ଭୋଗ ହେଉଛି ସେତିକି ବେଳକୁ ତ୍ରାହି ଚିତ୍କାର ଶୁଣାଯାଉଛି। ଏହା ବହୁବର୍ଷ ପୂର୍ବରୁ ଅନୁମାନ କରାଯାଇ ଦିଅଁ ଶୟନ କ୍ଷୀର ସାଗରରେ କଳ୍ପନା ଏହି ସମୟରେ ଧାର୍ଯ୍ୟ କରାଯାଇଛି। ନିଜକୁ ପୁରୁଷୋତ୍ତମ ବୋଲାଇ ଧ୍ୱଂସ ଦିଗକୁ ପୃଥିବୀକୁ ଭିଡ଼ିନେବା ପଥ ବାରମ୍ବାର ଫର୍ଚ୍ଚା ଲମ୍ବା ହେବାକୁ ଲାଗିଲାଣି। ପ୍ରଳୟ ଦିଗ ସଂକୁଚିତ ପ୍ରଥାକୁ ଖୋଲି ଲୋକେ ପୁରୁଷୋତ୍ତମ ହେବା ଚିନ୍ତନ ବ୍ୟାପକ। ଏମିତି ଧକା କାଇ ବି କେହ ବି ବୁଝୁନାହାନ୍ତି। ପୁରୁଷୋତ୍ତମର ନୂଆ ବ୍ୟାଖ୍ୟାରେ ପାଠ ନଥାଇ ଡକ୍ଟର, ଡକ୍ଟରେଟ, ପଣ୍ଡିତ, ନେତା ଏପରି ଅନେକ। ଦାଶିଆ ବାଉରୀ, ବନ୍ଧୁ ମହାନ୍ତିଙ୍କ ପରି ଭକ୍ତ ମିଳିବା ଦୁଷ୍କର। ଯେଉଁମାନେ କି କେବେ ନିଜକୁ ଭକ୍ତ ଡିଣ୍ଡିମ ପିଟିନଥିଲେ ହେଲେ ଅନେକ ଏବେ ଠାକୁର, ଗୁରୁଙ୍କ ଭକ୍ତ କହି ଚାଲିଛନ୍ତି। ଭକ୍ତର ଲକ୍ଷଣ କଣ କାହାକୁ ବି ଜଣାନାହିଁ। ଗୁରୁ ଗିରିରେ ଅନେକ ଭେକ ଧାରୀ କିନ୍ତୁ ଶିଷ୍ୟ ଶିଷ୍ୟାଙ୍କର ଦୁଃଖ ସେମାନେ ହରଣ ଜାଣନ୍ତି ନାହିଁ। ଭକ୍ତମାନେ କଳ୍ପନା ଚକ୍ଷୁରେ ଦେବତାଙ୍କ ବା ଉପାସ୍ୟଙ୍କ ଲୀଳା ବୁଝନ୍ତି ଉପଯୁକ୍ତ ଗୁରୁ ଦୀକ୍ଷା ଦେଇ ସେ ଲୀଳାକୁ ଭଲ ଭାବରେ ବୁଝାଇ ପାରନ୍ତି, ବ୍ରତୀ କରାଇପାରନ୍ତି। ନାଭୀ ଶକ୍ତି, ବ୍ରହ୍ମ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଭଗବାନ ବିଷ୍ଣୁ ଶୟନ କରିବା ବେଳେ ତାଙ୍କ ନାଭୀରୁ ଉର୍ଦ୍ଧଗାମୀ ପଦ୍ମରେ ବ୍ରହ୍ମା ରହି ସୃଷ୍ଟି କରନ୍ତି। ପ୍ରତ୍ୟେକ ପାଇଁ ଏକ ବିଶେଷ ଶାସ୍ତ୍ର ବାର୍ତ୍ତା ଶୟନେ ପଦ୍ମନାଭଂ ଶୟନ କାଳରେ ଭଗବାନଙ୍କ ଏହି ଲୀଳା ସ୍ମରଣ କରିବାକୁ ହେବ। ନାଭୀ ତଥ୍ୟ ଅଣୁ ପରମାଣୁ ବିଦ୍ୟା ସହ ଜଡ଼ିତ ବ୍ରହ୍ମା ପଦ୍ମଯୋନୀ। ଯୋନ ସୃଷ୍ଟିର ଆଧାର ପଦ୍ମକର ପାଖୁଡ଼ା ପରି ନାଭୀ କେନ୍ଦ୍ରକୁ ଇଲେକ୍ଟ୍ରନମାନେ ଅହରହ ଘୁରୁଛନ୍ତି। ସୃଷ୍ଟି ସମ୍ଭବ ଜଡ଼ ଚେତନ ସହମେଳରେ ଯାହା ପ୍ରଜାପତି ବ୍ରହ୍ମାଙ୍କ କାମ। ସବୁ ଚେତନ ଜଡ଼ରେ ଅଣୁ ବିଦ୍ୟମାନ। ଅଣୁରେ ନାଭୀ ଆଉ ଏପରି ଇଲେକ୍ଟ୍ରନର ପାଖୁଡ଼ା ଦୃଶ୍ୟ କିନ୍ତୁ ମନୁଷ୍ୟ ଖାଲିଚକ୍ଷୁରେ ଦେଖି ନପାରେ। ଜୀବାଣୁ ଦେଖିବା ପାଇଁ ବିଜ୍ଞାନୀ ଆଣୁବିକ୍ଷୀଣ ଯନ୍ତ୍ର ବାହାର କରିଛନ୍ତି। ସୂକ୍ଷ୍ମ ଦର୍ଶନ ପାଇଁ କେବଳ ପରୀକ୍ଷାଗାରରେ ଅତି ମୂଲ୍ୟବାନ ଯନ୍ତ୍ର ରହିଛି। ସୃଷ୍ଟି ରହସ୍ୟ ଭେଦ କରିବା ପାଇଁ ସମସ୍ତେ ଉତ୍ସୁକ। ହେଲେ ଏହା ଅତିମାନସ ଜ୍ଞାନର ପରିସର ବିଦ୍ୟା। ଏହା ଗଣିତରେ ସ୍ଥିର କରିବା ସହଜ ନୁହେଁ। ଦର୍ଶନଶାସ୍ତ୍ରବିତ ଏହାର ବିବରଣୀ ବୁଝାଇ ପାରନ୍ତି। ଦେବ ଶୟନରେ ଏହି ସବୁର ଲୀଳା ଲୁଚି ରହିଛି। କାଳ ଆଉ କାଳୀ, ଶବ ଆଉ ଶିବ ଏହି ଶୟନ କାଳରେ ଉପାସନା ଓ ରଓ କଳ୍ପନା ବିଷୟ। ତାମସିକ ଆସୁରୀ ଶକ୍ତିର ପ୍ରାବଲ୍ୟ ଧ୍ୱଂସକାରୀ ସାତ୍ତ୍ୱିକ ଦେବ କୁମାରୀଙ୍କ ରାଜସିକ ରୂପରେ ଉପାସନା ଏହି ସମୟରେ ରହୁଛି। ତାମସିକ ଶକ୍ତି ପ୍ରାବଲ୍ୟ ଅତିରିକ୍ତ ସଦା ଅସହ୍ୟ। ଏହା ନାରୀଶକ୍ତିର ଜାଗରଣରେ ହୋଇ ପରେ ପୁଣି ଯୁବତୀ ଅବିବାହିତ କନ୍ୟାଙ୍କ ଦ୍ୱାରା ପୁଣି କନ୍ୟା ସଂଗଠନ ଶକ୍ତି ଦ୍ୱାରା ହୋଇପାରେ। ଏହି ଦେବଶୟନ କାଳରେ ଆଦର୍ଶ ରୂପେ ରଖାଯାଇଛି। ଦେବ ଶୟନରେ ବିଷ୍ଣୁ ଗରୁଡ଼ କାମଦେବ ଶିବଙ୍କ ପରି ଶକ୍ତିମାନେ ଶୟନ କାଳରେ ଦେବୀମା ଶୟନ ନକରି ବହୁ ବିଳମ୍ବରେ ଶୟନ କରି ଅକାଳବୋଧନରେ ଆଶ୍ୱିନ ଶୁକ୍ଳ ଷଷ୍ଠୀରେ ଜାଗରଣ କରାଯାଏ। ସବୁ ପରିବାରରେ ମାଆମାନେ ବିଳମ୍ବରେ ଶୟନ କରନ୍ତି ଅନ୍ୟମାନେ ଜଗିବା ପୂର୍ବରୁ ନିଜେ ଶଯ୍ୟା ତ୍ୟାଗ କରି ଦ୍ୱାରଫିଟା ଅଗଣା ମାର୍ଜନା ଆଦି କାମ କରିବା ଦେଖାଯାଉଛି। ଏ ମାତୃକଳା ହୁଏତ ସେହି ବିଶ୍ୱ ଜନନୀଙ୍କ ଗତାନୁଗତିକ ବା ପାରମ୍ପାରିକ କଳା। ପାର୍ଶ୍ୱ ପରିବର୍ତ୍ତନ, ସବୁ ଶୟନରତ ବ୍ୟକ୍ତିଙ୍କ ହୁଏ। ଦେବ ଶୟନରେ ଏପରି ବି ଅଛି। ବର୍ଷା ଆରମ୍ଭ କାଳରେ ନଦୀଜଳ ଗୋଳିଆ ହୋଇ ପ୍ରବାହିତ ହେଉଥାଏ। ଏହି ପାର୍ଶ୍ୱ ପରିବର୍ତ୍ତନ ଠାରୁ ଜଳର ମାଟିଆ ଅଂଶ ତଳକୁ ବସିବା ଆରମ୍ଭ କରେ ଓ ବର୍ଷାଜଳ ସର୍ବତ୍ର ଆସ୍ତେ ଆସ୍ତେ ମାଟିର ନିମ୍ନକୁ ବିଶୋଷିତ ହୋଇଚାଲେ। ଏହି ଚାରିମାସରେ ଗୃହ ନିର୍ମାଣ, ପୁଷ୍କରିଣୀ, କୂପ ଖନନ ସମ୍ପୂର୍ଣ୍ଣ ମନା। ଏପରିକି ପୂର୍ଣ୍ଣ ନଦୀ ଲଙ୍ଘି ସନ୍ୟାସୀ ସାଧୁ ଗର୍ଭବତୀ ନାରୀ ପାରି ହେବା ମନା। ବର୍ତ୍ତମାନ ପରି ପୋଲ ପୂର୍ବ ସମୟରେ ନଥିଲା ପୁରନ୍ତା ନଦୀ ପାର ପାଇଁ ଡଙ୍ଗା ଥିଲା ଏକ ମାତ୍ର ଭରସା। ସେଇ ସମୟ ପାଇଁ ଯେତେ ବ୍ୟବସ୍ଥା ଥିଲା ତାହା ଏଇ ପୋଲ ସେତୁ ଯୁଗରେ ଅଣଦେଖା। କୌଣସି ଆକ୍ରମଣକାରୀ ଲୁଣ୍ଠନ ପାଇଁ ଘୋଡ଼ା ଆସିବା ନଦୀରେ ଜଳ ପୂର୍ଣ୍ଣ ଯୋଗୁଁ କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ନଦୀ ଯୋଡ଼ର କର୍ଦ୍ଦମାକ୍ତ ଯୋଗୁ ବାଧକ ଥିଲା। ସବୁଚାଷୀ ବନ୍ଦୀ ସ୍ଥଧାନ ନଦୀ ପାର ବା ଯୋଡ଼ ପାର ଏକ ଚଲାପଥ ଦେଇଥିଲା। ଚାରିପଟେ ଜଳ ଦ୍ୱାରା ଛେଦ ଶସ୍ୟ କ୍ଷେତ୍ରର ମଧ୍ୟରେ ଜନପଦ ଗ୍ରାମ ଥିଲା। ଏହା ଏକ ଜଳର ଖାଇ ଓ କର୍ଦ୍ଦମାକ୍ତ ବେଷ୍ଟନୀ ଚାଷ ଭୂମି ପାରି ଜନପଦ ଏକ ନର ଦୁର୍ଗ ରହିବା ପରି ବୋଧ ହେଉଥିଲା। ଏସବୁ ସୁଚିନ୍ତିତ ବୁଦ୍ଧିରେ ଜ୍ଞାନୀମାନେ ଜନପଦ ବାନ୍ଧିଥିଲେ। ବ୍ୟବହାରିକ ଶାସ୍ତ୍ର ସେହି ଧାରାରେ କରାଯାଇଥିଲା। ସ୍ୱାଧୀନତା ପରେ ଲୋକେ ଅନେକ ଅଭୟ ପ୍ରାପ୍ତ ହୋଇ ସୁନ୍ଦର ଯୋଗାଯୋଗ ରାସ୍ତା ଓ ରାଜ ଚଳିତ ଥାନା ପୋଲିସ ବ୍ୟବସ୍ଥା କରିବା ଦ୍ୱାରା ଲୋକଙ୍କ ଭିନ୍ନ ଜୀବନ ଧାରା ହୋଇଛି। ପ୍ରାକ କାଳରେ ଲୋକ ଚଳଣୀ ଆଉ ସମସ୍ତେ ମାନିବାକୁ ବାଧ୍ୟ ହେଉନାହାନ୍ତି। ଦେବ ଶୟନୀ କାଳରେ ପୂର୍ବ ଧାର୍ଯ୍ୟ କର୍ମ ଧାରା ସମ୍ପୂର୍ଣ୍ଣ ପରିବର୍ତ୍ତନ ଅନେକ ବ୍ୟବହାରିକ ବ୍ୟବସ୍ଥାରେ କରାଗଲାଣି। ଅନେକ ତାନ୍ତ୍ରିକ ରାତ୍ରୀ ଅଛି ମୋହରାତ୍ରୀ ହରି ଜନ୍ମ ବା ଶ୍ରୀକୃଷ୍ଣ ଜନ୍ମ ସହ ମହାମାୟା ବିଜୁଳି କନ୍ୟାଙ୍କ ଜନ୍ମର ରାତ୍ରୀ। ମହାରାତ୍ରୀ ଯାହା ଦୁର୍ଗା ପୂଜାର ମହାଷ୍ଟମୀ ରାତ୍ରୀ। କାଳରାତ୍ରୀ, କାଳୀପୂଜା ଦିନର ରାତ୍ରୀ। ଏସବୁ ଦେବଶୟନୀ କାଳରେ ଆସିଥାଏ। କୁମାର ପୂର୍ଣ୍ଣିମା ରାତ୍ରୀ ସନ୍ଧ୍ୟାରେ କୁମାରୀ ମାନଙ୍କ ଚାନ୍ଦ ପୂଜା, ଦିୱାଲୀ ଦିନ ରାତ୍ରୀ ପାଳନ ବଳୀ ରାଜୋତ୍ସବ ଯୁଆଖେଳ ସବୁ ହିଁ ବଡ଼ ବଡୁଆ ଡାକ ଏହି ସମୟରେ ଭୋଗ ହେଉଛି। ଏଥିରେ ଥିବା ଯୁକ୍ତିଯୁକ୍ତ ପାଳନର ନିୟମ ମାନିବା ଦେଖାଯାଉନାହିଁ। ଚୋରଙ୍କ ସିନ୍ଧି କାଠି ପୂଜା ଏହି କାଳୀ ପୂଜାଦିନ ଯୋଗୁ ଏଦିନ ଚୋରଙ୍କ ପ୍ରଥମ ଚୋରୀ ଅନୁକୂଳ ରାତ୍ରୀ, ଏ ପାଇଁ ଏ ଦିନ ଚେତୁଆଲ ଗୃହସ୍ଥମାନେ ରହନ୍ତି। ଦେବୀ ମା ମାନଙ୍କ ଆରାଧନା ଏହି ସମୟ ମଧ୍ୟରେ ପଡ଼େ ଦୁର୍ଗା ଗଜଲକ୍ଷ୍ମୀ, ଶ୍ୟାମାକାଳୀ, ମହାକାଳୀ, ଗନ୍ଧେଶ୍ୱରୀ ଆଦିଙ୍କ ପୂଜା ଏହି ସମୟରେ ପାଳନ କରାଯାଉଛି। ମନୁଷ୍ୟ ଠି ହୋଇ ଚଳପ୍ରଚଳ ହେଲେ ମନୁଷ୍ୟ ଶରୀରରେ ଥିବା ରକ୍ତ ସଂଚାଳନ ପ୍ରକ୍ରିୟାର ଗନ୍ତାଘର ହୃଦଯନ୍ତ୍ରରୁ ରକ୍ତ ଗୋଡ଼ ହାତ ପଟକୁ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ଅନୁକୂଳରେ ରକ୍ତ ଧମନୀ ରେନିମ୍ନ ଗାମୀ ପ୍ରବାହିତ ହୁଏ ମାତ୍ର ହୃଦଯନ୍ତ୍ର ସ୍ୱ ବଳରେ ପମ୍ପରେ ଉପରକୁ ନିଜ ଅଙ୍ଗକୁ ଭିଡ଼େ, ପକ୍ଷାନ୍ତରରେ ମୁଣ୍ଡକୁ ଏହାର ଓଲଟ କ୍ରିୟା ହୁଏ, ଯାହା ମୁଣ୍ଡରୁ ରକ୍ତ ନିମ୍ନଗାମୀରେ ହୃଦଯନ୍ତ୍ରକୁ ମାଧ୍ୟାକର୍ଷଣ ସହାୟକକୁ ମୁଣ୍ଡକୁ ରକ୍ତ ହୃଦଯନ୍ତ୍ର ଉଠାଇବା ବେଳେ ମାଧ୍ୟାକର୍ଷଣ ଶକ୍ତି ବାଧା ପକାଏ। ଶୟନ କାଳରେ ପୃଥିବୀ ସହ ଶରୀର ସମାନ୍ତରାଳରେ ରହିବା ଯୋଗୁଁ ହୃଦଯନ୍ତ୍ରକୁ ସାଧାରଣ କାର୍ଯ୍ୟକର କରାଏ। ଶୟନ ଦ୍ୱାରା ଶରୀରକୁ ପରଦିନ ଏ ପାଇଁ ଫୁର୍ତ୍ତି ଲାଗେ। ଏପରି ବହୁ ସଂକେତ ଦେବ ଶୟନ ଓ ମାନବୀୟ ଶୟନରେ ଜଡ଼ିତ ଅଛି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ବନ୍ୟାଞ୍ଚଳରେ ଶିଶୁରୋଗ



**ପ୍ରଫେସର ଡାକ୍ତର ଜ୍ୟୋତି ରଞ୍ଜନ ଚମ୍ପତିରାୟ**

'ଜଳ ବହୁଳେ ସୃଷ୍ଟି ନାଶ' ଏହି ଉକ୍ତିଟି ସଚରାଚର ବିଦିତ, ଯେପରି ବଗିଚାର ଛୋଟ ଚାରା ଗଛଟିଏ ଅଧିକ ଗ୍ରୀଷ୍ମରେ ଝାଉଁଳି ପଡ଼େ ଓ ଅଧିକ ବର୍ଷାରେ ଗଛର ମୂଳଟି ପଚିଯାଏ ଓ ନଷ୍ଟ ହୋଇଯାଏ । ସେହିପରି ଶିଶୁମାନେ ବନ୍ୟା ସମୟରେ ଅଧିକ ରୋଗାକ୍ରାନ୍ତ ହୋଇଥାନ୍ତି, ଜଳର ବହୁଳତା ନଦୀପୁଷ୍କରିଣି ନର୍ଦ୍ଦମାଜଳ ସମସ୍ତଙ୍କୁ ଏକାକାର କରି ଦେଇଥାଏ । ଦୂଷିତ ଜଳ ପାନ ଓ ବ୍ୟବହାର, ପରିଷ୍କାର ପରିଚ୍ଛନ୍ନତାର ଅଭାବ, ମଶା, ମାଛି, ଅନ୍ୟାନ୍ୟ କୀଟ, ଜୋକ, ସାପ, କୁମ୍ଭୀର, ବିଛା ଓ କଲେରା, ଟାଇଫଏଡ଼, ଆମାଶୟର ଜୀବାଣୁ, ଡେଙ୍ଗୁ, ଇନ୍‌ଫ୍ଲୁଏଞ୍ଜା, ଚିକେନ୍ ଗୁନିଆର ଭୂତାଣୁ । ଜିଆ, ଜିଆଡ଼ିଆ, ଫିତା କୃମି, ପରି ପାରାସାଇଟ୍ । ପଚା ଜୀବଜନ୍ତୁଙ୍କ ଶବ, ପଚାଗଛପତ୍ର, ପଚା ଶସ୍ୟ ଖାଦ୍ୟ ପଦାର୍ଥ ଶିଶୁମାନଙ୍କର ହସଭରା ଦୁନିଆକୁ ଏକ ରୁଗ୍ଣ, ଦୁଃଖଭରା, ଅସହାୟ ଅବସ୍ଥାକୁ ପରିବର୍ତ୍ତିତ କରି ଦେଇଥାଏ । ଗୃହର ଚତୁପାର୍ଶ୍ୱରେ ଜଳ ଜମିରହିବା ହେତୁ ଜଳରେ ବୁଡ଼ିଯିବା ଇତ୍ୟାଦି ଦୁର୍ଘଟଣା ଭୟ ରହିଥାଏ । ରାସ୍ତାଘାଟରେ କାଦୁଅ ଓ ଗଛ ଇତ୍ୟାଦି ପଡ଼ିରହିବା ହେତୁ ମଧ୍ୟ ଦୁର୍ଘଟଣା ହୋଇଥାଏ ।

ଶିଶୁମାନଙ୍କ ପାଇଁ ବନ୍ୟା ଲରେ ପ୍ରଧାନ ବିପଦ ତରଳ ଝାଡ଼ା କାରଣ ସର୍ବତ୍ର ଜଳ ଥିଲେ ମଧ୍ୟ ବିଶୁଦ୍ଧ ପାନୀୟ ଜଳର କୃପାର ଅଭାବ ପରିଲକ୍ଷିତ ହୁଏ । ତେଣୁ ଶିଶୁମାନଙ୍କ ପାଇଁ ବିଶେଷ ଅଗ୍ରାଧିକାର ଭିତ୍ତିରେ ବିଶୁଦ୍ଧ ପାନୀୟ ଜଳର ପ୍ରୟୋଜନ ରହିଛି, କଲେରା, ଟାଇଫଏଡ଼, ତରଳଝାଡ଼ା, ରକ୍ତ ଆମାଶୟ ହେପାଟାଇଟିସଏ, ଜିଆ, ଜିଆଡ଼ିଆ ଲେପ୍ଟୋସ୍ପାଇରୋସିସ୍ ରୋଗ ଶିଶୁମାନଙ୍କ କ୍ଷେତ୍ର ଦୂଷିତ ଜଳ ହେତୁ ଦେଖାଯାଇଥାଏ ।

ବିଭିନ୍ନ ସ୍ଥାନରେ ଜଳ ଜମି ରହିବା ହେତୁ ସେଠାରେ ମଶାର ବଂଶ ବୃଦ୍ଧି ହୋଇଥାଏ ଯାହାକି ଡେଙ୍ଗୁ, ମାଲେରିଆ, ଚିକେନ୍ ଗୁନିଆ ପ୍ରାୟ ବନ୍ୟାର ଛରୁ ଆଠ ସପ୍ତାହ ପରେ ମାଲେରିଆର ପ୍ରାଦୁର୍ଭାବ ଦେଖାଯାଇଥାଏ । ଏହା ବ୍ୟତୀତ ଟନସିଲାଇଟିସ୍, ଚକ୍ଷୁ ପ୍ରଦାହ, ଦେହରେ ଘା ହେବା, କର୍ଣ୍ଣ ପ୍ରଦାହ ଇତ୍ୟାଦି ବନ୍ୟା ସମୟର ଶିଶୁରୋଗ ମାନ ଦେଖାଦିଏ । ଲେପ୍ଟୋସ୍ପାଇରାସିସ୍, ଏକ କ୍ଷୁଦ୍ର ନନପାଇଲେକିଟ କ୍ଷୁଦ୍ର ଜୀବାଣୁ ଯାହାକି ମୂଷା, କୁକୁର, ପରିସ୍ରା ଦ୍ୱାରା ନିର୍ଗତ ହୋଇଯାଏ । ଏଗୁଡ଼ିକ ଦେହର ଘା କିମ୍ବା କ୍ଷତ ଦ୍ୱାରା ଶରୀର ମଧ୍ୟକୁ ପ୍ରବେଶ କରିଥାଏ । ଶିଶୁମାନଙ୍କ ଦେହକୁ ପୋଷା ଜୀବ ହେତୁ ହୋଇଥାଏ । ଆମ ରାଜ୍ୟ ଓଡ଼ିଶାରେ ମହାବାତ୍ୟା ସମୟରେ ୨୯ ଅକ୍ଟୋବର ୧୯୯୯ ରେ ଲେପ୍ଟୋସ୍ପାଇରୋସିସ୍ ଦେଖା ଦେଇଥିଲା । ଏହି ରୋଗ ପ୍ରବଳ ବର୍ଷା, ବନ୍ୟା ହେତୁ ହୋଇଥାଏ । ଏହା ଏକ କ୍ଷୁଦ୍ର କୀଟାଣୁ (ସ୍ପାଇରୋକିଟ୍ ଦ୍ୱାରା ହୋଇଥାଏ) ଜ୍ୱର, ଜଣ୍ଡିସ, ରକ୍ତସ୍ରାବ ଲିଭର ଓ କିଡ଼୍‌ନି ଏହି ରୋଗରେ ଆକ୍ରାନ୍ତ ହୋଇଥାଏ । ଏହାକୁ ୱେଲସ୍ ଡିଜିଜ୍ ମଧ୍ୟ କୁହାଯାଏ ।

ବିଦ୍ୟୁତ ଆଲୋକର ଅଭାବ ଓ ଜାଳେଣିର ଅଭାବ ଖାଦ୍ୟ ପାନୀୟ ଉଷ୍ଣତା ସମସ୍ତର ଅସୁବିଧା କରାଇଥାଏ । ସମୟ ସମୟରେ ଶିଶୁକୁ ଥଣ୍ଡା ହେତୁ ସନ୍ନିପାତ ହୋଇଥାଏ । ପ୍ରତିଷେଧକ ବ୍ୟବସ୍ଥା : ଜଳକୁ କ୍ଲୋରିନେସନ ପଦ୍ଧତିରେ ବିଶୁଦ୍ଧ କରାଯାଇ ପାରେ କୂପ ଓ ଟ୍ୟୁବ୍‌ୱେଲର ଜଳକୁ ବ୍ଲିଚିଂ ପାଉଡ଼ର ଦ୍ୱାରା ଓ କମ୍ ପାଣିକୁ ହେଲେଜେନ୍ ବଟିକା ଦ୍ୱାରା ବିଶୁଦ୍ଧ କରାଯାଇଥାଏ । ଏହି ପଦ୍ଧତିରେ ୯୯.୯୯% ଜୀବାଣୁ ଓ ଭୂତାଣୁ ଦୂର ହୋଇଥାନ୍ତି । ଟୀକା ଦ୍ୱାରା ମଧ୍ୟ କିଛି ରୋଗକୁ ପ୍ରତିରୋଧ କରି ହେବ ଏଗୁଡ଼ିକ ହେଲା ହେପାଟାଇଟିସ୍ ଏ ଟୀକା କଲେରା ଟୀକା (ଓରାଲ କଲେରା ଟୀକା) ମିଳୁଅଛି । ଇନ୍‌ଫ୍ଲୁଏଞ୍ଜା ଟୀକା ଦିଆଯାଇପାରେ । ମଶାରୀ ବ୍ୟବହାର ବିଶେଷକରି ଔଷଧ ବୁଡ଼ା ମଶାରୀ ଅତ୍ୟନ୍ତ ଉପକାରୀ । ସ୍ୱାସ୍ଥ୍ୟ ସଚେତନତା ସମସ୍ତଙ୍କୁ ଦେବା ଫଳରେ ଲୋକେ ସତର୍କ ହୋଇ ଥାନ୍ତି ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତି । ଏଣେତେଣେ ପଡ଼ିରହିଥିବା ପଶୁ ଓ ଶବକୁ ପୋତି ଦେବା କିମ୍ବା ପୋଡ଼ି ଦେବା ଭଲ । ଶିଶୁମାନଙ୍କୁ ପୋଷା କୁକୁର ଓ ବିଲେଇକୁ କୋଳରେ ଧରିବା କିମ୍ବା ଗେହ୍ଲା କରିବା ବାରଣ କରିବା ଉଚିତ । ଆମର ସାମାନ୍ୟତମ ପ୍ରଚେଷ୍ଟା ଦ୍ୱାରା ଅନେକ ଶିଶୁରୋଗକୁ ପ୍ରତିରୋଧ କରିପାରିବା । ଏତଦ୍‌ବ୍ୟତୀତ ସରକାରଙ୍କ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଚିକିତ୍ସକଦଳ ଏହି ବନ୍ୟାପ୍ରପୀଡ଼ିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସହାୟତା ମଧ୍ୟ ଦେଉଛନ୍ତି । କୌଣସି ପରିସ୍ଥିତିରେ ପିଲାଟିର ଦେହକୁ ଅଣଦେଖା କରନ୍ତୁ ନାହିଁ କିମ୍ବା ତୁଟୁକା ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ । କାରଣ ଏହାଦ୍ୱାରା ପିଲାଟିର ସ୍ୱାସ୍ଥ୍ୟଅବସ୍ଥା ଅଧିକ ଖରାପ ହୋଇପାରେ । ପିଲାଟିର ଚିକିତ୍ସା କ୍ଷେତ୍ରରେ ଡାକ୍ତରଖାନାର ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ହିଁ ସବୁଠୁ ଜରୁରୀ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪, E-mail : drjyotiranjanchampatray123@gmail.com



# ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତା ପାଲଟିଛି ମରଣଯନ୍ତା

## ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ




**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତା ସର୍ବସାଧାରଣଙ୍କ ପାଇଁ ମରଣଯନ୍ତା ପାଲଟିଛି। ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ରାସ୍ତାର ଦୂରବସ୍ଥା ସୁଧୁରିପାରୁନଥିବାରୁ ବାରମ୍ବାର ଅଭିଯୋଗ ଓ ଗଣଧାରଣା ପରେ ସିପିଆଇଏମ୍ ଦଳ ତରଫରୁ ଆଜି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ରାସ୍ତାର ଦୂରବସ୍ଥା ନସୁଧୁରିବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ପୂର୍ତ୍ତ ବିଭାଗ ଅଧିନରେ ଥିବା ଉକ୍ତ ରାସ୍ତାଟି ପ୍ରତି ବର୍ଷ ମରାମତି ହୋଇ ଆସୁଥିବା ବେଳେ ଗତ ବିଜେଡି ସରକାର ସମୟରେ ଟେଣ୍ଡର ହୋଇ ନୂତନ ଓସାରିଆ ରାସ୍ତା ନିର୍ମାଣ ପାଇଁ ସୋର ଅଞ୍ଚଳର ଠିକାଦାରଙ୍କୁ ଦାୟୀତ୍ୱ ଅର୍ପଣ କରାଯାଇଥିଲା । ଠିକାଦାର ଜଣଙ୍କ ଉକ୍ତ ରାସ୍ତାର ଶତକଡା ୩୦ଭାଗ କାର୍ଯ୍ୟ କରିସାରିଥିବା ବେଳେ ଜଙ୍ଗଲ ବିଭାଗର ସେଞ୍ଚୁରି ଏରିଆ କହି ଓଡ଼ିଶା ଉଚ୍ଚନ୍ୟାୟାଳୟର ମୋକଦ୍ଦମା ଆଗତ କରିବା ଫଳରେ ମାନ୍ୟବର ଉଚ୍ଚନ୍ୟାୟାଳୟ ସ୍ଥିତାବସ୍ଥା ପ୍ରଦାନ କରିବାରୁ ରାସ୍ତା କାର୍ଯ୍ୟ ଅଧାରୁ ଅଟକି ରହିଛି। ଏଠୀପ୍ରଶ୍ନ ଉଠେ ପୂର୍ତ୍ତ ବିଭାଗ ଓ ଜଙ୍ଗଲ ବିଭାଗ କଳିରୁ ସାଧାରଣ ଜନତା କେବେ ମୁକ୍ତି ପାଇବେ? ଗର୍ଭବତୀ ମହିଳାମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ରୋଗୀଟିଏ ଡାକ୍ତରଖାନାକୁ ଯିବାକୁ ନିରାପଦ ମଣୁନାହିଁ। ବହୁ କ୍ଷେତ୍ରରେ ଗର୍ଭବତୀ ମହିଳା ରାସ୍ତାରେ ପ୍ରସବ କରିବା, ରୋଗୀଟିଏ ଡାକ୍ତରଖାନା ନପହଞ୍ଚି ମୃତ୍ୟୁ ହେବା, ନିକଟରେ ବହୁ ଛୋଟବଡ଼ ଦୁର୍ଘଟଣା ଘଟି କୋମାକୁ ଚାଲିଯିବା ଫଳରେ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବା ନିଶ୍ଚିତ ଭାବେ ଦୁଃଖର ବିଷୟ। ଯଦିଓ ଉଚ୍ଚନ୍ୟାଳୟରେ ମୋକଦ୍ଦମା ବିଚାରାଧୀନ ଅଛି ତଥାପି ପୂର୍ତ୍ତ ବିଭାଗ ରାସ୍ତା ମରାମତି କରିବାରେ ଅସୁବିଧା କେଉଁଠି? ଶହଶହ ବର୍ଷ ଧରି ସେହି ରାସ୍ତାରେ ଯାତାୟାତ କରିଆସୁଥିବା ବେଳେ ଓ ପ୍ରତି ବର୍ଷ ଉକ୍ତ ରାସ୍ତାଟି ମରାମତି ହୋଇ ଆସୁଥିବା ବେଳେ ଗତବର୍ଷ ଠାରୁ ରାସ୍ତା ପ୍ରତି କାହିଁକି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ସାଧାରଣ ଜନତା ସହଜରେ ହଜମ କରିପାରୁ ନାହାନ୍ତି। ଉକ୍ତ ରାସ୍ତାର ଜନମ ମାଟି ଉଠିବାକୁ ଲାଗିଲାଣି। ତଥାପି ନା ରାଜ୍ୟ ସରକାର ନା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ବାଧ ହୋଇ ସିପିଆଇଏମ୍ ଦଳ ପକ୍ଷ ସାଧାରଣ ଜନତାଙ୍କ ଯାତାୟତର ସୁବିଧା ପାଇଁ ଆମରଣ ଅନଶନରେ ବସିଛନ୍ତି। ପୂର୍ତ୍ତ ବିଭାଗ ମରାମତି ପାଇଁ ଯେତିକି ଟଙ୍କା ଖର୍ଚ୍ଚ କଲାଣି ସେତିକି ଟଙ୍କା ଖର୍ଚ୍ଚ କରି ସେତିକି ଓସାରର ରାସ୍ତା କରିଥିଲେ ରାସ୍ତା ସମ୍ପୂର୍ଣ ହୋଇସାରନ୍ତାନି । ପୂର୍ତ୍ତ ବିଭାଗ ମରାମତି ନାରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ଯୋଜନା କରି ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଭାରି ଯାନ ପାଇଁ ରାସ୍ତା ପୂର୍ତ୍ତ ବିଭାଗ ନିର୍ମାଣ କରିନଥିବା ବେଳେ ୧୦ଚକିଆ ୧୬ଚକିଆ ଯାନ ଉକ୍ତ ରାସ୍ତା ଦେଇ ଚାଲୁ ଥିବାରୁ ରାସ୍ତାରେ ଖାଲ ଖମାଣିରେ ଭର୍ତ୍ତି ହୋଇଯାଇଛି। ଯାହା ଫଳରେ ଉକ୍ତ ଅଂଚଳରେ ବସବାସ କରୁଥିବା ଲୋକମାନେ ଯାତାୟତରେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଆଜି ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ଲକ୍ଷ୍ମୀଧର ସାହୁ ଆମରଣ ଅନଶନରେ ବସିଛନ୍ତି। ଏହାକୁ ସମର୍ଥନ ଦେଇଛନ୍ତି ଆଞ୍ଚଳିକ କେମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାସ, ପ୍ରଦୀପ୍ତ ମିଶ୍ର, ଗିରିଧାରୀ ପ୍ରଧାନ, କାଳିଆ ପତ୍ର, ଉମାକାନ୍ତ ଷଡ଼ଙ୍ଗୀ, ସତ୍ୟଜିତ ଦାସ, ଗଜେନ୍ଦ୍ର ସିଂ, ରାଜ୍ୟ କମିଟି ସଦସ୍ୟ ସିତଙ୍ଗସୁ ସେନାପତି ଉପସ୍ଥିତ ରହିଥିବାର ଦେଖିବାକୁ ମିଳିଛି।

## ଜଳସମ୍ପଦ ବିଭାଗର ମନମୁଖୀ କାର୍ଯ୍ୟ

# ୬ଦିନ ଧରି ପାନୀୟ ଜଳଯୋଗାଣ ଠପ୍

**ରଘୁନାଥପୁର (ଅମୃତ ମିଡିଆ) :** ମହାନଦୀ ଦକ୍ଷିଣ ଜଳସମ୍ପଦ ବିଭାଗ ଅନ୍ତର୍ଗତ କିଶନନଗର ଏସଡିଓ ତଥା ସୋମପୁର ଯନ୍ତ୍ରୀଙ୍କ ଅଧୀନରେ ଥିବା ୭ ନଂ ସି କେନାଲର ବିଳମ୍ବିତ ତଥା ମନମୁଖୀ ସଫେଇ କାର୍ଯ୍ୟ ଯୋଗୁଁ ବିଭିନ୍ନ ସ୍ଥାନରେ ପାଇପ ଲାଇନ ଫାଟି ପାନୀୟଜଳର ସମସ୍ୟା ଦେଖାଦେଇଛି।ଠିକାଦାର ରାତିରେ ଜେସିବି ଦ୍ୱାରା କେନାଲ ସଫା କରିବା ସମୟରେ କଣ୍ଟୁଆର ଠାରୁ ରଘୁନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାନୀୟଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପଲାଇନକୁ ଠିକାଦାର ଖୋଳି ନଷ୍ଟ କରିଦେଇଛନ୍ତି।ଫଳରେ ବଜାର ତଥା ସ୍ଥାନୀୟ ଗ୍ରାମକୁ ଯାଇଥିବା ପାନୀୟଜଳ ଗତ ୬ ଦିନ ଧରି ଠପ ହୋଇଯାଇଛି।ସାଧାରଣ ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଥିବାବେଳେ ଠିକାଦାର କିମ୍ବା ଦାୟୀତ୍ୱରେ ଥିବା ସୋମପୁର ଯନ୍ତ୍ରୀଙ୍କ ଏଥିପ୍ରତି ଅନୁସୋଚନା ନାହିଁ।ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା ଏଥିରେ ହସ୍ତକ୍ଷେପ କରିବାରୁ ଜଳଯୋଗାଣ ସ୍ୱାଭାବିକ ହୋଇଛି।ତେବେ ପଞ୍ଚାୟତ ଅଫିସ ନିକଟରେ ସୋଲାରସିଷ୍ଟମକୁ ସଂଯୋଗ କରୁଥିବା ପାଇପକୁ ଜେସିବ ତାଡି ପକାଇଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ।ଅନ୍ୟପକ୍ଷେ ବଜାର ମଧଦେଇ ଯାଇଥିବା କେନାଲର ସଫେଇ କାର୍ଯ୍ୟ ଜୁଲାଇ ୧୫ ମଧରେ ଶେଷ କରିବାକୁ ନିୟମ ରହିଛି।ଠିକାଦାର ନିଜ ମର୍ଜିରେ ଅଗଷ୍ଟ ପ୍ରଥମ ସପ୍ତାହରେ ଏହାକୁ ସଫେଇ କରୁଥିବାରୁ ଚାଷୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।ଚାଷୀଙ୍କ କହିବା ଅନୁଯାୟୀ କେନାଲରେ ବର୍ଷାପାଣି ଜମି ରହିଥିବାବେଳେ ଏହାକୁ ସଫେଇ କରିବା ଦ୍ୱାରା କେନାଲ ଗର୍ଭରେ ଥିବା ଅଳିଆ ଆବର୍ଜନା ଠିକ ଭାବେ ସଫେଇ ହୋଇପାରି ନାହିଁ।ଫଳରେ କେନାଲରେ ଆବଶ୍ୟକ ମୁତାବକ ଜଳ ଚାଷଜମିକୁ ମାଡ଼ିପାରୁ ନାହିଁ।ସମ୍ପୃକ୍ତ ବିଭାଗର ଦାଇତ୍ୱହିନତା ତଥା ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଚାଷୀକୁଳ ସମସ୍ୟା ଭୋଗୁଥିବା ବେଳେ ପାଇପ ଲାଇନ ଜନିତ ହୋଇଥିବା କ୍ଷୟକ୍ଷତିକୁ କିଏ ଭରଣା କରିବ ବୋଲି ପ୍ରଶ୍ନ କରାଯାଇଛି।ଏ ସମ୍ପର୍କରେ କିଶନନଗର ଏସଡିଓ ମାନସ ରଞ୍ଜନ ମହାପାତ୍ରଙ୍କୁ ପଚାରିବା ରେ ସେ ନିଜେ ଜାଇ ଅନୁଧାନ କରିବେ ବୋଲି ପ୍ରକାଶ କରିଛନ୍ତି



### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

**ତେଜୁଛି ...**

ବେଳେ ଏସବୁ ଭିତରେ ବିଧାୟକଙ୍କୁ କ୍ଷମା ମାଗିବା ଦାବିରୁ ଓହରି ଏବେ ବାଚସ୍ପତିଙ୍କ ପାଖରେ କରିଥିବା ଅଭିଯୋଗ ଫେରସ୍ତ କରିବାକୁ ଦାବି ରଖିଛନ୍ତି ଅଧାପକ ସଂଘ। ସମସ୍ୟାର ସମାଧାନ ଦିଗ ପ୍ରତି ଉଭୟ ସଂଯମତା ରକ୍ଷା କରିବାର ଆବଶ୍ୟକତା ରହିଛି। ଶିକ୍ଷା ବ୍ୟବସ୍ଥାରେ ରାଜନୀତି ପଶିବା ଯୋଗୁଁ କ୍ୟାମ୍ପସ ପରିବେଶ ଖରାପ ହେବା ସହ ଛାତ୍ର ରାଜନୀତି ତେଜିବାର ଆଶଙ୍କାକୁ ବି ଏଡାଇ ଦିଆଯାଇ ନପାରେ।

**ଓଡ଼ିଶା ...**

ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, 'ଆମର ଦୃଷ୍ଟିଭଙ୍ଗୀ ହେଉଛି ଆମର କୃଷି ଏବଂ ସାମୁଦ୍ରିକ ସମ୍ପଦର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରି ଓଡ଼ିଶାକୁ ମୂଲ୍ୟବର୍ଦ୍ଧିତ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କେନ୍ଦ୍ରରେ ରୂପାନ୍ତରିତ କରିବା। ଏହି କାର୍ଯ୍ୟକ୍ରମରେ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ, ଏସୋଚାମ୍ ର ପ୍ରତିନିଧି ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦୦ ରୁ ଅଧିକ ଶିଳ୍ପ ନେତା, ଖାଦ୍ୟ ପ୍ରକ୍ରିୟାକରଣ ସଂଘ, ଉଦ୍ୟୋଗୀ, ନିବେଶକ ଏବଂ ବ୍ୟବସାୟୀ ପ୍ରତିନିଧିମାନେ ଯୋଗଦେଇଥିଲେ।

**ବଲାଙ୍ଗୀରରେ...**

ପଡ଼ାର ଲୋକମାନେ ନିଜ ଭିତରେ ପୂର୍ବରୁ ଥିବା ଭେଦ ଭାବ ଭୁଲି ଯାଆନ୍ତି । ପରିବାରମଧ୍ୟରେ ଥିବା ମତଭେଦ ମଧ୍ୟ ଏହି ସମୟରେ ସମାଧାନ ହୋଇଥାଏ । ସମସ୍ତେ ପୁଣି ଏକଜୁଟ ହୋଇ ରହନ୍ତି । ଏହା ନୂଆଖାଇ ପର୍ବର ଏକ ବିଶେଷତା ।

**ଶିକ୍ଷା ...**

ସହଯୋଗକୁ ସୁଦୃଢ଼ କରିବା ନେଇ ଘୋଷଣାନାମାରେ ସହମତ ହୋଇଥିଲା । ଆଗାମୀ ଦ୍ୱିବାର୍ଷିକ ପ୍ରଗତି ରିପୋର୍ଟ ଏବଂ ଦୀର୍ଘସ୍ଥାୟୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସହଯୋଗକୁ ଆଗକୁ ବଢାଇବାରେ ବ୍ରିକ୍ସ ଟିଭିଇଟି ସହଯୋଗ ମେଣ୍ଟର ଭୂମିକାକୁ ସ୍ୱୀକୃତି ଦିଆଯାଇଥିଲା। ଘୋଷଣାନାମାରେ ଆଗ୍ରହୀ ବ୍ରିକ୍ସ ସଦସ୍ୟମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଅଂଶଗ୍ରହଣ ସହ ଏକ ଅନ୍ତର୍ଜାତୀୟ ଦକ୍ଷତା ଶୂନ୍ୟସ୍ଥାନ ଅଧ୍ୟୟନ କରିବା ପାଇଁ ଭାରତର ପ୍ରୟାସକୁ ମଧ୍ୟ ସ୍ୱୀକାର କରାଯାଇଥିଲା। ତୃତୀୟତଃ, ଗବେଷଣା, ନବସୃଜନ ଏବଂ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମକୁ ବଢ଼ାଇବା ନେଇ ସହମତି ହୋଇଥିଲା । ମିଳିତ ଗବେଷଣାକୁ ପ୍ରୋତ୍ସାହିତ କରିବା, ଶିକ୍ଷାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସୁରକ୍ଷିତ, ନୈତିକ ଓ ମାନବ-କୈନ୍ଦ୍ରିକ ବ୍ୟବହାରକୁ ଉତ୍ସାହିତ କରିବା, ନବସୃଜନ ଆଧାରିତ ଉଦ୍ୟୋଗକୁ ସୁଦୃଢ଼ କରିବା ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନ, ଗବେଷକ ଓ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ ମଧ୍ୟରେ ସହଯୋଗକୁ ଆହୁରି ଗଭୀର କରିବା ନେଇ ସହମତି ହୋଇଥିଲା। ଚତୁର୍ଥତଃ, ଆପୋସ ସ୍ୱୀକୃତି ଯୋଗ୍ୟତା (ଏମଆରକ୍ୟୁ)କୁ ଆଗକୁ ବଢ଼ାଇବା ନେଇ ବ୍ରିକ୍ସ ସଦସ୍ୟ ଦେଶମାନେ ସହମତ ହୋଇଥିଲେ । ଅଧିକ ଶୈକ୍ଷିକ ଗତିଶୀଳତା ଏବଂ ସହଯୋଗକୁ ସୁଗମ କରିବା ଉଦ୍ଦେଶ୍ୟରେ ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି ପାଇଁ ଏକ ବୁଝାମଣାପତ୍ର ଉପରେ ଆଲୋଚନାକୁ ଆଗକୁ ବଢାଇବା ଲାଗି କାର୍ଯ୍ୟକାରୀ ଗୋଷ୍ଠୀର ବୈଠକ ଡାକିବାକୁ ସହମତି ହୋଇଥିଲା।ପଞ୍ଚମରେ, ଶୈକ୍ଷିକ ନେତୃତ୍ୱ ଏବଂ ସାଂଗଠନିକ ବିକାଶ ପାଇଁ କ୍ଷମତା ନିର୍ମାଣକୁ ସୁଦୃଢ଼ କରିବା ନେଇ ସବୁ ସଦସ୍ୟ ଦେଶ ସହମତ ହୋଇଥିଲେ । ବ୍ରିକ୍ସ ରେକ୍ଟର ଫୋରମର ନିରନ୍ତର ଆୟୋଜନ, ଅଧାପକ ଓ ନେତୃତ୍ୱ ବିନିମୟ, ଏସଟିଇଏମ ଉପରେ ଧ୍ୟାନ ଦେଇ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଏବଂ ବ୍ରିକ୍ସ ବିଶ୍ୱବିଦ୍ୟାଳୟର ବିଶ୍ୱ ରାଙ୍କିଂ ଓ ମୂଲ୍ୟାଙ୍କନ ପ୍ରଣାଳୀ ପାଇଁ ଅନୁସନ୍ଧାନମୂଳକ କାର୍ଯ୍ୟକୁ ପ୍ରୋତ୍ସାହିତ କରାଯାଇଥିଲା। ବ୍ରିକ୍ସ ଶିକ୍ଷା ଟ୍ରାକ୍ ଅଧୀନରେ ସହଯୋଗକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ବୈଠକରେ ବ୍ରାଜିଲ, ରୁଷ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଇରାନ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସମେତ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଭାରତର ଅଧ୍ୟକ୍ଷତାରେ ବିଭିନ୍ନ କ୍ଷେତ୍ରରେ ବ୍ରିକ୍ସ ମନ୍ତ୍ରୀସ୍ତରୀୟ ବୈଠକମାନ ଆୟୋଜନ କରାଯିବ। ଏସବୁ ବୈଠକ ସରିବା ପରେ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀରେ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ ।

**ବନ୍ୟା...**

ସହାୟତା ରାଶି ପ୍ରଦାନ କରିଥିବା ବେଳେ ଏହା ସିଧାସଳଖ କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷ ବା ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନଙ୍କୁ ଅଧିକୃତ କରାଯାଇଛି । ସେହିପରି କ୍ଷତିଗ୍ରସ୍ତ ଜନସାଧାରଣଙ୍କ ଡାଟାବେସ୍ ପ୍ରସ୍ତୁତ କରି ବିଭାଗକୁ ପଠାଇବାକୁ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଯେଉଁ ଜାତୀୟ ରାଜପଥ ତଥା ଅନ୍ୟାନ୍ୟ ରାସ୍ତାମନେ ବନ୍ୟା ଜଳ ଆସିଲେ ପ୍ରଭାବିତ ହେଉଛନ୍ତି, ସେଇ ସବୁ ରାସ୍ତାର ମରାମତି ତଥା ଅନ୍ୟ ସମାଧାନ ବ୍ୟବସ୍ଥା ନିମନ୍ତେ ମଧ୍ୟ ପୂର୍ତ୍ତ ତଥା ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗ ସହ ଆଲୋଚନା କରାଯାଇଛି । ସେହିସବୁ ରାସ୍ତା ସମ୍ପର୍କରେ ଜିଲ୍ଲା ପ୍ରଶାସନ ରିପୋର୍ଟ ଦେବା ପରେ ସେଥିନିମନ୍ତେ ମଧ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ପାଣ୍ଠି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।ଶକ୍ତି ବିଭାଗ , ମହିଳା ଏବଂ ଶିଶୁ ବିକାଶ, ପଞ୍ଚାୟତିରାଜ ବିଭାଗ ଏବଂ ଅନ୍ୟ ବିଭାଗ ମାନଙ୍କୁ ମଧ୍ୟ ତାଙ୍କର କ୍ଷୟକ୍ଷତି ରିପୋର୍ଟ୍ ଦେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ପ୍ରସ୍ତୁତ ରିପୋର୍ଟ ମୁତାବକ ଆଗାମୀ ବଜେଟରୁ ଏଥିପାଇଁ ଅର୍ଥ ରାଶି ଭରଣା କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

# ରାଜା ହେଲେ ପରେଶ ଚନ୍ଦ୍ର ଦେଓ



**ଆଠମଲ୍ଲିକ (ଅମୃତ ମିଡିଆ) :** ରାଜା ପ୍ରଦୀପ ଚନ୍ଦ୍ର ଦେଓ ଙ୍କ ଦେହାନ୍ତ ପରେ ତାଙ୍କ ର ସୁପୁତ୍ର ପରେଶ ଚନ୍ଦ୍ର ଦେଓ ରାଜା ଭାବରେ ଅଭିଷିକ୍ତ ହୋଇଥିବା ଜଣା ପଡିଛି । ସକାଳୁ ରାଜ ଉଆସ ରେ ପୂଜକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଓ ଚିତ୍ତ ରଞ୍ଜନ ପାଣିଗ୍ରାହୀ ଙ୍କ ଦ୍ୱାରା ଯଥା ପୂଜାରୀତିନୀତି ସମ୍ପନ୍ନ ହେଲା ପରେ ରାଜା ପରେଶ ଦେଓ ଙ୍କ ର ରାଜା ଭିଷେକ ହୋଇଥିଲା । ରାଜା ଭିଷେକ ରେ ରାଜା ପରେଶ ଚନ୍ଦ୍ର ଦେଓ ଙ୍କୁ ରାଜକୀୟ ବେଶ ରେ ମକୁଟ ପିନ୍ଧିଥିଲେ । ଏହି ଅଭିଷେକ କାର୍ଯ୍ୟକ୍ରମ ରେ ରାଣୀ ଶିବାଙ୍ଗୀ ଦେବୀ,ତାଙ୍କ ର ଦୁଇ ପୁତ୍ର ବିଶ୍ୱରାଜ ଚନ୍ଦ୍ର ଦେଓ, ପୃଥିବୀରାଜ ଦେଓ ଙ୍କ ସମେତ ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ରାଜା ଭିଷେକ ପରେ ରାଜ ପରିବାର ତାଙ୍କର ଇଷ୍ଟ ଦେବୀ ମା ମାହେଶ୍ୱରୀଙ୍କୁ ଦର୍ଶନ କରିବାକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ ।

# ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ସାହସପୁର ଉଚ୍ଚ ମାଧମିକ ବିଦ୍ୟାଳୟ, ବାଲିଚନ୍ଦ୍ରପୁର, ଯାଜପୁରର ଆନୁକୁଲ୍ୟରେ ଯୁକ୍ତ ଦୁଇ କଳା, ବିଜ୍ଞାନ, ଧନ୍ଦାମୂଳକ ଶିକ୍ଷାରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ଅନୁଷ୍ଠାନ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ଥିଲେ। ବରିଷ୍ଠ ଅଧାପକ ସଂଗ୍ରାମ କିଶୋର ପରିଡ଼ା ସଂଯୋଜନା କରିଥିବା ବେଳେ, ଅଧାପକ ଡକ୍ଟର ଜୟଦେବ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ପ୍ରଶାନ୍ତ କୁମାର ସାମଲ, ନିଶିଥ ସାମନ୍ତରାୟ, ଆଦ୍ୟାମୌସୁମୀ ମହାନ୍ତି, ଡକ୍ଟର ଜୟଦେବ ଶତପଥୀ, ଡକ୍ଟର ଦିପୁନ ପୁହାଣ, ସଞ୍ଜୟ ମଲିକ, ଅଶୋକ ମଲିକ, ବିଜ୍ଞାନ ରଞ୍ଜନ ସେଠୀ,ହେମନ୍ତ କୁମାର ବେହେରା ଚିତ୍ତରଞ୍ଜନ ରାଉତ, ସ୍ୱାତୀ ପ୍ରିୟ ଦର୍ଶନୀ ପରିଡ଼ା, ଗାୟତ୍ରୀ ଶତପଥୀ, ଲକ୍ଷ୍ମୀପ୍ରିୟା ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିବା ସହ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ କଲେଜର ନୀତି ନିୟମ, ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ, ଛାତ୍ରବୃତ୍ତି, ମହାବିଦ୍ୟାଳୟର ଭିତ୍ତିଭୂମି ଇତ୍ୟାଦି ବିଭିନ୍ନ ଦିଗ ବିଷୟରେ ସୂଚନା ପ୍ରଦାନ କରିଥିଲେ।




## ୭ମ ସିଆଇଆଇ ଅନ୍ତର୍ଜାତୀୟ ଶକ୍ତି ସମ୍ମିଳନୀ

# ଓଡ଼ିଶାର ସ୍ୱଚ୍ଛ ଶକ୍ତିରେ ଅଗ୍ରଗତି ବିଷୟରେ ବଖାଣିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ

**ନୂଆଦିଲ୍ଲୀ /ଲକ୍ଷ୍ମୀ ନାରାୟଣ ବେବର୍ତ୍ତା) :** ସ୍ଥାନୀୟ ହୋଟେଲ ଲି ମେରିଡିଏନ ଠାରେ ଆୟୋଜିତ ୭ମ ସିଆଇଆଇ ଅନ୍ତର୍ଜାତୀୟ ଶକ୍ତି ସମ୍ମିଳନୀ ୨୦୨୬ରେ ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯୋଗଦେଇ ରାଜ୍ୟର ସ୍ୱଚ୍ଛ ଶକ୍ତି ଓ ସବୁଜ ଉତ୍ପାଦନ କ୍ଷେତ୍ରର ଅଗ୍ରଗତି ବିଷୟରେ ଆଲୋକପାତ କରିଛନ୍ତି। କେନ୍ଦ୍ର ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ, ଭୁଟାନ ଶକ୍ତି ମନ୍ତ୍ରୀ ଲିୟନପୋ ଜେମ୍ ସେରିଙ୍ଗ ଓ ଶ୍ରୀଲଙ୍କାର ଶକ୍ତି ମନ୍ତ୍ରୀ ଅନୁରା କରୁଣାଥିଲାକେଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ଭାରତର ଶକ୍ତି ସୁରକ୍ଷା ଉପରେ ଏକ ଉଓଓ-ରଣ ରିପୋର୍ଟ ମଧ ଉନ୍ମୋଚିତ ହୋଇଥିଲା। ୨୦୩୫ ସୁଦ୍ଧା ୬୦% ଅଣ-ପାରମ୍ପରିକ ଶକ୍ତି କ୍ଷମତା ହାସଲ କରିବା ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' (ଶୂନ୍ୟ ନିର୍ଗମନ) ଲକ୍ଷ୍ୟ ପୂରଣ କରିବାର ଜାତୀୟ ଲକ୍ଷ୍ୟ ସହିତ ତାଳ ମିଳାଇ ଓଡ଼ିଶା ୨୦୩୦ ସୁଦ୍ଧା ୧୧ ଗିଗାୱାଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏହି କ୍ରମରେ ସୌର, ପବନ, ଓ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ୬୭,୦୦୦ କୋଟିର ନିବେଶ ପ୍ରସ୍ତାବ ପୂର୍ବରୁ ମଞ୍ଜୁର ହୋଇଥିବା ବେଳେ, ବିଦ୍ୟୁତ୍ ଗ୍ରିଡ୍‌ର ଆଧୁନିକୀକରଣ ଓ ଏଆଇ (ଇଓ) ପ୍ରଯୁକ୍ତିବିଦ୍ୟା ବିନିଯୋଗ କରାଯାଉଛି। ରାଜ୍ୟର ୫୭୫ କିମି ଉପକୂଳ ଓ ବନ୍ଦରଗୁଡ଼ିକୁ ବ୍ୟବହାର କରି ବଡ଼ ଶିଳ୍ପସଂସ୍ଥାଗୁଡ଼ିକୁ କାର୍ବନମୁକ୍ତ କରିବା ସହ ଓଡ଼ିଶାକୁ ଦକ୍ଷିଣ-ପୂର୍ବ ଏସିଆରେ ଏକ ପ୍ରମୁଖ 'ଗ୍ରୀନ୍ ହାଇଡ୍ରୋ ଜେନ୍ ହବ୍' ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପଟେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘରଃ ମୁଫ୍‌ତ ବିଜୁଳି ଯୋଜନା' ମାଧ୍ୟମରେ ସାଧାରଣ ଲୋକଙ୍କ ବିଦ୍ୟୁତ୍ ଖର୍ଚ୍ଚ କମାଇବା ଓ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ହାସଲ କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସ୍ପଷ୍ଟ କରିବା ସହ ଉପ-ମୁଖ୍ୟମନ୍ତ୍ରୀ ବିଶ୍ୱର ବଡ଼ ବଡ଼ ନିବେଶକମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ଆମନ୍ତ୍ରଣ ଜଣାଇଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମଧ ଉପସ୍ଥିତ ଥିଲେ।




# ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭୂମିପୂଜନ

**ଆଠମଲ୍ଲିକ (ଅମୃତ ମିଡିଆ) :** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଦିନିକିଆ ଗସ୍ତ ରେ ଆଠମଲ୍ଲିକ ଆସି ବିଭିନ୍ନ ପ୍ରକଳ୍ପ ର ଭୂମି ପୂଜା ଓ ଉଦଘାଟନ କରି ଫେରି ଯାଇଥିବା ଜଣା ପଡିଛି କ୍ଷ ଉଦଘାଟନ ମଧ ରେ ପଶୁ ଡାକ୍ତରଖାନା ଠାରୁ ମହାନଦୀ ସେତୁ ପର୍ଯ୍ୟନ୍ତ ଆଲୋକୀ କରଣ କୁ ଉଦଘାଟନ, ଏନ ଏ ସି ଅନ୍ତର୍ଗତ ତିନି ନମ୍ବର ୱାର୍ଡ ର ଟାଙ୍ଗିଆନିଶା ଛାଟିଆ ସାହି ଠାରୁ ପଦ୍ମପୋଖରୀ, ବରଟିକିରା ଠାରୁ ଟାଙ୍ଗିଆନିଶା ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ କ୍ଷ ଏହି ଅବସରରେ ସ୍ଥାନୀୟ ଦୁର୍ଗା ବଜାର ଦୁର୍ଗା ମଣ୍ଡପ କୁ ଆସି ମା ଦୁର୍ଗା ଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ କ୍ଷ ଏହି ସମସ୍ତ କାର୍ଯ୍ୟକ୍ରମ ରେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି,ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଏନ ଏ ସି ଅଧକ୍ଷା ଆଶା କୁମାରୀ ସାହୁ,ସାଂସଦ ଙ୍କ ଜିଲ୍ଲା ପ୍ରତିନିଧି ସୁଦିପ ଗଡ଼ ନାୟକ, ଆଠମଲ୍ଲିକ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, କିଶୋର ନଗର ବ୍ଲକ ପ୍ରତିନିଧି ସରୋଜ ସାହୁ, ପୂର୍ବତନ ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ସାହୁ, ଯୁବ ନେତା ପିନା ପାଣିଗ୍ରାହୀ ଙ୍କ ସମେତ ବହୁ ଜନସାଧାରଣ, ଦଳୀୟ ସମର୍ଥକ ଉପସ୍ଥିତ ଥିଲେ କ୍ଷ ପ୍ରଶାସନିକ ଅଧିକାରୀ ଭାବରେ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପାଳ ଅବଦଲ ଏମ ଅକତର, ଏସ ପି ରାହୁଲ ଜେନ, ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଡ଼ି ଏଫ ଓ ସନ୍ତୋଷ କୋପୁଲା , ତହସିଲଦାର ପ୍ରସନ୍ନ ଟେଟେ, ବିଡ଼ିଓ ଟିଟସ ମହାନନ୍ଦିଆ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ସହରାଇ ସିଂ, ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସେହିପରି ସାଂସଦ ଶ୍ରୀ ପ୍ରଧାନ ପଦ୍ମ ପୋଖରୀ ଠାରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ରେ ଚାରା ରୋପଣ କରିଥିଲେ କ୍ଷସହର ରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ମୁତୟନ ହୋଇଥିଲେ ।



# ଏସ ଆଇ ଆର୍‌ରେ ଆଠମଲ୍ଲିକ ବିଧାନସଭା କ୍ଷେତ୍ର ରାଜ୍ୟରେ ପ୍ରଥମ




**ଆଠମଲ୍ଲିକ (ଅମୃତ ମିଡିଆ) :** ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬(ଏସ, ଆଇ, ଆର )କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ସଫଳତା ପାଇ ଆଠମଲ୍ଲିକ ସମଗ୍ର ଓଡିଶାରେ ପ୍ରଥମ ବିଧାନ ସଭା କ୍ଷେତ୍ରରେ ରେକର୍ଡ ସୃଷ୍ଟି କରି ନୂତନ କୀର୍ତ୍ତି ସ୍ଥାପନ କରିଛି। ଏହି ଉଲ୍ଲେଖନୀୟ ସଫଳତା ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଠମଲ୍ଲିକ ର ଶ୍ରେଷ୍ଠ ଏ ଇ ଆର ଓ, ବି ଏଲ ଓ ସୁପରଭାଇଜର,ବି ଏଲ ଓ ଏବଂ କଲେଜ ଛାତ୍ରୀ ଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତିମ ପର୍ଯ୍ୟାୟ ରେ ୨୯ ହଜାର ୪୭୨ ସଂଖ୍ୟକ ନୋଟିସ ଗୁଡିକ ର ସମୟପୋଯୋଗୀ ବିତରଣ, ଦାବୀ ଗ୍ରହଣ ଓ ଆପତ୍ତିର ତୁରନ୍ତ ଶୁଣାଣୀ ଓ ସମସ୍ତ ପ୍ରକ୍ରିୟାକୁ ଦକ୍ଷତାର ସହ ପରିଚାଳନା କରିଥିବାରୁ ସେମାନଙ୍କ ର ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀ କୃତ ସେବାକୁ ଜିଲ୍ଲାପାଳ ଅବଦଲ ଏମ ଅକତର ପ୍ରଶଂସା କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଠମଲ୍ଲିକ ଟିମଙ୍କୁ ଅଭିନନ୍ଦନ ଜଣାଇ ନିର୍ବାଚକ ପଞ୍ଜିକରଣ ଅଧିକାରୀ (ଇ ଆର ଓ) ତଥା ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କ ଦକ୍ଷ ନେତୃତ୍ୱରେ ଆଠମଲ୍ଲିକ ଓଡ଼ିଶାର ପ୍ରଥମ ବିଧାନସଭା କ୍ଷେତ୍ର ଭାବରେ ଏସ ଆଇ ଆର ୨୦୨୬ ର ସମସ୍ତ ପର୍ଯ୍ୟାୟ ସଫଳତାର ସହ ସମ୍ପୂର୍ଣ୍ଣ କରି ରାଜ୍ୟ ପାଇଁ ଏକ ଆଦର୍ଶ ସୃଷ୍ଟି କରି ପାରିଛନ୍ତି ବୋଲି ଜିଲ୍ଲାପାଳ ଏମ ଅକତର ପ୍ରକାଶ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବି ଏଲ ଓ ସୁପରଭାଇଜର ଭାବରେ ନରେନ୍ଦ୍ର କୁମାର ମେହେର, ଲଳିତ କୁମାର ପ୍ରଧାନ, ଲକ୍ଷ୍ମୀଧର ସାହୁ, ବି ଏଲ ଓ ଭାବରେ ପ୍ରଫୁଲ୍ଲ କୁମାର ସିଂ, କୃତିବାସ ପ୍ରଧାନ, ଗୋପାଳ ବେହେରା, ସତ୍ୟନାରାୟଣ ମେସୁଆ, ପ୍ରବାସିନୀ ମହାକୁଡ଼, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଶ୍ୱ ପ୍ରତୀକ ମିଶ୍ର, ରୁପାଲୀ ପ୍ରଧାନ, ଶ୍ୟାମଲୀନ ସିଂ, ରାଗିଣୀ ପ୍ରିୟ ଦର୍ଶିନୀ ବେହେରା, ସୁପ୍ରିୟା ପ୍ରଧାନ, ସୁଶ୍ରୀ ରୋଜାଲିନ ଦାଶଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଜିଲ୍ଲାପାଳ ପୁରସ୍କୃତ କରିଥିଲେ।





# ବିବାହର ମାସେ ନ ପୂରୁଣୁ ସ୍ୱାମୀଙ୍କ ଆକ୍ରମଣରେ ପତ୍ନୀ ମୃତ

# ଜୁଲାଇ ୧୨ରେ ବାହାଘର, ଅଗଷ୍ଟ ୫ରେ ହତ୍ୟା

## ହତ୍ୟା ଅଭିଯୋଗ କଲେ ରୋଜାଲିନଙ୍କ ପିତା

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ବାହାଘରକୁ ମାତ୍ର ୨୫ ଦିନ ହୋଇଥିବା ବେଳେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ସ୍ୱାମୀ ହତ୍ୟା କରିଛନ୍ତି। କଟକ ଜିଲା ନେମାଳ ଥାନା ଅନ୍ତର୍ଗତ ସହଦେବପୁର ଗାଁରେ ବୁଧବାର ବିଳମ୍ବିତ ରାତିରେ ଏହି ଦୁଃଖଦ ଘଟଣା କରିଛି। ମୃତା ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ନାନକାର ଗାଁର ରୋଜାଲିନ ମଳିକ(୨୭)। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ଥିଲାବେଳେ ଅଭିଯୁକ୍ତ ସ୍ୱାମୀ ଶୈଳେନ୍ଦ୍ର ମଳିକ(୩୦) ଫେରାର ଅଛନ୍ତି। ଖବରପାଇ ପୋଲିସ ରୋଜାଲିନଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରୋଜାଲିନ୍‌ଙ୍କ ବାପଘର ଲୋକଙ୍କ ଅଭିଯୋଗକ୍ରମେ ନେମାଳ ଥାନାରେ ମାମଲା (ନଂ. ୨୧୦/୨୬) ରୁଜୁ ହୋଇଛି।



ଶୈଳେନ୍ଦ୍ର ଅହମ୍ମଦାବାଦର ଏକ ଘରୋଇ କମ୍ପାନୀ ଚାକିରି କରିଥିଲେ। ଗତ ମାସରେ ସେ ଚାକିରି ଛାଡ଼ି ଓଡ଼ିଶା ଚାଲିଆସିଥିଲେ। ପରେ ଜୁଲାଇ ୧୨ରେ ନାନକାର ଗାଁର ରୋଜାଲିନଙ୍କୁ ବିବାହ କରିଥିଲେ। ବୁଧବାର ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଶୋଇବା ଘରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଶୈଳେନ୍ଦ୍ର ଉତ୍ ?କ୍ଷିପ୍ତ ହୋଇ ହଠାତ୍ ଘରୁ ଏକ ଟାଙ୍ଗିଆ ବାହାରକରି ସ୍ତ୍ରୀ ରୋଜାଲିନ୍‌ଙ୍କ କାନମୁଣ୍ଡାକୁ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଏହି ସମୟରେ ଅନ୍ୟ ଘରେ ଅଭିଯୁକ୍ତଙ୍କ ବୋଉ, ବାପା ଏବଂ ଭାଇ ଶୋଇଥିଲେ। ରୋଜାଲିନ୍‌ଙ୍କ ଚିତ୍କାର ଶୁଣି ସେମାନେ କବାଟ ବାଡ଼େଇଥିଲେ। ମାତ୍ର ଶୈଳେନ୍ଦ୍ର ସମସ୍ତଙ୍କୁ ହାଣିଦେବେ ବୋଲି ଧମକ ଦେବା ସହ ଘରୁ ଫେରାର ହୋଇଯାଇଥିଲେ। ଅପରପକ୍ଷରେ ଏହି ହତ୍ୟାକାଣ୍ଡରେ ଶୈଳେନ୍ଦ୍ରଙ୍କ ପରିବାର ଲୋକ ସାମିଲ ଥିବା ନେଇ ରୋଜାଲିନ୍‌ଙ୍କ ପରିବାର ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ମାତ୍ର ଶୈଳେନ୍ଦ୍ରଙ୍କ ମା', ବାପା ଏହି ହତ୍ୟାକାଣ୍ଡର କାରଣ ବିଷୟରେ କିଛି ଜାଣି ନ ଥିବା ବେଳେ ଏହାପଛରେ ସେମାନଙ୍କ କୌଣସି ସମ୍ପୃକ୍ତି ନାହିଁ ବୋଲି ପୋଲିସକୁ କହିଛନ୍ତି। ଏପରି କି ଏହି ଘଟଣାପୂର୍ବରୁ ଶୈଳେନ୍ଦ୍ର ଓ ରୋଜାଲିନ୍‌ଙ୍କ ମଧ୍ୟରେ ସୁସମ୍ପର୍କ ଥିଲା ବୋଲି ସେମାନେ ପୋଲିସ ଆଗରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଶୈଳେନ୍ଦ୍ର ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଅଭିଯୁକ୍ତ ଧରା ପଡ଼ିବା ପରେ ହତ୍ୟାକାଣ୍ଡ ପଛର କାରଣ ଜଣାପଡ଼ିବ ବୋଲି ନେମାଳ ପୋଲିସ କହିଛି।

# ଅଙ୍ଗାରଗାଁରେ ଲଗାଣ ବର୍ଷାରେ ଭାଙ୍ଗିଲା ଘର

**ବେଗୁନିଆପଡ଼ା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ଗ୍ରାମରେ ଲଗାଣ ବର୍ଷାରେ ଭାଙ୍ଗିଲା ଦୁଇ ପରିବାରର ଘର। ସୂଚନା ଅନୁଯାୟୀ ଲଗାଣ ବର୍ଷା ପ୍ରଭାବରେ ଅଙ୍ଗାରଗାଁ ଗ୍ରାମର ଶ୍ୟାମ ପାତ୍ର ଏବଂ ଲକ୍ଷ୍ମୀ ବେହେରାଙ୍କ ଘର ଭାଙ୍ଗି ଯାଇଥିବା ଜଣା ପଡ଼ିଛି । ଫଳରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉଭୟ ପରିବାର ବର୍ଗଙ୍କୁ ସରକାରୀ ସହାୟତା ଯୋଗେଇ ଦେବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।



# ମଣ୍ଡଳସ୍ତରୀୟ କନିଷ୍ଠ ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର

**ଯାଜପୁର (ଅମୃତ ମିଡିଆ):** ମଣ୍ଡଳ ସ୍ତରୀୟ ଏକ ଦିବସୀୟ ପରାମର୍ଶ ଦାତା ତାଲିମ ଶିବିର ପି ଏମ ଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ୍ ରେ ରାଜ୍ୟ କନିଷ୍ଠ ରେଡ କ୍ରସ ସଂଗଠନ ,ଓଡ଼ିଶା ଓ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ , ଜିଲ୍ଲା କନିଷ୍ଠ ରେଡ କ୍ରସ ସଂଗଠନ , ଯାଜପୁର ଆନୁକୂଲ୍ୟରେ ଉଦ୍ଘାଟିତ ହୋଇଯାଇ ଅଛି।ଏହି ଶିବିର ଟିକୁ ମୁଖ୍ୟ ଅତିଥି ଶ୍ରୀମତୀ ସବିତା ନାୟକ , ସମ୍ପାଦକ ଜିଲ୍ଲା କନିଷ୍ଠ ରେଡ କ୍ରସ ସୋସାଇଟୀ ,ଯାଜପୁର ତଥା ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ , ଯାଜପୁର ହେନେରୀ ଦୁନାଣ୍ଟ ଙ୍କ ପାଖରେ ଦୀପ ପ୍ରଜ୍ୱଳନ କରି ଶିବିର ଟି ଉଦ୍ଘାଟନ କରିଥିଲେ





। ମୁଖ୍ୟ ଅତିଥି ଶ୍ରୀମତୀ ନାୟକ ଶିବିର ରେ ଯୋଗଦେଇ ଶିବିରାର୍ଥୀ ମାନଙ୍କୁ ରେଡ କ୍ରସ ର ତାତ୍ପର୍ଯ୍ୟ ଓ ହେନେରୀ ଡୁନାଣ୍ଟ ଙ୍କ ଜୀବନୀ ,ସେବା ଉପରେ ଆଲୋକ ପାତ କରିଥିଲେ। ଜୁନିଅର ରେଡ କ୍ରସ ଅଫିସର ଶଙ୍କର୍ଷଣ ବେହେରା ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଥିଲେ ଯେ ମଣ୍ଡଳ ସ୍ତରୀୟ ଶିବିର ଟିର ମୁଖ୍ୟ ଉଦ୍ଦେଶ୍ୟ ପ୍ରାଥମିକ ଚିକିତ୍ସା , ରୋଡ ସେଫ୍ଟୀ ବିଷୟ ଜଣାଇ ଥିଲେ। ଏହି ଏକ ଦିବସୀୟ ତାଲିମ ଶିବିର ରେ ଯାଜପୁର ମଣ୍ଡଳ ରୁ ୩୦ ଜଣ ପରାମର୍ଶଦାତା ଯୋଗଦାନ କରି ଥିଲେ । ଏହି ଶିବିର ରେ ଜନକ କୁମାର ସାହୁ ସାଧନ କର୍ମୀ ଭାବେ ଯୋଦେଇଥିଲେ।

# ୬ଷ୍ଠ ଶ୍ରେଣୀ ଛାତ୍ର ନିଖୋଜ, ଥାନାରେ ମାମଲା

**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଛେନାପଦୀ ବିଷ୍ଣୁପ୍ରିୟା ବାଳାଶ୍ରମରୁ ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ନିଖୋଜ ହୋଇଯାଇଛନ୍ତି। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ଛାତ୍ରଙ୍କ ଖବର ନ ମିଳିବାରୁ ବାଳାଶ୍ରମ ପକ୍ଷରୁ ନନ୍ଦ କିଶୋର ପତି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୩୧୮/୨୦୨୬) ରୁଜୁ କରି ଛାତ୍ରଙ୍କୁ ଖୋଜାଖୋଜି ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ନିଖୋଜ ଛାତ୍ର ଯାଜପୁର ଜିଲା କୋରେଇ ଥାନା ଭାଲୁକହୁଡ଼ି ଗ୍ରାମର ବୋଲି ଜଣାପଡ଼ିଛି। ଅଭିଯୋଗକାରୀ ବାଳାଶ୍ରମର ନନ୍ଦ କିଶୋର ପତି କହିଛନ୍ତି, ଉକ୍ତ ଛାତ୍ର ଜଣକ ପୂର୍ବରୁ ଅନେକ ଥର ଲୁଚିକି ପଳାଇଛନ୍ତି। ପରେ ତାଙ୍କୁ ଖୋଜିକି ଆଣାଯାଇଛି। ଏ ବାବଦରେ ବିଭିନ୍ନ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି।

# କାନ୍ଥ ଭୁଶୁଡ଼ି, ୧୧ ଛେଳି ମୃତ



**ଭଞ୍ଜନଗର (ଅମୃତ ମିଡିଆ):** ଗୁହାଳ କାନ୍ଥ ଭୁଷୁଡ଼ି ୧୧ ଛେଳିଙ୍କ ମୃତ୍ୟୁ । ଭଂଜନଗର ଥାନା ଅନ୍ତର୍ଗତ କୁଲାଡ ଗୋଲାସାହି ନିକଟରେ ଘଟିଛି ଏଭଳି ଘଟଣା । ସୂଚନା ପ୍ରକାରେ, ଗୋଲାସାହିରେ ରହିଥିବା ସୁକୁଟା ପାତ୍ରଙ୍କ ଗୁହାଳରେ ତାଙ୍କର ସମସ୍ତ ଛେଳି ରହିଥିଲେ । ଲଗାଣ ବର୍ଷା ଯୋଗୁଁ ଗୁରୁବାର ବିଳମ୍ବିତ ରାତିରେ, ଗୁହାଳରେ କାନ୍ଥ ଭୁଷୁଡ଼ି ପଡ଼ିଥିଲା । ଫଳରେ ବହୁ ସଂଖ୍ୟକ ଛେଳି, ଚାପି ହୋଇ ରହିଯାଇଥିଲେ । ସକାଳୁ ଦେଖିବା ପରେ, ୧୧ ଟି ଛେଳିଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ । ତେବେ ଛେଳି ମାଲିକ ସୁକୁଟାଙ୍କ ସମସ୍ତ ଛେଳି,ତାଙ୍କ ପାଇଁ ପ୍ରତିପୋଷଣର ଏକମାତ୍ର ମାଧ୍ୟମ ଥିଲା । ଏହି ଘଟଣା ପରେ, ସରକାରୀ ସହାୟତା ଯୋଗାଇ ଦେବାକୁ, ସେ ନିବେଦନ କରିଛନ୍ତି ।

# କେନାଲରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ସାଲେପୁର ଥାନା ଅଧୀନ କେନ୍ଦୁପାଟଣା ଗ୍ରାମପଞ୍ଚାୟତ ଖଣ୍ଡଗାଁ ଗ୍ରାମର ଦାମୋଦର ବେହେରାଙ୍କର ପତ୍ନୀ ରଙ୍ଗଲତା ବେହେରା (୭୫)ବର୍ଷ ଗୁରୁବାର ଭୋର ସମୟରେ ୮(ଏ)ନଂ କେନାଲରେ ଶୌଚ ହେବାକୁ ଯାଇଥିବା ସମୟରେ ପାଣିରେ ବୁଡ଼ି ଯାଇଥିଲେ । ଦୀର୍ଘ ସମୟ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ସମୟ ଖୋଜାଖୋଜି କରିବା ପରେ ୮କ (୨)କେନାଲ ମହାଜନପୁର ମାତକତପୁର ଠାରେ ଶବ ଲାଗିଥିବା ଖବର ପାଇ ପରିବାର ଲୋକେ ସେଠାରୁ ରଙ୍ଗଲତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସାଲେପୁର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ମାନସ ମୁଖାଗ୍ନୀ ପ୍ରଦାନ କରିଥିଲେ । ତାଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ଯତିନ୍ଦ୍ରନାଥ ଜେନା, ସମାଜସେବୀ ସୋମନାଥ ବେହେରା, ଯଦୁମଣୀ ସାହୁ, ନରେଶ କୁମାର ବେହେରା, ଅଜୟ କୁମାର ବେହେରା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ନବନିର୍ମାଣ କୃଷକ ସଂଗଠନର ଆମରଣ ଅନଶନ

# ପୋଲ ନିର୍ମାଣର ୪ ବର୍ଷ ପରେ ବିରୋଧ କାହିଁକି

**ଚାନ୍ଦବାଲି (ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହି ଗ୍ରାମ ପଞ୍ଚାୟତରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଗଣଧାରଣା ଓ ଆମରଣ ଅନଶନ କରାଯାଇଛି। ଲଗାଣ ବର୍ଷା ଜନିତ ବନ୍ୟାରେ ଧାନ, ପନିପରିବା ଓ ମାଛ ଚାଷ ବ୍ୟାପକ ଭାବେ ନଷ୍ଟ ହୋଇଥିବାରୁ ଚାଷୀମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। କୃଷକ ନେତା ତଥା ଧାରଣାର ଆବାହକ କୁଳମଣି ଦାସଙ୍କ କହିବା ଅନୁଯାୟୀ, ସାଳନ୍ଦୀ ନଦୀର ତିନିତର ପୋଲ ନିର୍ମାଣ କରୁଥିବା ବେକମ୍ ପ୍ରାଇଭେଟ୍ କମ୍ପାନୀ ଲିମିଟେଡ୍ ନଦୀର ପ୍ରାୟ ୮୦ ପ୍ରତିଶତ ଅଂଶ ପୋତି ଦେଇଥିବାରୁ ଜଳ ନିଷ୍କାସନରେ ସମସ୍ୟା ହେଉଛି। ଫଳରେ ବନ୍ୟାଜଳ ଚାଷ ଜମିରେ ଦୀର୍ଘଦିନ ଧରି ଜମି ରହିବାରୁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସେ ଅଭିଯୋଗ କରିଛନ୍ତି।

ଚାଷୀମାନେ ସରକାରୀ ଓ ବେସରକାରୀ ସଂସ୍ଥାରୁ ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚାଷ କରିଥିଲେ। ଅମଳ ପୂର୍ବରୁ ବନ୍ୟା ସବୁକିଛି ନଷ୍ଟ କରିଦେଇଥିବାରୁ ଋଣ କିପରି ଶୁଝିବେ ବୋଲି ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ତେଣୁ କମ୍ପାନୀ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ ବିହନ ଯୋଗାଇ ଦିଆଯାଇଲେ ସେମାନେ ପୁନର୍ବାର ଚାଷ କରି କ୍ଷତି ଭରଣା କରିପାରିବେ ବୋଲି କୃଷକ ସଂଗଠନ ଦାବି କରିଛି।

ଏଥିସହ ସାଳନ୍ଦୀ ନଦୀରେ ପୋଲ ନିର୍ମାଣ କାର୍ଯ୍ୟରେ ଅବରୋଧ ସୃଷ୍ଟି କରିଥିବା ବନ୍ଧର ପ୍ରାୟ ୮୦ ପ୍ରତିଶତ ଅଂଶ କାଟି ତୁରନ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ମଧ୍ୟ ଚାଷୀମାନେ ଦାବି କରିଛନ୍ତି।

ତେବେ ପୋଲ ନିର୍ମାଣକୁ ପ୍ରାୟ ୪ ବର୍ଷ ବିତିଥିବା ବେଳେ ଏହି ସମୟ ମଧ୍ୟରେ ଏକାଧିକ ବନ୍ୟା ଓ ବାତ୍ୟା ହୋଇଥିଲେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ପୂର୍ବରୁ କାହିଁକି ବିରୋଧ କିମ୍ବା ପ୍ରତିବାଦ ହୋଇନଥିଲା, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ପୋଲ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଅଳ୍ପ କିଛି କାମ ବାକି ଥିବା ବେଳେ ଏବେ ଏଭଳି ବିରୋଧ ହେବାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି। ଏହି ପ୍ରତିବାଦ ପଛରେ ଚାଷୀ ମାନଙ୍କ ସ୍ୱାର୍ଥ ରହିଛି ନା ରାଜନୀତିକରଣ ରୂପ ନେଉଛି ତାହାକୁ ନେଇ ସପକ୍ଷ ଓ ବିକ୍ଷୋଭ କାରିଙ୍କ ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଛି। ଅନଶନରେ ଆବାହକ କୁଳମଣି ଦାସଙ୍କ ସମେତ ଗରିଧାରୀ ଦାସ, ପ୍ରତାପ ବିଶ୍ୱାଳ, ତ୍ରିଲୋଚନ ଦାସ, ଗୌତମ ମହାନ୍ତି, ପ୍ରଦୀପ୍ତ ସାହୁ, ରୁପେଶ ରାଉତ, ପ୍ରମୋଦ ପଢ଼ିହାରୀ, ସୁରେନ୍ଦ୍ର ମଳିକ, ସୁରେଶ ବିଶ୍ୱାଳ, ମନ୍ଟୁ ବେହେରା, ଗୋପୀନାଥ ନାୟକ, ଉତ୍ତମ କୁମାର ମହାନ୍ତି, ନିର୍ମଳ ବେହେରା, ରମାକାନ୍ତ ବିଶ୍ୱାଳ ଓ ଭାଗବତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଲଟି ପଡିଲା ପରିବା ବୋଝେଇ ପିକପ୍ ଭ୍ୟାନ୍





**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବେଲବାହାଲି ସ୍କୁଲ୍ ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୁରୁଣା କଟକ ସମ୍ବଲପୁର ରାସ୍ତାରେ ଗତକାଲି ବିଳମ୍ବିତ ରାତିରେ ବରଗଡ଼ରୁ ନୂଆହାଟ ଅଭିମୁଖେ ଯାଉଥିବା ଏକ ପରିବା ବୋଝେଇ ପିକପ୍ ଭ୍ୟାନ୍ ବେଲବାହାଲି ସ୍କୁଲ୍ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡ଼ି ଚାଳକଙ୍କ ହାତ ଭାଙ୍ଗି ଯାଇଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଆମ୍ବୁଲାନ୍ସ ଯୋଗେ ଗାଡ଼ି ଚାଳକଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ୍ ନେଇଯାଇଥିବା ଜଣାପଡ଼ିଛି। ତେବେ ପୁରୁଣା କଟକ ସମ୍ବଲପୁର ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ଏବଂ ବିପଦଜନକ। ଭାପୁର ଠାରୁ ମହିଧରପୁର ପର୍ଯ୍ୟନ୍ତ ରାସ୍ତା ପାଲଟିଛି ମରଣଯନ୍ତା। ଫଳରେ ଏପରି ଦୁର୍ଘଟଣାମାନଘଟି ଧନଜୀବନ ହାନୀ ହେଉଛି। କିନ୍ତୁ ବାରମ୍ବାର ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ତାଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ। ଯାହାକି ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମୋବାଇଲ ନେଟୱାର୍କ ଅଚଳ , ପାନୀୟଜଳ ସଂକଟ

# ରାଜରାସ୍ତାକୁ ଓହ୍ଲାଇଲେ ମହିଳା



**ଫୁଲବାଣୀ (ଅମୃତ ମିଡିଆ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକର ଶୀକର ମାହା, ନେତାଙ୍ଗିଆ ସମେତ ପାଞ୍ଚଟି ଗ୍ରାମର ଲୋକେ ମୋବାଇଲ ନେଟ ୱାର୍କ ସେବା ଲୋକ ବାଧ୍ୟ ହୋଇ ଧର୍ମଘଟ କରିଥିଲେ। ବିଶେଷ କରି ଶତାଧିକ ମହିଳା ମାନେ ପ୍ଲାକାର୍ଡସ ଧରି ସ୍ଲୋଗାନ ଦେଇଥିଲେ ପୁରୁଷ ମାନେ ରାସ୍ତାରୋକ କରିଥିଲେ। ଫଳରେ ବସ ଓ ଅନାନ୍ୟ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପାଞ୍ଚୋଟି ଗ୍ରାମରେ ପାଞ୍ଚୋଟି ଟାୱାର ପ୍ରତିଷ୍ଠା ହୋଇଛି। କାଁ ଭାଁ ନେଟ ୱାର୍କ ରହୁ ଥିଲା। କିନ୍ତୁ ଦୀର୍ଘ ୮ମାସ ହେଲା ମୋବାଇଲ ନେଟ ୱାର୍କ ସମ୍ପୂର୍ଣ୍ଣ ଭାବେ ଚାଲୁ ନାହିଁ। କିନ୍ତୁ ଲୋକେ ନେଟ ୱାର୍କ କାଳେ ଆସିବ ବୋଲି ୧୫୦ ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ରିଚାର୍ଜ ପକେଇ ଅପେକ୍ଷା କରି ଆସୁଛନ୍ତି। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନ କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳି ଲାନି ବୋଲି ଗ୍ରାମର ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଥିଲେ। ଶିକରମାହା ଗ୍ରାମ ଓ ଅଭ୍ୟନ୍ତରୀଣ ଇଲ୍ଲାକାରେ ପାନୀୟ ଜଳ ଉପଲବ୍ଧ ହେଉ ନ ଥିବା ନେଇ ଗ୍ରାମବାସୀ ମାନେ ସାମ୍ବାଦିକ ମାନଙ୍କୁ ଅଭିଯୋଗ କରିଥିଲେ। ତୁରନ୍ତ ନେଟ ୱାର୍କ ଉପଲବ୍ଧ କରିବା ସହ ପାନୀୟଜଳ ର ବ୍ୟବସ୍ଥା କରିବାକୁ ଦାବିପତ୍ର ପ୍ରଶାସନ କୁ ପ୍ରଦାନ କରିଛନ୍ତି।

# ଓଡ଼ିଶା ଜନତା କଂଗ୍ରେସ ସେବା ସଙ୍ଗଠନର ପ୍ରଶିକ୍ଷଣ ଶିବିର



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ):** ଲୋକଙ୍କ ସେବା ଆମର ପ୍ରାଥମିକତା। ସେବା ଦ୍ୱାରା ଲୋକଙ୍କ ନିକଟତର ହୋଇ ପାରିବା। ଏହାଦ୍ୱାରା ଉତ୍ତମ ସଂଗଠକ ସୃଷ୍ଟି ହୋଇ ପାରିବେ। ପ୍ରତ୍ୟେକ ଜିଲା ରେ କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରାଯିବ। ସେଥିପାଇଁ ପ୍ରତି ଜିଲା ରେ ୧ ହଜାର ରୁ ଉର୍ଦ୍ଧ୍ୱ ଭଲ ସଂଗଠକ ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ଶୁକ୍ରବାର ଯାଜପୁର ଜିଲା ର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଓଳାଶୁଣୀ ଠାରେ ଓଡିଶା ଜନତା କଂଗ୍ରେସ (ଓଜେସି) ର ତିନି ଦିନିଆ ସେବା ସଙ୍ଗଠନ ତାଲିମ ଶିବିର କୁ ଉଦଘାଟନ କରି କହିଛନ୍ତି ଦଳର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ । ସେବା ସଙ୍ଗଠନ ର ଅଧକ୍ଷ ମନୋଜ କୁମାର ଜେନା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ତାଲିମ ଶିବିର ରେ ଅତିଥି ଭାବରେ ବିଶିଷ୍ଟ ଲେଖକ ଓ ସାହିତ୍ୟିକ ପ୍ରଫେସର ଦାସ ବେନହୁର ଯୋଗଦେଇ ନିଜକୁ କଷ୍ଟ ଦେଇ ଅନ୍ୟକୁ ଝୁକାଇବା ହେଉଛି ସତ୍ୟାଗ୍ରହ, ଆପଣ ମାନେ ସମସ୍ତେ ଆଧମିକ୍ ବାଦୀ ହୁଅନ୍ତୁ, ସେହି ମନ୍ତ୍ର ରେ ଏକ୍ତ୍ର ହୋଇ ଅନେକ୍ନୀ ଙ୍କ ସହ ମିଶାନ୍ତୁ ଆଗକୁ ବଢନ୍ତୁ ବୋଲି କହିଥିଲେ, ବରିଷ୍ଠ ସାମ୍ବାଦିକ, ରବିଦାସ, ଓ ଜେ ସି ର ରାଜ୍ୟ ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ଓଡିଶା ଭାସ୍କର ଖବର କାଗଜ ର ପ୍ରତିଷ୍ଠାତା ସମ୍ପାଦକ ମଧୁ ମହାନ୍ତି ପ୍ରମୁଖ ଯୋଗଦେଇ ଓଡିଶା ର ରାଜନୈତିକ ବିକାଶ ସେବେ ଓ ଏବେ ଏବଂ ଓଡିଶା ର ସାଂପ୍ରତିକ ସାମାଜିକ ଓ ରାଜନୈତିକ ପରିସ୍ଥିତି ରେ ଓ ଜେ ସି ର ଇସ୍ତାହାର ସମ୍ପର୍କ ରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ବଦ୍ରି ମହାନ୍ତି, ନିକୁଞ୍ଜ ପଶାୟତ, ପ୍ରଦୀପ ପ୍ରଧାନ, ମଧୁ ମହାନ୍ତି, ଗିରିବାଳା ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ରାୟ, ସୋମନାଥ ରାଉତ ରାୟ, ସୁଜିତ ସ୍ୱାଇଁ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଶୈଳବାଳା ଜେନା, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଆର୍ଯ୍ୟବିର ଲେଙ୍କା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ ନରେଶ ମହାନ୍ତି, ଯାଜପୁର ଜିଲା ସଭାପତି ବିଦ୍ୟାଧର ମହାନ୍ତି, କଟକ ଜିଲା ସଭାପତି ଅନିଲ ବେହେରା, ରାଜ୍ୟ ସମ୍ପାଦକ ଦିଲୀପ କୁମାର ରାଉତ, ପ୍ରତିଷ୍ଠାତା ସଭ୍ୟ ସୁରେଶ ସାହାଣୀ ଓ ପ୍ରଦୀପ କୁମାର ଧଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବଲାଙ୍ଗୀର ଜିଲା ସଭାପତି ରୁପେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭ ରେ ଦଳୀୟ ପତାକା ଉତ୍ତୋଳନ ସହ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ସୁବାଷ ବୋଷ ଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପରେ ତାଲିମ ଶିବିର ଆରମ୍ଭ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିର ତିନି ଦିନ ଧରି ଚାଲିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ସାମ୍ବାଦିକ ସ୍ୱାସ୍ଥ୍ୟ ଯୋଜନାକୁ ଆୟୁଷ୍ମାନ ଯୋଜନାରେ ସାମିଲକୁ ବିରୋଧ

## ପ୍ରେସ କ୍ଲବ ସାଧାରଣ ପରିଷଦ ବୈଠକ

**ଚଣ୍ଡିଖୋଲ (ଅମୃତ ମିଡିଆ):** ପ୍ରେସ କ୍ଲବ ଚଣ୍ଡିଖୋଲ ପକ୍ଷରୁ ଶୁକ୍ରବାର ଏକ ବୈଠକ ସଭାପତି ବେଣୁଧର ପଣ୍ଡାଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସମ୍ପାଦକ ହେମେଶ କୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପ୍ରେସ କ୍ଲବ ଦ୍ୱିତୀୟ ତାଲା ଗୃହ ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ବଡ଼ଚଣା ବିଧାୟକ ଅମର କୁମାର ନାୟକ ନିଜସ୍ୱ ଉନ୍ନୟନ ପାଣ୍ଠିରୁ ୮ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଏହି ଗୃହର ନିର୍ମାଣ କାମ ଚାଲିଛି ଏବଂ ସମସ୍ତ ସାମ୍ବାଦିକ ମାନେ ନିର୍ମାଣାଧୀନ ଗୃହକୁ ପରିଦର୍ଶନ କରିଥିଲେ । ପରେ ଆସନ୍ତା ସ୍ୱାଧୀନତା ଦିବସ କିପରି ପାଳନ କରାଯିବ ଏହାଉପରେ ଆଲୋଚନା ହୋଇଥିଲା । ସମସ୍ତ ସଭ୍ୟମାନେ ଆସି ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନାରେ ସହଯୋଗ କରିବାକୁ ସମ୍ପାଦକ ହେମେଶ ଜେନା କହିଥିଲେ । ଏହି ବୈଠକରେ ଉପସଭାପତି ଦିଲ୍ଲୀପ ମହାନ୍ତି,ସଞ୍ଜୟ ସ୍ୱାଇଁ, ଅଭିମନ୍ୟୁ ଧଳ, କୋଷାଧ୍ୟକ ପ୍ରଶାନ୍ତ ବିଶ୍ୱାଳ,ମୋହନ ଖିଲାର, ପ୍ରତାପ ରାଉତରାୟ, ଶିବରାମ ସାହୁ,



ମସିର ଆଲମ, ସେକ ସାବୀରୁଦ୍ଦିନ, ବସନ୍ତ ପଲେଇ, ଦିଲ୍ଲୀପ ବେହେରା, ଅଜିତ ମିଶ୍ର,ଚିନ୍ମୟ ପୃଷ୍ଟି, ଦମ୍ବରୁଦ୍ଧାର ଜେନା, ତ୍ରିଲୋଚନ ବେହେରା, ଅଜୟ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ସରକାର ଆୟୁସ୍ମାନ ଯୋଜନାରେ ସାମିଲ କରିବା ପ୍ରସ୍ତାବକୁ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା।





# ଶୁକ୍ରୁଳି: ଟ୍ରଲର ଦୁର୍ଘଟଣାରେ ଗଲା ୨ ଜଣଙ୍କ ଜୀବନ

## ପୂର୍ତ୍ତ ରାସ୍ତାର ବିପର୍ଯ୍ୟସ୍ତ ଅବସ୍ଥା ଯୋଗୁଁ ଦୁର୍ଘଟଣା ଘଟିଥିବା ଅଭିଯୋଗ





**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ପୂର୍ତ୍ତ ରାସ୍ତାର ବିପର୍ଯ୍ୟସ୍ତ ଅବସ୍ଥା ଯୋଗୁଁ ଶୁକ୍ରୁଳି ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଶୁକ୍ରୁଳି ପ୍ଲାଣ୍ଟରୁ ଫେରୁଥିବା ଏକ ୨୨ ଚକିଆ ଟ୍ରଲର ଦୁର୍ଘଟଣା ଯୋଗୁଁ ଦୁଇଜଣ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାର କ୍ଷୁଅଭିଯୋଗ ହୋଇଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ମୃତକମାନଙ୍କ ମଧ୍ୟରୁ ଜଣେ ଧାଙ୍ଗରେବେଢ଼ା ଗ୍ରାମର ବିପିନ ନାଏକ ହୋଇଥିବା ବେଳେ ଅନ୍ୟଜଣଙ୍କ ନାମ ରହିଦାସ ଗିଲୁଆ ବୋଲି ଜଣାପଡ଼ିଛି। ଉଭୟଙ୍କ ଅକାଳ ବିୟୋଗରେ ପରିବାର ସଦସ୍ୟଙ୍କ ସମେତ ସମଗ୍ର ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୁର୍ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ଘଟଣାସ୍ଥଳ ନିକଟରେ ଥିବା ଦୀପକ ଘଣା ବ୍ରିକ୍ସ ପ୍ଲାଣ୍ଟର ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିବା ର ଅଭିଯୋଗ ରହିଛି। ଏହି ସିସିଟିଭି ଫୁଟେଜ୍ ପୋଲିସ ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସାବ୍ୟସ୍ତ ହୋଇପାରେ ବୋଲି ସ୍ଥାନୀୟମାନେ ଆଶା ପ୍ରକାଶ କରିଛନ୍ତି। ଘଟଣା ପରେ ଅଞ୍ଚଳବାସୀ ପ୍ଲାଣ୍ଟରୁ ଚଳାଚଳ କରୁଥିବା ଭାରୀ ଯାନବାହନର ବେପରୁଆ ଗତିକୁ ନେଇ ତୀବ୍ର କ୍ଷୋଭ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଯେ, ପ୍ରତିଦିନ ଏହି ରାସ୍ତାରେ ଭାରୀ ଯାନଗୁଡ଼ିକ ଅତ୍ୟଧିକ ବେଗରେ ଚଳାଚଳ କରୁଥିବାରୁ ସାଧାରଣ ଲୋକଙ୍କ ଜୀବନ ସବୁବେଳେ ବିପଦରେ ରହୁଛି। ପୂର୍ବରୁ ମଧ୍ୟ ଏଭଳି ଅନେକ ଦୁର୍ଘଟଣା ଘଟିଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକ ପ୍ରଶାସନ ଓ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ଭାରୀ ଯାନବାହନର ଗତି ନିୟନ୍ତ୍ରଣ, ଟ୍ରାଫିକ୍ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ଏବଂ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ ଦୁର୍ଘଟଣାର ପ୍ରକୃତ କାରଣ କିମ୍ବା ଦାୟିତ୍ୱ ସମ୍ପର୍କରେ କୌଣସି ଚୂଡ଼ାନ୍ତ ସୂଚନା ପ୍ରକାଶ କରାଯାଇନାହିଁ। ପୋଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ତଦନ୍ତ ରିପୋର୍ଟ ଆସିବା ପରେ ଦୁର୍ଘଟଣାର ପ୍ରକୃତ କାରଣ ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି। ହେଲେ ପୂର୍ତ୍ତ କର୍ତ୍ତୃପକ୍ଷ ରାସ୍ତା ଅବସ୍ଥାକୁ ଶୀଘ୍ର ସୁଧାରିଲେ ରାସ୍ତା ଦୁର୍ଘଟଣା କେତେକ ପରିମାଣରେ ହ୍ରାସ ପାଇବ ବୋଲି ସାଧାରଣରେ କୁହାଯାଉଛି।

### ମୟୂରଭଞ୍ଜ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କରେ ୬୪.୪୨ ଲକ୍ଷ ଟଙ୍କା ଠକେଇ ମାମଲା

# ବ୍ୟାଙ୍କ ମ୍ୟାନେଜର ଓ କର୍ମଚାରୀ ଗିରଫ



**ବାରିପଦା(ଅମୃତମିଡିଆ):** ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦୁଇଟି ପୃଥକ ଅର୍ଥ ହଡପ ମାମଲାରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ମୟୂରଭଞ୍ଜ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ବହଳଦା ଶାଖାରୁ ୬୪.୪୨ ଲକ୍ଷ ଟଙ୍କାର ଆର୍ଥିକ ଠକେଇ ମାମଲାରେ ପୂର୍ବତନ ଶାଖା ପରିଚାଳକ ଦିଚେନ କୁମାର ମିଶ୍ର ଏବଂ ପୂର୍ବତନ କର୍ମଚାରୀ ମଳୟ କୁମାର ଦତ୍ତଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୯ରୁ ୨୦୨୪ ମଧ୍ୟରେ ୨୪ଟି ପ୍ରକୃତ ଫିକ୍ସ ଡିପୋଜିଟ ବିରୋଧରେ ଗ୍ରାହକଙ୍କ ଅଜାଣତରେ ଜାଲ ଋଣ ଖାତା ଖୋଲି ସରକାରୀ ଅର୍ଥ ହଡ଼ପ କରାଯାଇଥିଲା । ଉଭୟ ମାମଲାରେ ଅଭିଯୁକ୍ତ ମାନଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିବା ବେଳେ ଘଟଣାର ତଦନ୍ତ ଅଧିକ ଜାରି ରହିଥିବାର ଜଣାଯାଇଛି ।

# ଯୋଡ଼ପଡ଼ା - ବସ୍ତା ମୁଖ୍ୟ ରାସ୍ତା ଉପରେ ଦନ୍ତା ହାତୀ

## ୨ ଘଣ୍ଟାରୁ ଅଧିକ ସମୟ ଧରି ଯାତାୟାତ ବନ୍ଦ



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ୨୭ଟି ହାତୀ ରହିଥିବା ବେଳେ ୧୨ ଟି ହାତୀ ସାରମୂଳାରେ ରହିଛନ୍ତି । ହାତୀ ପଲଙ୍କ ଉପଦ୍ରବ ଯୋଗୁଁ ସପ୍ତାହ ମଧ୍ୟରେ ସାତୋଟି ରୁ ଅଧିକ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି । ଆଜି ସକାଳ ୬ଟା ସମୟରେ ୧୨ ଟିକିଆ ହାତୀ ପଲ ମଧ୍ୟରୁ ଏକ ଦନ୍ତାହାତୀ ଯୋଡପଡା ବଜାର କୁ ଆସି ରାସ୍ତା ପାର୍ଶ୍ୱରେ ଥିବା ପଣସ ଗଛରୁ ପଣସ ଖାଉଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ । ହାତୀ ଟି ଯୋଡପଡା - ବସ୍ତା ମୁଖ୍ୟ ରାସ୍ତା ଉପରେ ଦୀର୍ଘ ଦୁଇ ଘଣ୍ଟା ରୁ ଅଧିକ ସମୟ ଧରି ଛିଡା ହୋଇ ରହିଥିବା ଯୋଗୁଁ ଯାତାୟାତ ଠପ୍ ହୋଇଯାଇଥିଲା । ହାତୀ କୁ ଦେଖିବା ପାଇଁ ଲୋକଙ୍କର ଭିଡ଼ ଜମିଥିଲା । ଘଟଣା ସ୍ଥଳରେ ବନବିଭାଗ ପହଞ୍ଚି ନଥିବା ରୁ ସ୍ଥାନୀୟ ଲୋକେ ହାତୀ କୁ ଘୋଡାଇବା କୁ ଚେଷ୍ଟା କରିବାରୁ ହାତୀ ଟି ଆକ୍ରମଣ କରିବାକୁ ଚେଷ୍ଟା କରୁଥିବା ର ଜଣାପଡିଛି । ସ୍ଥାନୀୟ ଲୋକେ ହାତୀକୁ ଜ୍ୱଳନ୍ତା ମଶାଲ ଦେଖାଇବାରୁ ହାତୀ ଟି ରାସ୍ତା ଛାଡି ଜଙ୍ଗଲ କୁ ଚାଲିଯାଇଥିବାର ଜଣାଯାଇଛି । ହାତୀ ଯୋଗୁଁ ଉକ୍ତ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ତେବେ ଦନ୍ତାହାତୀ ଟି କାହାରି କିଛି କ୍ଷୟକ୍ଷତି କରି ନଥିବାର ଜଣାଯାଇଛି ।

# ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ ମନ୍ତ୍ରୀ ଏବଂ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି

## କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର ଯୋଗାଇ ଦିଆଯିବ ସାହାଯ୍ୟ: ପଞ୍ଚାୟତରାଜ ମନ୍ତ୍ରୀ





**ବାରିପଦା (ଅମୃତମିଡିଆ):** ଓଡିଶା ବିଧାନସଭା ଷ୍ଟାଣ୍ଡିଂ କମିଟି ଚେୟାରମେନ ତଥା ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ନେତୃତ୍ୱରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ ଏବଂ ବଡ଼ସାହି ବ୍ଲକର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳକୁ ଗୁରୁବାର ଓଡ଼ିଶା ସରକାରଙ୍କ ଗ୍ରାମ ଉନ୍ନୟନ , ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ , ଜଙ୍ଗଲ ଓ ପରିବେଶ ବିଭାଗର ମାନନୀୟ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ଉଦଳା ବିଧାୟକ ଭାସ୍କର ମଢେଇ , ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା, ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ ପ୍ରମୁଖ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ ବ୍ଲକର ପାଟଳିପୁରା ପଞ୍ଚାୟତ ଅଧୀନ କାଠପାଳ , ଦାରିହା, ନାଖରା ଏବଂ ବଡ଼ସାହି ବ୍ଲକର ମାଣତ୍ରୀ , ଭୀମଦା , ପଟିସାରୀ, ସୁହାଗପୁରା, ପ୍ରତାପପୁର , ବଡ଼ସାହି ଭଳି ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ ସମୟରେ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କର ସମସ୍ୟା ବୁଝିଥିଲେ । ଏହା ସହ ରିଲିଫ୍ ?, ପୁନର୍ବାସ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ତ୍ୱରିତ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ , ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ଯନ୍ତ୍ରୀ ଉପସ୍ଥିତ ରହିଥିଲେ । ଏହି ପରିଦର୍ଶନରେ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ନିହାର ମୋଦୀ , ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା , ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ ନନ୍ଦୀ ,ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବେତନଟୀ ଓ ବଡ଼ସାହି ବ୍ଲକ ଅଧକ୍ଷାଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବୈଶିଙ୍ଗା, ବଡ଼ସାହି , ବେତନଟୀ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସୂଚନାଯୋଗ୍ୟ ଚଳିତ ବର୍ଷ ଗତ କିଛିଦିନ ତଳେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ମୁଖ୍ୟତଃ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାଦଦେଶ ସମେତ ବିଭିନ୍ନ ସ୍ଥାନରେ ଅହେତୁକ ବର୍ଷା ଯୋଗୁଁ ବୁଢାବଳଙ୍ଗ , ଗଙ୍ଗାହାର ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ମୁଖ୍ୟତଃ ବଡ଼ସାହି ନିର୍ବାଚନ ମଣ୍ଡଳୀର ନଦୀ ପାର୍ଶ୍ୱରେ ଥିବା ବେତନଟୀ ଏବଂ ବଡ଼ସାହି ବ୍ଲକର ବିଭିନ୍ନ ଗ୍ରାମ ଜଳାର୍ଣ୍ଣବ ହେବା ସହ ରାସ୍ତା ଉପରେ ପାଣି ସ୍ରୋତ ଚାଲିବାରୁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ବହୁ ଘର ଭାଙ୍ଗି ଯିବା ସହ ବ୍ୟାପକ ଫସଲ ନଷ୍ଟ ହୋଇଯାଇଥିଲା । ଯାହାକି ସ୍ଥାନୀୟ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି ।

# ଠାକୁରମୁଣ୍ଡା ଥାନାଧିକାରିଣୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବାରିପଦ(ଅମୃତମିଡିଆ):** ଠାକୁରମୁଣ୍ଡା ଥାନାରେ କାର୍ଯ୍ୟରତ ଥାନାଧିକାରିଣୀ ସାବିତ୍ରୀ ଦଳେଇ ଏବଂ ସବଇନ୍ସପେକ୍ଟର ରିତାରାଣୀ ଦାସଙ୍କ ବଦଳି ହୋଇଯାଇଛି । ସାବିତ୍ରୀ ଦଳେଇ ଜାମଦା ଥାନା ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗ ଦେଇଥିବାବେଳେ ରିତାଙ୍କ କରଞ୍ଜିଆ ଥାନାକୁ ବଦଳି ହୋଇଛି । ଉଭୟଙ୍କୁ ଠାକୁରମୁଣ୍ଡା ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ସାବିତ୍ରୀ ଦଳେଇଙ୍କ କାର୍ଯ୍ୟକାଳ ବେଶ ଶାନ୍ତିପୂର୍ଣ୍ଣ ଥିଲା ଏବଂ ଲୋକ ସମ୍ପର୍କ ବେଶ ଭଲ ଥିଲା ବୋଲି ସାମ୍ବାଦିକ ମାନେ ପ୍ରକାଶ କରିଥିଲେ । ସାବିତ୍ରୀ ଦଳେଇ ନିଜର ଦୁଇ ବର୍ଷ ଦଶ ମାସ କାର୍ଯ୍ୟକାଳ ମଧ୍ୟରେ ସେ ଅଭିଯୁକ୍ତ ମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ ଏବଂ ତାଙ୍କ କାର୍ଯ୍ୟକାଳ ବେଶ ସନ୍ତୋଷଜନକ ଥିଲା ବୋଲି କହିଥିଲେ । ଠାକୁରମୁଣ୍ଡାବାସୀଙ୍କ ଶ୍ରଦ୍ଧା ଓ ସମ୍ମାନ ସବୁଦିନ ପାଇଁ ମନେ ରହିବ ବୋଲି କହିଥିଲେ ବିଦାୟୀ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ । ରିତା ଦାସ ମାତ୍ର ଦୁଇ ମାସ ଥିବା ସତ୍ତ୍ୱେ ଠାକୁରମୁଣ୍ଡା ଲୋକ ତାଙ୍କୁ ବେଶ ଭଲ ଲାଗିଲେ ଏବଂ ଲୋକଙ୍କ ସରଳତା ତାଙ୍କୁ ମୁଗ୍ଧ କରିଛି ବୋଲି କହିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଉଭୟ ଜୀବନବ୍ୟାପୀ ଲୋକଙ୍କ ଉପକାର ପାଇଁ ସର୍ବଦା ଉଦ୍ୟମ କରିବେ ବୋଲି କହିଥିଲେ । ଶରତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଯୋଗେନ୍ଦ୍ର ପାତ୍ର, ହରେକୃଷ୍ଣ ତ୍ରିପାଠୀ, ସଚ୍ଚିଦାନନ୍ଦ ପଲେଇ, ଶେଖ ରାଜୁ, ରମେଶ ମହାନ୍ତ, ବସନ୍ତ ସୋରେନ, ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ଓଡ଼ିଆ ସାହିତ୍ୟରେ ସବୁଜ ଯୁଗର ଶତାବ୍ଦୀ ପୂର୍ତ୍ତି ପାଳନ

# ଦତ୍ତ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ର



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ବାରିପଦାର ଦତ୍ତ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶାର ସବୁଜ ଯୁଗରେ ସାହିତ୍ୟ କୃତି ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆସରରେ ପ୍ରମୁଖ ବକ୍ତା ହିସାବରେ ନୟାଗଡ ଜିଲ୍ଲାର ରାଜସୁନାଖଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ନୃସିଂହ ପ୍ରସାଦ ବସ୍ତିଆ, ଶ୍ରୀରାମଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅନନ୍ତ ନାରାୟଣ ମିଶ୍ର, ମାଣତ୍ରୀ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ବିଶ୍ୱାଳ, ବି.ବି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗର ଅଧାପିକା ଜୟଶ୍ରୀ ଦାଶ, ଭୁବନେଶ୍ୱରର ପ୍ରଖ୍ୟାତ ସଂଗୀତ ଗୁରୁ ମନୋଜ ରଥ ତଥା ଅନୁଷ୍ଠାନର ନିର୍ଦ୍ଦେଶକ ସବ୍ୟସାଚୀ ଦତ୍ତ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର ଭାଗିରଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସଂଯୋଜକ ରତ୍ନାକର ନାଏକ ସଭା ପରିଚାଳନା କଲାବେଳେ, ସମ୍ପାଦିକା ସିମାଶ୍ରୀ ଦତ୍ତ ସ୍ୱାଗତ ଭାଷଣ ରଖିଥିଲେ । ସାହିତ୍ୟ ଆଲୋଚନାର ପ୍ରାରମ୍ଭରେ ସବୁଜ କବି ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ରଚିତ ଜଣାଣ କେଉଁ ନାମ ଧରି ଡାକିବି ତୁମକୁ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ପରିବେଷଣ କରିଥିବା ବେଳେ, ସଂଗୀତ ଗୁରୁ ମନୋଜ ରଥ ଓ ଯୁବ ଅଧାପକ ବିଭାବସୁ ଦତ୍ତ, ସବୁଜ କବି ଅନ୍ନଦା ଶଙ୍କର ରାୟ ଓ ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ ବିଭିନ୍ନ କବିତାର ପଙ୍କ୍ତିକୁ ଆବୃତି କରିଥିଲେ । ଏକ ବିଜ୍ଞାନ ଭିତ୍ତିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ଆଲୋଚନା ଚକ୍ର ଆୟୋଜନ ବାବଦରେ ପ୍ରତିକ୍ରିୟା ରଖି ବିଦ୍ୟାଳୟର ନିର୍ଦ୍ଦେଶକ ବର୍ତ୍ତମାନ ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ନବୋଦୟ ଇତ୍ୟାଦି ବିଦ୍ୟାଳୟ ମାନଙ୍କର ଓଡ଼ିଆ ଭାଷା ବିରୋଧି ମନୋଭାବର ପ୍ରାଦୁର୍ଭାବରେ ଅନେକ ବିଜ୍ଞାନ ପଢୁଥିବା ଛାତ୍ରଛାତ୍ରୀ ଓଡ଼ିଆର ୪୯ଟି ଅକ୍ଷର ମଧ୍ୟ ଲେଖି ପାରନ୍ତିନାହିଁ । ସେମାନେ ଧର୍ମପଦ, ବାଜିରାଉତ, ଓଡ଼ିଆ ଭାଷା ସାହିତ୍ୟର ଆଞ୍ଚଳିକ ଓଡ଼ିଆ ବରପୁତ୍ରଙ୍କୁ ମଧ୍ୟ ଚିହ୍ନନ୍ତି ନାହିଁ, ତେଣୁ ଓଡ଼ିଆ ସାହିତ୍ୟର ଏ ଘୋର ଦୁର୍ଦ୍ଦିନକୁ ପୁଣିଥରେ ୧୦୦ ବର୍ଷ ପୁରିବାକୁ ଯାଉଛି । ଏହି ଅବସରରେ ସବୁଜ ଯୁଗରୁ ଆଲୋଚନାର ଆରମ୍ଭ କରାଯାଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ବିଷୟରେ ଅବଗତ କରାଯାଉଛି ବୋଲି ଦତ୍ତ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିର୍ଦ୍ଦେଶକ ସବ୍ୟସାଚୀ ଦତ୍ତ କହିଛନ୍ତି ।

# ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

## ମେଧାବୀ ଛାତ୍ରଛାତ୍ରୀ ଓ ଶ୍ରେଷ୍ଠ ଚାଷୀଙ୍କୁ କରାଯିବ ସମ୍ମାନିତ



**ବାରିପଦା /କରଞ୍ଜିଆ (ଅମୃତମିଡିଆ):** ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ଦିବସ ପାଳନ କମିଟିର ଅଧକ୍ଷ ତଥା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କ ଅଧକ୍ଷତାରେ ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକ ଆରମ୍ଭରେ ଉପଜିଲ୍ଲାପାଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇ ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅରୁଣ କୁମାର ପାଣିଗ୍ରାହୀଙ୍କୁ ପୂର୍ବବର୍ଷର ବୈଠକ ବିବରଣୀ ପାଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ପରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ବକ୍ତୃତା, ପ୍ରବନ୍ଧ ଲିଖନ, ଦେଶାତ୍ମବୋଧକ ସଙ୍ଗୀତ, ଅଙ୍କକଷା ଓ ସାଧାରଣ ଜ୍ଞାନ ଲିଖିତ ପ୍ରତିଯୋଗିତା ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାସହ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଉପଖଣ୍ଡ ସ୍ତରର ଟପ୍ପର, ଶ୍ରେଷ୍ଠ ସ୍ନାତକ (ବେଷ୍ଟ ଗ୍ରାଜୁଏଟ୍), ଯୁକ୍ତ–୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଟପ୍ପରଙ୍କ ସହିତ ଯୁକ୍ତ–୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଟପ୍ପର ଛାତ୍ରଛାତ୍ରୀଙ୍କୁ ପ୍ରଯୋଜକମାନଙ୍କ ସହଯୋଗରେ ସମ୍ମାନିତ କରାଯିବ। ସେହିପରି ଉପଖଣ୍ଡର ଦୁଇଜଣ ଶ୍ରେଷ୍ଠ ଚାଷୀଙ୍କୁ ମଧ୍ୟ ସମ୍ମାନିତ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସ୍ୱାଧୀନତା ଦିବସ ଅବସରରେ ପ୍ୟାରେଡ୍ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ସହକାରୀ ବେଦବ୍ୟାସ ଭୋଇ, ନିହାର ରଞ୍ଜନ ସେଠୀ, ବରିଷ୍ଠ ଡାକ୍ତର ଅନିତା ସିଂ, କରଞ୍ଜିଆ ଏନ୍ ?ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଧର୍ମେନ୍ଦ୍ର ସିଂ, ଜାତୀୟ ଦିବସ ପାଳନ କମିଟିର କୋଷାଧକ୍ଷ ତଥା କରଞ୍ଜିଆ ପ୍ରେସ୍ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ମହୋତ୍ସବ କମିଟିର ସମ୍ପାଦକ ତଥା ଆଇନଜୀବୀ ଦିବ୍ୟ ପ୍ରସାଦ ସାହୁ, ବିଭିନ୍ନ ପ୍ରତିଯୋଗିତାର ପ୍ରଯୋଜକ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଜାତୀୟ ଦିବସ ପାଳନ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ମଧୁସୂଦନ ନାଏକ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ବୈଠକର ସମାପ୍ତି ଘୋଷଣା କରିଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟରେ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କିତ କର୍ମଶାଳା



**ବାରିପଦା(ଅମୃତମିଡିଆ):** ସରକାରୀ ମହିଳା ମହାବିଦ୍ୟାଳୟ ବାରିପଦାର ଶିକ୍ଷା ବିଭାଗ, ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ? ବିଭାଗ ଏବଂ ସାଧନା ଏନଜିଓର ମିଳିତ ସହଯୋଗରେ ସାମାଜିକ କାର୍ଯ୍ୟକ୍ରମ ଓ ତାର ପ୍ରଭାବ ଶୀର୍ଷକ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଜୀବନ ବଞ୍ଚିବା ନିମନ୍ତେ ଅର୍ଥ ଅପରିହାର୍ଯ୍ୟ ସତ କିନ୍ତୁ ମଣିଷର ମାନବିକତା, ଅର୍ଥ ଠାରୁ ମଧ୍ୟ ଅଧିକ ଜରୁରୀ ବୋଲି ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସାଗରିକା ସିଂହ ନିଜର ବକ୍ତବ୍ୟରେ କହିଥିଲେ । ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ନିଶ୍ଚିତ ଭାବରେ ଏହି ମାନବିକତା ରୂପୀ ଗୁଣଟି ପରିସ୍ଫୁଟ ହେବ ବୋଲି ଆଶାବାଦୀ ଥିବା କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାଧନା ଏନଜିଓର ନିର୍ଦ୍ଦେଶକ ପ୍ରଭାକର ସାହୁ ଯୋଗଦେଇ ସମାଜ ସେବାରେ ନିଜକୁ ନିୟୋଜିତ କରୁଥିବା ଛାତ୍ରୀମାନେ ଯେତେବେଳେ ଜୀବନ ଯୁଦ୍ଧରେ ପଦାର୍ପଣ କରିବେ, ସେତେବେଳେ ବହୁ ଜଟିଳ ସମସ୍ୟାର ସମାଧାନ ଦିଗରେ ସଫଳ ହେବା ସହିତ ଜଣେ ସଫଳ ବ୍ୟକ୍ତିତ୍ୱରେ ପରିଣତ ହେବାରେ ସକ୍ଷମ ହୋଇପାରିବେ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଶିକ୍ଷା ବିଭାଗର ମୁଖ୍ୟ ତଥା କାର୍ଯ୍ୟକ୍ରମର ଆବାହକ ଡକ୍ଟର ଧନେଶ୍ୱର ବେହେରା ଛାତ୍ରୀମାନଙ୍କ ପାଇଁ ଆୟୋଜିତ ହୋଇଥିବା ସାମାଜିକ କାର୍ଯ୍ୟକ୍ରମର ଆବଶ୍ୟକତା ସଂପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ସେହିପରି ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଅନୁପମା ଭୋଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ରସାୟନ ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡକ୍ଟର ବିଘ୍ନାଂଶୁ କୁମାର ଜେନା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ନିଶାମୁକ୍ତି ଅଭିଯାନ

## ନିଶାଠୁ ଦୂରେଇ ରହିବା ପାଇଁ କଲେ ସାମୂହିକ ଶପଥ ପାଠ



**ବାରିପଦା(ଅମୃତମିଡିଆ):**ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବେତନଟୀ ସେବା କେନ୍ଦ୍ର ତରଫରୁ ବେତନଟୀ ମହାବିଦ୍ୟାଳୟର ଅଡିଟୋରିୟମ ଗୃହରେ ଗୁରୁବାର 'ନିଶା ମୁକ୍ତି ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ମହାବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୟୂରଭଞ୍ଜ ଜିଲ୍ଲା ସଞ୍ଚାଳିକା ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀ , ମୁଖ୍ୟବକ୍ତା ଭାବେ ବେତନଟୀ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ , ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ପ୍ରଶାନ୍ତ କୁମାର ବେହେରା , ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନ ପ୍ରାଧାପକ ଡଃ. ବନବିହାରୀ ମହାନ୍ତି , ସଂଯୋଜକ ବ୍ରହ୍ମାକୁମାର କୃପାସିନ୍ଧୁ ପ୍ରମୁଖ ମଞ୍ଚାସୀନ ଥିଲେ । ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର, ସମାଜ ଓ ଜାତିର ଭବିଷ୍ୟତକୁ ମଧ୍ୟ କ୍ଷତିଗ୍ରସ୍ତ କରିଥାଏ । ତେଣୁ ଏହି ନିଶାକୁ ଦୂରେଇ ନିଜକୁ ଭଗବତ ବିଶ୍ୱାସୀ ହେବା ନିମନ୍ତେ ମଞ୍ଚାସୀନ ଅତିଥି ସମୂହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ସମାଜରୁ ନିଶା ସେବନର କୁପ୍ରଭାବ ଦୂର କରି ସୁସ୍ଥ, ସଚେତନ ଓ ମୂଲ୍ୟବୋଧ ସମ୍ପନ୍ନ ସମାଜ ଗଠନ ନିମନ୍ତେ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅତିଥି ସାମୂହିକ ଶପଥ ପାଠ କରିଥିଲେ । ବ୍ରକୁ ବନିତା ବିଭିନ୍ନ ନିଶାର କୁପ୍ରଭାବତା ଏବଂ ଏହାର ନିବାରଣକୁ ଚିତ୍ର ପ୍ରଦର୍ଶନୀ ଆଧାରରେ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ସାରା ଜିଲ୍ଲାର ବିଭିନ୍ନ ସେବା କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ବେତନଟୀ ବ୍ଲକରେ ମଧ୍ୟ ଏହି ଅଭିଯାନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଗ୍ରାମାଞ୍ଚଳ ମାନଙ୍କରେ ସଚେତନତା ସଭା, ପଦଯାତ୍ରା, ନିଶାମୁକ୍ତ ଶପଥ, ରାଜଯୋଗ ଧ୍ୟାନ ଶିବିର, ମୂଲ୍ୟବୋଧ ଭିତ୍ତିକ ଆଲୋଚନାଚକ୍ର କରାଯିବ ବୋଲି ମୁଖ୍ୟ ସଞ୍ଚାଳିକା ବ୍ରକୁ ବନିତା ସୂଚନା ପ୍ରଦାନ କରିଛନ୍ତି । ପରିଶେଷରେ ଭଉଣୀ ମାନଙ୍କ ଦ୍ୱାରା ରାଜଯୋଗ ର ଅଭ୍ୟାସ ମଧ୍ୟ କରାଯାଇଥିଲା । ଏଥିରେ +୨ ଏବଂ +୩ ର ଏନଏସଏସ ୟୁନିଟର ମୁଖ୍ୟ , ସମସ୍ତ ଅଧାପକ, ଅଧାପିକା ଏବଂ ବ୍ରକୁ ପ୍ରଭାତି , ବ୍ରକୁ ବାସନ୍ତୀ , ବ୍ରକୁ ଅନିଲ , ବ୍ରକୁ ବିଜୟ ସହଯୋଗ କରିଥିଲେ । ଶେଷରେ ବ୍ରହ୍ମାକୁମାର ପ୍ରଶାନ୍ତ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ ।





# ୨୦ ନମ୍ବର ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

## ■ ଯାତାୟାତ ବାଧାପ୍ରାପ୍ତ ■ ଯାତ୍ରୀଙ୍କ ଜୀବନ ବିପଦରେ



**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଘଟଗାଁ ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥ ଏବେ ସାଧାରଣ ଜନତା ଓ ଗାଡ଼ି ଚାଳକଙ୍କ ପାଇଁ ଏକ ପ୍ରକାର ମରଣଯନ୍ତା ପାଲଟିଛି । ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ପଥ ହୋଇଥିଲେ ମଧ୍ୟ ଏହାର ଦୁରବସ୍ଥା ଦିନକୁ ଦିନ ବଢ଼ିବାରେଲାଗିଛି, ଯାହା ପ୍ରଶାସନିକ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ସୂଚନା ଅନୁଯାୟୀ, ମାତ୍ର କିଛି ମାସ ପୂର୍ବରୁ ଏହି ରାସ୍ତାର ମରାମତି କରାଯାଇ ଉପରେ ନୂତନ ପିଚୁ ପକାଯାଇଥିଲା । କିନ୍ତୁ ବିଡ଼ମ୍ବନାର କଥା ଯେ, ମାସ କେଇଟା ଗଡ଼ି ନଯାଉଣୁ ପିଚୁ ସବୁ ଉଠିଯାଇ ରାସ୍ତାଟି ଛୋଟ ବଡ ଖାଲଖମାରେ ଭର୍ତ୍ତି ହୋଇଗଲାଣି । ନିମ୍ନମାନର କାମ ଯୋଗୁଁ ରାସ୍ତାର ଏଭଳି ଦଶା ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଗାତଗୁଡ଼ିକରେ ବର୍ଷାଜମି ରହିବା କାରଣରୁ ଗାଡ଼ି ଚାଳକମାନେ ଖାଲର ଗଭୀରତା ଆକଳନ କରିପାରୁନାହାନ୍ତି । ବିଶେଷ କରି ରାତି ସମୟରେ ଅଜଣା ଗାଡ଼ି ଚାଳକମାନେ ଏହି ଜାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଭାରୀଯାନ, ବସ୍ ଏବଂ ବାଇକ ଆରୋହୀ ଯାତାୟାତ କରନ୍ତି । ଖାଲଖମାର ଭରା ରାସ୍ତା ଯୋଗୁଁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି ଏବଂ ଅନେକ ଲୋକ ଗୁରୁତର ଆହତ ମଧ୍ୟ ହେଉଛନ୍ତି । ଏକ ଜାତୀୟ ରାଜପଥର ଏଭଳି କ୍ଷତିଗ୍ରସ୍ତ ଅବସ୍ଥା କେବଳ ଯାତାୟାତକୁ ବାଧାପ୍ରାପ୍ତ କରୁନାହିଁ, ବରଂ ନିରୀହ ଜୀବନ ସହ ଖେଳୁଛି । ତେଣୁ ପ୍ରଶାସନ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାକୁ ସମ୍ପୂର୍ଣ୍ଣ ମରାମତି କରିବା ସହ ନିମ୍ନମାନର କାମ କରିଥିବା ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର ଧରିଛି ।

# ସୁରକ୍ଷା ପାଇଁ ବୁଲା ଗୋରୁଗାଈଙ୍କ ବେକରେ ଲାଗିଲା ରେଡିଅମ ବେଲ୍ଟ




**ରଘୁନାଥପୁର (ଅମୃତ ମିଡିଆ):** ଜଗତ୍‌ସିଂହପୁର ଜିଲ୍ଲା ପଶୁସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ରଘୁନାଥପୁର ବ୍ଲକର ରାଜରାସ୍ତା ତଥା ଅନ୍ୟାନ୍ୟ ସ୍ଥାନରେ ବୁଲୁଥିବା ୧ ଶହ ଗୋରୁଗାଈଙ୍କୁ ରେଡିଅମ ବେଲ୍ଟ ପିନ୍ଧାଯାଇଛି ।ଏହି କାର୍ଯ୍ୟକ୍ରମକୁ ସିଡିଭିଓ ଡ.ଜଳଧର ପ୍ରଧାନ ଉଦଘାଟନ କରିଥିଲେ । ରାସ୍ତାଘାଟରେ ଅବାଧରେ ବୁଲୁଥିବା ଗୋରୁଗାଈଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋମାତା ସୁରକ୍ଷା ଯୋଜନାରେ ସେମାନଙ୍କ ବେକରେ ଏହି ବେଲ୍ଟ ପିନ୍ଧା ଯାଉଛି । ଯଦ୍ୱାରା ରାସ୍ତାରେ ଦୁର୍ଘଟଣା ହ୍ରାସ ହେବାସହ ଦୂରରୁ ଲାଇଟରେ ଦେଖି ବାଇକ ତଥା ଚାରିଚକିଆ ଜାନରେ ଯାଉଥିବା ବ୍ୟକ୍ତି ସତର୍କ ହୋଇପାରିବେ ବୋଲି ଡ.ପ୍ରଧାନ ପ୍ରକାଶ କରିଥିଲେ ।ବିଭିଓ ଡ.ଚିନ୍ମୟ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଭିଓ ଡ.ଯଦୁନାଥ ପରିଡା,ଭିଏଏସ ଡ. ପ୍ରତିତି ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ । ଦେଶପ୍ରୀୟ ମହାନ୍ତିଙ୍କ ସହ ସମସ୍ତ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

# ସୁନାଗହଣା ଚୋରି ଘଟଣାର ପର୍ଦ୍ଦାଫାସ ଅଭିଯୁକ୍ତ ଗିରଫ



**ମୋହନା (ଅମୃତ ମିଡିଆ):** ଆର୍.ଉଦୟଗିରି ଥାନା ପୋଲିସ ଏକ ସୁନା ଗହଣା ଚୋରି ଘଟଣାର ପର୍ଦ୍ଦାଫାଶ କରିଛି । ଆର୍. ଉଦୟଗିରି ଖ୍ରୀଷ୍ଟିଆନ ସାହି ବାସିନ୍ଦା ଝୁମ୍ପି ରଇତ ଗୁରୁବାର ତାଙ୍କ ବଡ଼ବାପାଙ୍କ ଅସୁସ୍ଥତା ଖବର ପାଇ ସ୍ୱାମୀଙ୍କ ସହ ଲୁହାଖୁଣ୍ଟି ଗ୍ରାମକୁ ଯାଇଥିଲେ । ସେହି ସମୟରେ ଘରେ ରଖିଥିବା ପ୍ରାୟ ଦେଢ଼ ଭରି ସୁନା ହାର ଓ ୧୨ ଅଣା ଓଜନର ସୁନା କାନଫୁଲ ଚୋରି ହୋଇଯାଇଥିଲା । ଝୁମ୍ପି ରଇତଙ୍କ ଥାନାରେ ଅଭିଯୋଗ ଆଧାରରେ ଆର୍.ଉଦୟଗିରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଅଭିଯୋଗ କରିଥିବା ଝୁମ୍ପି ରଇତଙ୍କ ଭିଣୋଇ ସମୀର ଲିମା ଏହି ଚୋରି କରିଥିବା ଜଣାପଡ଼ିଥିଲା । ଅଭିଯୁକ୍ତଠାରୁ ପୋଲିସ ଚୋରି ହୋଇଥିବା ସୁନାକୁ ଜବତ କରିବା ସହ ଅଭିଯୁକ୍ତ ସମୀର ଲିମାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟପଟେ ଜବତ ହୋଇଥିବା ସମସ୍ତ ସୁନା ଝୁମ୍ପୀ ରଇତଙ୍କୁ ଦିଆଯିବ ବୋଲି ଆର୍. ଉଦୟଗିରି ଥାନା ଅଧିକାରିଣୀ କଳ୍ପଲତା ପ୍ରଧାନ ସୂଚନା ଦେଇଛନ୍ତି ।

# ୧୨ ଫୁଟ ଲମ୍ବର ଅହିରାଜ ଉଦ୍ଧାର



**ଦିଗପହଣ୍ଡି (ଅମୃତ ମିଡିଆ):** ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍‌ଏସି ୩ ନଂ ୱାର୍ଡ ପିଏଚ୍‌ଡି ରୋଡ୍ କେନାଲ କଡ଼ ମୋବାଇଲ ଟାୱାର ନିକଟରୁ ପ୍ରାୟ ୧୨ ଫୁଟ ଲମ୍ବର ଏକ ଅହିରାଜ ସାପକୁ ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ଉଦ୍ଧାର କରି ନିକଟସ୍ଥ ଚାଙ୍ଗୁଡ଼ି ଦେଇ ଜଙ୍ଗଲରେ ଛାଡ଼ିଦେଇଥିବା ଜଣାପଡ଼ିଛି । ଅହିରାଜ ସାପଟି ସେଠାରେ ରହି ଗର୍ଜନ କରୁଥିବାବେଳେ ସ୍ଥାନୀୟ ନୂଆସାହି ଏବଂ ଉମାଶଙ୍କର କଲୋନୀର କିଛି ଯୁବକ ସାପଟିକୁ ପ୍ରଥମେ ଦେଖିଥିଲେ । ଖବର ପ୍ରଚାରିତ ହେବାପରେ ସାପ ଦେଖିବାକୁ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ହୋଇଥିଲା । ଏନେଇ ଦିଗପହଣ୍ଡି ବନବିଭାଗ କାର୍ଯ୍ୟାଳୟକୁ ସୂଚନା ଦିଆଯିବା ପରେ ବନ ବିଭାଗ କର୍ତ୍ତୃପକ୍ଷ ଶେରଗଡ଼ର ସ୍ନେକ୍ ହେଲ୍ପଲାଇନ ସଦସ୍ୟଙ୍କୁ ଜଣାଇଥିଲେ । ସ୍ନେକ୍ ହେଲ୍ପଲାଇନର ଦୁଇଜଣ ସଦସ୍ୟଙ୍କ ସହାୟତାରେ ଅତ୍ୟନ୍ତ ସନ୍ତର୍ପଣ ସହକାରେ ପୁରୁଷ ପ୍ରଜାତିର ଅହିରାଜକୁ ଧରି ନିକଟସ୍ଥ ଚାଙ୍ଗୁଡ଼ିଦେଇ ଜଙ୍ଗଲରେ ସୁରକ୍ଷିତ ଅବସ୍ଥାରେ ଛଡ଼ାଯାଇଥିବା ଜଣାପଡ଼ିଛି । ଅହିରାଜଟି କେନାଲ ପାଣି ରେ ଭାସି ଆସିଥିବା ସାହି ବାସିନ୍ଦା ଅନୁମାନ କରିଛନ୍ତି । ଅପରପକ୍ଷରେ ନିକଟସ୍ଥ ଜଙ୍ଗଲରୁ ଅହିରାଜ ସାପ ବାରମ୍ବାର ଜନବସତି ଅଞ୍ଚଳକୁ ଚାଲି ଆସୁଥିବାର ଯଥେଷ୍ଟ କାରଣ ଜଣାପଡୁନାହିଁ । ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ଅହିରାଜ ସାପଗୁଡ଼ିକ ଜନବସତିକୁ ଚାଲି ଆସୁଥିବା ପ୍ରାଣୀ ବିଜ୍ଞାନୀମାନଙ୍କ ସହ ଆଲୋଚନାରୁ ଜଣାପଡ଼ିଛି ।

# ସ୍ୱାଧୀନତା ଦିବସ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ

## ସାଂସ୍କୃତିକ ଚୟନ ଶିବିର ଓ ଜିଲ୍ଲାସ୍ତରୀୟ ଓପନ କୁଇଜ୍

**ଯାଜପୁର (ଅମୃତ ମିଡିଆ):** ଆସନ୍ତା ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ-୨୦୨୬ କୁ ଯାଜପୁର ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ଅତ୍ୟନ୍ତ ଆଡ଼ମ୍ବର, ଜାତୀୟତାବୋଧ ଓ ଉତ୍ସାହର ସହିତ ପାଳନ କରିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଜାତୀୟ ପର୍ବ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ବୌଦ୍ଧିକ ବିକାଶ ଏବଂ ସୃଜନଶୀଳ ପ୍ରତିଭାର ବିକାଶ ଲକ୍ଷ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି । ଛାତ୍ରଛାତ୍ରୀମାନଙ୍କ ସାଧାରଣ ଜ୍ଞାନ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଗୌରବମୟ ଇତିହାସ, ଜାତୀୟ ପ୍ରତୀକ ଏବଂ ଓଡ଼ିଶାର ସଂସ୍କୃତି ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୦୯।୦୮।୨୦୨୬ (ରବିବାର) ପୂର୍ବାହ୍ନ ୧୦:୦୦ ଘଟିକା ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲା ସ୍ତରୀୟ ଓପନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ତତକ୍ଷଣାତ୍ ଆକର୍ଷଣୀୟ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯିବ ।

ଏହା ବ୍ୟତୀତ, ଆସନ୍ତା ୧୫ ଅଗଷ୍ଟ ୨୦୨୬ ରିଖରେ ପ୍ରଶାସନିକ ଭବନ ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଜିଲ୍ଲାର ସର୍ବୋତ୍ତମ ୦୪ ଗୋଟି ସାଂସ୍କୃତିକ ଦଳଙ୍କୁ ଚୟନ କରାଯିବ । ଏହି ଚୟନ ଶିବିର ଆସନ୍ତା ୧୦.୦୮.୨୦୨୬ (ସୋମବାର) ପୂର୍ବାହ୍ନ ୧୦:୦୦ ଘଟିକାରେ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁରଠାରେ ଅନୁଷ୍ଠିତ ହେବ, ଯେଉଁଥିରେ ଦେଶପ୍ରେମମୂଳକ ଆଧୁନିକ ନୃତ୍ୟ, ପାରମ୍ପରିକ ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ କିମ୍ବା ମଞ୍ଚୋପଯୋଗୀ ଅନ୍ୟାନ୍ୟ ପରିବେଷଣ କଳାକୁ ଗୁରୁତ୍ୱ ଦିଆଯିବ । ସଫଳ ହୋଇଥିବା ୦୪ ଗୋଟି ଶ୍ରେଷ୍ଠ ଦଳଙ୍କୁ ମଧ୍ୟ ମୁଖ୍ୟ ସମାରୋହରେ ପୁରସ୍କୃତ ଓ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ଏନ୍‌ଏସିର ସବୁ ରାସ୍ତା ପାଲଟିଛି ଗାଈଗୋରୁଙ୍କ ଆଡ୍ଡାସ୍ଥଳୀ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ କୁମ୍ଭକର୍ଣ୍ଣ ନିଦ୍ରାରେ ଏନ୍‌ଏସି କର୍ତ୍ତୃପକ୍ଷ

**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ଏନ୍‌ଏସିର ସବୁ ରାସ୍ତା ଗାଈଗୋରୁଙ୍କ ଆଡ୍ଡା ଜମୁଥିବା ସବୁବେଳେ ଦେଖିବାକୁ ମିଳୁଛି । କେତେବେଳେ ଗାଈଗୋରୁଙ୍କ ଯୋଗୁଁ ଲୋକଙ୍କ ଜୀବନ ଯାଉଛି । ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣାରେ ଗାଈଗୋରୁଙ୍କ ଜୀବନ ଯାଉଛି । ବାରମ୍ବାର ଏ ସଂପର୍କରେ ଅଭିଯୋଗ ହେଉଥିଲେ ମଧ୍ୟ ଏନ୍‌ଏସି କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ । ହିନ୍ଦୋଳ ଏନ୍‌ଏସି ମଧ୍ୟରେ ଉପଖଣ୍ଡସ୍ତରୀୟ ସମସ୍ତ କାର୍ଯ୍ୟାଳୟମାନ ରହିଥିବାରୁ କୋଣ



ଅନୁକୋଣରୁ କାର୍ଯ୍ୟାଳୟକୁ ଗାଡ଼ି ମୋଟର ଦ୍ୱାରା ଲୋକମାନେ ନିଜର କାର୍ଯ୍ୟ କରିବାକୁ ଯାତାୟାତ କରିଥାଆନ୍ତି । ଏତଦବ୍ୟତୀତ ସ୍କୁଲ୍ ଓ କଲେଜ୍ ଛାତ୍ରଛାତ୍ରୀ ଶିକ୍ଷାଅଧ୍ୟୟନ କରିବାକୁ ଯିବା ସଙ୍ଗେସଙ୍ଗେ ଉପଖଣ୍ଡରେ ଥିବା ମେଡିକାଲକୁ ମଧ୍ୟ ରୋଗୀମାନେ ଚିକିତ୍ସା ପାଇଁ ଯିବା ଆସିବା କରିଥାଆନ୍ତି । ବଡ଼ ଦୁର୍ଭାଗ୍ୟର ବିଷୟ କି ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ସମସ୍ତ ରାସ୍ତା ଗାଈଗୋରୁଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଯାହାଫଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାର ନଜିର ରହିଛି । ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେବାପରେ ମଧ୍ୟ ଏନ୍‌ଏସି କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇରହିଛି । ଫଳରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକୃତରେ ଏନ୍‌ଏସି କର୍ତ୍ତୃପକ୍ଷ ଅକ୍ଷମ ନା ଏହା ତାଙ୍କର ଗାଲୁଆମୀ ବୋଲି ମଧ୍ୟ ସାଧାରଣରେ ଚର୍ଚ୍ଚା ଆଲୋଚନା ଚାଲିଛି । ତେବେ ଏହି ଖବର ପ୍ରକାଶିତ ହେବାପରେ ଏନ୍‌ଏସି କର୍ତ୍ତୃପକ୍ଷ କେବେ ରାସ୍ତାରୁ ଗାଈଗୋରୁଙ୍କୁ ମୁକ୍ତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ବେଆଇନ ବାଲି ଉତ୍ତୋଳନ ଅଭିଯୋଗ

## ଖଣି ବିଭାଗ କାର୍ଯ୍ୟାନୁଷ୍ଠାନକୁ ନେଇ ଉଠିଲା ପ୍ରଶ୍ନ



**ଚିକିଟି (ଅମୃତ ମିଡିଆ):** ଚିକିଟି ବ୍ଲକର ବିଭିନ୍ନ ନଦୀଘାଟରେ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ପୁଣିଥରେ ଅଭିଯୋଗ ଉଠିଛି । ରାତି ଓ ଭୋର ସମୟରେ ଟ୍ରାକ୍ଟର ଏବଂ ହାଇୱା ଯୋଗେ ବାଲି ପରିବହନ ହେଉଥିବା ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା ଏହା ଉପରେ ତୁରନ୍ତ ରୋକ ଲଗାଇବାକୁ ଦାବି କରିଛନ୍ତି ।

# ସାଇକେଲରେ ୧୦ ହଜାର କିଲୋମିଟର ତୀର୍ଥ ଭ୍ରମଣ

## ଘନଶ୍ୟାମଙ୍କ ପ୍ରେରଣାଦାୟୀ ଯାତ୍ରା



**ଘଟଗାଁ (ଅମୃତ ମିଡିଆ):** ଦୃଢ଼ ଇଚ୍ଛାଶକ୍ତି ଏବଂ ସାହସ ଆଗରେ କୌଣସି ଦୂରତା କିମ୍ବା ବାଧାବିଘ୍ନ ବଡ଼ ହୋଇ ନଥାଏ—ଏହାର ଏକ ଜ୍ୱଳନ୍ତ ଉଦାହରଣ ପ୍ରଦାନ କରିଛନ୍ତି ରାଜସ୍ଥାନ ଯୋଧପୁର ଅଞ୍ଚଳର ସାହସୀ ଯୁବକ ଘନଶ୍ୟାମ ଦାସ । ସେ ସାଇକେଲରେ ଏକାକୀ ଦେଶାନ୍ତର ଯାତ୍ରାରେ ବାହାରି ଭାରତର ବିଭିନ୍ନ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ପରିଦର୍ଶନ କରୁଛନ୍ତି । ନିକଟରେ ସେ ଓଡ଼ିଶାରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର (ପୁରୀ) ଏବଂ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ଦର୍ଶନ କରିଛନ୍ତି । ଏହି ଯାତ୍ରା ସମୟରେ ଓଡ଼ିଶାର ପ୍ରାକୃତିକ ପରିବେଶ ଏବଂ ଏଠାକାର ଲୋକମାନଙ୍କ ଆତିଥେୟତା ତାଙ୍କୁ ବିମୋହିତ କରିଥିବା ସେ ପ୍ରକାଶ କରିଛନ୍ତି । ଓଡ଼ିଶାରେ ଅତିବାହିତ କରିଥିବା ସମୟ ତାଙ୍କ ପାଇଁ ଅତ୍ୟନ୍ତ ସ୍ମରଣୀୟ ରହିଛି ବୋଲି ସେ କହିଛନ୍ତି । ଓଡ଼ିଶା ଭ୍ରମଣ ପରେ ସେ କେନ୍ଦୁଝର ରାସ୍ତା ଦେଇ ଦେଶର ଅନ୍ୟାନ୍ୟ ପ୍ରମୁଖ ଧର୍ମପୀଠ ଆଡ଼କୁ ଅଗ୍ରସର ହେଉଛନ୍ତି । ସେ ଗୟା, କାଶୀବିଶ୍ୱନାଥ, ଅଯୋଧ୍ୟା, ମଥୁରା, ହରିଦ୍ୱାର, କାଟୁଶ୍ୟାମ ଏବଂ ପୁଷ୍କରରାଜ ପରି ପବିତ୍ର ତୀର୍ଥସ୍ଥାନଗୁଡ଼ିକରେ ପହଞ୍ଚି ଦର୍ଶନ କରିବାର ଦୃଢ଼ ଲକ୍ଷ୍ୟ ରଖିଛନ୍ତି । ସୂଚନାଯୋଗ୍ୟ ଯେ, ପ୍ରାୟ ୧୦,୦୦୦ କିଲୋମିଟରର ଏହି ବିଶାଳ ଦୀର୍ଘ ସାଇକେଲ ଯାତ୍ରାକୁ ସଫଳ କରିବା ପାଇଁ ସମୁଦାୟ ୩ ମାସ ସମୟ ଲାଗିବ ବୋଲି ଘନଶ୍ୟାମ ଆକଳନ କରିଛନ୍ତି । ତାଙ୍କର ଏହି ଅନନ୍ୟ ତୀର୍ଥଯାତ୍ରା କେବଳ ଏକ ଆଧାତ୍ମିକ ଅଭିଜ୍ଞତା ନୁହେଁ, ବରଂ ସମାଜକୁ ଆତ୍ମବିଶ୍ୱାସ ଓ ସାହସର ଏକ ବାର୍ତ୍ତା ପ୍ରଦାନ କରୁଛି ।

# କୋଦଳାରେ ମାଇକ୍ରୋ ଫାଇନାନ୍ସ ଜମାକାରୀଙ୍କ ବିକ୍ଷୋଭ

## ◆ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ବେଗୁନିଆପଡା (ଅମୃତ ମିଡିଆ):** ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ଚିଟଫଣ୍ଡ ଜମାକାରୀ । ଜମାଟଙ୍କା ଫେରସ୍ତ ଦାବିରେ ଗଞ୍ଜାମ ଜିଲ୍ଲା କୋଦଳା ଠାରେ ମାଇକ୍ରୋ ଫାଇନାନ୍ସ ଜମାକାରୀଙ୍କ ପ୍ରତିବାଦ ଦେଖିବାକୁ ମିଳିଛି । ଶୁକ୍ରବାର ଦଣ୍ଡିଶ୍ୱର ମନ୍ଦିରରୁ ଏକ ଶୋଭାଯାତ୍ରା ମାଧ୍ୟମରେ ଶତାଧିକ କ୍ଷତିଗ୍ରସ୍ତ ବାହାରି କୋଦଳା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଜମାକାରୀଙ୍କ ଅର୍ଥ ଫେରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ପ୍ରଦାନ କରିଛନ୍ତି । ଦାବି ପୂରଣ ନହେଲେ ଆଗକୁ ତୀବ୍ର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଗଞ୍ଜାମ ଜିଲ୍ଲାରୁ




ଆରମ୍ଭ ହୋଇ ରାଜ୍ୟରେ କାୟା ବିସ୍ତାର କରିଥିଲା ମାଇକ୍ରୋ ଫାଇନାନ୍ସ କମ୍ପାନୀ । ଗରିବ ଖଟିଖିଆ ମଜୁରିଆ ଲୋକେ କିଛି ଅଧିକ ସୁଧ ପାଇବା ଆଶାରେ ଏଥିରେ ନିଜର କଷ୍ଟ ଅର୍ଜିତ ଧନ ଜମା କରିଥିଲେ । ତେବେ ଏଯାଏଁ ଜମା ଅର୍ଥ ଫେରିପାଇବା ବ୍ୟବସ୍ଥା ସରକାର କରୁ ନାହାଁନ୍ତି । ନିର୍ବାଚନ ପୂର୍ବରୁ ଚିଟଫଣ୍ଡ ଟଙ୍କା ଫେରସ୍ତ ନେଇ ବିଜେପି ପ୍ରତିଶ୍ରୁତି ଦେଇଥିଲା । ଏବେ ସରକାର ଆସିବାର ୨ ବର୍ଷ ପୂର୍ତ୍ତି ହୋଇଥିଲେ ମଧ୍ୟ ଆମ କଥା ବୁଝୁ ନଥିବା ଅଭିଯୋଗ କରିଛନ୍ତି ଜମାକାରୀ । ସରକାର ସବୁ କ୍ଷତିଗ୍ରସ୍ତ ଜମକାରୀଙ୍କୁ ଚିହ୍ନଟ କରି ଟଙ୍କା ଫେରସ୍ତ କରିବା ପାଇଁ ଦାବି କରିଛନ୍ତି ମଞ୍ଚର ରାଜ୍ୟ ଆବାହକ ଉମେଶ ଚନ୍ଦ୍ର ନାୟକ । ଦୀର୍ଘ ୧୨ ବର୍ଷ ପରେ ବି ଏଯାବତ୍ ମାଇକ୍ରୋ ଫାଇନାନ୍ସ ଜମାକାରୀ କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତ ହୋଇ ପାରୁନି । ଏଣୁ ତହସିଲ କାର୍ଯ୍ୟାଳୟ ଜରିଆରେ କ୍ଷତିଗ୍ରସ୍ତ ଜମକାରୀଙ୍କୁ ଚିହ୍ନଟ କରିବା ପାଇଁ ସରକାର ବ୍ୟବସ୍ଥା କରାଇବା, ଏହି ଠକେଇ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜମାକାରୀଙ୍କୁ ଜମାଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି ଜମାକାରୀ । ଏଥିରେ ବେଗୁନିଆପଡ଼ା ଓ କୋଦଳା ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଜମାକାରୀ ମାନେ ଉପସ୍ଥିତ ରହି ପ୍ରତିବାଦ କରିଥିଲେ ।

### ୧୨୯ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା

# ହୃଦୟରେ ଅସୀମ ଭକ୍ତି ଓ ମନରେ ନ୍ୟାୟ ମିଳିବାର ଆଶା





**ପୁରୀ (ବ୍ୟୁରୋ):** ଆଖିରେ ମହାପ୍ରଭୁଙ୍କୁ ଦେଖିବାର ଆକୁଳତା, ହୃଦୟରେ ଅସୀମ ଭକ୍ତି ଏବଂ ମନରେ ନ୍ୟାୟ ମିଳିବାର ଆଶା। ଏହି ଆଶା ଓ ଆସ୍ଥାକୁ ସାଥୀ କରି ପୁରୀବାସୀଙ୍କ ନୀରବ ସତ୍ୟାଗ୍ରହ ପଦଯାତ୍ରା ଶୁକ୍ରବାର ୧୨୯ ଦିନରେ ପହଞ୍ଚିଛି। ଦୀର୍ଘ ଚାରି ମାସରୁ ଊର୍ଦ୍ଧ୍ୱ ସମୟ ଧରି ଶାନ୍ତି, ଶୃଙ୍ଖଳା ଓ ଅହିଂସାର ପଥରେ ଚାଲି ଆସୁଥିବା ଏହି ସତ୍ୟାଗ୍ରହ ଆଜି କେବଳ ଏକ ଆନ୍ଦୋଳନ ନୁହେଁ, ବରଂ ପୁରୀବାସୀଙ୍କ ମନର ଏକ ନୀରବ କଥାରେ ପରିଣତ ହୋଇଛି। ଉତ୍କଳ ଦିବସରୁ ଆରମ୍ଭ ହୋଇଥିବା ଏହି ନୀରବ ପଦଯାତ୍ରାର ପ୍ରତିଟି ପାଦଚିହ୍ନରେ ରହିଛି ଏକ ପ୍ରଶ୍ନ-ଯେଉଁ ମହାପ୍ରଭୁଙ୍କୁ ପୁରୀବାସୀ ନିଜ ଜୀବନର ଅଂଶ, ନିଜ ସୁଖଦୁଃଖର ସାଥୀ ଏବଂ ନିଜ ଘରର ଦେବତା ଭାବେ ଗ୍ରହଣ କରିଆସିଛନ୍ତି, ତାଙ୍କ ଦର୍ଶନ ପାଇଁ ସେହି ପୁରୀବାସୀଙ୍କୁ ଆଉ କେତେ ଦିନ ଅପେକ୍ଷା କରିବାକୁ ପଡ଼ିବ? ପୁରୀ କେବଳ ଏକ ସହର ନୁହେଁ। ଏହା ମହାପ୍ରଭୁଙ୍କ ନୀଳାଚଳ ଧାମ। ଏଠାକାର ଲୋକଙ୍କ ଜୀବନ, ପରମ୍ପରା, ସଂସ୍କୃତି, ପର୍ବପର୍ବାଣୀ ଓ ଦୈନନ୍ଦିନ ଜୀବନ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ିଉଠିଛି। ମହାପ୍ରଭୁଙ୍କ ଦର୍ଶନ ପୁରୀବାସୀଙ୍କ ପାଇଁ କେବଳ ଏକ ଧାର୍ମିକ ଅନୁଭୂତି ନୁହେଁ; ଏହା ସେମାନଙ୍କ ଭାବନା, ଆସ୍ଥା ଓ ଜୀବନର ଏକ ଅବିଚ୍ଛିନ୍ନ ଅଂଶ। ସେହି ଦର୍ଶନରୁ ଦୂରେଇ ଯିବାର ବେଦନାକୁ ନେଇ ହିଁ ୧୨୯ ଦିନ ଧରି ରାସ୍ତାରେ ଚାଲୁଛନ୍ତି ସତ୍ୟାଗ୍ରହୀ। କେହି ହାତରେ ଦାବିର ପ୍ଲାକାର୍ଡ ଧରିଛନ୍ତି, କେହି ନୀରବତାକୁ ଅସ୍ତ୍ର କରିଛନ୍ତି, ଆଉ କେହି ମହାପ୍ରଭୁଙ୍କ ନାମ ନେଇ ଆଗକୁ ବଢୁଛନ୍ତି। ସେମାନଙ୍କ ନୀରବତା ମଧ୍ୟରେ ଶୁଭୁଛି ଗୋଟିଏ ମାତ୍ର ଦାବି—"ପୂର୍ବପରି ମହାପ୍ରଭୁଙ୍କ ଦର୍ଶନ ଅଧିକାର ଆମକୁ ଫେରାଇ ଦିଅନ୍ତୁ।" ଆଉ କିଛି ମାସ ପରେ ଆସିବ ପବିତ୍ର କାର୍ତ୍ତିକ ମାସ। ଏହି ପବିତ୍ର ମାସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ହବିଷ ପାଳନ ପାଇଁ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷ୍ୟାଳି ମା'ମାନଙ୍କ ପାଦ ଶ୍ରୀକ୍ଷେତ୍ର ଆଡ଼କୁ ଚାଲିବ। ଦୂରଦୂରାନ୍ତରୁ ଆସୁଥିବା ସେହି ମା'ମାନଙ୍କ ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ନିଶ୍ଚିତ ଭାବେ ରହଣି, ଭୋଜନ ଓ ଦର୍ଶନ ଆଦିର ବ୍ୟବସ୍ଥା କରିବେ। କିନ୍ତୁ ଏହି ସମୟରେ ଆଉ ଏକ ହୃଦୟସ୍ପର୍ଶୀ ପ୍ରଶ୍ନ ଉଠୁଛି— ଶ୍ରୀକ୍ଷେତ୍ରରେ ଜନ୍ମ ନେଇ, ଶ୍ରୀମନ୍ଦିରର ଘଣ୍ଟି ଓ ଜୟ ଜଗନ୍ନାଥ ଧ୍ୱନି ଶୁଣି ବଡ଼ ହୋଇଥିବା, ପୁରୀରେ ରହୁଥିବା ସେହି ହବିଷ୍ୟାଳି ମା'ମାନଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନର ସ୍ୱତନ୍ତ୍ର ବ୍ୟବସ୍ଥା ହେବ କି ? ବାହାରୁ ଆସୁଥିବା ହବିଷ୍ୟାଳି ମା'ମାନଙ୍କୁ ଯଦି ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବିଧା ଦିଆଯାଇପାରେ, ତେବେ ଶ୍ରୀକ୍ଷେତ୍ରର ନିଜ ମା'ମାନଙ୍କ ପାଇଁ ସେହି ସମ୍ମାନ ଓ ସୁବିଧା କାହିଁକି ନୁହେଁ ? ଏହି ପ୍ରଶ୍ନର ଉତ୍ତର କେବଳ ପୁରୀବାସୀ ନୁହେଁ, ସମଗ୍ର ଓଡ଼ିଶା ଅପେକ୍ଷା କରିଛି। ଆମର ଲକ୍ଷ୍ୟ କାହାକୁ ବିରୋଧ କରିବା ନୁହେଁ, ନ୍ୟାୟସଙ୍ଗତ ଅଧିକାରର ପୁନଃସ୍ଥାପନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆମର ଆସ୍ଥା ଓ ସତ୍ୟ-ଅହିଂସା ପ୍ରତି ଆମର ବିଶ୍ୱାସ ଅତୁଟ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ନୀରବ ସତ୍ୟାଗ୍ରହ ଅବ୍ୟାହତ ରହିବ।ଶୁକ୍ରବାର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ପ୍ରକାଶ ଚନ୍ଦ୍ର ନାୟକ, ଶିଶିରକାନ୍ତ ଶତପଥୀ, ଯାଦବାନନ୍ଦ ରାୟ, କିଶୋର ଚନ୍ଦ୍ର ଦାସ, ଗଦାଧର ମହାରଣା, ମନୋରଞ୍ଜନ ରଣସିଂହ, ଲିଙ୍ଗରାଜ ସାହୁ, ସନ୍ଧ୍ୟାରାଣୀ ମିଶ୍ର, ମିନାକ୍ଷୀ ଦାସ, ଅରୁଣା ପଟ୍ଟନାୟକ, ସୋନା ମିଶ୍ର, ନେହା ଦାସ, ବବଲି ନାୟକ, ପ୍ରୀତ ରାଉତ, ମମତା ସ୍ୱାଇଁ, ସନ୍ତୋଷ ସେନାପତି, ଅଭିମନ୍ୟୁ ପ୍ରଧାନ, ସନ୍ଦୀପ କର୍ମାକର, ସୁବାଷ ପଟ୍ଟନାୟକ, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

### ॥ ଜାତୀୟ ହସ୍ତତନ୍ତ ଦିବସ ॥

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ହସ୍ତତନ୍ତ ପରିଧାନ ସଚେତନତା



**ପୁରୀ (ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସଂପର୍କ" ଓ ଶ୍ରଦ୍ଧାର" ମିଳିତ ଆନୁକୂଲ୍ୟରେ ଆଜି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀସ୍ଥିତ ପ୍ରେକ୍ଷାଳୟରେ ଜାତୀୟ ହସ୍ତତନ୍ତ ଦିବସ–୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହସ୍ତତନ୍ତ ପରିଧାନର ଗୁରୁତ୍ୱ, ଭାରତୀୟ ପରମ୍ପରା ଏବଂ 'ଭୋକାଲ୍ ଫର୍ ଲୋକାଲ୍' ବାର୍ତ୍ତାକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କହିଥିଲେ ଯେ, ହସ୍ତତନ୍ତ କେବଳ ଏକ ବସ୍ତ୍ର ନୁହେଁ, ବରଂ ଆମର ସଂସ୍କୃତି, ପରମ୍ପରା ଓ ଆତ୍ମପରିଚୟର ପ୍ରତୀକ। ସ୍ଥାନୀୟ ବୁଣାକାରଙ୍କ ଉତ୍ପାଦକୁ ପ୍ରୋତ୍ସାହନ ଦେବା ସହ ହସ୍ତତନ୍ତ ବସ୍ତ୍ରର ବ୍ୟବହାର ବୃଦ୍ଧି ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ହସ୍ତତନ୍ତର ଐତିହ୍ୟ, ଅର୍ଥନୈତିକ ଗୁରୁତ୍ୱ ଏବଂ ଏହାର ସୁରକ୍ଷା ଓ ପ୍ରଚାରରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଶ୍ରଦ୍ଧା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପଦ୍ମନାଭ ପଣ୍ଡା ଯୋଗଦେଇ ହସ୍ତତନ୍ତ ଶିଳ୍ପର ସଂରକ୍ଷଣ ଓ ପ୍ରସାର ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ।ବୟନ ବିଭାଗ ଇଣ୍ଡଷ୍ଟ୍ରିଆଲ ଇନ୍ସପେକ୍ଟର ରମାକାନ୍ତ ବର୍ଦ୍ଧନ ହସ୍ତତନ୍ତ ଦିବସ ର ତାତ୍ପର୍ଯ୍ୟ ଓ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେଇଥିଲେ। ସଂପର୍କ ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଅନୁଷ୍ଠାନ ପକ୍ଷରୁ ହସ୍ତତନ୍ତ, ହସ୍ତଶିଳ୍ପ ଓ ଭାରତୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯାଉଛି। ଓଡ଼ିଶାର ହସ୍ତତନ୍ତ ସାରା ଦେଶ ତଥା ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅଧ୍ୟାପିକା ସସ୍ମିତା ବନ୍ଦର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ଦୀର୍ଘ ୩୦ ବର୍ଷ ଧରି ଶ୍ରୀଜୀଉଙ୍କ ପାଇଁ ହସ୍ତତନ୍ତ ବସ୍ତ୍ର ଯୋଗାଇ ଆସୁଥିବା ବିଶିଷ୍ଟ ବୁଣାକାର ଗୋପୀନାଥ ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ପୁରୀ ଜିଲ୍ଲାର ବ୍ରାହ୍ମଣ ଆଲେଣ୍ଡିଆ ହସ୍ତତନ୍ତ ଗ୍ରାମର ବୁଣାକାରମାନଙ୍କୁ ମଧ୍ୟ ସେମାନଙ୍କ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।କାର୍ଯ୍ୟକ୍ରମରେ ମନୋରଞ୍ଜନ ସାମନ୍ତରାୟ,ଅରବିନ୍ଦ ଶତପଥୀ,ହର ପ୍ରସାଦ ମହାପାତ୍ର,କୃଷ୍ଣ ଚନ୍ଦ୍ର ମହାନ୍ତି,ବୟନ ଶିଳ୍ପ ପ୍ରଶିକ୍ଷକ ପ୍ରଫୁଲ୍ଲ ବେହେରା,ଶୁଭ ପ୍ରସାଦ ଶର୍ମା, ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଶିକ୍ଷକ, ବୁଣାକାର, ସମାଜସେବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ହସ୍ତତନ୍ତ ବସ୍ତ୍ରର ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନକୁ ସଫଳ କରିବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

## ନୂତନ ମଦ ଦୋକାନ ବିରୋଧରେ ଅଠରନଳା ପାଟଣା ଗ୍ରାମ୍ୟ କମିଟି ପକ୍ଷରୁ ଧାରଣା




**ପୁରୀ (ବ୍ୟୁରୋ):** ଅଠରନଳା ପାଟଣା ଗ୍ରାମରେ ଖୋଲିବ ନୂଆ ବିଦେଶୀ ମଦ ଦୋକାନ । ଏହାକୁ ଗ୍ରାମବାସୀ ମାନେ ବିରୋଧ କରୁଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ପ୍ରସ୍ତାବିତ ମଦ ଦୋକାନ ସମ୍ମୁଖରେ ଗ୍ରାମବାସୀ ଓ ମହିଳାମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ । ମହିଳା ଓ ସ୍ୱୟଂ ସହାୟିକା ଗୋଷ୍ଠୀର ଅନେକ ମହିଳା ଚିଙ୍ଗୁଡି ଫ୍ୟାକ୍ଟ୍ରି ସମ୍ମୁଖ ମଦ ଦୋକାନ ସମ୍ମୁଖରେ ପ୍ଲା କାର୍ଡ ଧରି ସ୍ଲୋଗାନ ଦେଇଥିଲେ । ସରକାର ଓ ଜିଲ୍ଲା ପ୍ରଶାସନ ଯଦି ଆମ କଥା ନଶୁଣନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ଗ୍ରାମ୍ୟ କମିଟିର ସଭାପତି ଲକ୍ଷ୍ମୀଧର ଦାସ , ସମ୍ପାଦକ ପ୍ରଶାନ୍ତ କୁମାର ପରିଡା , ଲୋକନାଥ ପଟ୍ଟନାୟକ, ସୁକାନ୍ତ ସେଠୀ,ସଞ୍ଜୟ ପରିଡା, ଜଗନ୍ନାଥ ପରିଡା ,ନୃସିଂହ ପ୍ରଧାନ,ତପନ କୁମାର ଦାସ, ଲକ୍ଷ୍ମୀଧର ଦାସ, ମନୋଜ କୁମାର ଦାସ, ନୃସିଂହ ପାତିଆ,ବିଶ୍ୱନାଥ ପାତ୍ର, ଟୁକୁ ପାତ୍ର ଶାନ୍ତି ପାତ୍ର, ସୁକାନ୍ତ କୁମାର ପରିଡା, ପ୍ରଦୀପ କୁମାର ପରିଡାଙ୍କ ସମେତ ଶତାଧିକ ଲୋକ ଓ ମହିଳା ବିରୋଧ ପ୍ରଦର୍ଶନ କରିଥିଲେ । ସଦର ଥାନା ଅଧିକାରୀ ଓ ପୋଲିସ ଫୋର୍ସ ସମେତ ଅବକାରୀ ଇନ୍ସପେକ୍ଟର ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବା ସହ ସେମାନଙ୍କ ଦାବିଗୁଡିକ ପୂରଣ ପାଇଁ ଆଲୋଚନା କରି ଆଇନ ଅନୁଯାଇ କାର୍ଯ୍ୟକ୍ରମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ବିକଶିତ ଭାରତ ଯୁବା ସଂଯୁକ୍ତ କାର୍ଯ୍ୟକ୍ରମ




**ପୁରୀ (ବ୍ୟୁରୋ):** ଯୁବବର୍ଗ ଆଗାମୀ କାଲିର ଭାରତ ବର୍ଷର ଭବିଷ୍ୟତ। ସେମାନଙ୍କ ମଧ୍ୟରେ ଅଜସ୍ର ପ୍ରତିଭା ଭରି ରହିଛି। ଏହାର ଉନ୍ମେଷ ଆମ ଦେଶକୁ ଏକ ଶ୍ରେଷ୍ଠ ଭାରତରେ ପରିଣତ କରିପାରିବ ବୋଲି ବକ୍ତା ମାନେ କହିଛନ୍ତି।ଆଜି ପୂର୍ବାହ୍ନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ବା ଏନଏସଏସ ପକ୍ଷରୁ ବିକଶିତ ଭାରତ ଯୁବା ସଂଯୁକ୍ତ ବା ଯୁବା କନେକ୍ଟ କାର୍ଯ୍ୟକ୍ରମ ଆଧାର ରେ ନଶା ମୁକ୍ତ ଯୁବା ଫର ବିକଶିତ ଭାରତ ବା ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବବର୍ଗ ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡଃ ଚିତ୍ତ ରଞ୍ଜନ ଦ୍ୱିବେଦୀ ଅଧ୍ୟକ୍ଷତା କରିବା ସହ ଆମ ଯୁବବର୍ଗ ର ଉପଯୁକ୍ତ ମାର୍ଗଦର୍ଶନ ଓ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ଦ୍ୱାରା ଏକ ସମୃଦ୍ଧ ଭାରତ ଗଠନ ସହଜ ଓ ସଫଳ ହୋଇ ପାରିବ ବୋଲି କହିଥିଲେ।ଏନଏସଏସ ର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ ଖୁସଓ୍ୱା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପ୍ରତ୍ୟେକ ଯୁବକ ଯୁବତୀ ଭାରତ ପାଇଁ ଜଣେ ଜଣେ ସମ୍ବଳ। ସେମାନଙ୍କୁ ଉପଯୁକ୍ତ ଭାବେ ଗଢି ତୋଳିବା, ନିଶାଠାରୁ ଦୂରେଇ ରଖିବା, ନିଶା ର କୁପ୍ରଭାବ ସମ୍ପର୍କରେ ଅବଗତ କରାଇବା ଓ ଦେଶ ପାଇଁ ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ୟୁଥ ଆଇକନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ସ୍ୱୟଂ ପ୍ରଜ୍ଞା ସାମନ୍ତରାୟ ଦେଶର ଯୁବବର୍ଗ ସହ ସଂସଦରେ ତାଙ୍କ ବକ୍ତବ୍ୟ,ଉପଲବ୍ଧି, ଯୁବବର୍ଗର କର୍ତ୍ତବ୍ୟ ଓ ଦାୟିତ୍ୱ ଏବଂ ସାମାଜିକ ସେବା ସମ୍ପର୍କରେ ଆଲୋଚନା କରିଥିଲେ।ଏହି ଅବସରରେ ନିଶା ମୁକ୍ତି ସଚେତନତା ଭିଡିଓ ପ୍ରଦର୍ଶନ ସହ ନିଶା ମୁକ୍ତି ଓ ମାଇଁ ଭାରତ ଶପଥ ପାଠ କରାଯାଇଥିଲା। ପ୍ରାରମ୍ଭରେ ଏନଏସଏସର ଜିଲ୍ଲା ନୋଡାଲ ଅଧିକାରୀ ଗୋଲକ ବିହାରୀ ପଲେଇ ସମସ୍ତଙ୍କୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଏନଏସଏସର ପ୍ରୋଗ୍ରାମ ଅଫିସର ଡଃ ପନିସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାରମ୍ଭରେ ବନ୍ଦେ ମାତରମ ସଂଗୀତ ସହ ଏନଏସଏସର ଥିମ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଭିଶିଖା, ଆଦିତ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏସସିଏସ ମହାବିଦ୍ୟାଳୟର ଦିନେଶ,ଶଶିକାନ୍ତ, ସବ୍ୟସାଚୀ, ସୁଦେଷ୍ଣା ଆଦିଙ୍କ ସହ ଅନ୍ୟାନ୍ୟ ମହାବିଦ୍ୟାଳୟର ଏନଏସଏସ ର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

## ହଜିଯାଇଥିବା ସାର୍ଟିଫିକେଟକୁ ଫେରାଇଲେ ପିସିଆର-୪ ଟିମ୍

**ପୁରୀ (ବ୍ୟୁରୋ):** ଆଜି ଅପରାହ୍ନ ପ୍ରାୟ ୨.୩୦ ଘଟିକା ସମୟରେ, ପୁରୀ ସହରର ଗୋଖାସାହି ଛକ ନିକଟରେ ପିସିଆର-୪ ପକ୍ଷରୁ ନିୟମିତ ପେଟ୍ରୋଲିଂ କରାଯାଉଥିବା ବେଳେ ରାସ୍ତା କଡ଼ରେ କିଛି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗତ ସାର୍ଟିଫିକେଟ ପଡ଼ିଥିବା ଦେଖିବାକୁ ମିଳିଥିଲା। ସାର୍ଟିଫିକେଟଗୁଡ଼ିକର ଯାଞ୍ଚ କରି ସେଥିରେ ଉଲ୍ଲେଖ ଥିବା ବିଦ୍ୟାଳୟର ସୂଚନା ଆଧାରରେ ପିସିଆର-୪ ଟିମ୍ ତୁରନ୍ତ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ସାର୍ଟିଫିକେଟର ମାଲିକଙ୍କ ପରିଚୟ ଏବଂ ଠିକଣା ସମ୍ପର୍କିତ ସୂଚନା ସଂଗ୍ରହ କରାଯାଇଥିଲା। ପରେ ସମ୍ପୃକ୍ତ ପରିବାର ସହ ଯୋଗାଯୋଗ କରାଯିବା ପରେ ଛାତ୍ରଙ୍କ ଭାଇ ପୁଲିସଙ୍କ ନିକଟରେ ପହଞ୍ଚିଥିଲେ। ଯଥାର୍ଥ ଯାଞ୍ଚ ପରେ ସମସ୍ତ ସାର୍ଟିଫିକେଟ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ସାର୍ଟିଫିକେଟ ଫେରିପାଇ ଛାତ୍ର ଓ ତାଙ୍କ ପରିବାର ସଦସ୍ୟମାନେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିବା ସହ ପୁରୀ ପୁଲିସର ତତ୍ପରତା, ସତର୍କତା ଓ ଜନସେବାମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଛାତ୍ର ହେଲେ ଜ୍ୟୋତି ପ୍ରକାଶ ପଣ୍ଡା, ପିତା ପ୍ରଶାନ କୁମାର ପଣ୍ଡା ମାର୍କଣ୍ଡେଶ୍ୱର ସାହି, ପୁରୀ, ବାସେଲୀସାହି ଥାନା। ପୁରୀ ପୁଲିସ ସର୍ବଦା ଜନସାଧାରଣଙ୍କ ସୁରକ୍ଷା, ସହାୟତା ଓ ସେବା ପ୍ରଦାନ ପାଇଁ ପ୍ରତିବଦ୍ଧ।

## ଗୋମାତାଙ୍କୁ ରାଷ୍ଟ୍ରୀୟ ମାତା ଘୋଷଣା ପାଇଁ ପଦଯାତ୍ରା

**ପୁରୀ (ବ୍ୟୁରୋ):** ଗୋମାତାଙ୍କୁ ରାଷ୍ଟ୍ରୀୟ ମାତା ଘୋଷଣା ଓ ଅଖଣ୍ଡ ଭାରତ ନିର୍ମାଣ ସଂକଳ୍ପ ନେଇ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଏବଂ ଶ୍ରୀଜଗନ୍ନାଥ, ବଦ୍ରିନାଥ, ଦ୍ୱାରିକା, ରାମେଶ୍ୱର ଚାରିଧାମ ଯାତ୍ରା ପାଇଁ ତେଲଙ୍ଗାନାର ଯାଦବ ମାଧବ ରାଓ ପଦଯାତ୍ରା ଆରମ୍ଭ କରିଛନ୍ତି। ରାଓ ମେ ୧୧ରେ ତେଲଙ୍ଗାନାର ନିର୍ମଳ ଜିଲା ବୈଶାଂକୁବିର ଗାଁରୁ ଖାଲିପାଦରେ ଯାତ୍ରା ଆରମ୍ଭ କରିଥିଲେ। ରାଓ ଗୁରୁବାର ସନାତନ ଧର୍ମର ଅନ୍ୟତମ ତଥା ପ୍ରମୁଖ ଧାମ ଶ୍ରୀଜଗନ୍ନାଥ ଧାମରେ ପହଞ୍ଚିଛନ୍ତି। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶିଷ ଲାଭ କରିଛନ୍ତି। ଆଗାମୀ ଯାତ୍ରା ନେଇ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ରାଓ ଗୋବର୍ଦ୍ଧନ ପୀଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରିବେ ବୋଲି କହିଛନ୍ତି। ସେ ଏହି ପଦଯାତ୍ରା ଏକ ବର୍ଷରେ ୧୫ ହଜାର କି.ମି. ଯାତ୍ରା ହେବ ବୋଲି କହିଛନ୍ତି। ବିଶେଷ କରି ଗୋହତ୍ୟା ବନ୍ଦ, ଗୋବଂଶ ବୃଦ୍ଧି, ସୁରକ୍ଷା, ଗୋମାତାଙ୍କୁ ରାଷ୍ଟ୍ରୀୟ ମାତାର ଘୋଷଣା ଏବଂ ଭାରତ ଅଖଣ୍ଡ ହେଉ, ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ନେଇ ପଦଯାତ୍ରା କରୁଛନ୍ତି। ଶେଷରେ ଏହି ପଦଯାତ୍ରା ଆନ୍ଧ୍ର ପ୍ରଦେଶର ମଲ୍ଲିକାର୍ଜୁନ ଜ୍ୟୋତିର୍ଲିଙ୍ଗ ପୀଠରେ ଶେଷ କରିବାର ଲକ୍ଷ୍ୟ ରଖୁଥିବା ନେଇ ରାଓ ସୂଚନା ଦେଇଛନ୍ତି।

## ଜଗନ୍ନାଥ ଆନିମେସନ୍ ଫିଲ୍ମକୁ ତୀବ୍ର ବିରୋଧ



**ପୁରୀ (ବ୍ୟୁରୋ):** ମହାପ୍ରଭୁ ଜଗନ୍ନାଥ ଆନିମେସନ୍ ଫିଲ୍ମକୁ ନେଇ ଜଗନ୍ନାଥ ସଂସ୍କୃତି ଗବେଷକ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ତୀବ୍ର ବିରୋଧ । ଏହି ଫିଲ୍ମ ରିଲିଜ୍ ହେଲେ ସଂସ୍କୃତି ପରମ୍ପରା ପ୍ରତି ଅପମାନ ହେବ । ଏଭଳି ମହାପ୍ରଭୁଙ୍କୁ କାର୍ଟୁନ୍ କରିବାରୁ ଫିଲ୍ମ ନିର୍ମାଣ ସଂସ୍ଥା ବିରତ ରହୁ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି । ସେପଟେ ଆନିମେଟେଡ଼ ଫିଲ୍ମ 'ମହାପ୍ରଭୁ ଶ୍ରୀ ଜଗନ୍ନାଥ'ର ପ୍ରଦର୍ଶନ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହାଇକୋର୍ଟରେ ଆସନ୍ତା ୧୩ ତାରିଖକୁ ଘୁଞ୍ଚିଯାଇଛି । ସିନେମାରେ ମହାପ୍ରଭୁଙ୍କ ସଂସ୍କୃତି, ରୀତିନୀତି ଏବଂ ପରମ୍ପରାକୁ କଦର୍ଥ କରାଯାଇଥିବା ଅଭିଯୋଗ ହୋଇଥିବାରୁ ହାଇକୋର୍ଟ ଅନ୍ୟାଦେଶ ପର୍ଯ୍ୟନ୍ତ ଏହାର ପ୍ରଦର୍ଶନ ଉପରେ ରୋକ୍ ଲଗାଇଛନ୍ତି । ପୂର୍ବରୁ ଏହି ପ୍ରଦର୍ଶନ ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇବାକୁ ମନା କରିଦେଇଥିବା ବେଳେ ଏବେ ହାଇକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି । ଅନ୍ୟପଟରେ ମହାପ୍ରଭୁଙ୍କୁ ନେଇ ହୋଇଛି କପୋଳକଳ୍ପିତ ଆନିମେସନ କାହାଣୀ । ଶ୍ରୀମନ୍ଦିର ପ୍ରଚାର ପ୍ରସାର ଉପସମିତିର ବିରୋଧ ଜାରି ରହିଛି। ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଚାର ପ୍ରସାର ଉପସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଯେଉଁ ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ବିଦ୍ୱାନ ପଣ୍ଡିତ ମାନେ ମଧ୍ୟ ଉପସ୍ଥିତ ରହିଥିଲେ । ଏଲି ଏନିମେସନ ପ୍ରାଇଭେଟ୍ ଲିମିଟେଡ ସଂସ୍ଥାର ପ୍ରଯୋଜକ ମହାପ୍ରଭୁ ଜଗନ୍ନାଥ ଫିଲ୍ମ ଟି ସମ୍ପୂର୍ଣ୍ଣ କାଳ୍ପନିକ ସ୍ୱୀକାର କରିଥିବା ବେଳେ ରିଲିଜ୍ ସ୍ଥଗିତ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ଏହାଦ୍ୱାରା ପ୍ରଚାର ନୁହେଁ ବରଂ ଜଗନ୍ନାଥ ସଂସ୍କୃତିର ଅପମାନ ହେଉଛି ବୋଲି ମତ ରଖିଥିଲେ ପ୍ରଚାର ପ୍ରସାର ଉପସମିତି ସଦସ୍ୟଙ୍କ ସମେତ ସମସ୍ତ ବିଦ୍ୱାନ ଗଣ । ମହାପ୍ରଭୁଙ୍କ ମହିମା ପ୍ରଚାର ପ୍ରସାର ହୋଇପାରିବ କିନ୍ତୁ ସନାତନ ଶାସ୍ତ୍ର ଆଧାର କିମ୍ବା ପ୍ରତିଷ୍ଠିତ ଲୋକମାନ୍ୟ କିମ୍ବଦନ୍ତୀ ଆଧାରରେ ହୋଇ ପାରିବ କହିଛନ୍ତି ଗଜପତି ଦିବ୍ୟସିଂହ ଦେବ ମତ ରଖିଥିଲେ ।ଯୁବ ଉଦ୍ୟୋଗୀ ମାନେ ମହାପ୍ରଭୁଙ୍କ ମହିମା ନେଇ ଛୋଟ ପିଲାଙ୍କ ପାଖରେ ପହଞ୍ଚାଇବା ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଏହା ଧର୍ମ ଶାସ୍ତ୍ର ଆଧାରରେ ହେବା ଉଚିତ୍ ବୋଲି ମତ ରଖିଥିଲେ ଗଜପତି ଦିବ୍ୟସିଂହ ଦେବ । ପରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଏବେ ବି ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ପ୍ରଚାର ପ୍ରସାର କମିଟି ଏହାକୁ ବିରୋଧ କରିବା ସହ ଏଭଳି ନକାରାତ୍ମକ ଚିନ୍ତାଧାରା କୁ ଛୋଟ ଛୁଆଙ୍କୁ ଦେଖାଇବା ଉଚିତ୍ ନୁହେଁ ବୋଲି ମତ ବ୍ୟକ୍ତ କରିଛନ୍ତି । ଏହାଦ୍ୱାରା ଜଗନ୍ନାଥ ସଂସ୍କୃତି ବାବଦରେ ଏକ ଭ୍ରାନ୍ତ ଧାରଣା ପିଲାଙ୍କ ମନକୁ ଯିବ ବୋଲି ମତ ରଖିବା ସହ ପ୍ରଯୋଜକ ଏଇଭଳି ଫିଲ୍ମ ରୁ ନିବୃତ୍ତ ରହି,ସ୍କନ୍ଦ ପୁରାଣ ଆଧାରିତ କାହାଣୀକୁ ନେଇ ଫିଲ୍ମ କରିବାକୁ ଅନୁରୋଧ କରିଛନ୍ତି ।

## ବିଶିଷ୍ଟ ସ୍ୱାସ୍ଥ୍ୟସେବକ ବାମନ ଭାଇନାଙ୍କ ପରଲୋକ



**ପୁରୀ (ବ୍ୟୁରୋ):** ଗୁରୁବାର ସକାଳେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଗତ ବାମନ ଚରଣ ମହାପାତ୍ର ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ହଠାତ ବ୍ରେନଷ୍ଟ୍ରୋକରେ ତାଙ୍କର ପରଲୋକ ହୋଇଯାଇଛି। ସେ ପୁରୀ ସହରରେ ବାମନ ଭାଇନା ଭାବେ ବହୁ ପରିଚିତ ଥିଲେ। ପୁରୀ ମେଡିକାଲରେ ପ୍ରାୟ ଦିନକରେ ୨୦ଘଣ୍ଟା ପହରା ଦେଉଥିଲେ। ପୁରୀ ସହରର ସାହି ବସ୍ତିର ସମସ୍ତ ଅଧିବାସୀ ସାହାଯ୍ୟ ସେବା ପାଇଁ ସଦା ଧଳା ବସ୍ତ୍ରଧାରୀ ବାମନ ଭାଇନାଙ୍କ ସେବାର ସୁଯୋଗ ନେଇଥାନ୍ତି। ବିନା ଅର୍ଥରେ ସମସ୍ତଙ୍କୁ ନିସ୍ୱାର୍ଥ ପର ଭାବେ ଭଲମନ୍ଦ ବୁଝି ସେବା ଦେବା ତାଙ୍କର ମହାପୂଣ୍ୟ ବୋଲି ଭାବିଥାନ୍ତି।ବହୁ ଗରିବ ଅସହାୟ ରୋଗୀ ମାନଙ୍କୁ ନିଜ ଦରମା ଅର୍ଥ ଖର୍ଚ୍ଚ କରିଥାନ୍ତି। ସେ ଜଣେ ଉଦାର,ସରଳ,ନିରୀହ ଅକପଟ ବ୍ୟକ୍ତି ଭାବେ ବହୁ ପରିଚିତ ଥିଲେ। ଲୋଭ, ମୋହ, କ୍ରୋଧ, ଅହଙ୍କାର ତାଙ୍କୁ ସ୍ପର୍ଶ କରିନଥିଲା। ତାଙ୍କ ଦେହାନ୍ତ ଗରିବ ଅସହାୟ ରୋଗୀଙ୍କ ଓ ପୁରୀ ବାସୀଙ୍କ ପାଇଁ ଏ ଏକ ମହାନ କ୍ଷତି ହୋଇଅଛି। ଏଥିନେଇ ପୁରୀର ବିଶିଷ୍ଟ କଳାକାର ସାମ୍ବାଦିକ ଶ୍ରୀଯୁକ୍ତ ବାବାଜୀ ଚରଣ ବେହେରା, ନୀଳଚକ୍ର ସଂସ୍ଥାର କର୍ମୀ ସାହିତ୍ୟିକ କବି ମୁରଲୀଧର ଶତପଥି, ଅଦ୍ୱୈତ ଚରଣ ପ୍ରଧାନ, ନିବାସ ଚନ୍ଦ୍ର ମିଶ୍ର ସଂଯୋଜ କୁମାର ସାମନ୍ତରାୟ ନିରୂପମା ମିଶ୍ର, ଜ୍ୟୋତିରୂପା ଶତପଥି, ବିଶିଷ୍ଟ ସଙ୍ଗୀତକାର ମନୋଜ କୁମାର ରଥ,ବିଶିଷ୍ଟ କଣ୍ଠଶିଳ୍ପୀ ଅମ୍ରିତା ନାୟକ ଓ ଜିତୁ ମହାନ୍ତି ଓ ଜଗତ୍‌ଜ୍ୟୋତି ଶତପଥୀ ପ୍ରମୁଖ ଅମର ଆତ୍ମାର ସଦଗତି କାମନା କରିଥିଲେ। ପୁରୀ ସହର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ୧୪ରେ ଦେଶାତ୍ମବୋଧ କବିତା ପାଠୋତ୍ସବ

**ପୁରୀ (ବ୍ୟୁରୋ):** ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ସ୍ଥାନୀୟ ସଦଭାବନା ସଭାଗୃହ ପରିସରରେ ୮୦ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅଗଷ୍ଟ ୧୪ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଆୟୋଜନ କରାଯାଇଛି। ଏହି କବିତା ପାଠୋତ୍ସବ ଜିଲ୍ଲା ପ୍ରଶାସନ ଓ ପୁରୀ ସାହିତ୍ୟ ଉତ୍ସବ ସମିତି ର ମିଳିତ ସହଯୋଗ ରେ ଅନୁଷ୍ଠିତ ହେବ।ଏଥିରେ କବି, କବୟିତ୍ରୀ ଓ ସାହିତ୍ୟିକ ମାନେ ଯୋଗ ଦେବାକୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

## ଶ୍ରୀମନ୍ଦିରରେ ଭିଆଇପି ସଂସ୍କୃତି ଉଚ୍ଛେଦ ନେଇ ଦାବିପତ୍ର

**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିରରେ ଭିଆଇପି ସଂସ୍କୃତିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ସବୁ ଭକ୍ତଙ୍କ ପାଇଁ ସମାନ ଦର୍ଶନ ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ଦାବିକରି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ଅନ୍‌ଲାଇନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ପୁରୀ ଆସି ହରିଜନଙ୍କ ପ୍ରବେଶ ନିଷେଧକୁ ବିରୋଧ କରି ଶ୍ରୀମନ୍ଦିର ପ୍ରବେଶ କରି ନ ଥିଲେ। ସେହି ଅମାନବୀୟ କୁପ୍ରଥା ଇତିହାସ ହୋଇଥିଲେ ମଧ୍ୟ ଆଜି 'ସାଧାରଣ ଭକ୍ତ' ଓ 'ଭିଆଇପି ଭକ୍ତ' ନାମରେ ଆଉ ଏକ ପ୍ରଥା ଜାରି ରହିଛି। ମହାପ୍ରଭୁଙ୍କ ଦରବାରରେ କେହି ଭିଆଇପି ନୁହନ୍ତି, ସମସ୍ତ ଭକ୍ତ ସମାନ। ଭିଆଇପି ସଂସ୍କୃତି ଭାରତୀୟ ସମ୍ବିଧାନର ଧାରା ୧୪ରେ ପ୍ରଦତ୍ତ ସମାନତାର ଅଧିକାର ଏବଂ ଧାରା ୨୫ରେ ପ୍ରଦତ୍ତ ଧର୍ମ ପାଳନ ଓ ଉପାସନାର ସ୍ୱାଧୀନତାର ମୂଳ ଆତ୍ମାକୁ କ୍ଷୁଣ୍ଣ କରୁଛି। ରାଜ୍ୟ ନିୟନ୍ତ୍ରିତ ମନ୍ଦିରରେ କିଛି ବ୍ୟକ୍ତିଙ୍କୁ ବିଶେଷ ସୁବିଧା ଏବଂ ଲକ୍ଷ ଲକ୍ଷ ସାଧାରଣ ଭକ୍ତଙ୍କୁ ଦୀର୍ଘ ସମୟ ଧାଡ଼ିରେ ଅପେକ୍ଷା କରାଇବା ଘୋର ବୈଷମ୍ୟ ଓ ସାମ୍ବିଧାନିକ ମୂଲ୍ୟବୋଧର ଉଲଂଘନ। ଅଯୋଧ୍ୟାରେ ସମସ୍ତ ଭକ୍ତଙ୍କ ପାଇଁ ସମାନ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ପୁରୀରେ ଏହି ଭିଆଇପି ସଂସ୍କୃତି ଜାରି ରଖିବା ସମ୍ପୂର୍ଣ୍ଣ ଅଯୌକ୍ତିକ। ଜନସ୍ୱାର୍ଥ, ସମ୍ବିଧାନର ମର୍ଯ୍ୟାଦା ଓ ଶ୍ରୀଜଗନ୍ନାଥ ସଂସ୍କୃତିର ସମାନତାର ଆଦର୍ଶକୁ ସୁରକ୍ଷା ଦେବା ପାଇଁ ଅବିଳମ୍ବେ ଭିଆଇପି ସଂସ୍କୃତି ଓ ଭିଆଇପି ପାସ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଏକ ମହାପ୍ରଭୁ, ଏକ ଧାଡ଼ି, ସମାନ ଦର୍ଶନ' ନୀତି କଠୋର ଭାବେ ଲାଗୁକରାଯାଉ ବୋଲିଦାସ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

### ୧୦ରେ କୃଷ୍ଣପ୍ରସାଦରେ ଯୁଗ୍ମ ଅଭିଯୋଗ ଶୁଣାଣି

**ପୁରୀ (ବ୍ୟୁରୋ):** ଅଗଷ୍ଟ ମାସର ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁସାରେ ଚଳିତ ମାସ ୧୦ ତାରିଖରେ କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ , ୧୭ ତାରିଖ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ, ୨୪ ତାରିଖ ରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହରେ ଓ ୩୧ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ ଘଟିକା ଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି ।

## ଶିବରୁ ଶବ



**ତନୁଜ କୁମାର ମଲଣା**

ଘଟ ଭିତରେ ଯେଉଁଦିନ ଯାଏ
ବୋହିଚାଲେ ପ୍ରାଣବାୟୁ,
ସେପର୍ଯ୍ୟନ୍ତ ତୁମେ ଶିବର ସ୍ୱରୂପ
ସେପର୍ଯ୍ୟନ୍ତ ତୁମ ଆୟୁ।
ହୃଦୟ ସ୍ପନ୍ଦନେ, ନିଶ୍ୱାସ ଗତିରେ
ସେହି ଶିବ ବିରାଜମାନ,
ତାଙ୍କରି କୃପାରୁ ଚାଲେ ଏ ଦେହ
ତାଙ୍କରି ଆଲୋକେ ଜ୍ଞାନ।
ଅହଂକାର ଆଉ ମାୟା ମୋହବଶେ
ମଣିଷ ଭୁଲିଯାଏ ଏ କଥା,
ନିଜକୁ ଭାବଇ ସବୁର ମାଲିକ
ସାଉଁଟେ ଅସାର ବ୍ୟଥା।
ହେଲେ ଯେଉଁଦିନ ଅଦୃଶ୍ୟ ନିର୍ଦ୍ଦେଶେ
ଶିବ ପ୍ରସ୍ଥାନ କରିବେ,
'ଇ' କାର ଚାଲିଯିବ ଏ ଶରୀରୁ
ଚେତନା ଶୂନ୍ୟ ହୋଇବେ।
ଶିବ ଚାଲିଗଲେ ରହିଯିବ କେବଳ
ନିର୍ଜୀବ ନିଶ୍ଚଳ ଶବ,
ମାଟିର ଦେହ ମାଟିରେ ମିଶିବ
ସରିବ ସଂସାର ରାବ।
ଯାହାକୁ ନେଇ ଗର୍ବ କରୁଥିଲ
ସେହି ଦେହ ହେବ ପାଉଁଶ,
ରହିଯିବ କେବଳ ପୁଣ୍ୟ ଆଉ ପାପ
ଜୀବନର ଶେଷ ଅଂଶ।

*ସିଆଇଏସ୍‌ଏଫ୍ ୟୁନିଟ୍-ପାରାଦୀପ*
*ମୋ-୯୦୬୪୮୨୦୯୧୧*

## ଭିଜା ମାଟିର ବାସ୍ନା



**ବସନ୍ତ ପ୍ରଧାନ**

ବରଷାର ଧାରା ଛୁଇଁ ଯେବେ ଧରା
ମାଟି ହୁଏ ଉଚ୍ଛ୍ୱସିତ
ଦୀର୍ଘ ଦିନ ଗ୍ରୀଷ୍ମ ସନ୍ତାପିତ ପ୍ରାଣ
ହୋଇଥାଏ ପୁଲକିତ ।
ନର ପଶୁପକ୍ଷୀ କୀଟ ତରୁଲତା
ସବୁରି ମନେ ଆନନ୍ଦ
ସାଧନା ବଳରେ ଯେଉଁପରି ସାଧୁ
ଲଭଇ ପରମାନନ୍ଦ ।
ମୃତ ସଂଜୀବନୀ ଲଭି ଉଜ୍ଜୀବିତ
ଯେତେ ସବୁ ତରୁ ତୃଣ
ସବୁଜ ସ୍ୱାକ୍ଷର କରିଣ ବହନ
ମହୀ ଦିଶେ ଶୋଭାବନ ।
ଭିଜାମାଟି ବାସ୍ନା କର୍ମ ପ୍ରେରଣା
ଆଣେ କୃଷିଜୀବୀ ପ୍ରାଣେ
କୃଷି କାର୍ଯ୍ୟ ପାଇଁ ହୁଅଇ ତତ୍ପର
ନାନା ଶସ୍ୟ ଉତ୍ପାଦନେ ।
ଭିଜାମାଟି ବାସ୍ନା ପ୍ରଣୟ ବିଧୂର
ପ୍ରାଣେ ଆଣେ ପ୍ରୀତି ଧାରା
ଆଦ୍ୟ ଯଉବନେ ଭିଜିବାର ମଜା
ସବୁଠୁଁ ଅଟେ ନିଆରା ।
ଭିଜା ମହକରେ ଥାଏ କି କୁହୁକ
ମେଣ୍ଟାଏ ସବୁରି ତୃଷ୍ଣା
ଆନନ୍ଦମୁଖର ଝିଙ୍କାରୀର ସ୍ୱର
କରିଦିଏ ଆନମନା ।
ସୃଜନ ସ୍ୱାକ୍ଷର ଭିଜାମାଟି ବାସ୍ନା
ସୃଜେ ସବୁଜ ବଳୟ
ହେ ବରଷା ତୁମ ଶୁଭ ଆଗମନେ
ସୃଷ୍ଟି ହେଉ ମଧୁମୟ ।

*ଛେଣ୍ଡିପଦା, ଅନୁଗୋଳ*
*ମୋ: ୭୭୩୫୬୧୧୪୮୪*

## ଗୀତଟିଏ ତୁମ ପାଇଁ



**ନୀଳମଣି ଚାନ୍ଦ**

ବୀଣାଟିଏ ହୋଇ ରହିଥାଅ ମୋ'ର ପାଇଁ
ତୁମ ବିନା ସୁର ନାହିଁ ଝଙ୍କାର ବି ନାହିଁ ।
ଦିବସର ସୂର୍ଯ୍ୟ ତୁମେ ନିଶି ଧ୍ରୁବତାରା
ପ୍ରାବୃଟର ବାରିଦରୁ ଝରା ବାରିଧାରା
ଦୂରେ ଥିଲେ ଖୋଜେ ମନ ରହିଗଲ କାହିଁ ।
ତୁମେ ମୋ'ର ପ୍ରୀତିମୟୀ କରେ ମୁଁ ବନ୍ଦନ
ମାଖୁଥାଅ ସଦା ମୋତେ ପ୍ରୀତିର ଚନ୍ଦନ
ଭୁଲିଯାଏ ସବୁ ଦୁଃଖ ତୁମ ମୁଖ ଚାହିଁ ।
ଏତେ ମିଠାପଣ ଭରି ରହିଛି କଥାରେ
କେତେ ବୁଦ୍ଧି ଭରିଅଛି ଆହା ସେ ମଥାରେ
ଛାଇ ପରି ତୁମ ପଛେ ଯାଉଥାଏ ଧାଇଁ ।

*ମନ୍ତ୍ରମାନୋର, ଗୋଠପାଟଣା*
*ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*

## କେତୋଟି ଏକପଦୀ



**ନିରଞ୍ଜନ ସାହୁ**

-ଅଦଳବଦଳ-
ଫଗୁଣ ହେଉ କି ଶ୍ରାବଣ
ବଇଶାଖ ଅବା ହେଉ
ଋତୁ ପରେ ଋତୁ ବଦଳୁଥାଉ
ସେଇମିତି ରହିଥାଉ
ଲୋଡ଼ାନାହିଁ ବଦଳିବା
ତୁମେ ଋତୁମତୀ ପାଶେଥିଲେ ମୋର
ବଦଳିବା ଲୋଡ଼ା କିବା ?

-ଅଚିନ୍ତା-
ସୁଜଳା ସୁଫଳା ଶସ୍ୟଶ୍ୟାମଳା
ଆମରି ଭାରତ ଦେଶ
ତୁମେ ସେହିପରି ପ୍ରକୃତି ରୂପିଣୀ
ସବୁବେଳେ ହସହସ
ଦୁଃଖେ ରହେ ଯାହା ମୁହିଁ
ଦୁନିଆ ପଛକେ ଯେଉଁଆଡେ ଯାଉ
ତୁମର ତ ଚିନ୍ତା ନାହିଁ ।

-ଚୁମା-
କାର୍ତ୍ତିକ ମାସରେ ଆଇଁଷ ଛାଡ଼ ଲୋ
ଛାଡଖାଇ ହସୁଥାଏ
ପ୍ରଥମାଷ୍ଟମୀରେ ଏଣ୍ଡୁରି ପିଠାଟି
ମହମହ ବାସୁଥାଏ
ତୁମେ ବସିଥାଅ ରୁଷି
ମୁଁ ତୁମକୁ ଦେଲେ ଛୋଟିଆ ଚୁମାଟେ
ତୁମେ ହୁଅ ଭାରି ଖୁସି ।

-ହରରଙ୍ଗୀ-
ବରଷକଯାକ କାଗଜ ଜାଳିକି
ଲଗାଉଥା ପଛେ ଚୁଲି
ଶିରୀପଞ୍ଚମୀରେ କାଗଜ ଚିରିଲେ
ତୁମେ ରାଗି ହୁଅ ନାଲି
ଦେଖି ତୁମ ଭାବଭଙ୍ଗୀ
ମନେମନେ ଭାବେ ସତେ ଲୋ ଘରଣୀ
ତୁମେ ବଡ଼ ହରରଙ୍ଗୀ ।

-ଖେଳ-
ଦୋଳ ଆସିଗଲେ ହୋଲି ଖେଳ ତୁମେ
ରଜ ମଉଜରେ ଦୋଳି
କୁମାରୋତ୍ସବରେ କୁଆଁରୀଙ୍କ ସଙ୍ଗେ
ବୋହୁଚୋରି ଖେଳ ଖେଳି
କେବେ ପୁଣି ଖେଳ ପୁଚି
ମୁଁ ଟିକେ କେଉଁଠି କା'ସାଥେ ଖେଳିଲେ
ତୁମେ ରାଗେ ଯାଅ ପାଚି ।

-କିଳିକିଳା ରଡ଼ି-
ଗାଆଁଟା ଯାକର ଟୋକାଙ୍କ ସାଙ୍ଗରେ
ତୁମରି ମଧୁର ଭାବ
କେତେବେଳେ କାହା ଗାଡ଼ିରେ ବସିକି
ଗାଆଁ ସାରା ବୁଲୁଥିବ
ହସି ଯାଉଥିବ ଗଡ଼ି
ମୁହିଁ ଯଦି କେଉଁ ନାରୀକୁ ଚାହିଁଲି
ଶୁଭେ କିଳିକିଳା ରଡ଼ି ।

-କଳେବଳେ-
ବରଷା କାଳରେ ପଡ଼େ ଇନ୍ଦ୍ରଧନୁ
ଦିଶଇ ସାତଟି ରଙ୍ଗ
ବୁଝିପାରେ ସବୁ ତଥାପି ଅବୁଝା
ଦେଖି ତୁମ ଢଙ୍ଗଢାଙ୍ଗ
ସମ୍ମାନକୁ ଜଗି ଚଳେ
ତୁମେ କିନ୍ତୁ ଭାବ ଏ ଲୋକଟା ହୁଣ୍ଡା
ନଚାଏ ମୁଁ କଳେବଳେ ।

*ନିହଲ ପ୍ରସାଦ, ଢେଙ୍କାନାଳ*
*ମୋ-୯୯୩୮୭୪୧୫୮୩*

## ଜୀବନ ଦର୍ଶନ



**ଡ. ସସ୍ମିତା ମିଶ୍ର**

ଝୁରୁଛି ଜଗତ ଝୁରୁଅଛି ରଥ
ଝୁରୁଛନ୍ତି ପଥପ୍ରାନ୍ତ
ଶୂନ୍ୟ ସିଂହାସନ ପୂର୍ଣ୍ଣ ଆବରଣ
କୋଳେ ଜଗତର ନାଥ ।
ଭକ୍ତ ଭଗବାନ ଅପୂର୍ବ ମିଳନ
ଶ୍ରୀକ୍ଷେତ୍ର ଥିଲା ଗହଳି
ମାୟାର ସଂସାର ସୁଖୀ ପରିବାର
ଦର୍ଶନ ଭଳିକି ଭଳି ।
ମାଆ ମାତୃଭୂମି ଜନ୍ମ କର୍ମଭୂମି
ଲୀଳାମୟଙ୍କର ଲୀଳା
ଭାଇ ଭଗ୍ନୀ ସଙ୍ଗେ କରିଥାନ୍ତି ରଙ୍ଗେ
ଘୋଷ ଯାତ ନନ୍ଦବଳା ।
ଦାମ୍ପତ୍ୟ ଜୀବନ ରାଗ ରୁଷା ମାନ
ଅଭିମାନ ମିଠା କଳି
ରାଗରେ ଆରମ୍ଭ ଅନୁରାଗେ ଶେଷ
ଲୀଳା ମାଧୁରୀ ଉଚ୍ଛୁଳି ।
ସମ୍ପର୍କର ଡୋର ଭାଇ ଭଉଣୀର
ପ୍ରୀତି ଉଚ୍ଛ୍ୱାସ ବନ୍ଧନ
ନୁହନ୍ତି ସେ ଅରି ସୋଦର ବଇରୀ
ଏକ ଆତ୍ମା ପରା ଭିନ୍ନ ।
ତିକ୍ତ ଅନୁଭୂତି କରେ କ୍ଷୟକ୍ଷତି
ସମ୍ପର୍କରେ ଆସେ ବାଧା
ଚେତନା ଜଗାନ୍ତି ନୀଳାଦ୍ରିର ହସ୍ତୀ
ବିଶ୍ୱର ସୃଷ୍ଟି ନିୟନ୍ତା ।
ହେ ମୋହନ ବଂଶୀ ଜଗତର ଖୁସି
ଜଗତ ମଙ୍ଗଳ ପାଇଁ
ଦର୍ଶନେ ସୁଷମା ଲୀଳା ମାଧୁରୀମା
ସୃଷ୍ଟିକୁ ଦେଲ ଚେତାଇ ।

*ଧ୍ରୁବ ଜ୍ୟୋତିଷ ଗବେଷଣାକେନ୍ଦ୍ର, ପୁରୀ*
*ମୋ: ୯୫୮୩୭୧୪୨୮୦*

## ଅହଙ୍କାର



**ଡ. ଚନ୍ଦ୍ରକଳା ନାୟକ**

ମାମୁଲି ଶବ୍ଦଟିଏ ମୁଁ
ସକାଳର କାକର ଟୋପାରେ
ଅନ୍ତରରୁ ବାହାରକୁ ଆସେ ।
ଭିତରୁ ନିର୍ଗତ ବିଷଜ୍ୱାଳା
ବିଛେଇଦିଏ ଚତୁର୍ଦ୍ଦିଗେ
ଗାଁ,ଦାଣ୍ଡ,ପୋଖରୀ ପୁଣି ଗଳିକନ୍ଦିରେ
ମୋ କର୍ମସ୍ଥଳରୁ ପରିବାର ଯାଏ
ମୁଁ ନିଜତ୍ୱକୁ ଜାହିର କରେ ।
ଆଖିର ଆଗୋଚରରେ ତ
ବେଶି ଉଜ୍ଜୀବିତ,ସଂଚାଳିତ ହୁଏ
ମୋତେଦେଖି ଅନ୍ୟମାନେ ବାରିପାରନ୍ତି
ସେଇ ଗନ୍ଧମୟ ଭାବନାକୁ ।
ମୁଁ ଜାଣେନା ମୋ ଭିତରଟା
କେତେ ଅସଜଡା ପୁଣି ପୂର୍ଣ୍ଣ ସଂକ୍ରମିତ
ଭଙ୍ଗା କାଚଗ୍ଲାସ ପରି
ତାହା ଅନ୍ୟ କିଛି ବି ତ ନୁହଁ ।
ତୁଚ୍ଛାଟାରେ ଦେଖେ ଖାଲି
ମନକୁ ଡରାଟି , ରାତି ବଢିଗଲେ
ଅବଶ ହୋଇପଡେ ଶରୀରଟା
ଟୋପା ଟୋପା କୁହୁକମଣି
ଛାତିସାରା ନେସି ହୋଇଯାଏ ।
ଶରୀରର ପ୍ରତ୍ୟେକ ଖଣ୍ଡରେ
ଉଜ୍ଜ୍ୱଳ ଆଲୋକର କଣ୍ଟା ଖୁନ୍ଦିହୋଇ
ମୋ ମନର କାଳିମା ଭିତରେ
ଗୁଣୁଗୁଣୁ ପ୍ରତିଧ୍ୱନି କରେ ।
ସିନ୍ଦୁରା ଫାଟିଲା ବେଳକୁ
କଜଳ ପାତିର କାନ୍ଦ
ପେଚାର ଅଶୁଭ ରଡି
ପୁଣି ଅଭ୍ୟସ୍ତ ହୋଇପଡେ ମୁଁ
ଆଉ ଏକ ଅହଂକାର ଭିତରେ
ପୁନର୍ବାର ବୁଡିଯିବା ପାଇଁ ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ*
*ମହାବିଦ୍ୟାଳୟ, ଛତିଆ*
*ମୋ-୯୪୩୭୯୫୭୬୧୭*

## କହିବୁ କି ଥରେ



**ଦୀପକ କୁମାର ନାୟକ**

କେତେ ସରିହେଲେ ବୁଝିବୁରେ ଜଗା
ଏ ଦୁଃଖିର ଦୁଃଖ ତୁହି
ଡାକି ଡାକି ତୋତେ ହାରିଗଲି ପଛେ
ମୋ ଡାକ ଶୁଣିଲୁ ନାହିଁ ।।
ପାଷାଣ କି ହେଲୁ ସେଥିପାଇଁ ଯମା
ଉତ୍ତର ଦେଉନୁ ତୁହି
ତୋତେ ଡାକି ଡାକି ବେଳ ସରିଗଲା
ନିଦ ତୋ ଭାଙ୍ଗିଲା ନାହିଁ ।।
ଦୀନ ଦୁଃଖିଙ୍କର ସାଥି ତୁ କୁଆଡେ
ଶୁଣିଥିଲି ମୋର କାନେ
କୁଆଡେ ଗଲାରେ ତୋସାଥି ପଣିଆ
ମନେ ପଡିଲିନି ଦିନେ ।।
ଦୟାର ଠାକୁର କହେ ଏ ଜଗତ
ତୋତେ କେତେ ସରଧାରେ
ବାସ୍ତବରେ କିନ୍ତୁ ନାହିଁ ତୋର ଦୟା
ବୁଝି ଆଜି ପାରୁଛିରେ ।।
ଥିଲେ ତୋର ଦୟା ଦେଖେଇ ଥାଆନ୍ତୁ
ଦେଖି ଦୁଃଖ ଦୁଃଖିନିର
ତେବେ ଯାଇ ଶୋଭା ପାଇଥାଆନ୍ତାରେ
ନାଁ ଟା ଦୟାର ଠାକୁର ।।
କେଉଁ ଜନମର କିପାପ ପାଇଁ ମୁଁ
ଭୋଗୁଅଛି ଏତେ ଶାସ୍ତି
କହିବୁକି ଥରେ କେଉଁ କାର୍ଯ୍ୟକଲେ
ମିଳିଯିବ ମୋତେ ମୁକ୍ତି
ମିଳିଯିବ ମୋତେ ମୁକ୍ତି ।।

*ଯୁବ ସାମ୍ବାଦିକ*
*ହିନ୍ଦୋଳ, ଢେଙ୍କାନାଳ*
*ମୋ: ୮୬୩୭୨୬୧୮୨୮*

## ଜଙ୍ଗଲୀ ପଶୁପକ୍ଷୀ



**ବିଷ୍ଣୁପ୍ରସାଦ ଦାସ**

ଦୁର୍ଦ୍ଦିନରେ ଆଜି ସେମାନଙ୍କ ଜୀବନ ବିତୁଛି
ଖାଦ୍ୟ ଅଭାବରେ ତାଙ୍କର ପରିବାର ମରୁଛି,
ନାହିଁ ବାସସ୍ଥାନ ନାହିଁ ସେମାନଙ୍କ ସ୍ୱାଧୀନତା
ନାହିଁ ସେ ପୁରୁଣା ଯୁଗ, ହଜିଛି ଆତ୍ମୀୟତା।
ଜୀବନ ଭୟରେ ସେମାନେ ଲୁଚିକରି ଥାଆନ୍ତି
ପେଟ ପୋଡ଼ିଗଲେ ପଶୁ ବସ୍ତିମୁଖା ହୁଅନ୍ତି
ସଂକୁଚିତ ହେଉଛି ଆଜି ସେମାନଙ୍କ ବାସସ୍ଥାନ
ପରିବେଶ ପ୍ରତି ସରକାର ନ'ଦିଅନ୍ତି ଧ୍ୟାନ
କାଗଜ କଲମେ ଭାଇ ସବୁ ଠିକ୍‌ଠାକ୍ ଚାଲୁଛି
ରାତିଅଧରେ ମାଫିଆ ଜଙ୍ଗଲରେ ବୁଲୁଛି
କେତେ ଜାତିର ନିରୀହ ପଶୁପକ୍ଷୀ ଶିକାର କରି
ବାବୁ ମାଫିଆ ସଲାସୁତୁରାରେ ଯାଆନ୍ତି ଚରି।
ସେଥିରେ ବୋଧେ ତାଙ୍କର ପେଟ ପୂରିନାହିଁ
ଦାମୀ ଜଙ୍ଗଲ କାଟିବାର ନିଶା ସରେନାହିଁ
ଦୁର୍ନୀତିଖୋର ବାବୁମାନେ ହୁଅନ୍ତି ଜଳକା
ପକେଟ ଗରମ କରନ୍ତି ମିଳେ ଯେତେ ବଳକା।
ଦୁର୍ଦ୍ଦିନରେ ଆଜି ଆମ ଜଙ୍ଗଲର ଜୀବଜଗତ
ଶିକାରୀର ଗୁଳି ଖାଇ କିଏ ହୁଏ ମୃତ ବା ଆହତ
ବିରଳ ପ୍ରଜାତିର ବୃକ୍ଷଲତା ସବୁ ଯାଉଛି ହଜି
ମାଫିଆ ପ୍ରେମରେ କୁଚକ୍ରୀଦଳ ଯାଉଛନ୍ତି ମଜି।
ବାବୁଙ୍କ ଦାୟିତ୍ୱ ହୀନତା, ଅହେତୁକ ଟଙ୍କାର ମୋହ
ଜଙ୍ଗଲମଧ୍ୟରେ ଆଜି ବଢ଼ାଇ ଦେଉଛି ପଶୁଙ୍କ ଭୟ
ନୂତନ ଜଙ୍ଗଲ ସୃଷ୍ଟିକର, ବଞ୍ଚାଅ ଆମ ପରିବେଶ
ଜଙ୍ଗଲ ବଢିଲେ ସର୍ବାଙ୍ଗୀନ ଉନ୍ନତି କରିବ ଦେଶ।

*ବରିଷ୍ଠ ନାଗରିକ*
*ଝାଞ୍ଜିରୀ ମଙ୍ଗଳା-କଟକ*
*ମୋ: ୯୯୩୭୧୭୪୦୯୭*





# ଅଭୁଲା ଅତୀତ

ଅମରନାଥ ବାରିକ୍

ଦିନ ସିନା ବଦଳି ଗଲା କିନ୍ତୁ ସେ ଦିନ ଆଜି ବି ମନେପଡେ । ଚାଳ ଛପର ଘର, ସକାଳୁ କୁକୁଡ଼ାଙ୍କ ରାବ, କଅଁଳ ବାଛୁରୀଙ୍କୁ ଧରି ଖେଳିବା, ବାପା ବୋଉ ଜେଜେ ମା' ଜେଜେ ବାପା ଭାଇ ଭଉଣୀ ସମସ୍ତେ ଏକାଠି ବିତାଇ ଥିବା ସମୟ, ମା' ହାତରନ୍ଧା ଗରମ ଭାତ ତିଅଣ, ଗାଁ ବିଦ୍ୟାଳୟର ପାଠ ପଢା, ମାଟି ଚୂଲି, ଧାନ ଉଁଷା, ଧୂଳି ଖେଳ, ଲୁଚକାଳି ଖେଳ, ଗୋଧୂଳିର ବାସ୍ନା, ପୋଖରୀ ଗାଡ଼ିଆରେ ସାଥୀ ମେଳରେ ଗାଧୁଆ, ମାଛ ଧରା, ଗଛ ଚଢ଼ା, ନଇ ପହଁରା, ଶୀତୁଆ କଅଁଳ ଖରାରେ ବସି ଶାଗ ପଖାଳଖିଆ, ତାଳ ବରଡ଼ା ଉପରେ ବସି ଟଣାଟଣି ଖେଳିବା, କ୍ଷେତକୁ ବାପାଙ୍କ ପାଇଁ ଖାଇବା ନେଇଯିବା ସମୟରେ ହଳ ଲଙ୍ଗଳ କାଦୁଅରେ ଖେଳିବା, ଏମିତିକି ଗୋଟିଏ କମ୍ବଳ ତଳେ ଶୋଇ ଜେଜେମାଙ୍କ ପାଖରୁ ରାତିରେ କାହାଣୀ ଶୁଣିବା ବହୁତ ନିଆରା ଖୁସି ଥିଲା । ଆସନ୍ତୁ ଆମେ କିଛି ସମୟ ପାଇଁ ପୁଣି ଶିଶୁଟିଏ ହୋଇଯିବା । ପୁରୁଣା ଦିନକୁ ଆଉଥରେ ମନେ ପକାଇବା।

'ସମୟ ବଦଳି ନାହିଁ ବାପଧନ
ବଦଳି ଯାଇଛେ ଆମେ,
ପ୍ରକୃତି ସମ୍ପଦ ପ୍ରତ୍ୟାହାର
କରି ମାତିଛନ୍ତି ଅପକର୍ମେ ।
ଅତୀତଟା ପରା ଇତିହାସ
ଆମ ଭୁଲି କି ହୋଇବ କେବେ,
ଭୁଲିଯିବା ଆମେ ସେହିଦିନ ଭାଇ
ମାଟିରେ ମିଶିବା ଯେବେ ।

ତୋଟା ମଧ୍ୟରେ ବିଶାଳକାୟ ଆମ୍ବ ଗଛଟିଏ ଥିଲା । ସେହି ଶତାୟୁ ବିଶାଳକାୟ ଆମ୍ବ ଗଛରେ କେତେ ଯେ ପକ୍ଷୀ ବସା ବାନ୍ଧି ରହୁଥିଲେ ତାହା କଳନା କରିହେବ ନାହିଁ । ସକାଳ ହେଲେ ସବୁ ପକ୍ଷୀମାନେ ତାଙ୍କ କୁନିକୁନି ପିଲାମାନଙ୍କ ପାଇଁ ଆହାର ଆଣିବାକୁ ଚାଲିଯାଆନ୍ତି । ପୁଣି ଅସ୍ତରେ ଆହାର ଧରି ତାଙ୍କ ଛୁଆ ମାନଙ୍କ ପାଇଁ ଫେରି ଆସନ୍ତି । ଦିନେ ଜଣେ କାଠୁରିଆ ଆସି ସେହି ଆମ୍ବ ଗଛକୁ କାଟିବାକୁ ଲାଗିଲା । ତା'ର କୁରାଢ଼ି ଚୋଟର ଯେଉଁ ଭୟଙ୍କର ଶବ୍ଦ କରୁଥାଏ , ତାହା ଶୁଣି ସମସ୍ତ ପକ୍ଷୀମାନେ ଉଡ଼ିଗଲେ । କୁଆ କୋଇଲି ଶୁଆ ଶାରୀ ବଗ ବଗୁଲି ଗେଣ୍ଡାଳିଆ ଶାଗୁଣା ହଳଦୀବସନ୍ତ ବଣି ଯେତେକ ପକ୍ଷୀମାନେ ସବୁ ରାବ ଛାଡି ଉଡ଼ିବାକୁ ଲାଗିଲେ । ସେମାନଙ୍କ କୋଳାହଳରେ ପୁରା ଜଙ୍ଗଲଟା କମ୍ପି ଉଠିଲା । ନିଃଶବ୍ଦ ଜଙ୍ଗଲରେ ହାହାକାର ପଡିଗଲା କିନ୍ତୁ ଯେଉଁ ଛୋଟ ଛୋଟ ପକ୍ଷୀମାନେ ଉଡ଼ି ଜାଣନ୍ତି ନାହିଁ, ତାଙ୍କ ମାଆ ମାନେ ଈଶ୍ୱରଙ୍କୁ ଡ଼ାକିଲେ, 'ହେ ପ୍ରଭୁ ଏ ନିରୀହ ପିଲାମାନେ ତୁମକୁ ଲାଗିଲେ ତାଙ୍କୁ ବଞ୍ଚାଅ । 'ପକ୍ଷୀମାନଙ୍କ କରୁଣ ଡାକ ଶୁଣି ଭଗବାନ ଚାଲିଆସିଲେ । କାଠୁରିଆକୁ କହିଲେ ଆରେ କାଠୁରିଆ ରହ ରହ, କାହିଁକି ଏ ସୁନ୍ଦର ଗଛଟାକୁ କାଟିବାରେ ଲାଗିଛୁ ? କ'ଣ ପାଇଁ ଏମିତି ଏ ପ୍ରକୃତିକୁ ନଷ୍ଟ କରିବାରେ ଲାଗିଛୁ ? କ'ଣ ଲାଭ ମିଳୁଛି ଏଥିରେ ? ଗଛ କାଟିଦେଲେ ଫଳ ଫୁଲ ଛାଇ ଇତ୍ୟାଦି କେଉଁଠୁ ପାଇବୁ ? ଏ ନିରୀହ ପଶୁପକ୍ଷୀ କେଉଁଠି ରହିବେ ? ବୃଷ୍ଟିପାତ କିପରି ଭାବରେ ହେବ ? ଅମ୍ଳଜାନ କେଉଁଠୁ ଆସିବ ? ଅତି ଆବଶ୍ୟକ ନ ପଡ଼ିବା ଯାଏଁ ଗଛ କାଟ ନାହିଁ । ଗୋଟିଏ ଗଛ କାଟିବା ଆଗରୁ ଦଶଟି ଗଛ ଆଗ ଲଗାଅ । ଈଶ୍ୱରଙ୍କର ଏ କଥାକୁ ଖାତିର ନକରି କାଠୁରିଆ କହିଲା, 'ତୁମେ ମୋତେ ବାରଣ କରିବାକୁ କିଏ ? ମୁଁ ଗଛ କାଟିଲେ ତୁମର କ'ଣ କ୍ଷତି ହେଉଛି ?'ଈଶ୍ୱର କହିଲେ, 'ରେ ମୂର୍ଖ ! ମୁଁ ସୃଷ୍ଟିକର୍ତ୍ତା ନାରାୟଣ । ତୁ କ'ଣ ମୋତେ ଜାଣି ପାରୁନାହୁଁ ?' କାଠୁରିଆ କହିଲା, 'ହେଲେ ମୁଁ କିପରି ଜାଣିବି ତୁମେ ଈଶ୍ୱର ବୋଲି ?' ଭଗବାନ କହିଲେ, 'ତାହାଲେ ଦେଖ ତୋ ହାତରୁ କୁରାଢୀ ଶୂନ୍ୟ ହୋଇଗଲା ।' -ଆରେ ହଁ ତ, ମୁଁ ଏବେ କେମିତି ଚଳିବି ? କାଠ କେମିତି କାଟିବି ? ସଂସାର କେମିତି ଚଳିବ ?' ଈଶ୍ୱର କହିଲେ ଏବେ ତୁ ଏଠୁ ପଳାଇ ଯାଆ, ନହେଲେ ମୁଁ ତୋତେ ମଧ୍ୟ ଶୂନ୍ୟ କରିଦେବି ।' ଯିଏ ଆମର ପ୍ରକୃତ ବନ୍ଧୁ ତାହାର ଯଦି କ୍ଷତି କରିବା

ଭଗବାନ ନିଶ୍ଚୟ ଦଣ୍ଡ ଦେବେ ଏ କଥା ସବୁ ମନେ ରଖିବା ।

କାଠୁରିଆ ଜଣକ ଜୀବନ ବଞ୍ଚାଇବାକୁ ଜଙ୍ଗଲରେ ଦୌଡ଼ିବାକୁ ଲାଗିଲା । କିଛି ଦୂରରେ ଯାଇ ଏକ ବାଘ ହାବୁଡ଼ରେ ପଡ଼ିଲା । ବାଘ କହିଲା, 'ମୁଁ ତୋତେ ଛାଡ଼ିବି ନାହିଁ । ତୁ କାହିଁକି ଏ ଜଙ୍ଗଲକୁ କାଟି ସଫାକରୁଛୁ ? ଆମେ ରହିବୁ କେଉଁଠି ? ଖାଇବୁ କ'ଣ ? ତେଣୁ ମୁଁ ଆଜି ତୋତେ ଖାଇବି । ଏହାକହି ବାଘଟି ଜଙ୍ଗଲ ସାରା ଗୋଡେଇଲା କାଠୁରିଆକୁ । କାଠୁରିଆ ଜଣକ ଦୌଡୁଥାଏ, ତା' ପଛରେ ବାଘ ମଧ୍ୟ ଦୌଡୁଥାଏ । ଏମିତି ଦୌଡ଼ା ଦୌଡ଼ି ଚାଲିଥାଏ। ଧୀରେ ଧୀରେ ସେହି ଜଙ୍ଗଲରେ ଯେତେ ପଶୁପକ୍ଷୀ ରହୁଥିଲେ ହାତୀ, ଗଣ୍ଡା, ଗୟଳ, ଘୋଡ଼ା, ବିଲୁଆ, ଗଧ, କୁକୁର, ଶିଆଳ, ହରିଣ, ଲୋମଡି, ବାରହା, ସିଂହ, ଭାଲୁ, ସାପ, ବେଙ୍ଗ, ମୂଷା, ଠେକୁଆ, କଙ୍ଗାରୁ, ଗାଈ, ମଇଁଷି, ସମସ୍ତେ କାଠୁରିଆ ପଛରେ ଦୌଡୁ ଥାଆନ୍ତି । ବାଟରେ କାଠୁରିଆ ଜଣେ ସାଧୁଙ୍କୁ ହାବୁଡ଼ିଲେ । କାଠୁରିଆଟି ସାଧୁଙ୍କ ପାଦତଳେ ପଡ଼ି କହିଲା, 'ମୋତେ ରକ୍ଷାକର ବାବା ନହେଲେ ଏମାନେ ମୋତେ ମାରିଦେବେ ।' ସାଧୁ ଜଣକ କହିଲେ, 'ହଉ ଉଠ ଉଠ । ତୁମ ମାନଙ୍କର କ'ଣ ହୋଇଛି ମୋତେ କୁହ । ମାରିବା ପାଇଁ କାଠୁରିଆ ପଛରେ ଦୌଡୁଥିବା ସବୁ ପଶୁ ପକ୍ଷୀ କହିଲେ, 'ଦେଖନ୍ତୁ ବାବା ଏ ଦୃଷ୍ଟ କାଠୁରିଆ ଜଣକ ଆମ ପ୍ରକୃତିକୁ ନଷ୍ଟ କରୁଛି । ଜଙ୍ଗଲ କାଟି ସଫା କରିଦେଉଛି । ଆମେମାନେ କେଉଁଠି ରହିବୁ ? କ'ଣ ଖାଇବୁ ? ତେଣୁ ଆମେମାନେ ମାରିବା ପାଇଁ ଏଟାକୁ ଗୋଡେଇଛୁ, ଆପଣ ଛାଡ଼ନ୍ତୁ ।'ସବୁ ଶୁଣି ସାରିବା ପରେ ସନ୍ନ୍ୟାସୀ ବାବା ସେହି କାଠୁରିଆକୁ ବୁଝେଇବାରୁ ସେ ତା' ନିଜ ଭୁଲ ବୁଝିପାରି କ୍ଷମା ମାଗିଲା । ସେ ଆଉ ଗଛ କାଟିବ ନାହିଁ ବୋଲି ପ୍ରତିଜ୍ଞା କଲା। ଶେଷରେ ସମସ୍ତ ପଶୁପକ୍ଷୀ ତାକୁ କ୍ଷମା କଲେ। ପିଲାମାନେ ଏହି ଗପରୁ ଆମେମାନେ ଏଇଆ ଶିଖିଲେ ଯେ ଆମେ କେବେ ବି ଗଛ କାଟିବା ନାହିଁ, ଈଶ୍ୱରଙ୍କୁ ଧ୍ୟାନ କରିବା। ଦୟାଳୁ ହେବା, ନିଜର ଭୁଲ ସ୍ୱୀକାର କରିବା ଓ ଅନ୍ୟକୁ କ୍ଷମା କରିବା । ପଶୁ ପକ୍ଷୀମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର କରିବା ନାହିଁ। ପିଲାମାନେ ଖୁସିରେ ହଁ କରିବାରୁ, ମୁଁ ବହୁତ ଖୁସି ।

ମଙ୍ଗଳପୁର-ଯାଜପୁର-ଓଡ଼ିଶା
ମୋ-୯୫୪୦୩୦୮୦୯୫ (ନୂଆଦିଲ୍ଲୀ)





# ଅଭିମାନିନୀ ମହାଲକ୍ଷ୍ମୀ



ସୁଜିତ୍ ରଞ୍ଜନ ମହାପାତ୍ର



ଏଇ ନିକଟରେ ବାହାଘର ହୋଇଛି। ଏଯାଏ ଗଇଣ୍ଠାଳ ଫିଟିନାହିଁ। ଅଥଚ ମହାପ୍ରଭୁ ପ୍ରାଣପ୍ରିୟା ମହାଲକ୍ଷ୍ମୀଙ୍କୁ ସାଥିରେ ନନେଇ ଜନ୍ମବେଦିକୁ ଚାଲିଗଲେ। ମହାଲକ୍ଷ୍ମୀ ଅଭିମାନ କରିବେନି ବା କେମିତି? ଏଣେ ମହାପ୍ରଭୁ ଫେରି ଆସିଲେଣି ସିନା, ତଥାପି ଶ୍ରୀମନ୍ଦିରକୁ ଯାଇନାହାଁନ୍ତି । ଜଗି ବସିଛନ୍ତି, କେବେ ଫେରିବେ? ଦୁଇ ପଦ ନ କହିଲେ, ରାଗ ଶାନ୍ତ ହେବ କେମିତି? ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହି ମାଧୁର୍ଯ୍ୟ ପତି-ପତ୍ନୀଙ୍କ ମଧ୍ୟରେ ସମ୍ପର୍କ ଓ ଅଧିକାରର ପ୍ରତିଫଳନ ମାତ୍ର। ନୀଳାଦ୍ରିବିଜେରେ ଶ୍ରୀମନ୍ଦିରକୁ ଲେଉଟିବା ଦିନ ଏହି ଅପୂର୍ବ ମିଳନ ଅବଲୋକନ କରନ୍ତି ଭକ୍ତ। ଏହାକୁ 'ଲକ୍ଷ୍ମୀ ନାରାୟଣ କଳି' ବୋଲି ଅଭିହିତ କରାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ଜୟ ବିଜୟ ଦ୍ୱାର ନିକଟରେ ପହଞ୍ଚିବା ପରେ ଦ୍ୱାରର ବାହାର ପଟେ ଦଇତା ସେବକ ସ୍ୱାଇଁ ମହାପାତ୍ର ଏବଂ ଲକ୍ଷ୍ମୀ ଦେବୀଙ୍କ ପକ୍ଷରୁ ଦ୍ୱାରର ଭିତର ପଟେ ଭିତର ଗାଏଣୀ ଦେବଦାସୀ ରହି ବଚନିକା କରୁଥିଲେ।ମାତ୍ର ଶ୍ରୀମନ୍ଦିରରୁ ଦେବଦାସୀ ସେବା ବିଲୁପ୍ତ ହେବା ପରେ ଭିତରପଟେ ଲକ୍ଷ୍ମୀଙ୍କ ପକ୍ଷରୁ କେହି ରହୁନାହାଁନ୍ତି। ମତାନ୍ତରେ ଏବେ ଭିତରଛ ମହାପାତ୍ର ସେବକ ଏହି ଦାୟିତ୍ୱ ତୁଲାଉଛନ୍ତି। ବଚନିକାରେ ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ବାର୍ତ୍ତାଳାପ ହେବାର ବିଧି ରହିଥିଲେ ହେଁ ଏବେ ସେପରି ବଚନିକା ହେଉନାହିଁ। ମହାଲକ୍ଷ୍ମୀଙ୍କୁ ମହାପ୍ରଭୁ ରଥଯାତ୍ରାରେ ସାଥିରେ ନେଇନଥିବାରୁ ହେରା ପଞ୍ଚମୀରେ ଯାଇ ରଥ ଭାଙ୍ଗିଦେଇ ଆସିଥାନ୍ତି। ତଥାପି ମା'ଙ୍କ ଅଭିମାନ ଭାଙ୍ଗେନାହିଁ। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ସିଂହଦ୍ୱାରଠାରେ ବଚନିକା ହୋଇନଥାଏ ବରଂ ଏହା ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାରଠାରେ ହୋଇଥାଏ। ପୂର୍ବରୁ ଦଇତା ସେବକ ଓ ଦେବଦାସୀଙ୍କ ମଧ୍ୟରେ ବଚନିକା ହେଉଥିଲା। ଦେବଦାସୀମାନେ ଦଇତାଙ୍କୁ ଲଣ୍ଡଭଣ୍ଡ କରନ୍ତି ବୋଲି ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଛି। ତେବେ ଶ୍ରୀଜଗନ୍ନାଥ ସଂସ୍କୃତିରେ ଲକ୍ଷ୍ମୀ ନାରାୟଣ ବଚନିକା ପରମ୍ପରା ଧୀରେ ଧୀରେ ଲୁପ୍ତ ହେବାକୁ ବସିଛି। ମହାପ୍ରଭୁ ପହଣ୍ଡି ବିଜେରେ ଭିତରକାଠ ସମ୍ମୁଖ ଭଣ୍ଡାର ଘର ଠାରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହର ଗଇଣ୍ଠାଳ ଫିଟା ନୀତି ଓ ରସଗୋଲା ଭୋଗ ଆଦି କରାଯାଏ। ସନ୍ଧ୍ୟାଧୂପ ସରିବା ପରେ ବିଜେ କାହାଳୀ ବାଜି ଶ୍ରୀବିଗ୍ରହମାନେ ପହଣ୍ଡି ହୋଇ ରତ୍ନବେଦୀ ଅଭିମୁଖେ ଯାଆନ୍ତି। ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ରତ୍ନ ସିଂହାସନକୁ ବିଜେ କରନ୍ତି। ମାତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଚାର ଉପରକୁ ଆସିଲେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସନ୍ତି। ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଛ ବନ୍ଦାପନା ନୀତି ବଢ଼ାଇଥାଆନ୍ତି। ଏତିକି ବେଳେ ଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ଦେବଦାସୀମାନେ ଯାଇ ସିଂହଦ୍ୱାରକୁ ବନ୍ଦ କରିଦେବାର ପ୍ରଥା ରହିଛି। କିଛି କ୍ଷଣ ପରେ ପୁଣି ଦ୍ୱାର ଖୋଲିଯାଏ। ପୁନଶ୍ଚ ଶ୍ରୀଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ। ଶ୍ରୀଜଗନ୍ନାଥ ସିଂହଦ୍ୱାରରେ ପହଞ୍ଚିବା ପରେ ସିଂହଦ୍ୱାର ଫିଟାଇ ଦିଅନ୍ତି। ଏହି ପ୍ରଥା ଏବେ ବି ପାଳନ ହେଉଛି କିନ୍ତୁ ସେ ଦାୟିତ୍ୱ ତୁଲାଇବାକୁ ଆଉ ଦେବଦାସୀମାନେ ନାହାଁନ୍ତି ।

ସାମ୍ବାଦିକ, ପୁରୀ
ମୋ-୯୭୭୬୬୪୯୨୮୯

# ପାଳି



ସୁଚରିତା ମହାନ୍ତି

ସମସ୍ତେ ଜଗି ବସିଥିଲେ। କିଛି ଲୋକ ଦେଖିବାକୁ ଭିଡ଼ ଜମେଇ ଥିଲେ। ଘଟଣା ସେମିତି କ'ଣ ଥିଲା ଯେ ଏତେ ହୋହାଲ୍ଲା ଚାଲିଥିଲା । କାହା ଆଖିରୁ ଲୁହ ଟୋପେ ଗଡ଼ିବାର କେହି ଦେଖିନଥିଲେ। ବୁଢ଼ାଟା ମଲାନି ଯେ ତରିଗଲା।ଆଉ କେତେ ଭୋକ ଉପାସରେ ପଡ଼ି ରହିଥାନ୍ତା । ବୁଢ଼ୀ ଗଲାଦିନୁ ଏକୁଟିଆ ବେସାହାରା ହୋଇଯାଇଥିଲା। ଭଲମନ୍ଦ ବୁଝିବା ପାଇଁ କିଏ ଆଉ ଅଛି।ଶୁଖିଲା ପତ୍ର କେବେ ନା କେବେ ଗଛରୁ ଖସିବା ସ୍ୱାଭାବିକ କଥା।କିନ୍ତୁ ଅଚାନକ ପତ୍ରଟି ବାଧ ହୋଇ ଖସିପଡ଼ିବ ଏକଥା କାହାକୁ ଜଣା ଥିଲା। ପ୍ରାୟ ପ୍ରତ୍ୟେକ ଘରର କାହାଣୀ ପାଲଟି ଯାଇଛନ୍ତି ବୁଢ଼ା ବାପାମାଆ।'ବାଗବାନ' ଚଳଚ୍ଚିତ୍ରରେ ପୁଅମାନେ ବାପାମାଆଙ୍କୁ ନିଜ ନିଜର ସୁବିଧା ଅନୁସାରେ ପାଳିକରି ରଖିବାକୁ ଯେଉଁ ନିଷ୍ପତ୍ତି ନେଇଥିଲେ, ସେଥିରେ ବାପାମାଆ ଅନେକ ଦୁଃଖ ଯନ୍ତ୍ରଣା ଭୋଗକରି ପୁଣି ଦୁହେଁ ସେମାନଙ୍କ ପାଖରୁ ଲୁଚି ପଳାଇ ଆସି ପାଳିତ ପୁଅ ପାଖରେ ନିଜର ଶେଷ ସମୟକୁ ବିତାଇଥିଲେ।ହୁଏତ ଏ ଚଳଚ୍ଚିତ୍ର ଦେଖି ବୁଢ଼ା ବାପା ଜଣଙ୍କ ନିଜ ସହିତ ଏମିତି କେବେ ଘଟିବ ଭାବିନଥିବେ।କିନ୍ତୁ ଏ ଦୁଖି ବାପାଜଣକ ନିଜ ଦୁଃଖ କାହା ଆଗରେ ବଖାଣି ଥାଆନ୍ତା !ବୁଢ଼ା ବୟସରେ କେତେ ବା କ'ଣ ଖାଇ ଯାଇଥାନ୍ତା, ନା ବୋହିନେଇ ଯାଇଥାନ୍ତା।ତା'ହେଲେ ସେଇ ପିଲାମାନେ ବଡ଼ ହେବାପରେ ଏମିତି କାହିଁକି ନିଷ୍ଠୁର ହୋଇଗଲେ । ହୁଏତ ଏମିତି ଅନେକ ପ୍ରଶ୍ନବାଣରେ ବୁଢ଼ା ବାପାଟି ନିଜକୁ ଅନେକଥର କ୍ଷତାକ୍ତ କରିଥିବ। ପୁଅଝିଅଙ୍କୁ ନେଇ କାହିଁ କେତେ ସ୍ୱପ୍ନ ଦେଖିଥିବା ବାପାଟି ରାତିର ଅନ୍ଧାର ଚିରି ଧାଇଁଗଲା ମୃତ୍ୟୁ ମୁହଁକୁ।ସେ କ'ଣ ଜୀବନସାରା ପିଲାମାନଙ୍କୁ ପାଳିକରି ପୋଷିଥିଲା କି ।ନିଜ ଜୀବନର ସବୁତକ କଷ୍ଟସାଧ୍ୟ ସଞ୍ଚିତ ଧନକୁ ପିଲାମାନଙ୍କୁ ମଣିଷ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିବାପରେ ବୁଢ଼ାବାପା ସମସ୍ତଙ୍କ ପାଇଁ ବୋଝ ହୋଇଗଲା।ପିଲାଙ୍କ ଅଳିଅଝଟ ସହି ଦୁନିଆର ଆଲୋକ ଦେଖେଇଥିବା ବାପାଟା ନିଜର ଅଳିଅଝଟକୁ କାହା ଉପରେ ଅଜାଡ଼ି ଦେବା ତ ଦୂର କଥା କାହାକୁ ଭରସା କରି ପାରିଲାନି ।ସବୁ କୋହକୁ ଛାତିରେ ଚାପି ରଖି ଶେଷରେ ଜୀବନ ହାରି ଦେଇ ସମସ୍ତଙ୍କ ଉପରୁ ବୋଝର ପାହାଡ଼ଟାକୁ ଭାଙ୍ଗି ଦେଇଗଲା । ବାପା କ'ଣ କେବେ ଭାବିଥିଲା ତା'ପିଲାମାନଙ୍କର କ୍ଷମତା ନାହିଁ ଏକସଙ୍ଗେ ର?ହି ଶେଷ ସମୟରେ ବାପାର ଭଲମନ୍ଦ ବୁଝିବା ପାଇଁ।ସେ କ'ଣ କେବେ ଆଶା କରିଥିବ ଯେ,ତା' ପିଲାମାନେ ତାକୁ ପାଳିକରି ପୋଷନ୍ତୁ ।ପିଲାମାନେ ତାଙ୍କର ନିଜ ନିଜର ସ୍ୱାର୍ଥ ପାଇଁ ପାଳି ବ୍ୟବସ୍ଥା କରି ଶେଷରେ ବୁଢ଼ା ବାପାକୁ ମରଣ ମୁହଁକୁ ଠେଲି ଦେଲେ ।ଜୀବନରେ ପାଳିକରି ପୂଜା କରୁଥିବା ବ୍ରାହ୍ମଣ ବାପା ଜଣକ ନିଜ ସମ୍ମାନ ରକ୍ଷାକରି ପାଳି 'ରୋଗରୁ ନିଜକୁ ମୁକ୍ତି ଦେଇଦେଲେ ।ଭିଡ଼ ଭିତରେ ତଦନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥଲା। ପୁଅ ଝିଅ ମାନେ ଜଣକ ପରେ ଜଣେ ସାମ୍ବାଦିକଙ୍କୁ ବାଇଟ୍ ଦେଇ ନିଜ ମୁଣ୍ଡରୁ ଦୋଷ ଛଡ଼ାଉ ଥିବାବେଳେ ବୁଢ଼ା ବାପା କିନ୍ତୁ ମୁଠାଏ ଭୋକ, ଟୋପାଏ ଶୋଷକୁ ସାଥିରେ ନେଇ ନିରବି ଯାଇଥିଲେ ସବୁଦିନ ଲାଗି ।

ବାରିପଦା, ମୟୂରଭଞ୍ଜ
ମୋ-୮୯୧୭୫୭୧୨୦୨



# ବୀମା ନଥିଲେ ମିଳିବନି ତେଲ: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୭।୮:** ବୀମା ନଥିଲେ ମିଳିବନି ତେଲ । ବୀମା ନଥିବା ଗାଡିଗୁଡିକୁ ତେଲ ବିକ୍ରି ବନ୍ଦ କରିବା ପାଇଁ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଦେଶରେ ଚାଲୁଥିବା ବୀମା ବା ଇନସ୍ୟୁରାନ୍ସ ନଥିବା ଗାଡି ଉପରେ ରୋକ୍ ଲଗାଇବା ପାଇଁ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଣିକି ବୈଧ ଇନସ୍ୟୁରାନ୍ସ ନଥିଲେ ପେଟ୍ରୋଲ ପମ୍ପରେ ଗାଡ଼ିକୁ ତେଲ ମିଳିବ ନାହିଁ। ଏଥିପାଇଁ ଏକ ଅତ୍ୟାଧୁନିକ ପ୍ରଯୁକ୍ତି ଭିତ୍ତିକ 'ପାଇଲଟ୍ ପ୍ରୋଜେକ୍ଟ' ଆରମ୍ଭ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ବୀମା ନିୟାମକ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଞ୍ଜୟ କରୋଲ ଏବଂ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଦେଶରେ ଚାଲୁଥିବା ପ୍ରାୟ ୫୬ ପ୍ରତିଶତ ଗାଡ଼ିର ଭ୍ୟାଲିଡ ଇନସ୍ୟୁରାନ୍ସ ନଥିବାରୁ ଖଣ୍ଡପୀଠ ଚିନ୍ତା ବ୍ୟକ୍ତ କରିଛନ୍ତି। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଲକ୍ଷ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ପେଟ୍ରୋଲ ପମ୍ପରେ ତେଲ ପକାଇବା ବେଳେ ଗାଡ଼ିର ବୀମା ସ୍ଥିତି ତୁରନ୍ତ ଯାଞ୍ଚ କରାଯିବ। ବୀମା ଅବଧି ଶେଷ ହୋଇଥିଲେ ଗାଡ଼ିକୁ ତେଲ ମିଳିବ ନାହିଁ। ସେହିପରି ନୂଆ ଗାଡ଼ି କିଣିବା ବେଳେ ଥାର୍ଡ ପାର୍ଟି ଇନସ୍ୟୁରାନ୍ସ ଅବଧି ବୃଦ୍ଧି କରାଯାଇଛି। ନୂଆ କାର୍ ପାଇଁ ବୀମା ଅବଧି ୩ ବର୍ଷରୁ ୪ ବର୍ଷକୁ ବୃଦ୍ଧି କରାଯାଇଥିବା ବେଳେ ନୂଆ ଦୁଇଚକିଆ ଗାଡ଼ି ପାଇଁ ବୀମା ଅବଧି ୫ ବର୍ଷରୁ ୬ ବର୍ଷକୁ ବୃଦ୍ଧି କରାଯାଇଛି। ସେହିପରି ଜାତୀୟ ରାଜପଥରେ ଥିବା ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ କ୍ୟାମେରାକୁ ସରକାରଙ୍କ ଡାଟାବେସ୍ ସହ ସଂଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଯାହାଦ୍ୱାରା ବୀମା ନଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ଚିହ୍ନଟ କରାଯାଇପାରିବ।

### ଜାତୀୟସ୍ତରୀୟ ହସ୍ତତନ୍ତ ଦିବସ ଆୟୋଜନ

# ହସ୍ତତନ୍ତ ସଭ୍ୟତାର ବିବର୍ତ୍ତନ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ






**ନୂଆଦିଲ୍ଲୀ,୭।୮:** ଜାତୀୟ ହସ୍ତତନ୍ତ ଦିବସ ପାଳନ ହୋଇଛି। ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀରେ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ସେହିପରି ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ୧୨ତମ ଜାତୀୟ ହସ୍ତତନ୍ତ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ପାଳିତ ହୋଇଯାଇଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଶତାବ୍ଦୀ ଧରି ହସ୍ତତନ୍ତ ଭାରତର ସଭ୍ୟତାର ବିବର୍ତ୍ତନ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି। ଏହା ଆମ ଦେଶର ଅସାଧାରଣ ବିବିଧତାକୁ ପ୍ରତିଫଳିତ କରୁଚି ଏବଂ ଆମର ଆଞ୍ଚଳିକ ସ୍ୱତନ୍ତ୍ରତାକୁ ସଂରକ୍ଷଣ କରିଆସିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର-୨୦୨୫' ଓ 'ଜାତୀୟ ହସ୍ତତନ୍ତ ପୁରସ୍କାର-୨୦୨୫'ରେ ସମ୍ମାନିତ ହୋଇଥିବା ବରଗଡ଼ର ରାମ ମେହେର ଏବଂ ଜଗତସିଂହପୁରର ପ୍ରଫୁଲ୍ଲ କୁମାର ସାହୁଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁରକ୍ଷିତ ରଖିବା, ବୁଣାକାର ସମ୍ପ୍ରଦାୟର ଜୀବିକାକୁ ସୁଦୃଢ଼ କରିବା ସହ ହସ୍ତତନ୍ତ କ୍ଷେତ୍ରରେ ନୂତନତା, ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଛି।

## ଚୁଟ୍‌କୀରେ...

### ବାୟୁସେନାର ପ୍ରଥମ ମହିଳା ସ୍କ୍ୱାର୍ଡନ ଲିଡର ଭାବନା

**ନୂଆଦିଲ୍ଲୀ,୭।୮:** ଭାରତୀୟ ବାୟୁ ସେନାର ସ୍କ୍ୱାର୍ଡନ ଲିଡର ଭାବନା କାନ୍ତ ଇତିହାସ ସୃଷ୍ଟି କରିଛନ୍ତି। ସେ ନୂଆ କୀର୍ତ୍ତିମାନ ହାସଲ କରି ପ୍ରଥମ ମହିଳା ପାଇଲଟ ଭାବେ ସଫଳତାର ସହ ସମ୍ମାନଜନକ ଫାଇଟର କମ୍ବାଟ ଲିଡର(ଏଫସିଏଲ) କୋର୍ସ ଶେଷ କରିଛନ୍ତି। ଗ୍ୱାଲିୟର ସ୍ଥିତ ଟାଟିକ୍ସ ଓ ଏୟାର କମ୍ବାଟ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ(ଟିଏସିଡିଇ)ରେ ସେ ଏହି କୋର୍ସ ଶେଷ କରି ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି। ୨୦ ସପ୍ତାହର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭାରତୀୟ ବାୟୁସେନାର ସବୁଠାରୁ କଠିନ ଅତ୍ୟାଧୁନି ଯୁଦ୍ଧ କୋର୍ସ ମଧ୍ୟରୁ ଗୋଟିଏ। ଏଥିରେ କେବଳ କିଛି ସାହାସୀ ଫାଇଟର୍ ପାଇଲଟ୍‌ଙ୍କୁ ତାମିଲ ନେବାକୁ ସୁଯୋଗ ମିଳିଥାଏ। ସଫଳତାର ସହ ଏହି ପ୍ରଶିକ୍ଷଣ ଶେଷ କରିଥିବା ପାଇଲଟ୍‌ମାନେ ଜଟିଳ ଆକାଶ ପଥ ଯୁଦ୍ଧ ଅଭିଯାନର ନେତୃତ୍ୱ ନେବାକୁ ଯୋଗ୍ୟ ବିବେଚିତ ହୁଅନ୍ତି। ବାୟୁସେନାର ଅଗ୍ରଣୀ କମ୍ବାଟ୍ ଟାକ୍ଟିସିଆନ୍‌ମାନଙ୍କ ମଧ୍ୟରେ ମଧ୍ୟ ସେମାନେ ନିଜକୁ ସାମିଲ କରନ୍ତି। ଟିଏସିଡିଇ ହେଉଛି ଭାରତୀୟ ବାୟୁସେନାର ପ୍ରମୁଖ ଫାଇଟର୍ ଟାକ୍ଟିକ୍ସ ପ୍ରଶିକ୍ଷଣ ପ୍ରତିଷ୍ଠାନ। ଏହାକୁ ଆମେରିକା ନୌସେନାର 'ଟପ୍ ଗନ୍' ସହ ତୁଳନା କରାଯାଏ। ଏଠାରେ ଯବାନ ଓ ଅଧିକାରୀମାନଙ୍କୁ ଉନ୍ନତ ଯୁଦ୍ଧ କୌଶଳ, ମିଶନ୍ ପ୍ଲାନିଂ, ଆକାଶ ପଥ ଓ ଆକାଶରୁ ସ୍ଥଳ ପଥ ଅପରେସନ୍ ଓ ଅତ୍ୟଧିକ ବିପଦଜନକ ଅପରେସନାଲ୍ ପରିସ୍ଥିତିରେ ନେତୃତ୍ୱ ନେବା ଭଳି ବିଷୟରେ ପ୍ରଶିକ୍ଷଣ ଦିଆଯାଏ।

### ସ୍ୱାଧୀନତା ଦିବସ ପୂର୍ବରୁ ମୁମ୍ବାଇରେ ବିସ୍ଫୋରଣ ଧମକ

**ମୁମ୍ବାଇ,୭।୮:** ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ଏବେ ବିଦେଶୀ ଶତ୍ରୁଙ୍କ ଟାର୍ଗେଟରେ। ନିକଟରେ ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇର ମେୟର ରତୁ ତାବଡେଙ୍କୁ ଏକ ଧମକପୂର୍ଣ୍ଣ ଇମେଲ ମିଳିଛି। ଏଥିରେ ମୁମ୍ବାଇ ଉପରେ ବଡ଼ ଧରଣର ଆକ୍ରମଣ ଧମକ ମିଳିଛି। ଏହା ସହ ଖଲିସ୍ତାନୀ ସମର୍ଥକଙ୍କ ନାରାବାଜି ମଧ୍ୟ ଲେଖାଯାଇଛି। ବର୍ତ୍ତମାନ ମୁମ୍ବାଇ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରତିକ୍ରିୟା ମିଳିନାହିଁ। ସବୁଠାରୁ ଖାସ୍ କଥା ଯେ, ଏହି ମେସେଜ୍ ଏଭଳି ସମୟରେ ଆସିଛି, ଯେତେବେଳେ ଦେଶ ଏକ ସପ୍ତାହ ପରେ ସ୍ୱାଧୀନତା ଦିବସ ପାଳନ କରିବ। ରିପୋର୍ଟ ଅନୁସାରେ, ଏହି ଧମକ ତାଭଡେଙ୍କ ଅଫିସିଆଲ ଇ-ମେଲକୁ ପଠାଯାଇଥିଲା। ଏଥିରେ କୁହାଯାଇଛି ମେୟରଙ୍କ ଅଫିସ, ମୁମ୍ବାଇ ମେଟ୍ରୋ, ସ୍କୁଲ ଓ ଷ୍ଟକ ମାର୍କେଟ ଉପରେ ବିସ୍ଫୋରଣ କରାଯିବ। ସବୁଠାରୁ ଖାସ୍ କଥା ଏହା ଯେ, ଏହି ମେଲ୍‌ରେ ବହୁ ଖଲିସ୍ତାନୀ ସମର୍ଥକଙ୍କ ନାଁ ମଧ୍ୟ ସାମିଲ କରାଯାଇଛି। ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି ଯେ ଏହି ମେଲ୍ କିଏ ପଠାଇଛି। ବର୍ତ୍ତମାନ ପୋଲିସ ଏହି ମାମଲାର ଯାଞ୍ଚ କରୁଛି।

### ବିବାହ ବିଚ୍ଛେଦ ଆବେଦନ ପ୍ରତ୍ୟାହାର କଲେ ବିଜୟଙ୍କ ପତ୍ନୀ ସଙ୍ଗୀତା



**ଚେନ୍ନାଇ,୭।୮:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ପତ୍ନୀ ସଙ୍ଗୀତା ସୋର୍ଣ୍ଣାଲିଙ୍ଗମ୍ ଶୁକ୍ରବାର ଚେନ୍ନାଇ ନିକଟସ୍ଥ ଚେଙ୍ଗଲପଟ୍ଟୁ ପାରିବାରିକ ଅଦାଲତରେ ଦାୟର କରିଥିବା ନିଜର ବିବାହ ବିଚ୍ଛେଦ ଆବେଦନକୁ ପ୍ରତ୍ୟାହାର କରିନେଇଛନ୍ତି। ମାମଲାର ଶୁଣାଣି ସମୟରେ ସଙ୍ଗୀତା ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଜର ହୋଇ ଏହି ମାମଲାକୁ ଆଗକୁ ବଢ଼ାଇବାକୁ ଚାହୁଁ ନଥିବା କୋର୍ଟଙ୍କୁ ଜଣାଇଥିଲେ। ଏହାପରେ ଅଦାଲତ ଆବେଦନଟିକୁ ପ୍ରତ୍ୟାହାର ଗ୍ରହଣ କରି ମାମଲାକୁ ଖାରଜ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ମାସରେ ସଙ୍ଗୀତା ଏହି ବିବାହ ବିଚ୍ଛେଦ ଆବେଦନ ଦାଖଲ କରିଥିଲେ। ସେଥିରେ ସେ ବିଜୟଙ୍କ ବିରୋଧରେ ଜଣେ ଅଭିନେତ୍ରୀଙ୍କ ସହ ପରକୀୟା ପ୍ରୀତିରେ ଲିପ୍ତ ରହିବା, ସାମାଜିକ ଓ ବ୍ୟବସାୟିକ ଜୀବନରୁ ତାଙ୍କୁ ଦୂରେଇ ରଖିବା ଏବଂ ମାନସିକ ନିର୍ଯାତନା ଦେବା ଭଳି ଗମ୍ଭୀର ଅଭିଯୋଗ ଆଣିଥିଲେ। ଏହିସବୁ ଘଟଣା ଯୋଗୁଁ ସେ ଓ ତାଙ୍କର ଦୁଇ ସନ୍ତାନ ଜେସନ୍ ସଞ୍ଜୟ ଓ ଦିବ୍ୟା ସାଶା ବାରମ୍ବାର ଅପମାନିତ ହୋଇଥିଲେ ଏବଂ ତାଙ୍କର ବୈବାହିକ ସମ୍ପର୍କ କେବଳ କାଗଜପତ୍ରରେ ସୀମିତ ରହିଯାଇଥିଲା ବୋଲି ସେ ଦର୍ଶାଇଥିଲେ। ତେବେ ଶୁକ୍ରବାର ଆବେଦନ ପ୍ରତ୍ୟାହାର ହେବା ପରେ ଏହି ଚର୍ଚ୍ଚିତ ବିବାଦରେ ବର୍ତ୍ତମାନ ପୂର୍ଣ୍ଣଚ୍ଛେଦ ପଡ଼ିଛି।

### ୪୫ ଜଣ ନବନିର୍ବାଚିତ ଏନଡିଏ ସାଂସଦଙ୍କ ସହ ମୋଦୀଙ୍କ ବୈଠକ

# ମୁଁ ଆପଣମାନଙ୍କ ସହ ରହିଛି, ଚିନ୍ତା କରନାହିଁ



**ନୂଆଦିଲ୍ଲୀ,୭।୮:** ମମତାଙ୍କ ବାନାର୍ଜୀଙ୍କ ଟିଏମସି ଓ ଉଦ୍ଧବ ଠାକରେଙ୍କ ଶିବସେନାର ବିଦ୍ରୋହୀ ସାଂସଦମାନଙ୍କୁ ଅଭୟବାଣୀ ଶୁଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ବିଦ୍ରୋହୀ ସାଂସଦମାନେ ଦଳ ବଦଳ କରି ଏବେ ବିଜେପି ନେତୃତ୍ୱାଧୀନ ଏନଡିଏ ସହ ହାତ ମିଳାଇଛନ୍ତି। ଏନଡିଏ ସହ ହାତ ମିଳାଇବା ପରେ ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କୁ ବ୍ୟସ୍ତ ଓ ନ ଡରବାକୁ କହିଛନ୍ତି। ସେ ବିଦ୍ରୋହୀ ସାଂସଦମାନଙ୍କ ସହ ରହିଥିବା ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନଡିଏ ସହ ନୂଆ କରି ଯୋଡ଼ି ହୋଇଥିବା ସାଂସଦଙ୍କ ସହ ବ୍ରେକଫାଷ୍ଟ ମିଟିଂ କରିଛନ୍ତି। ସଂସଦରେ ଏବେ ନିଟ ଠାରୁ ଆରମ୍ଭ କରି ରାମ ମନ୍ଦିର ଚାନ୍ଦା ଚୋରିକୁ ଅଚଳାବସ୍ଥା ଜାରି ରହିଥିବା ବେଳେ ମୋଦି ପ୍ରାୟ ୪୫ ଜଣ ନବ ନିର୍ବାଚିତ ଏନଡିଏ ସାଂସଦମାନଙ୍କ ସହ ବୈଠକ କରିଥିଲେ। ଏମାନଙ୍କ ମଧ୍ୟରେ ଟିଏମସିର ୨୦ ବିଦ୍ରୋହୀ ସାଂସଦଙ୍କ ସମେତ ଶିବସେନାର ୭ ଓ ଏନସିପର ୨ ଜଣ ସାଂସଦ ରହିଥିଲେ। ମୋଦି ସମସ୍ତଙ୍କୁ ସକ୍ରିୟ ଭାବେ ସଂସଦୀୟ ବିତର୍କରେ ଭାଗ ନେବାକୁ ପରାମର୍ଶ ଦେଇଛନ୍ତି। ସଂସଦ ହେଉଛି ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ବୋଲି ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କୁ କହିବା ସହ ଏବେ ଗୃହରେ ଦେଖାଯାଉଥିବା ବିଶୃଙ୍ଖଳାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସଂସଦର ଅଚଳାବସ୍ଥା ଯୋଗୁ ନୂଆ ସାଂସଦମାନେ ଗୃହରେ ନିଜ ମତ ରଖିବାକୁ ସୁଯୋଗ ପାଉ ନଥିବା କଥା ମଧ୍ୟ ମୋଦି କହିଥିବା ଜଣାପଡ଼ିଛି। ନବ ନିର୍ବାଚିତ ସାଂସଦଙ୍କ କ୍ଷେତ୍ରରେ ଅନ୍ୟାୟ ହେଉଛି। ବାସ୍ତବରେ ସଂସଦୀୟ କାର୍ଯ୍ୟକଳାପ ସୁରଖୁରରେ ଚାଲିବା ଉପରେ ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ ବୈଠକରେ ସାଂସଦମାନଙ୍କୁ ସଂସଦର ଇତିହାସ ସମ୍ପର୍କରେ ପଢ଼ିବା, ଶିଖିବା ଓ ବୁଝିବାକୁ କହିଛନ୍ତି। ମୋଦି କହିଛନ୍ତି ଯେ "ସଂସଦରେ ଐତିହାସିକ ସାମଗ୍ରୀର ଭଣ୍ଡାର ରହିଛି। ଏହାକୁ ବ୍ୟବହାର କରି ବିତର୍କ ପାଇଁ ପ୍ରସ୍ତୁତ ହୁଅନ୍ତୁ। ନିଜ ନିଜ ରାଜ୍ୟର ବିକାଶ ପାଇଁ କାମ କରନ୍ତୁ। ରାଜ୍ୟଗୁଡ଼ିକର ବିକାଶ ହେଲେ ହିଁ ଦେଶର ପ୍ରଗତି ହେବ।"

ବ୍ରେକଫାଷ୍ଟ ବୈଠକ ବେଳେ ଟିଏମସିର ୨୦ ବିଦ୍ରୋହୀ ସାଂସଦମାନଙ୍କ ସମେତ ନିକଟରେ ଏକନାଥ ସିନ୍ଦେଙ୍କ ଶିବସେନାରେ ଯୋଗ ଦେଇଥିବା ଉଦ୍ଧବ ଠାକରେ ଗୋଷ୍ଠୀର ୬ ଜଣ ସାଂସଦଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ବଡ଼ ପ୍ରତିଶ୍ରୁତି ଦେଇଛନ୍ତି।

ସେ କହିଛନ୍ତି ଯେ "ମୁଁ ଆପଣମାନଙ୍କ ସହ ରହିଛି। ଆପଣମାନଙ୍କୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଏନଡିଏ ଗୋଟିଏ ପରିବାର। ଆମେ ଏନଡିଏର ସମସ୍ତ ସହଯୋଗୀ ଦଳ ସହିତ ରହିଛୁ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ ଦିଆଯିବ ଓ ସୁଯୋଗ ମିଳିବ।

# ସ୍କୁଲରେ ଗୁଳିକାଣ୍ଡ : ୮ ମୃତ, ୨୦ ଆହତ



**ନୂଆଦିଲ୍ଲୀ,୭।୮:** ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକର ଏକ ସ୍କୁଲରେ ଗୁଳିକାଣ୍ଡ ଘଟିବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଜଣେ ଛାତ୍ର ଗୁଳି ଚଳାଇ ପ୍ରାୟ ୨୦ ଜଣ ଛାତ୍ରଙ୍କୁ ଆହତ କରିଥିବା ଏବଂ ଜଣେ ଶିକ୍ଷକଙ୍କ ସମେତ ଅନ୍ୟ ୮ ଜଣଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ପ୍ଲାଇ ବାଙ୍ଗ ପୁଲିସ ମୁଖ୍ୟ ଲେଫ୍ଟନାଣ୍ଟ କର୍ଣ୍ଣେଲ ପାସାକୋର୍ଣ୍ଣ ଚୈତାଭିଭୋଙ୍ଗ ଗୁଳିକାଣ୍ଡକୁ ନିଶ୍ଚିତ କରି କହିଛନ୍ତି ଯେ ନନ୍ଥାବରି ପ୍ରଦେଶର ବାଙ୍ଗ କୁଆଇ ଜିଲ୍ଲାର ସ୍କୁଲରେ ଗୁଳିକାଣ୍ଡ ଘଟିଛି। ଏହି ଗୁଳିକାଣ୍ଡ ପରେ ଛାତ୍ର ଭାବରେ ଚିହ୍ନଟ ହୋଇଥିବା ଉକ୍ତ ସନ୍ଦିଗ୍ଧ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛି। ରିପୋର୍ଟ ଅନୁଯାୟୀ, ବ୍ୟାଙ୍କକର ଉତ୍ତର-ପଶ୍ଚିମ ଉପକଣ୍ଠରେ ଅବସ୍ଥିତ ଦେବସିରିନ୍ ନନ୍ଥାବରି ସ୍କୁଲରେ ଆଜି ଛାତ୍ର ଜଣକ ଗୁଳି ଚଳାଇଥିଲେ। ସୋସିଆଲ ମିଡିଆରେ ପ୍ରସାରିତ ଫଟୋଗୁଡ଼ିକ ଉଦ୍ଧାରକାରୀ ଦଳ ଆହତମାନଙ୍କୁ ଆମ୍ବୁଲାନ୍ସରେ ନେଉଥିବା ଦେଖାଯାଉଛି। ଗୋଟିଏ ଫଟୋରେ ଉଦ୍ଧାରକାରୀମାନେ ଜଣେ ବ୍ୟକ୍ତିଙ୍କୁ ଷ୍ଟ୍ରେଚରରେ ବୋହି ନେଉଥିବା ଦେଖାଯାଉଛି। ଛାତ୍ର ଏବଂ କର୍ମଚାରୀଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି, ଥାଇଲ୍ୟାଣ୍ଡର ଶିକ୍ଷା ମନ୍ତ୍ରୀ, ପ୍ରାସେର୍ଟ ଜାନ୍ତାରାରୁଆଙ୍ଗଟୋଙ୍ଗ ଗଣମାଧ୍ୟମରେ କହିଛନ୍ତି ଯେ ଗୁଳିକାଣ୍ଡରେ ପ୍ରାୟ ୨୦ ଜଣ ଛାତ୍ର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବାକି ଛାତ୍ର ଏବଂ କର୍ମଚାରୀଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଦେବସିରିନ୍ ନନ୍ଥାବୁରି ସ୍କୁଲ୍ ହେଉଛି ଏହି ଅଞ୍ଚଳର ଏକ ଜଣାଶୁଣା ଘରୋଇ ଉଚ୍ଚ ମାଧ୍ୟମିକ ସ୍କୁଲ୍, ଯେଉଁଠାରେ ୩,୦୦୦ ଛାତ୍ରଛାତ୍ରୀ ପଢ଼ନ୍ତି।

# ମୁଖ୍ୟ ନିର୍ବାଚନ ଅଧିକାରୀ ଓ ବିଜେପି ବିଧାୟକଙ୍କୁ ଏସ୍‌ଆଇଆର୍ ନୋଟିସ୍



**ନୂଆଦିଲ୍ଲୀ,୭।୮:** ସମଗ୍ର ଦେଶର ବିଭିନ୍ନ ରାଜ୍ୟରେ ଏବେ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିଛି। ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଏସ୍‌ଆଇଆର ଏବେ ଜୋରସୋରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରାଯାଉଛି। କିନ୍ତୁ ଉତ୍ତରାଖଣ୍ଡରେ ଚାଲିଥିବା ଭୋଟର ତାଲିକାର ଏସ୍‌ଆଇଆର ବେଳେ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି।ଏସ୍‌ଆଇଆର ନୋଟିସ ଏବେ ବରିଷ୍ଠ ସରକାରୀ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ଘରେ ପହଞ୍ଚିଛି। ଉତ୍ତରାଖଣ୍ଡରେ ଯିଏ ଏସ୍‌ଆଇଆର ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଛନ୍ତି, ତାଙ୍କ ଘରେ ଏବେ ନୋଟିସ ପହଞ୍ଚିଛି। ସେ ବାସ୍ତବରେ ରାଜ୍ୟର ଭୋଟର କି ନୁହନ୍ତି, ତା'ର ପ୍ରମାଣ ଉପସ୍ଥାପନ କରିବାକୁ କୁହାଯାଇଛି। ଏସ୍‌ଆଇଆର ନୋଟିସ ପାଇଥିବା ସରକାରୀ ବାବୁଙ୍କ ମଧ୍ୟରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ରହିଥିବା ଜଣାପଡ଼ିବା ପରେ ସମସ୍ତେ ଚକିତ ହୋଇଛନ୍ତି। ରାଜ୍ୟରେ ସିଇଓଙ୍କ ବ୍ୟତୀତ କ୍ଷମତାସୀନ ବିଜେପିର ଜଣେ ବିଧାୟକ ଓ କୁମାଓନ କମିଶନରଙ୍କୁ ମଧ୍ୟ ଭୋଟର ଯାଞ୍ଚ ପ୍ରକ୍ରିୟା ବେଳେ ନୋଟିସ କରାଯାଇଛି। ଏହି ନୋଟିସଗୁଡ଼ିକ ମଧ୍ୟରୁ ଅଧିକାଂଶ ନିର୍ବାଚନୀ ରେକର୍ଡରେ ଥିବା ସାଧାରଣ ତ୍ରୁଟି କାରଣରୁ ଜାରି କରାଯାଇଛି। ଏଥିରେ ନାଁର ବନାନ ଭୁଲ, ଅସମ୍ପୂର୍ଣ୍ଣ ନାଁ କିମ୍ବା ପୁରୁଣା ଠିକଣା ଭଳି ତ୍ରୁଟି ରହିଛି। ଅଧିକାରୀମାନେ କହିଛନ୍ତି ଯେ ବିଜେପି ବିଧାୟିକା ସରିତା ଆର୍ଯ୍ୟଙ୍କ ବାସଭବନରେ ଦିଆଯାଇଥିବା ନୋଟିସରେ ବିଧାୟିକା ଓ ତାଙ୍କ ସାନ ପୁଅଙ୍କ ଭୋଟର ଯାଞ୍ଚ ସମ୍ପର୍କିତ ତଥ୍ୟ ମଗାଯାଇଛି। ସେହିପରି କୁମାଓନ କମିଶନର ଦୀପକ ରାଓ୍ୱତଙ୍କ ବାସଭବନରେ ମଧ୍ୟ ସମାନ ନୋଟିସ ପହଞ୍ଚିଛି।

### ଏଫସିଆର୍‌ଏ ବିଲ୍‌କୁ ଆମେରିକା ସାଂସଦଙ୍କ ବିରୋଧ

# ବୈଦେଶିକ ମନ୍ତ୍ରଣାଳୟର କଡ଼ା ନିନ୍ଦା



**ନୂଆଦିଲ୍ଲୀ,୭।୮:** କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଫରେନ କଣ୍ଟ୍ରିବ୍ୟୁସନ(ରେଗୁଲେସନ) ସଂଶୋଧନ ବିଲ୍ ୨୦୨୬(ଏଫସିଆରଏ)କୁ ତୀବ୍ର ସମାଲୋଚନା କରିଛନ୍ତି ଆମେରିକା ସାଂସଦ ରିଲୀ ମୁର୍ମୁ। ଏହା ଖ୍ରୀଷ୍ଟିୟାନ ସଂପ୍ରଦାୟର ଲୋକଙ୍କୁ ଟାର୍ଗେଟ କରି ଅଣା ଯାଇଥିବା ସେ ଅଭିଯୋଗ କରିଛନ୍ତି। ହେଲେ ଭାରତ ସରକାର ଏହାର ଜବାବ ଦେଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଆମେରିକା ସାଂସଦ ମୁରଙ୍କ ସମାଲୋଚନାକୁ କଡ଼ା ନିନ୍ଦା କରିଛି। ବିଧେୟକ ଆଣିବା ନ ଆଣିବା, ଭାରତର ଆଭ୍ୟନ୍ତରୀଣ ବ୍ୟାପର। ଆମେରିକା ସମେତ ବିଭିନ୍ନ ରାଷ୍ଟ୍ର ସେମାନଙ୍କ ବିଦେଶୀ ଅନୁଦାନ ସମ୍ପର୍କରେ ଆଇନ ପ୍ରଣୟନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପଶ୍ଚିମ ଭର୍ଜନିଆର ରିପବ୍ଲିକାନ ସାଂସଦ ମୁର କିଛି ଦିନ ତଳେ ଅଭିଯୋଗ କରିଥିଲେ ଯେ ଏଫସିଆରଏରେ ପ୍ରସ୍ତାବିତ ସଂଶୋଧନ ଗୁଡ଼ିକ ଖ୍ରୀଷ୍ଟିଆନ୍‌ମାନଙ୍କ ବିରୋଧରେ ସ୍ପଷ୍ଟ ଆକ୍ରମଣ। ଏହା ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏ ସମ୍ପର୍କରେ ଆଜି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି ଯେ ଆଇନ ପ୍ରଣୟନ ପାଇଁ ଭାରତର ଗୋଟିଏ ସୁଦୃଢ଼ ଗଣତାନ୍ତ୍ରିକ ପ୍ରକ୍ରିୟା ରହିଛି। ତେଣୁ ଦେଶର ଆଇନଗୁଡ଼ିକୁ ଏହାର ଉପଯୁକ୍ତ ଦୃଷ୍ଟିକୋଣରୁ ଦେଖିବା ଆବଶ୍ୟକ। ଆମେରିକା ସମେତ ବିଶ୍ୱର ବିଭିନ୍ନ ଦେଶ ନିଜସ୍ୱ ଆଇନଗତ ବ୍ୟବସ୍ଥା ମାଧ୍ୟମରେ ସଂସ୍ଥାଗୁଡ଼ିକୁ ମିଳୁଥିବା ବିଦେଶୀ ଅନୁଦାନକୁ ନିୟନ୍ତ୍ରଣ କରନ୍ତି। ଆଇନ ପ୍ରଣୟନ କରିବା ବା ବିଧେୟକ ଆଣିବା ଭାରତର ଆଭ୍ୟନ୍ତରୀଣ ବ୍ୟାପର ବୋଲି ସେ କହିଛନ୍ତି। ଆଇନ ପ୍ରଣୟନ ସମ୍ପର୍କିତ ନିଷ୍ପତ୍ତି ଦେଶର ଆଭ୍ୟନ୍ତରୀଣ ନୀତିର ଅଂଶ ଓ ଏହାକୁ ଭାରତର ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥା ପରିପ୍ରେକ୍ଷୀରେ ହିଁ ମୂଲ୍ୟାୟନ କରାଯିବା ଉଚିତ ବୋଲି ଜୈସୱାଲ ମତ ରଖିଛନ୍ତି। ଅଗଷ୍ଟ ୪ରେ ଜାରି କରିଥିବା ଏକ ବିବୃତିରେ ମୁର୍ ଦାବି କରିଥିଲେ ଯେ ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ କୌଣସି ସଂସ୍ଥାର ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ ବା ଏଫସିଆରଏ ପଞ୍ଜୀକରଣ ବାତିଲ ହେଲେ କିମ୍ବା ନବୀକରଣ ନହେଲେ, ଭାରତ ସରକାର ଚର୍ଚ୍ଚ ଓ ଧାର୍ମିକ ଏନଜିଓ ସଂସ୍ଥାଗୁଡ଼ିକର ନିୟନ୍ତ୍ରଣ ନିଜ ପାଖକୁ ନେଇପାରିବ। ସେ ନିଜର ଯୁକ୍ତିରେ ଦର୍ଶାଇଥିଲେ ଯେ ଏଭଳି ବ୍ୟବସ୍ଥା ଖ୍ରୀଷ୍ଟିଆନ୍ ସଂଗଠନଗୁଡ଼ିକୁ ପ୍ରଭାବିତ କରିପାରେ। ଏଥିସହ ସେ ଭାରତ ସରକାରଙ୍କୁ ପ୍ରସ୍ତାବିତ ଆଇନକୁ ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ।

### ଶେଖ୍ ହସିନାଙ୍କ ସାମ୍ବାଦିକ ସମ୍ମିଳନୀ ପ୍ରସଙ୍ଗ

# ଭାରତ ସରକାରଙ୍କ କୌଣସି ଭୂମିକା ନାହିଁ : ରଣଧୀର ଜୈସୱାଲ

**ନୂଆଦିଲ୍ଲୀ,୭।୮:** ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସାମ୍ବାଦିକ ସମ୍ମିଳନୀକୁ ନେଇ ବଡ଼ କଥା କହିଛନ୍ତି ଭାରତ ସରକାର। ଛାତ୍ର ଆନ୍ଦୋଳନ ଯୋଗୁ ବାଧ ହୋଇ ବାଂଲାଦେଶ ଛାଡ଼ି ଭାରତରେ ଆତ୍ମଗୋପନ କରିଥିବା ଶେଖ ହସିନା ଅଗଷ୍ଟ ୫ରେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଅଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ଏହି କନଫରେନ୍ସରେ ହସିନା ବାଂଲାଦେଶର ବିଏନପି ସରକାର ଉପରେ ଜୋରଦାର ବର୍ଷିଥିଲେ। ଏହାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଶେଖ ହସିନାଙ୍କ ସାମ୍ବାଦିକ ସମ୍ମିଳନୀକୁ ନେଇ ମୁହଁ ଖୋଲିଛି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ। ହସିନା କରିଥିବା ପ୍ରେସ କନଫରେନ୍ସରେ ଭାରତ ସରକାରଙ୍କ କୌଣସି ଭୂମିକା ନାହିଁ। କାର୍ଯ୍ୟକ୍ରମରେ ହସିନା ବ୍ୟବହାର କରିଥିବା ଶବ୍ଦରେ ଭାରତ ସରକାର ଏକମତ ନୁହନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ପ୍ରସଙ୍ଗରେ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି, "ଏହା ଏକ ଘରୋଇ ଗଣମାଧ୍ୟମ ସଂସ୍ଥା ସମୂହ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଥିଲା। ଏଥିରେ ସରକାରଙ୍କର କୌଣସି ଭୂମିକା ନଥିଲା। ଏହି ମଞ୍ଚରେ କୁହାଯାଇଥିବା କୌଣସି କଥାକୁ, ବିଶେଷକରି ବାଂଲାଦେଶର ବିଧିବଦ୍ଧ ଭାବେ ଗଠିତ ସରକାର ସମ୍ପର୍କରେ କୁହାଯାଇଥିବା କଥାକୁ ଭାରତ ସରକାର ସମର୍ଥନ କରନ୍ତି ନାହିଁ।" ବୈଦେଶିକ ମନ୍ତ୍ରଣାଳୟ ପୁଣିଥରେ ସ୍ପଷ୍ଟ କରିଛି ଯେ ଏହି କାର୍ଯ୍ୟକ୍ରମ ଭାରତ ସରକାର ନୁହେଁ, ବରଂ ଏକ ଘରୋଇ ଗଣମାଧ୍ୟମ ସଂସ୍ଥା ସମୂହ ଦ୍ୱାରା ଆୟୋଜନ କରାଯାଇଥିଲା। ବୁଧବାର ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ହସିନା କହିଥିଲେ ଯେ ସେ ଡିସେମ୍ବର ମାସରେ ବାଂଲାଦେଶ ଫେରିବେ। ଦେଶକୁ ଠିକ୍ ମାର୍ଗକୁ ଫେରାଇ ଆଣିବା ଓ ଗଣତନ୍ତ୍ରକୁ ପୁନଃସ୍ଥାପନ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଥିଲେ।

# ତୁର୍କୀ, ସାଉଦୀ ଆରବ ଓ ପାକିସ୍ତାନ ମଧ୍ୟରେ ତ୍ରିପାକ୍ଷିକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ



**ନୂଆଦିଲ୍ଲୀ,୭।୮:** ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ସୁରକ୍ଷା ସଙ୍କଟ ଓ ଯୁଦ୍ଧ ପରିସ୍ଥିତି ମଧ୍ୟରେ ସାଉଦି ଆରବ, ତୁର୍କୀ ଓ ପାକିସ୍ତାନ ମଧ୍ୟରେ ଏକ ପ୍ରମୁଖ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିର ନାମ ''ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି'' ରଖାଯାଇଛି। ଏହି ନୂତନ ସାମରିକ ବୁଝାମଣା ଫଳରେ ତିନି ଦେଶ ମଧ୍ୟରେ ସୁରକ୍ଷା ଓ ପ୍ରତିରକ୍ଷା ସହଯୋଗ ଆହୁରି ମଜବୁତ୍ ହେବ। ସାଉଦି ଆରବରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍, ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ୍ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମଧ୍ୟପ୍ରାଚ୍ୟରେ ଦିନକୁ ଦିନ ବିଗୁଡୁଥିବା ସୁରକ୍ଷା ବାତାବରଣକୁ ଦୃଷ୍ଟିରେ ରଖି ଏହି ତ୍ରିପାକ୍ଷିକ ଚୁକ୍ତି କରାଯାଇଛି, ଯାହାକି ଆଞ୍ଚଳିକ କୂଟନୀତି ଓ ସାମରିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି, ଏବଂ ଏକ 'ଇସଲାମିକ୍ ନାଟୋ' ଗଠନ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହି ତ୍ରିପାକ୍ଷିକ ଚୁକ୍ତି ଉପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ନଜର ରଖିଛି। ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୈସୱାଲ ପୂର୍ବରୁ କହିଥିଲେ ଯେ, ସରକାର ଏହି ପ୍ରକାରର ପଦକ୍ଷେପଗୁଡ଼ିକର ଜାତୀୟ ସୁରକ୍ଷା ଏବଂ ଆଞ୍ଚଳିକ ସ୍ଥିରତା ଉପରେ ପଡୁଥିବା ପ୍ରଭାବକୁ ଅନୁଧ୍ୟାନ କରୁଛନ୍ତି।





## ରଣ ମିଳୁଛି | ସ୍ୱାବଲମ୍ବୀ ନ ହୋଇ ସୁଧ କାରବାର

- ସ୍ୱୟଂସହାୟକ ଗୋଷ୍ଠୀ ଯୋଜନାରେ ବ୍ୟାପକ ଅନିୟମିତା
- ସଚେତନତା ନାମରେ ଲକ୍ଷାଧିକ ଟଙ୍କା ହଡପ୍
- ରୋଜଗାର ନାହିଁ, ରଣରେ ବୁଡୁଛନ୍ତି ମହିଳା



**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନାମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ରଣ ମିଳୁଛି କିନ୍ତୁ ସହଯୋଗ ମିଳୁନାହିଁ। ଫଳରେ ମହିଳାମାନେ ସ୍ୱାବଲମ୍ବୀ ହେବା ପରିବର୍ତ୍ତେ ରଣଭାରରେ ଚାପି ହୋଇପଡିଛନ୍ତି। ବ୍ଲକରେ ପ୍ରାୟ ୨ଶହ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ରହିଥିବା ବେଳେ ୨୦୨୪-୨୫ ଓ ୨୦୨୫-୨୬ବର୍ଷରେ ସରକାର ଏମାନଙ୍କୁ ଲକ୍ଷାଧିକ ଟଙ୍କା ରଣ ଦେଇଥିଲେ। ମହିଳାମାନେ ବଡି-ପାମ୍ପଡ ତିଆରି କରିବା ଚାଷ କରି ରୋଜଗାର କରିବାର ସ୍ୱପ୍ନ ଦେଖିଥିଲେ। ହେଲେ ସେହି ସ୍ୱପ୍ନ ଏବେ ଦୁଃସ୍ୱପ୍ନରେ ପରିଣତ ହୋଇଛି। ଅଭିଯୋଗ ହେଉଛି ଯେ ଗୋଷ୍ଠୀକୁ ପ୍ରଶିକ୍ଷଣ ଓ ସଚେତନ କରିବା ନାମରେ ସରକାରୀ ଅର୍ଥର ବ୍ୟାପକ ଅପଚୟ ହେଉଛି। କେତେକ ସରକାରୀ ବାବୁ ଓ ବାବୁଆଣୀ ସଚେତନତା ଶିବିର ନାମରେ କେବଳ ଭୋଜି-ଭାତ କରି ଲକ୍ଷ ଲକ୍ଷ ଟଙ୍କା ହଡପ କରୁଛନ୍ତି। ଫଳରେ ସଦସ୍ୟାମାନେ ରଣ ଟଙ୍କାକୁ କେଉଁଠି କିପରି ବିନିଯୋଗ କରିବେ ତାହା ଜାଣିପାରୁନାହାନ୍ତି।ଅନେକ ମହିଳା ବ୍ୟାଙ୍କ ରୁ ରଣ ଆଣୀ ଗ୍ରାମାଞ୍ଚଳ ରେ ସୁଧ କାରବାର କରୁଥିବା ନଜିର ରହିଛି। ହାତଗଣତି କେତୋଟି ଗୋଷ୍ଠୀକୁ ବାଦ୍ ଦେଲେ ଅଧିକାଂଶ ଗୋଷ୍ଠୀ ସମ୍ପୂର୍ଣ୍ଣ ନିଷ୍କ୍ରିୟ। ରଣ ମିଳୁଥିଲେ ମଧ୍ୟ ତାହାର ତଦାରଖ କରିବାକୁ କୌଣସି ଅଧିକାରୀ ନାହାନ୍ତି। ବଡି-ପାମ୍ପଡ ତିଆରି ପାଇଁ ଟଙ୍କା ମିଳୁଥିଲେ ମଧ୍ୟ ତାହାକୁ ବଜାରରେ ବିକ୍ରି କରିବା ପାଇଁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ନାହିଁ। ଉତ୍ପାଦ ପ୍ରସ୍ତୁତ ହେଉଛି କିନ୍ତୁ ବିକ୍ରି ହେଉନାହିଁ। ଫଳରେ ମହିଳାମାନେ କ୍ଷତି ସହୁଛନ୍ତି। ଗୋଷ୍ଠୀର ଏହି ଅସହାୟତାର ସୁଯୋଗ ନେଇ ଏବେ ଅଞ୍ଚଳରେ ଚିଟଫଣ୍ଡ ସଂସ୍ଥାଗୁଡିକ ମୁଣ୍ଡ ଟେକିଛନ୍ତି। ସେମାନେ ଗାଁ ଗାଁ ବୁଲି ମହିଳାଙ୍କୁ ସହଜ କିସ୍ତିରେ ରଣ ଦେଉଛନ୍ତି। ସରକାରୀ ରଣ ସହ ଚିଟଫଣ୍ଡ ରଣର ଦୁଇଟି ବୋଝ ବୋହି ମହିଳାମାନେ ହନ୍ତସନ୍ତ ହୋଇପଡିଛନ୍ତି। ଏପରିକି କିଛି ସ୍ଥାନରେ ଗୋଷ୍ଠୀର ମୁଖ୍ୟ ରଣ ଟଙ୍କା ଏକୁଟିଆ ଖାଇ ଦେଇଥିବା ନେଇ ନିକଟସ୍ଥ ଥାନାରେ ଅଭିଯୋଗ ମଧ୍ୟ ହୋଇଛି ପୂର୍ବରୁ । ଟଙ୍କା ଫେରାଇ ଦେଉନଥିବା ନେଇ ମଧ୍ୟ ଝଗଡା ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି ଯେ ସରକାର ଯଦି ଏବେ ସଜାଗ ନହୁଅନ୍ତି ତେବେ ଆଗାମୀ ଦିନରେ ମହିଳାମାନେ ରଣଭାରରେ ବୁଡି ଆତ୍ମହତ୍ୟା ପର୍ଯ୍ୟନ୍ତ ପଦକ୍ଷେପ ନେଇପାରନ୍ତି କି ଗାଁ ଗାଁରେ ମହିଳା ମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ପାରେ। ସରକାରଙ୍କ ଉଦ୍ଦେଶ୍ୟ ଭଲ ଥିଲେ ମଧ୍ୟ ତଳ ସ୍ତର ରେ ତାହାର କାର୍ଯ୍ୟକାରିତା ଶୂନ୍ୟ। ସାଧାରଣ ଲୋକଙ୍କ ଦାବି ହେଲା ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରୁ। ସମସ୍ତ ଗୋଷ୍ଠୀର ହିସାବ ନିକାଶ ତଦନ୍ତ କରାଯାଉ। ମହିଳାଙ୍କୁ ସଠିକ୍ ପ୍ରଶିକ୍ଷଣ ଦିଆଯାଉ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବଜାରଜାତ କରିବା ପାଇଁ ସରକାରୀ ସ୍ତରରେ ମାର୍କେଟିଂ ବ୍ୟବସ୍ଥା କରାଯାଉ। ନଚେତ ମହିଳା ସଶକ୍ତୀକରଣ ନାମରେ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ଯିବ।

## ନୂଆ କଳେବର ପାଇବ ମା'ମଙ୍ଗଳାଙ୍କ ପୀଠ

- ଦେବୋତ୍ତର କମିଶନରଙ୍କ ତଦାରଖରେ ତ୍ୱରାନ୍ୱିତ ବିକାଶ କାର୍ଯ୍ୟ
- କାକଟପୁର ପୀଠ ପାଲଟିବ ଓଡିଶାର ପ୍ରମୁଖ ଶକ୍ତିପୀଠ

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ଲକ୍ଷ ଲକ୍ଷ ଭକ୍ତଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ କାକଟପୁର ମା' ମଙ୍ଗଳା ପୀଠ ଏବେ ନୂଆ କଳେବର ପାଇବାକୁ ଯାଉଛି। ପୀଠର ସମଗ୍ର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିବା ବେଳେ ଗୁରୁବାର ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ ସ୍ୱୟଂ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଛନ୍ତି। ତାଙ୍କ ପରିଦର୍ଶନ ପରେ ପୀଠର ବିକାଶ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇଛି। ଗତ ମଙ୍ଗଳବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ମଙ୍ଗଳା ପୀଠର ବିଜେ ସ୍ଥଳୀ ଓ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ବୈଠକର ନିଷ୍ପତ୍ତିକୁ ତଦାରଖ କରିବା ପାଇଁ କମିଶନର ଗୁରୁବାର ମନ୍ଦିର ପରିସରରେ ପହଞ୍ଚିଥିଲେ। ପରିଦର୍ଶନ ସମୟରେ ତାଙ୍କ ସହ ବ୍ଲକ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତି, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ସେବାୟତମାନେ ଉପସ୍ଥିତ ଥିଲେ। କମିଶନର ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ କାମର ଗୁଣବତ୍ତା ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ମୁଖ୍ୟ ମନ୍ଦିର ମରାମତି, ଆଧୁନିକ ସୁବିଧା ଯୁକ୍ତ ରୋଷଗୃହ ନିର୍ମାଣ, ବ୍ୟାପକ ପାର୍କିଂ ସ୍ଥଳୀର ଉନ୍ନତିକରଣ, ସେବାୟତଙ୍କ ପାଇଁ ନୂଆ ଭବନ, ଭକ୍ତଙ୍କ ପାଇଁ ଯାତ୍ରୀ ନିବାସ, ସୁସଜ୍ଜିତ ଭୋଗ ଦୋକାନ ଏବଂ ଏକ ଆକର୍ଷଣୀୟ ଐତିହ୍ୟ ଗେଟ୍ ନିର୍ମାଣ ପ୍ରଥମ ପର୍ଯ୍ୟାୟରେ ସାମିଲ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ପୀଠର ସମନ୍ୱିତ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ପ୍ରାଚୀ ନଦୀ କୂଳରେ ଐତିହ୍ୟ ଘାଟ ନିର୍ମାଣ, ଛୋଟ ପିଲାଙ୍କ ପାଇଁ ସୁନ୍ଦର ପାର୍କ ଏବଂ ଆଧୁନିକ ସୁବିଧା ସମ୍ପନ୍ନ ମନ୍ଦିର କାର୍ଯ୍ୟାଳୟ ନିର୍ମାଣ ପ୍ରସ୍ତାବ ରହିଛି। ଏହି ସବୁ ପ୍ରକଳ୍ପ ପାଇଁ ତୁରନ୍ତ ସର୍ଭେ ରିପୋର୍ଟ ଦାଖଲ କରିବାକୁ କମିଶନର ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ କମିଶନର ଶ୍ରୀ ଷଡ଼ଙ୍ଗୀ ଠିକାଦାରଙ୍କୁ କଡା ନିର୍ଦ୍ଦେଶ ଦେଇ କହିଥିଲେ, 'ମା ମଙ୍ଗଳାଙ୍କ ପୀଠ କେବଳ ଓଡିଶା ନୁହେଁ, ଦେଶର ଏକ ପ୍ରମୁଖ ଶକ୍ତିପୀଠ। ଏଠାରେ ହେଉଥିବା ପ୍ରତ୍ୟେକ କାମ ଉଚ୍ଚ ଗୁଣବତ୍ତା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ। କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ।' ମନ୍ଦିରର ନୂତନ କଳେବର ହେଲେ ଭକ୍ତଙ୍କ ଆଗମନ ବଢିବା ସହ କାକଟପୁର ଏକ ପ୍ରମୁଖ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ ହେବ। ଏଥିରେ ସ୍ଥାନୀୟ ଅର୍ଥନୀତି ଓ ରୋଜଗାର ସୁଯୋଗ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ପରିଦର୍ଶନ ଶେଷରେ କମିଶନର ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିଚ୍ଛନ୍ନତା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।



## ନଦୀତଟରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**କାକଟପୁର /ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ପାଟସୁନ୍ଦରପୁର ଗ୍ରାମପଞ୍ଚାୟତ ଭଣ୍ଡିସାହି ଘାଟ ନିକଟରେ ଦେବୀ ନଦୀ କୂଳରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ବୟସ ପ୍ରାୟ ୩୫ରୁ ୪୦ ବର୍ଷ ହେବ। ସ୍ଥାନୀୟ ଲୋକେ ମୃତଦେହ ଦେଖି କାକଟପୁର ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ କାକଟପୁର ଥାନାରେ ଏକ ଅପମୃତ୍ୟୁ ମାମଲା ୧୯/୨୬ରୁଜୁ ହୋଇଛି। ଶୁକ୍ରବାର ପୋଲିସ ମୃତଦେହର ଇନକ୍ୱେଷ୍ଟ ଓ ପୋଷ୍ଟମର୍ଟମ ପରୀକ୍ଷା କରାଇଛି। ମୃତକଙ୍କ ପରିଚୟ ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ତେଣୁ ପରିଚୟ ସ୍ଥିରୀକରଣ ପାଇଁ ମୃତଦେହକୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମର୍ଗ ହାଉସରେ ୯୬ ଘଣ୍ଟା ପାଇଁ ସଂରକ୍ଷିତ ରଖାଯାଇଛି। କାକଟପୁର ଥାନା ଅଧିକାରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ଯେ ଯଦି କେହି ଏହି ଅଜଣା ବ୍ୟକ୍ତିଙ୍କ ବିଷୟରେ କୌଣସି ସୂଚନା ପାଇବେ କାକଟପୁର ଥାନାକୁ ଜଣାଇବେ। ପୋଲିସ ଏହି ମୃତ୍ୟୁର କାରଣ ଓ ପରିଚୟ ଜାଣିବା ପାଇଁ ତଦନ୍ତ ଜାରି ରଖିଛି।ଏହା ହତ୍ୟା ନା ଆତ୍ମହତ୍ୟା ନା କିଛି ଦିନ ତଳେ ବନ୍ୟା ପାଣିରେ ଭାସି ଆସିଥିଲେ।

## ଅସ୍ତରଙ୍ଗ ଉପକୂଳରେ କମିଲା ମାଛ, ବଢ଼ିଲା ଦାଦନ

- ଜଳବାୟୁ ପରିବର୍ତ୍ତନ ଓ ଜଳ ପ୍ରଦୂଷଣ ଦାୟୀ
- ଚିଙ୍ଗୁଡିଘେରୀର ବିଷାକ୍ତ ପାଣି ଓ ପାଗର ଅନିୟମିତତା ଯୋଗୁଁ ସଙ୍କଟରେ ୧୫ହଜାର ମତ୍ସ୍ୟଜୀବୀ ପରିବାର





**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସମୁଦ୍ର କୂଳରେ ଆଉ ଆଗ ଭଳି ମାଛ ମିଳୁନାହିଁ। ଜଳବାୟୁ ପରିବର୍ତ୍ତନ ଏବଂ ଜଳ ପ୍ରଦୂଷଣ ଯୋଗୁଁ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବ୍ୟାପକ ଭାବେ ହ୍ରାସ ପାଇଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡିଛି ଅସ୍ତରଙ୍ଗର ହଜାର ହଜାର ମତ୍ସ୍ୟଜୀବୀ ପରିବାର ଉପରେ। ଅସ୍ତରଙ୍ଗ ବ୍ଲକରେ ମୋଟ ୧୫ଟି ପଞ୍ଚାୟତ ରହିଛି। ସେଥିମଧ୍ୟରୁ ନଗର, ଆଳସାହି, ମଧୁପୁର, ବିଲୁଆମଣ୍ଡୁଳି , ସହନ ଓ ଡାଲୁଅକଣି ଆଦି ଅଞ୍ଚଳର ପ୍ରାୟ ୭୦ ପ୍ରତିଶତ ଲୋକ ମାଛ ଧରା ଉପରେ ନିର୍ଭର କରନ୍ତି। ନୂଆଗଡ ଜେଟିରୁ ପ୍ରତିଦିନ ଶହେରୁ ଅଧିକ ବୋଟ ସମୁଦ୍ରକୁ ଯାଆନ୍ତି। ମାତ୍ର ଗତ କିଛି ବର୍ଷ ହେବ ସେମାନଙ୍କ ଜାଲ ଖାଲି ଫେରୁଛି। ଉତ୍ପାଦନ କମିବାରୁ ବୋଟ ମାଲିକ ଓ ମତ୍ସ୍ୟଜୀବୀମାନେ ବଡ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏଠାରେ ପ୍ରାୟ ୧୫ ହଜାର ପରିବାର ମୁଖ୍ୟ ଜୀବିକା ହେଲା ଧାନ ଚାଷ, ପାନ ଓ ମତ୍ସ୍ୟ। କିନ୍ତୁ ବାରମ୍ବାର ଲଘୁଚାପ, ସମୁଦ୍ର ଅଶାନ୍ତ ଏବଂ ସରକାରୀ କଟକଣା ଯୋଗୁଁ ମତ୍ସ୍ୟଜୀବୀମାନେ ଠିକ୍ ସମୟରେ ସମୁଦ୍ରକୁ ଯାଇ ପାରୁନାହାନ୍ତି। ଶେଷରେ ଅନେକ ମ । ଛ ଧରା ଛାଡ଼ି ପେଟ ପାଇଁ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ ଯାଉଛନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀ ମାନଙ୍କ କହିବା ଅନୁସାରେ ଦୁଇଟି କାରଣ ମୁଖ୍ୟ। ପ୍ରଥମଟି ହେଲା ଜଳବାୟୁ ପରିବର୍ତ୍ତନ। ପୂର୍ବରୁ ଅଗଷ୍ଟ-ସେପ୍ଟେମ୍ବରରେ ଇଲିସି ସମେତ ବିଭିନ୍ନ ସାମୁଦ୍ରିକ ମାଛ ପ୍ରଚୁର ପରିମାଣରେ ମିଳୁଥିଲା। କିନ୍ତୁ ବର୍ତ୍ତମାନ ଅନିୟମିତ ବର୍ଷା, କମ୍ ବୃଷ୍ଟିପାତ ଓ ସମୁଦ୍ର ଜଳର ତାପମାତ୍ରା ବୃଦ୍ଧି ଯୋଗୁଁ ମାଛଙ୍କ ପ୍ରଜନନ ପ୍ରଭାବିତ ହୋଇଛି। ଦ୍ୱିତୀୟ କାରଣ ହେଲା ଜଳ ପ୍ରଦୂଷଣ। ଅସ୍ତରଙ୍ଗ ଅଞ୍ଚଳରେ ମାଳ ମାଳ ବେଆଇନି ଚିଙ୍ଗୁଡି ଘେରି ଗଢି ଉଠିଛି। ଏହି ଘେରିରୁ ନିଷ୍କାସିତ ହେଉଥିବା ବିଷାକ୍ତ ରାସାୟନିକ ବର୍ଜ୍ୟବସ୍ତୁ ସିଧା ସମୁଦ୍ରରେ ମିଶୁଛି। ଏହା ଫଳରେ ଉପକୂଳ ଜଳ ଦୂଷିତ ହୋଇ ମାଛ ଓ ଅନ୍ୟାନ୍ୟ ଜଳଜୀବଙ୍କ ବଂଶ ଉପରେ ଗଭୀର ପ୍ରଭାବ ପକାଉଛି। ୨୦୧୦ ମସିହାରେ ବର୍ଷକୁ ପ୍ରାୟ ୨ ହଜାର ଟନ ଇଲିସି ଉତ୍ପାଦନ ହେଉଥିବା ବେଳେ ଏବେ ତାହା ନାମମାତ୍ରକୁ ରହିଯାଇଛି। ଡଙ୍ଗୀ ଚାଳକ କାଳନ୍ଦୀ ବେହେରା କହିଛନ୍ତି, 'ପୂର୍ବରୁ ମହାନଦୀରେ ବନ୍ୟା ଆସିଲେ ଉପର ମୁଣ୍ଡ ପର୍ଯ୍ୟନ୍ତ ଇଲିସି ଯାଉଥିଲା। ଏବେ ନଦୀରେ ଇଲିସି ଦେଖିବା ସ୍ୱପ୍ନ ପାଲଟିଛି।' ପାମ୍ପଲେଟ, କୁମୁଟି, ପତପତା ସହ ବ୍ରାଉନ, ହ୍ୱାଇଟ୍ ଓ ଟାଇଗର ଚିଙ୍ଗୁଡି ଭଳି ରପ୍ତାନି ମାଛର ଉତ୍ପାଦନ ମଧ୍ୟ ବହୁ ମାତ୍ରାରେ କମିଯାଇଛି। ପୂର୍ବରୁ ଗୋଟିଏ ଟ୍ରଲର ସପ୍ତାହେ ମଧ୍ୟରେ ଫେରୁଥିବା ବେଳେ ଏବେ ୧୫ ଦିନରୁ ମାସେ ସମୟ ଲାଗୁଛି। ଏକ ଘଣ୍ଟାରେ ୧୮ରୁ ୨୫ ଲିଟର ଡିଜେଲ ଖର୍ଚ୍ଚ ହେଉଥିଲେ ମଧ୍ୟ ଆଶାନୁରୂପ ମାଛ ମିଳୁନାହିଁ। ଫଳରେ ଖର୍ଚ୍ଚ ବଢୁଛି କିନ୍ତୁ ଆୟ କମୁଛି। ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବୀ ସଂଘର ସଦସ୍ୟମାନେ ମଧ୍ୟ ମାନିଛନ୍ତି ଯେ ଚିଙ୍ଗୁଡି ଘେରି ବୃଦ୍ଧି ଯୋଗୁଁ ହେଉଥିବା ଜଳ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ହିଁ ମତ୍ସ୍ୟ ଉତ୍ପାଦନ ହ୍ରାସର ମୁଖ୍ୟ କାରଣ। ପ୍ରଶାସନ ଯଦି ତୁରନ୍ତ କଠୋର ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଅସ୍ତରଙ୍ଗ ଉପକୂଳ ଆହୁରି ସଙ୍କଟରେ ପଡିବ।

## ବ୍ଲକ ସମ୍ମୁଖରେ ଶିକ୍ଷକଙ୍କ ଧାରଣା

- ୧୬ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଆନ୍ଦୋଳନ ଚେତାବନୀ
- ଅନୁଦାନ, ପେନସନ, ଚାକିରି ସର୍ତ୍ତାବଳୀ ଓ ବିଭିନ୍ନ ଦାବିରେ ବିକ୍ଷୋଭ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ବିଭିନ୍ନ ଦାବି ନେଇ ଆସନ୍ତା ଅଗଷ୍ଟ ୧୬ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଶିକ୍ଷକ ଆନ୍ଦୋଳନ ପୂର୍ବରୁ ଗୁରୁବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସମନ୍ୱୟ ସମିତି ତରଫରୁ ବ୍ୟାପକ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ବ୍ଲକ ବରିଷ୍ଠ ଶିକ୍ଷକ ତଥା ବ୍ଲକ ଓଷ୍ଟା ସମ୍ପାଦକ ସନ୍ତୋଷ କୁମାର ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିବାଦରେ ଶତାଧିକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ। ପ୍ରତିବାଦ ପରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଅସ୍ତରଙ୍ଗ ବ୍ଲକର ବଡବାବୁଙ୍କ ଜରିଆରେ ପ୍ରଦାନ କରାଯାଇଛି। ସଭାରେ ଜିଲ୍ଲା ଯୁଗ୍ମ ସମ୍ପାଦକ ଓଷ୍ଟା ଶ୍ରୀ ତରୁଣ କୁମାର ନାୟକ କହିଥିଲେ ଯେ ସରକାର ଶିକ୍ଷା ଓ ଶିକ୍ଷକଙ୍କୁ ନେଇ ନିଜ ପ୍ରତିଶ୍ରୁତି ପୂରଣ କରୁନାହାନ୍ତି। ଦୀର୍ଘ ଦିନ ଧରି ଦାବୀ ଉପସ୍ଥାପନା କରାଯାଇଥିଲେ ମଧ୍ୟ ଏ ଯାବତ ଗୋଟିଏ ଦାବୀ ମଧ୍ୟ ପୂରଣ ହୋଇନାହିଁ। ସେମାନଙ୍କ ମୁଖ୍ୟ ଦାବୀ ଗୁଡିକ ହେଲା: ଅଣ ଅନୁଦାନ ପ୍ରାପ୍ତ ଯୋଗ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେବାକୁ ଥିବା ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଖାଲି ପଡିଥିବା ପଦରେ ନିଯୁକ୍ତି, ଗ୍ରେଡପେ ରେ ଥିବା ଅସଙ୍ଗତିର ସମାଧାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ସମସ୍ତ ବିଦ୍ୟାଳୟକୁ ସରକାରୀକରଣ, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି ଏବଂ ୧୯୮୧ ପେନସନ ରୁଲ ଲାଗୁ କରିବା। ସୂଚନାଯୋଗ୍ୟ, ଅସ୍ତରଙ୍ଗ ବ୍ଲକରେ ମୋଟ ୨୨ଟି ହାଇସ୍କୁଲ ରହିଥିବା ବେଳେ ସେଥିମଧ୍ୟରୁ ଅଧିକାଂଶ ବ୍ଲକଗ୍ରାଣ୍ଟ ଅବସ୍ଥାରେ ରହିଛି। ଏହାକୁ ନେଇ ଶିକ୍ଷକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତିବାଦ ସଭାରେ ସୁଧାକର ତ୍ରିପାଠୀ, ରବୀନ୍ଦ୍ର ସ୍ୱାଇଁ, ଶରତ ବିଶ୍ୱାଳ, ସୁବାସ ବେହେରା ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କ ଶିକ୍ଷା ନୀତିର ସମାଲୋଚନା କରିଥିଲେ। ଶେଷରେ ଶିକ୍ଷକ ଛବିଳ ମୋହନ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକମାନେ ଚେତାବନୀ ଦେଇଛନ୍ତି ଯେ ଦାବୀ ପୂରଣ ନହେଲେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରରେ ବିରାଟ ସମାବେଶ ହେବ।

## ନିର୍ବାଚନ ଆସିଲା, କାକଟପୁରରେ ମାଳ ମାଳ ସମାଜସେବୀ !

- ଗଛରୁ କମ୍ବଳ, ସବୁଥିରେ ଫଟୋ ସେସନ୍
- ଅନ୍ୟ ମଣ୍ଡଳୀରୁ ଆସୁଛନ୍ତି 'ସେବା' କରିବାକୁ
- ଲୋକ ପଚାରୁଛନ୍ତି - ଆଗରୁ କେଉଁଠି ଥିଲେ ?



**ଅସ୍ତରଙ୍ଗ(ଅମୃତ ମିଡିଆ):** ଆଗକୁ ପଂଚାୟତ ନିର୍ବାଚନ ସହ ୨୦୨୯ ବିଧାନସଭା ନିର୍ବାଚନ ।ଆଉ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ଓ ଅସ୍ତରଙ୍ଗରେ ଏବେ ସମାଜସେବୀଙ୍କ ବନ୍ୟା ବହୁଛି। କିଏ ଗଛ ଲଗାଉଛି ତ କିଏ ଫଳ ବାଣ୍ଟୁଛି, କିଏ କମ୍ବଳ ଦେଉଛି, ଆଉ କିଏ ଲୋକଙ୍କ ସେଲ୍ଫି ଉଠାଇ ସୋସିଆଲ ମିଡିଆରେ 'ସେବା' ନାଁରେ ପୋଷ୍ଟ କରୁଛି। ମଜାର କଥା ହେଉଛି, ଏହି ସବୁ ଦୟାଳୁ ହୃଦୟ ବର୍ଷର ଅନ୍ୟ ବର୍ଷ ମାନଙ୍କରେ କେଉଁଠି ଥିଲେ ତାର ହିସାବ କେହି ଦେଇପାରୁ ନାହାନ୍ତି। ନିର୍ବାଚନ ଆସିବା ମାତ୍ରେ ସମସ୍ତେ ସେବାରେ ମାତିଯାଇଛନ୍ତି। ସୂତ୍ର କହୁଛି, ଏହି ସମାଜସେବା ପଛରେ ଖାଲି ସେବା ନାହିଁ, ସିଟ୍ର ସ୍ୱପ୍ନ ରହିଛି। ଓଡିଶାରେ ନୂଆ ସରକାରକୁ ଦୁଇ ବର୍ଷ ହେଲା, କିନ୍ତୁ ବିଜେପି ଭିତରେ ଗୋଷ୍ଠୀ କନ୍ଦଳ ଏତେ ବଢିଛି ଯେ କାକଟପୁର ନିର୍ବାଚନ ମଣ୍ଡଳୀରେ ପ୍ରତି ଚାହା ଦୋକାନରେ ତାର ଚର୍ଚ୍ଚା। ଏକା ପାର୍ଟିର ନେତା ଏକା ମଞ୍ଚରେ ବସୁନାହାନ୍ତି। କାର୍ଯ୍ୟକ୍ରମରେ ପ୍ରତିଦ୍ୱନ୍ଦୀ ଗୋଷ୍ଠୀ ଅଲଗା ଅଲଗା ରହୁଛନ୍ତି। ଆଉ ଏହି ଫାଇଦା ଉଠାଇବାକୁ ଅନ୍ୟ ନିର୍ବାଚନ ମଣ୍ଡଳୀରୁ କିଛି 'ଉଚ୍ଚସ୍ତରୀୟ ମନ୍ତ୍ରୀଙ୍କ ନାଁ' ଧରି ନୂଆ ସମାଜସେବୀ ମାନେ କାକଟପୁର, ଅସ୍ତରଙ୍ଗରେ ପ୍ରବେଶ କରିଛନ୍ତି। କିଏ କେଉଁ ମନ୍ତ୍ରୀଙ୍କ ଲୋକ ବୋଲି କହି ଘୁରୁଛି, କିଏ ମୋ ନେତା 'ଙ୍କ ଆଦର୍ଶରୁ ଆସିଥିବା ଚିଠି ଦେଖାଉଛି। ମୋଟ ଉପରେ କାକଟପୁର, ଅସ୍ତରଙ୍ଗକୁ ଏବେ 'ସମାଜସେବୀ ଟୁରିଜିମ୍' ହୋଇଯାଇଛି। ଗାଁ ଲୋକେ ପଚାରୁଛନ୍ତି, 'ଭାଇ, ଆପଣ ପାଞ୍ଚ ବର୍ଷ ଧରି କେଉଁଠି ଥିଲେ ? ବନ୍ୟା ବେଳେ, କରୋନା ବେଳେ, ଅମଳ ବେଳେ କାହିଁକି ଆସିଲେନି ? ନିର୍ବାଚନ ଆସିଲା ବୋଲି ଏବେ କମ୍ବଳ ଓ ଫଳ ମନେ ପଡିଲା ?' ଆଉ ଏକ ମଜାର କଥା। ଅଧିକାଂଶ ସମାଜସେବୀ ନିଜ ଅଞ୍ଚଳରେ ସେବା ନକରି କାକଟପୁର, ଅସ୍ତରଙ୍ଗର ପ୍ରତି ଗଳିର କଥାକୁହାଳିଆ ଯୁବକଙ୍କୁ ଧରି ଫଟୋ ଉଠାଉଛନ୍ତି। ଲକ୍ଷ୍ୟ ଗୋଟିଏ - ଲୋକଙ୍କ ନିକଟରେ ମୁହଁ ଦେଖାଇବା। କିଛି ସ୍ୱଳ୍ପ ଅର୍ଥ ଯୁବକ ଙ୍କୁ ଦେବା। ଏ ନେଇ ଶାସକ ଦଳର କର୍ମୀମାନେ ବି ଚୁପ୍ ବସିନାହାନ୍ତି। ସେମାନେ କହୁଛନ୍ତି, 'ଏହି ମାନେ ସମାଜସେବୀ ନୁହନ୍ତି, ଏମାନେ ହେଉଛନ୍ତି ସିଜନାଲ୍ ସେବକ। ନିର୍ବାଚନ ଗଲେ ଏମାନଙ୍କ ସେବା ବି ଗାଏବ୍ ହୋଇଯିବ।'ଆଉ ଜଣେ ବରିଷ୍ଠ କର୍ମୀଙ୍କ କଟାକ୍ଷ କହିଛନ୍ତି 'ଆମ ଅଞ୍ଚଳରେ ସେବା କରିବାକୁ ଲୋକ ନାହାନ୍ତି, କିନ୍ତୁ ଫୋଟ୍ ଉଠାଇବାକୁ ଅଛନ୍ତି।' ନିର୍ବାଚନ ଆସିଲେ ସମସ୍ତେ ସମାଜସେବୀ ହୋଇ ଯାଆନ୍ତି। କିନ୍ତୁ ଲୋକ ଏବେ ବୁଦ୍ଧିମାନ୍। ସେମାନେ ଜାଣନ୍ତି କମ୍ବଳ ପଛରେ କେଉଁ ଭୋଟ୍ ର ହିସାବ ଲୁଚିଛି, ଆଉ ଗଛ ପଛରେ କେଉଁ ସିଟ୍ ର ସ୍ୱପ୍ନ।ତେଣୁ ହେ ନୂଆ ସମାଜସେବୀ ମାନେ, ସେବା କରନ୍ତୁ। କିନ୍ତୁ ମନେରଖନ୍ତୁ, ଲୋକ ସବୁ ଦେଖୁଛନ୍ତି। ଫୋଟ୍ ସେସନ୍ ଶେଷ ହେଲେ ସେବା ବି ଶେଷ ହୋଇଯାଉଛି ବୋଲି ସେମାନେ ବୁଝିସାରିଲେଣି।

## ୩ ଘଣ୍ଟାର ଅପରେସନ୍ ପରେ ପାଗଳ ହନୁମାଙ୍କଡ଼ କାବୁ



**ନିମାପଡ଼ା(ଅମୃତ ମିଡିଆ):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ପାଟପୁର ଗାଁରେ ଆତଙ୍କ ସୃଷ୍ଟି କରିଥିବା ପାଗଳ ହନୁମାଙ୍କଡ଼କୁ ଶୁକ୍ରବାର ବନ ବିଭାଗ ସଫଳତାର ସହ କାବୁ କରିଛି।ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ସ୍ୱତନ୍ତ୍ର ଅପରେସନ୍ ପରେ ଟ୍ରାଙ୍କୁଲାଇଜର ସାହାଯ୍ୟରେ ମାଙ୍କଡ଼ଟିକୁ ଧରାଯାଇଥିଲା।ଗତ ୩/୪ ଦିନ ତଳେ ପାଟପୁର-ବାମନାଳ ମୁଖ୍ୟ ରାସ୍ତାରେ ଏକ ହନୁମାଙ୍କଡ଼ ଦଳ ବସି ରହିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା।ମାଙ୍କଡ଼ମାନଙ୍କୁ ରାସ୍ତାରୁ ହଟାଇବାକୁ କିଛି ସ୍ଥାନୀୟ ଲୋକ ଉଦ୍ୟମ କରିବା ସମୟରେ ଗୋଟିଏ ହନୁମାଙ୍କଡ଼ ହଠାତ୍ ଉତ୍ତେଜିତ ହୋଇ ଲୋକମାନଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ିଥିଲା। ଏଥିରେ ୬ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଗୋପ ବନାଞ୍ଚଳ ଅଧିକାରୀ ସଦଳବଳେ ପହଞ୍ଚିଥିଲେ ମଧ୍ୟ ସେହିଦିନ ମାଙ୍କଡ଼କୁ କାବୁ କରିପାରି ନଥିଲେ।ପରେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା।ଏହାପରେ ବନ ବିଭାଗ ପକ୍ଷରୁ ୧୦ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଗୋପ ବନ୍ୟଜନ୍ତୁ ରେଞ୍ଜର ରେଞ୍ଜ ଅଧିକାରୀ ସୁଦର୍ଶନ ଦେହୁରୀ,ନିମାପଡ଼ା ଫରେଷ୍ଟର ବଳଭଦ୍ର ନାୟକ, ବନରକ୍ଷୀ ଅମିତ କୁମାର ନନ୍ଦଙ୍କ ସମେତ ବନ ବିଭାଗର ଅନ୍ୟ କର୍ମଚାରୀ ଓ ଟ୍ରାଙ୍କୁଲାଇଜେସନ୍ ଟିମ୍ର ଉପସ୍ଥିତିରେ ପ୍ରାୟ ୩ ଘଣ୍ଟାର ଅପରେସନ୍ ପରେ ପାଗଳ ହନୁମାଙ୍କଡ଼କୁ ସଫଳତାର ସହ କାବୁ କରାଯାଇଥିଲା।ଏହା ପରେ ସ୍ଥାନୀୟ ଲୋକେ ଆଶ୍ୱସ୍ତ ହେବା ସହ ବନ ବିଭାଗର ପଦକ୍ଷେପକୁ ସ୍ୱାଗତ କରିଛନ୍ତି।




# ଯାତ୍ରୀଙ୍କୁ ସୁରକ୍ଷା ଯୋଗାଉଛି ଏଆଇ ରୋବଟ୍ 'ଡିଏସ୍‌ସି ଅର୍ଜୁନ'



**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କୁ ସୁରକ୍ଷା ଯୋଗାଉଛି ଏଆଇ ରୋବଟ୍ 'ଡିଏସ୍‌ସି ଅର୍ଜୁନ'। କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ଏହି ରୋବଟ୍ ପ୍ରଚଳନ ପୂର୍ବତଟ ରେଳପଥର ସ୍ମାର୍ଟ ଏବଂ ପ୍ରଯୁକ୍ତିବିଦ୍ୟା-ସଞ୍ଚାଳିତ ସୁରକ୍ଷା ବ୍ୟବସ୍ଥା ଦିଗରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି। ଏଆଇ, କମ୍ପ୍ୟୁଟର ଭିଜନ, ମେସିନ୍ ଲର୍ଣ୍ଣିଙ୍ଗ ଓ ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ(ଆଇଓଟି) ଭଳି ଅତ୍ୟାଧୁନିକ ପ୍ରଯୁକ୍ତିରେ ସଜ୍ଜିତ ଏହି ରୋବୋଟିକ୍ ପ୍ଲାଟଫର୍ମ ରେଳ ସୁରକ୍ଷା ବଳ(ଆରପିଏଫ୍)ଙ୍କୁ ଅଧିକ ସକ୍ରିୟ, ଦକ୍ଷ ଓ ତ୍ୱରିତ ସୁରକ୍ଷା ସେବା ପ୍ରଦାନରେ ସହାୟତା ଯୋଗାଉଛି। ଏହି ରୋବଟ୍ ଭୁବନେଶ୍ୱର ରେଳ ଷ୍ଟେସନ ପ୍ଲାଟଫର୍ମ, ଷ୍ଟେସନ କନକୋର୍ସ, ଟିକେଟ୍ ବୁକିଂ କାଉଣ୍ଟର, ପ୍ରତୀକ୍ଷାଳୟ, ସର୍କୁଲେଟିଂ ଏରିଆ, ପାର୍କିଂ ସ୍ଥଳ, ପାର୍ସଲ୍ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ବିଭିନ୍ନ ସମୟରେ ମୁତୟନ କରାଯିବ। ନିରନ୍ତର ନିରୀକ୍ଷଣ ଓ ବିଶ୍ଳେଷଣ ମାଧ୍ୟମରେ ଅପରାଧ ନିରୋଧ, ବ୍ୟସ୍ତ ସମୟରେ ଯାତ୍ରୀ ସୁପରିଚାଳନା, ରେଳ ସମ୍ପତ୍ତିର ସୁରକ୍ଷା ଓ ଅଗ୍ନିକାଣ୍ଡ, ଚିକିତ୍ସା ଜନିତ ଜରୁରୀକାଳୀନ ପରିସ୍ଥିତି କିମ୍ବା ସୁରକ୍ଷା ସମ୍ବନ୍ଧୀୟ ଘଟଣା ଭଳି ଆପାତକାଳୀନ ସ୍ଥିତିରେ ସହାୟକ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଯାତ୍ରୀ, ଷ୍ଟେସନ ସୁରକ୍ଷା ଓ ରେଳ ପରିଚାଳନା ଦକ୍ଷତାକୁ ଆହୁରି ବୃଦ୍ଧି କରିବ। କୋଭିଡ୍ ସମୟରେ ଭାରତୀୟ ରେଳବାଇରେ ରୋବୋଟ ଦ୍ୱାରା ନିରୀକ୍ଷଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହି ପଦକ୍ଷେପକୁ ଆଗକୁ ବଢ଼ାଇ ପୂର୍ବତଟ ରେଳପଥ ପକ୍ଷରୁ ୨୦୨୬ ଜାନୁଆରି ୨୩ରେ ବିଶାଖାପାଟଣା ରେଳ ଷ୍ଟେସନରେ 'ଏଏସ୍‌ସି ଅର୍ଜୁନ' ନାମକ ହ୍ୟୁମାନଏଡ୍ ରୋବୋଟ୍‌ର ବ୍ୟବହାର ହୋଇଥିଲା। ନୂତନ ଭାବେ ବିକଶିତ 'ଡିଏସ୍‌ସି ଅର୍ଜୁନ' ଏହି ବୈଷୟିକ ବିକାଶର ପରବର୍ତ୍ତୀ ପର୍ଯ୍ୟାୟର ପ୍ରତିନିଧିତ୍ୱ କରୁଛି। ଏଥିରେ ଉନ୍ନତ ଏଆଇ ସକ୍ଷମ ନିରୀକ୍ଷଣ ପ୍ରଣାଳୀ ଏବଂ ବିଶ୍ଳେଷଣାତ୍ମକ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରି ଉନ୍ନତ ରେଳ ସୁରକ୍ଷା ପ୍ଲାଟଫର୍ମ ରୂପେ ବିକଶିତ କରାଯାଇଛି। ୨୪ ଘଣ୍ଟା ନିରନ୍ତର ନିରୀକ୍ଷଣ ଓ ବୁଦ୍ଧିମାନ ପର୍ଯ୍ୟବେକ୍ଷଣ କରିବାରେ ସକ୍ଷମ ହୋଇଛି। ବିଶେଷକରି ରାତି ସମୟରେ ଷ୍ଟେସନ୍ କନକୋର୍ସରେ ଯାତ୍ରୀମାନେ ଶୋଇଯିବା ପରେ 'ଡିଏସ୍‌ସି ଅର୍ଜୁନ' ସୁରକ୍ଷା ଯୋଗାଉଛି। ୩ରୁ ୪ ଜଣ ଆରପିଏଫ୍ କର୍ମଚାରୀ ଏହା ନିକଟରେ ରହିବା ସହ ପ୍ରତି ମୁହୂର୍ତ୍ତର ତଥ୍ୟ ସଂଗ୍ରହ କରୁଛନ୍ତି। ରଥଯାତ୍ରା ସମୟରେ ପୁରୀ ରେଳ ଷ୍ଟେସନରେ ପ୍ରବଳ ଗହଳି ହେଉଥିବାରୁ ସେଠାରେ ନିୟୋଜିତ ହୋଇଥିଲା। ଏଣିକି ଏହା ଭୁବନେଶ୍ୱର ରେଳ ଷ୍ଟେସନରେ ରହିବ।

# ଲଣ୍ଡନ ଫ୍ୟାସନ୍ ୱିକରେ ଝଲସିବ ହାବସପୁରୀ ପାଟ

**ଭୁବନେଶ୍ୱର(ବ୍ୟୁରୋ):** ତନ୍ତର ଖଟ୍... ଖଟ୍...ଶବ୍ଦ ସହ ଆରମ୍ଭ ହୁଏ ଗୋଟିଏ ଶାଢ଼ିର କାହାଣୀ । ବରଗଡ଼, ବରପାଲି, ନୂଆପାଟଣା, କଳାହାଣ୍ଡି, କୋଟପାଡ଼ର ଛୋଟ ଛୋଟ ତନ୍ତ ଘରେ ବୁଣାଯାଉଥିବା ସେହି କାହାଣୀ ଆଜି ଭାରତର ସୀମାଡେଇଁ ବିଶ୍ୱ ଫ୍ୟାସନ୍ ମଞ୍ଚରେ ପହଞ୍ଚିଛି । ଏକଦା କେବଳ ପର୍ବପର୍ବାଣୀରେ ଓଡ଼ିଆଙ୍କ ପରିଚୟ ଥିବା ସମ୍ବଲପୁରୀ, ବୋମକେଇ, ଖଣ୍ଡୁଆ, ହାବସପୁରୀ, କୋଟପାଡ଼ ବସ୍ତ୍ର ଆଜି ବିଶ୍ୱର ଫ୍ୟାସନପ୍ରେମୀଙ୍କ ଆକର୍ଷଣ ପାଲଟିଛି । ଏହାର ପ୍ରଥମ ଉଦାହରଣ ହେଉଛି ଆସନ୍ତା ନଭେମ୍ବରରେ ଲଣ୍ଡନରେ ହେବାକୁ ଥିବା ଇଣ୍ଡିଆ ଫ୍ୟାସନ୍ ଉଇକ୍ ଲଣ୍ଡନ-୨୦୨୬ । ଯେଉଁଥିରେ ଯୁବ ଫ୍ୟାସନ୍ ଡିଜାଇନର ସୁଜିତ ମେହେର କଳାହାଣ୍ଡିର ହାବସପୁରୀ ଓ ସମ୍ବଲପୁରୀର ସ୍ୱତନ୍ତ୍ର କଲେକ୍ସନ୍ ଉପସ୍ଥାପନ କରିବେ । ପ୍ରଥମ ଥର ପାଇଁ ଓଡ଼ିଶାର ହାବସପୁରୀ ହସ୍ତତନ୍ତ ଫ୍ୟାସନ୍ ମଞ୍ଚରେ ପହଞ୍ଚିବ । ମୁଖ୍ୟତଃ ସମ୍ବଲପୁରୀ ପାଟରେ ତିଆରି ହୋଇଥିବା ଲେହେଙ୍ଗା ଏଥିରେ ଉପସ୍ଥାପିତ ହେଉଥିବା ବେଳେ ହାବସପୁରୀ ଶାଢ଼ି ଆକାରରେ ପ୍ରଦର୍ଶିତ ହେବ । ଏହାକୁ ନେଇ ସୁଜିତ କୁହନ୍ତି, ଇଣ୍ଡିଆ ଫ୍ୟାସନ୍ ଉଇକ୍ ଲଣ୍ଡନ ୨୦୨୬ରେ ଆମ ହସ୍ତତନ୍ତକୁ ପହଞ୍ଚାଇବାର ଏହା ମୋର ଛୋଟ ପଦକ୍ଷେପ । ହାବସପୁରୀ ଯେମିତି ଲୋପ ହୋଇଯାଇଥିଲା ଏହା ଗୋଟେ ଆଶା ଯୋଗେଇବ ଆମ ଯୁବପିଢ଼ିମାନଙ୍କୁ । ଏହା ଦ୍ୱାରା ଆମର ରୋଜଗାର ସୃଷ୍ଟି ହୋଇପାରିବ । ୨୦୧୨ରେ ମୁଁ ପ୍ରଥମ ଥର ପାଇଁ ଦିଲ୍ଲୀ ଫ୍ୟାସନ୍ ଉଇକ୍ ଓ ପରେ ପରେ ଦୁବାଇ ଫ୍ୟାସନ୍ ଉଇକ୍‌ରେ ଓଡ଼ିଶା ହସ୍ତତନ୍ତ ପ୍ରଦର୍ଶିତ କରିଥିଲି । ମୁଁ ଯେହେତୁ ସେଇ କମ୍ୟୁନିଟିରୁ ଆସିଛି, ସେଥିପାଇଁ ଫ୍ୟାସନ୍‌ରେ କେମିତି ହସ୍ତତନ୍ତକୁ ଆଣିବି ସେ ଚେଷ୍ଟାରେ ଲାଗିଛି । ସବୁଠାରୁ ବଡ଼ କଥା ହେଉଛି ବିଦେଶରେ ଲୋକମାନେ ଏହାକୁ ବହୁତ ପସନ୍ଦ କରୁଛନ୍ତି । ମୋର ଅନେକ କଲେକ୍ସନ୍ ବିଦେଶକୁ ଯାଉଛି । ପୂର୍ବରୁ ହସ୍ତତନ୍ତକୁ ଯେଉଁଠି କେବଳ ବୟସ୍କ ଲୋକଙ୍କ ପରିଧାନ ହିସାବରେ ଜଣାଯାଉଥିଲା ସେପରି ଚିନ୍ତାଧାରାରେ ଏବେ ପରିବର୍ତ୍ତନ ଆସିଛି । ଆଜିର ଜେନ୍‌ଜି ମଧ୍ୟ ଏହାକୁ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହିଭଳି ଭାବେ ରାଜ୍ୟ ଓ ଦେଶ ବାହାରେ ଓଡ଼ିଶାର ହସ୍ତତନ୍ତ ବେଶ୍ ଆଦର ସାଉଁଟୁଛି । ରାଜ୍ୟ ସରକାର ମଧ୍ୟ ଓଡ଼ିଶା ହସ୍ତତନ୍ତକୁ 'ଲୋକାଲ ଟୁ ଗ୍ଲୋବାଲ' କରିବାକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ ମୁଖ୍ୟତଃ ବୁଣାକାରମାନଙ୍କୁ ଫ୍ରାନ୍ସ, ଜାପାନ, ଆମେରିକା, ସିଙ୍ଗାପୁରରେ ଆୟୋଜିତ ହେଉଥିବା ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବା, ଇ-କମର୍ସ ସହ ଯୋଡ଼ିବା ଉପରେ ପ୍ରାଧାନ୍ୟ ଦିଆଯାଉଛି । ଭାରତର ବିଭିନ୍ନ ରାଜ୍ୟ ସମେତ ଦୁବାଇ, ଆମେରିକାର ସାନ୍ଫ୍ରାନ୍ସିସ୍କୋ, ଆମଷ୍ଟରଡାମ୍, ଲଣ୍ଡନ, ଜେରୁଜେଲମ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଓଡ଼ିଶା ହସ୍ତତନ୍ତର କାରିଗରୀ କୌଶଳକୁ ଉପସ୍ଥାପନ କରିଥିବା ବିଶିଷ୍ଟ ବାନ୍ଧ ଶିଳ୍ପୀ ଡ. ସୁରେନ୍ଦ୍ର ମେହେର କହନ୍ତି, ମୁଁ ଦେଶ ବାହାରେ ମୁଖ୍ୟତଃ ଲାଇଭ୍ ଡେମୋନ୍‌ଷ୍ଟ୍ରେସନ୍ କରିଥାଏ । ଯାହାଦ୍ୱାରା ବିଦେଶର ଲୋକମାନେ ଆମ ହସ୍ତତନ୍ତ ବିଷୟରେ ଅଧିକ ଜାଣିବାକୁ ପାଆନ୍ତି । ଆମେରିକାରେ ଏହାକୁ ବହୁତ ପସନ୍ଦ କରୁଛନ୍ତି । ଏହି ଅନ୍ତର୍ଜାତୀୟ ଫେଷ୍ଟିଭାଲ ଗୁଡ଼ିକରେ ସାମିଲ ହେବା ଦ୍ୱାରା ଆମ କଳାକାରମାନଙ୍କ ପରିଶ୍ରମ ଓ ଏହାର ମହତ୍ତ୍ୱକୁ ଲୋକମାନେ ବେଶ୍ ଭଲ ଭାବେ ବୁଝୁଛନ୍ତି । ଯାହାଦ୍ୱାରା ବିଦେଶୀମାନେ ଆମ ଜିନିଷକୁ କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ସେଥିପାଇଁ ଆଜି ବିଶ୍ୱଦରବାରରେ ଆମ ହସ୍ତତନ୍ତ ପ୍ରସିଦ୍ଧି ଲାଭ କରିପାରୁଛି ଏବଂ ବିକ୍ରି ମଧ୍ୟ ବଢ଼ୁଛି ।



# କାଳ ହେଲା ଫେସବୁକ୍ ପ୍ରେମ, ଦୁଷ୍କର୍ମ ଅଭିଯୋଗରେ ଡେଲିଭରୀ ବଏ ଗିରଫ

**ଭୁବନେଶ୍ୱର(ବ୍ୟୁରୋ):** ଫେସବୁକରେ ବନ୍ଧୁତାରୁ ପ୍ରେମ ହେଲା କାଳ । ଦୁଷ୍କର୍ମ ଅଭିଯୋଗରେ ଜଣେ ଡେଲିଭରୀ ବଏକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଲେ ହରେକୃଷ୍ଣ ମହାନ୍ତି । ଘର ଭଦ୍ରକ ଜିଲ୍ଲା ତିହିଡି ଅଞ୍ଚଳରେ । ପୁଲିସ ଗିରଫ ପରେ ତାକୁ କୋର୍ଟ ଚାଲାଣ କରିଛି । ଗଞ୍ଜାମ ଜିଲ୍ଲାର ପୀଡ଼ିତା ଯୁବତୀ ଭୁବନେଶ୍ୱରରେ ଚାକିରି ଅନ୍ୱେଷଣରେ ଥିଲେ । ହରେକୃଷ୍ଣ ଏଠାରେ ରହି ଡେଲିଭରୀ ବଏ ଭାବେ କାମ କରୁଥିଲେ । କିଛି ମାସ ପୂର୍ବରୁ ଫେସବୁକ ଜରିଆରେ ଉଭୟଙ୍କ ଚିହ୍ନା ପରିଚୟ ଆରମ୍ଭ ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା । ବନ୍ଧୁତା ଧୀରେ ଧୀରେ ପ୍ରେମରେ ପରିଣତ ହୋଇଥିଲା । ଉଭୟ ଅନେକ ସମୟରେ ବାହାରେ ମିଳାମିଶା କରୁଥିଲେ । ଏହି ସୁଯୋଗରେ ପୀଡିତା ଯୁବତୀକୁ ଏକାଧିକ ଥର ହୋଟେଲକୁ ନେଇ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ ହରେକୃଷ୍ଣ । ଏହି ସମୟର ଭିଡିଓ ଏବଂ ଫଟୋ ରେକର୍ଡ କରି ରଖିଥିଲେ ହରେକୃଷ୍ଣ । ଏହି ଫଟୋ ଓ ଭିଡିଓ ଦେଖାଇ ବ୍ଲାକ୍‌ମେଲିଂ କରୁଥିଲେ । ହୋଟେଲକୁ ନଗଲେ ଏହି ଭିଡିଓ ଏବଂ ଫଟୋ ସବୁକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିଦେବାକୁ ଧମକ ମଧ୍ୟ ଦେଉଥିଲେ । ପୀଡ଼ିତା ଜଣଙ୍କ ବାଧହୋଇ ତାଙ୍କ ସହ ଯାଉଥିଲେ । ହେଲେ କିଛି ଦିନ ତଳେ ପୁଣି ହୋଟେଲକୁ ଡାକିଥିଲେ ହରେକୃଷ୍ଣ । ହୋଟେଲକୁ ଯିବା ପାଇଁ ସିଧା ସିଧା ମନା କରି ଦେଇଥିଲେ । ସେଥିରୁ କିଛି ଫଟୋ ହରେକୃଷ୍ଣ ସାମାଜିକ ଗଣମାଧ୍ୟମରେ ଛାଡ଼ି ଦେଇଥିଲେ ।

# ଜଳ ନିଷ୍କାସନ ପଥ ଅବରୋଧ ଯୋଗୁଁ ଘରେ ପଶିଲା ପାଣି, ୫ ୱାର୍ଡ ଜଳବନ୍ଦି



**ଭୁବନେଶ୍ୱର(ବ୍ୟୁରୋ):** ବର୍ଷତମମା ଦୟା ୱେଷ୍ଟ କେନାଲ୍ ଓ ଗଙ୍ଗୁଆ ଦେଇ ଭୁବନେଶ୍ୱରର ଆବର୍ଜନା ପାଣି ନିଷ୍କାସିତ ହେଉଛି। କିନ୍ତୁ ଏହା କୁଢ଼କୁଢ଼ ଆବର୍ଜନାରେ ଭରି ରହିଛି। ବିଲାତି ଦଳ ସାଙ୍ଗକୁ ଗଛ ଡାଳ ଓ ଅନାବନା ଘାସ ସବୁ ଜଳପଥକୁ ଅବରୋଧ କରିରଖିଛି। ପରିଣାମ ହେଉଛି ଗତକାଲି ରାତିର ବର୍ଷାରେ ଦୟା ୱେଷ୍ଟ କେନାଲ୍ ପାର୍ଶ୍ୱରେ ଥିବା ବିଏମ୍‌ସିର ୫ରୁ ଅଧିକ ୱାର୍ଡର ଲୋକେ ଜଳବନ୍ଦି ସମସ୍ୟା ଭୋଗିଛନ୍ତି। ରାସ୍ତାଘାଟ ବୁଡ଼ିଛି ଓ ଘରେ ପାଣି ପଶିଛି। ନିଷ୍କାସନ ବଦଳରେ ଦୟା ୱେଷ୍ଟ କେନାଲରୁ ବର୍ଷା ଓ ଆବର୍ଜନା ପାଣି ଓଲଟା ଆଖପାଖ ଅଞ୍ଚଳରେ ପଶିଛି। ଯେଉଁ ସ୍ଥାନରେ କେବେ କେହି ଜଳବନ୍ଦି ସମସ୍ୟା ଭୋଗିନଥିଲେ କି ଦେଖିନଥିଲେ, ସେମାନେ ବି ଆଜି ଜଳବନ୍ଦି ଜୀବନ କାଟିଛନ୍ତି। ଆଜି ମେୟର ସୁଲୋଚନା ଦାସ, ୪୩ ନମ୍ବର କର୍ପୋରେଟର ଭରତ କୁମାର ଲେଙ୍କା ପ୍ରମୁଖ ବିଏମ୍‌ସି ଅଧିକାରୀଙ୍କ ସହ ସଂପୂର୍ଣ୍ଣ ଅଞ୍ଚଳ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଜରିଆରେ ଜେସିବି ଓ ମାନବସମ୍ବଳ ନିୟୋଜିତ କରି ନିଷ୍କାସନ ପଥରୁ ଅବରୋଧ ହଟାଇଛନ୍ତି। ଏଣୁ ଅପରାହ୍ଣରେ ଜଳବନ୍ଦି ସ୍ଥିତିରେ ସୁଧାର ଆସିଛି। ମେୟର ଏହି ଜଳବନ୍ଦି ସମସ୍ୟା ପାଇଁ ଜଳସଂପଦ ବିଭାଗକୁ ଦାୟୀ କରିଛନ୍ତି। ଜଳସଂପଦ ବିଭାଗ ଦୟା ୱେଷ୍ଟ କେନାଲ୍ ଓ ଗଙ୍ଗୁଆକୁ ନିୟମିତ ସଫା କରୁନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି। ବିଏମ୍‌ସିର ଆବର୍ଜନା ପାଣି ଦୟା ୱେଷ୍ଟ କେନାଲ ଦେଇ ଗଙ୍ଗୁଆକୁ ନିଷ୍କାସନ ହେଉଛି ଓ ପରେ ଦୟାକୁ ଯାଉଛି। କିନ୍ତୁ ଦୟା ୱେଷ୍ଟ କେନାଲ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜବରଦଖଲ ଓ ଆବର୍ଜନାରେ ଭରି ରହିଛି। ଆଜି ବର୍ଷା ପରେ ବର୍ଷା ପାଣି ମିଶା ଆବର୍ଜନା ପାଣି ନିଷ୍କାସନ ହୋଇନପାରି ୩୧, ୩୨, ୩୩, ୪୩, ୪୫ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ପଶିଥିଲା। ଶାନ୍ତିନଗର, ଜିଜିପିରୁ ମଞ୍ଜୁଳା କଲ୍ୟାଣମଣ୍ଡପ, ଭାଗବତ ସନ୍ଧାନ, ଜଗନ୍ନାଥ ଆଭେନ୍ୟୁ ଆଦି ଅଞ୍ଚଳ ବୁଡ଼ିଯାଇଥିଲା। ମେୟର କହିଛନ୍ତି, ଭୁବନେଶ୍ୱର ସହରର ପାଣି ଦୟା ୱେଷ୍ଟ କେନାଲକୁ ଯେଉଁ ବାଟ ଦେଇ ନିଷ୍କାସିତ ହେଉଛି, ସେଠାରେ ଅନେକ ଜାଗା ଧସିଯାଇଛି। ଭଗବାନ ଟାୱାର ଓ ଅନେକ ଜାଗାରେ ଗଛ ପଡ଼ିଛି, ଅଳିଆ ଲାଖିଛି। ମଲା ଗୋରୁ ବି ଭାସୁଛନ୍ତି। ୩୨ ଓ ୩୩ ନମ୍ବର ନାଳ ସଂଯୋଗ କରୁଥିବା ସ୍ଥାନରେ ଯେଉଁ ସାଇଫନ୍ ଅଛି, ସେଠାରେ ପାଣି ନିଷ୍କାସନ ହୋଇପାରୁନି। ଏଣୁ ଲୋକଙ୍କ ଘରେ ପାଣି ପଶିଛି। ବର୍ଷା ପରେ ଏହାର ଟେଣ୍ଡର ଦେବାକୁ ଜଳସଂପଦ ବିଭାଗକୁ ଅନୁମତି ମାଗିବୁ। ଦୟା ୱେଷ୍ଟ କେନାଲ୍ ହେଉଛି ଜଳସଂପଦ ବିଭାଗର। ସେମାନେ କେନାଲ୍ ସଫା, ସାଇଫନ୍ ପୁନରୁଦ୍ଧାର କାମ କରିବା କଥା। କିନ୍ତୁ କେନାଲ୍, ସାଇଫନ୍ ସଫା କରାଯାଉନି। ଆମକୁ ଏହି କାମ ଦେବାକୁ ବି ୨୦୨୨ ମସିହାରୁ ବାରମ୍ବାର ଚିଠି ଲେଖିଛୁ। କେହି ଶୁଣୁନାହାନ୍ତି। ବହୁ ବିଳମ୍ବରେ ୪୪ ଓ ୪୩ ନମ୍ବର ୱାର୍ଡରେ ଦୁଇଟି ସାଇଫନ୍ କାମ କରିବାକୁ ଅନୁମତି ମିଳିଛି। ଯଦି ଏହା ଏବେ ନ କରିବୁ, ଲୋକଙ୍କ ଘରେ ପୁଣି ପାଣି ପଶିବ। ଏ ବିଷୟରେ ଧ୍ୟାନ ଦେବାକୁ ସରକାରଙ୍କୁ ଅନୁରୋଧ କରୁଛୁ। ବର୍ତ୍ତମାନର ଜଳସଂପଦ ବିଭାଗର ମୁଖ୍ୟ ସଚିବ ପୂର୍ବରୁ ଜଳସଂପଦ ବିଭାଗ ମୁଖ୍ୟଯନ୍ତ୍ରୀ ଥିଲେ। ଦୟା ୱେ?ଷ୍ଟ କେନାଲ୍ ଓ ଗଙ୍ଗୁଆ ସଫା କଲେ, ଭୁବନେଶ୍ୱରର ଜଳବନ୍ଦି ସମସ୍ୟା କମିବ। ଏଠାର ସାଇଫନ୍ ବି ବହୁ ପୁରୁଣା ଓ ଛୋଟ। ଅନେକ ଜାଗାରେ ଦବିଗଲାଣି। ଏହାର ପୁନରୁଦ୍ଧାର ଦିଗରେ ସେ ଦୃଷ୍ଟିଦେବେ ବୋଲି ଆଶା। କର୍ପୋରେଟର ଶ୍ରୀ ଲେଙ୍କା, ଦୟା ୱେଷ୍ଟ କେନାଲ୍ ଦେଇ ପାଣି ନିଷ୍କାସନ ବଦଳରେ ଓଲଟା କେନାଲ୍ ପାଣି ଅଞ୍ଚଳରେ ପଶିଥିଲା ଓ ଜଳବନ୍ଦି ସମସ୍ୟା ସୃଷ୍ଟି ହୋଇଥିଲା ବୋଲି କ୍ଷୋଭ ପ୍ରକାଶ କରିଛନ୍ତି। ଗତକାଲି ସନ୍ଧ୍ୟା ୫ଟାରୁ ଆଜି ସନ୍ଧ୍ୟା ୫ଟା ମଧ୍ୟରେ ଭୁବନେଶ୍ୱରରେ ୧୨୪ ମିଲିମିଟର ବର୍ଷା ହୋଇଛି। ଯଦି ହିସାବ ଦେଖିବା ଗତକାଲି ସନ୍ଧ୍ୟାଠାରୁ ଆଜି ସକାଳ ମଧ୍ୟରେ ୧୦୭.୯ ମିମି ବର୍ଷା ହୋଇଥିବା ବେଳେ ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ୧୬.୧ ମିମି ବର୍ଷା ହୋଇଛି। ମଧୁସୂଦନ ନଗରରେ ସର୍ବାଧିକ ୧୦୭ ମିମି ବର୍ଷା ହୋଇଥିଲା। ଯେତେବେଳେ କି ନୟାପଲ୍ଲୀରେ ୯୭.୨, ଜଗମୋହନ ନଗରରେ ୯୦.୪, ଲକ୍ଷ୍ମୀସାଗରରେ ୯୦, ସହିଦନଗରରେ ୮୩.୨, ଖଣ୍ଡଗିରିରେ ୭୩.୨, ଖରବେଳନଗରରେ ୫୯.୪, ଚନ୍ଦ୍ରଶେଖରପୁରରେ ୫୦.୨, ପଟିଆରେ ୩୪.୬ ମିମି ବର୍ଷା ହୋଇଥିଲା। ଆଗାମୀ ୫ ଦିନ ପର୍ଯ୍ୟନ୍ତ ହଠାତ୍ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଶାମପୁରରେ ମାଟିରେ ମିଶିଲା ବେଆଇନ୍ ଜବରଦଖଲ ୫୮ ଘର

**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱରରେ ବେଆଇନ ଜବରଦଖଲ ବିରୋଧରେ ପୁଣି ଥରେ ବଡ଼ଧରଣର ଉଚ୍ଛେଦ ଆରମ୍ଭ କରିଛି ବିଡିଏ। ପୂର୍ବରୁ ଜବରଦଖଲରେ ଥିବା ବିଡିଏର ଭରତପୁର ଥାନା ଅଧୀନ ଶାମପୁର ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା। ଆଜି ଏହା ପାଖକୁ ଲାଗି ଶାମପୁର ପଣ୍ଡାକୁଦିଆରେ ଥିବା ସାଧାରଣ ପ୍ରଶାସନ ବିଭାଗର ପ୍ରାୟ ଦୁଇ ଏକର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଛି। ବିଡିଏ ଆଜି ପ୍ରଥମ ଦିନରେ ପ୍ରାୟ ୨ ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରିଛି। ଏଠାରେ ଆହୁରି ପ୍ରାୟ ଦେଢ଼ ଏକର ସରକାରୀ ଜମି ଜବରଦଖଲରେ ଥିବା ବେଳେ ଶୁକ୍ରବାର ପୁଣି ଜବରଦଖଲ ଉଚ୍ଛେଦ ଆରମ୍ଭ ହେବ ବୋଲି ବିଡିଏ କର୍ତ୍ତୃପକ୍ଷ କହିଛନ୍ତି। ଉଚ୍ଛେଦର ପ୍ରଥମ ଦିନରେ ୫୪ଟି ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଯେଉଁଥିରେ ୩୮ଟି କଂକ୍ରିଟ୍ ଘର ଓ ନିର୍ମାଣାଧୀନ ୪ଟି ଘର ସହ ଅନ୍ୟ ଅବାଧ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି। ନିର୍ମାଣାଧୀନ ଲୁହା ସେଡ୍ ଓ ପ୍ରାୟ ୧୦୦ ଫୁଟ ଲମ୍ବ କଂକ୍ରିଟ୍ ପ୍ରାଚୀର ଭଙ୍ଗାଯାଇଛି। ବୁଲ୍‌ଡୋଜର ସବୁ ଭାଙ୍ଗି ଗୁଣ୍ଡ କରିଦେଇଛି। କାଲି ବି ପୁଣି ବୁଲ୍‌ଡୋଜର ବୁଲିବ। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଆଜି ବ୍ୟାପକ ପୁଲିସ ମୁୟତନ କରାଯାଇଥିଲା। ଉଚ୍ଛେଦ ପୂର୍ବରୁ ବିଡିଏ ଜବରଦଖଲକାରୀଙ୍କୁ ଉଚ୍ଛେଦ ନୋଟିସ୍ ଜାରି କରିଥିଲା। ସ୍ୱେଚ୍ଛାକୃତ ଭାବେ ଜମି ଖାଲି କରିବାକୁ କୁହାଯାଇଥିଲା। କିଛି ଜବରଦଖଲକାରୀଙ୍କୁ ଛାଡ଼ିଦେଲେ ବାକି ସେହିଭଳି ଜାଗାରେ ରହିଥିଲେ। ବିଡିଏ ଯୁଗ୍ମ କମିସନର ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଆଜି ସକାଳେ ଜେସିବି ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ତଥାପି ଆଜି କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଜବରଦଖଲକାରୀଙ୍କୁ ଆସବାବ ସ୍ଥାନାନ୍ତର ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲା ବୋଲି ଯୁଗ୍ମ କମିସନର ଶ୍ରୀ ଜେନା କହିଛନ୍ତି।

# ଲଗାଣ ବର୍ଷାରେ ବେହାଲ ଭୁବନେଶ୍ୱର



**ଭୁବନେଶ୍ୱର(ବ୍ୟୁରୋ) :** ଭାସିଲା ରାଜଧାନୀ ଉପକଣ୍ଠ । ଲଗାଣ ବର୍ଷାରେ ବେହାଲ ଭୁବନେଶ୍ୱର । ଜଳମଗ୍ନ ସ୍ଥିତି ଯୋଗୁଁ ଦାରୁଠେଙ୍ଗରେ ନାହିଁ ନଥିବା ସମସ୍ୟା । ଅଳସୁଆ ନିକଟରେ ପାଣି ଘେରରେ ଫସିଲେ ଏକାଧିକ ପରିବାର । ଚାହୁଁ ଚାହୁଁ ହଠାତ୍ ବୃଦ୍ଧି ହେଲା ଜଳସ୍ତର । ୧୫ରୁ ଅଧିକ ପରିବାର ସମେତ ଜଳବନ୍ଦୀ ଲୋକଙ୍କୁ ଅଗ୍ନିଶମ ବାହିନୀ ରେସକ୍ୟୁ କରିଥିଲା । ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ଚଳାଇଛି ରେସକ୍ୟୁ ଅପରେସନ। ଦାରୁଠେଙ୍ଗ ଅଳସୁଆ ରାସ୍ତା ଜଳମଗ୍ନ । ଅଳସୁଆ ଠାରେ ରାସ୍ତା ଉପରେ ୫ ଫୁଟର ବର୍ଷା ପାଣି ଚାଲିବା ଫଳରେ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଛି । ଅନେକ ଘର ମଧ୍ୟ ଜଳମଗ୍ନ ହୋଇଯାଇଛି । ଫଳରେ ଅନେକ ପରିବାର ଜଳବନ୍ଦୀ ହେଇ ରହିଛନ୍ତି। ଲୋକଙ୍କ ଠାରୁ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଲାଇଫ ଜ୍ୟାକେଟ ଏବଂ ବୋଟ ସାହାଯ୍ୟରେ ଘର ପାଖକୁ ଯାଇ ଲୋକଙ୍କୁ ଉଦ୍ଧାର କରିଛନ୍ତି । ୧୭ ଜଣଙ୍କୁ ଉଦ୍ଧାର କରିଛି ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ । ଉଦ୍ଧାରଙ୍କ ମଧ୍ୟରେ ୩ ଜଣ ଶିଶୁ, ଜଣେ ବୃଦ୍ଧା, ୧୧ ମହିଳା ଏବଂ ୨ ପୁରୁଷ । ସମସ୍ତଙ୍କୁ ଅଗ୍ନିଶମ ବାହିନୀ ଘର ଭିତରୁ ହାତରେ ଉଠାଇ ଆଣି ବୋଟ ସାହାଯ୍ୟରେ କୂଳକୁ ଆଣିଥିଲେ । ଅଗ୍ନିଶମ ବାହିନୀ ଅଧିକାରୀ ବିପ୍ଳବ କୁମାର ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ଏହି ଉଦ୍ଧାର କାର୍ଯ୍ୟ କରିଥିଲେ । କିଛିଦିନ ଧରି ଲଗାଣ ବର୍ଷାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଡେରାସ ଓ ଝୁମୁକା ଡ୍ୟାମରୁ ଆସୁଥିବା ପାଣି କେନାଲ ଦେଇ ଦାରୁଠେଙ୍ଗ ନିକଟରେ ମିଶିଛି।

## ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ପରିବର୍ତ୍ତନ ଉଦ୍ୟମ ନେଇ ସାମ୍ବାଦିକ ସଂଘର ବିରୋଧ

# ଆୟୁଷ୍ମାନ ସହ ମିଶିଲେ ଆନ୍ଦୋଳନ ଚେତାବନୀ




**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ରହିଛି । ହେଲେ ଏବେ ରାଜ୍ୟ ସରକାର ଏଥିରେ ପରିବର୍ତ୍ତନ କରିବାକୁ ମସୁଧା କରୁଛନ୍ତି । ସାମ୍ବାଦିକଙ୍କ ପାଇଁ ଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ପରିବର୍ତ୍ତନ କରି ଆୟୁଷ୍ମାନ ଭାରତ ସହ ମିଶାଇବାକୁ ଉଦ୍ୟମ କରୁଥିବା ନେଇ ଖବର ପ୍ରଘଟ ହେବା ପରେ ରାଜ୍ୟବ୍ୟାପୀ ସାମ୍ବାଦିକ ମହଲରେ ଅସନ୍ତୋଷ ଦେଖାଦେଇଛି । ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'କୁ ଉଚ୍ଛେଦ କରି ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ପ୍ରତିବାଦରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ତଥାପି ନିବୃତ୍ତ ନହେଲେ ରାଜ୍ୟର କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ପରୀପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟବ୍ୟାପୀ ପ୍ରତିବାଦ କରିବାକୁ ବାଧ୍ୟ ହେବ ବୋଲି ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଚେତାବନୀ ଦେଇଛନ୍ତି । ସେହିପରି ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଓୟୁଜେ) ସଭାପତି ପ୍ରସନ୍ନ ମହାନ୍ତି କହିଛନ୍ତି, ବହୁତ ସଂଗ୍ରାମ ପରେ ସାମ୍ବାଦିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଯୋଜନା ହୋଇଥିଲ । ଏହାକୁ ଆୟୁଷ୍ମାନ ଯୋଜନା ସହ ଯୋଡ଼ିଲେ ଘାତକ ନିଷ୍ପତ୍ତି ହେବ । କିଛି ରାଜ୍ୟରେ ଏହାକୁ ଲାଗୁ କରାଗଲାଣି । ଯେଉଁମାନେ ଏହା ସପକ୍ଷରେ ଯୁକ୍ତି ଦର୍ଶାଉଛନ୍ତି, ସେମାନେ ସାମ୍ବାଦିକ ବିରୋଧୀ । ଆୟୁଷ୍ମାନ ସହ ଯୋଡିଲେ ଏହାର ସ୍ୱତନ୍ତ୍ରତା ଲୋପ ପାଇଯିବ । ଆମେ ଦାବି କରୁଛୁ, ଏହାର ଅର୍ଥ ରାଶିକୁ ୫ ଲକ୍ଷରୁ ବୃଦ୍ଧି କରାଯାଇ ୧୦ ଲକ୍ଷ କରାଯାଉ । ଅଧିକ ସୁବିଧା ସୁଯୋଗ ଦେବା ବଦଳରେ କମାଉଛନ୍ତି। ସରକାର ଆସିବାର ପ୍ରଥମ ବର୍ଷରୁ ଏହାକୁ ଯୋଡିବାକୁ ଚେଷ୍ଟା କରୁଛନ୍ତି । ଆଗକୁ ସାରା ରାଜ୍ୟରେ ଓୟୁଜେ ଆନ୍ଦୋଳନ କରିବ । ଏହାକୁ କରାଇ ଦିଆଯିବ ନାହିଁ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି । ଏହି ପ୍ରସଙ୍ଗରେ କେବଳ ସାମ୍ବାଦିକ ନୁହଁନ୍ତି, ବିଭିନ୍ନ ରାଜନୈତିକ ଦଳ ମଧ୍ୟ ମୁହଁ ଖୋଲିଛନ୍ତି । ସାମ୍ବାଦିକଙ୍କ ସପକ୍ଷରେ ମତ ରଖିଛନ୍ତି । ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି, ବିଜେଡି ସରକାରଙ୍କ ସମୟରେ ସାମ୍ବାଦିକଙ୍କ ଚିକିତ୍ସା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ କାର୍ଡ କରିଥିଲେ । ହେଲେ ବିଜେପି ସରକାର ଏବେ ଆୟୁଷ୍ମାନ ଯୋଜନାରେ ଏହାକୁ ମିଶାଇବାକୁ ଯାଉଛନ୍ତି । ଆୟୁଷ୍ମାନ କାର୍ଡରେ ସାଧାରଣ ଲୋକ ଠିକ୍ରେ ଚିକିତ୍ସା ପାଇ ପାରୁନାହାନ୍ତି । ଲୋକ ହଇରାଣ ହେଉଛନ୍ତି । ସାମ୍ବାଦିକ କ'ଣ ପାଇବେ । ଏ ସରକାର ସାମ୍ବାଦିକଙ୍କୁ ଅଣଦେଖା କରୁଛନ୍ତି । ଯାହା କି ଦୁଃଖଦାୟକ । ଆମେ ସରକାରଙ୍କୁ ନିବେଦନ କରୁଛୁ, ଏଥିରୁ ନିବୃତ୍ତ ରୁହନ୍ତୁ । ନହେଲେ ଆମେ ଏହାକୁ ବିଧାନସଭାରେ ଉଠାଇବୁ । ସାମ୍ବାଦିକଙ୍କ ଅଧିକାର ପାଇଁ ଲଢ଼େଇ କରିବୁ । ସାମ୍ବାଦିକ କୋଭିଡ ସମୟରେ ଜୀବନକୁ ବାଜି ଲଗାଇ କାମ କରୁଥିଲେ । ଏବେ ବନ୍ୟା ସମୟରେ ମଧ୍ୟ ବିପଦପୂର୍ଣ୍ଣ ସ୍ଥାନରେ କାମ କରୁଛନ୍ତି । ତେଣୁ ତାଙ୍କ ପାଇଁ ସରକାର ଏ ଯୋଜନାକୁ ଅଧିକ କ୍ରିୟାଶୀଳ କରନ୍ତୁ । ନ ହେଲେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ଦିଶାରୀ ସତର୍କ କରାଇଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଆୟୁଷ୍ମାନ କାର୍ଡରେ ସବୁ ଲୋକ ସାମିଲ ହୋଇ ପାରୁନାହାନ୍ତି । ଲୋକେ ଏଥିରେ ହଇରାଣ ହେଉଛନ୍ତି । ପୁଣି ଏଥିରେ ସାମ୍ବାଦିକଙ୍କୁ ସାମିଲ କରିବା ଠିକ୍ ନୁହେଁ । ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କାଟିବା ଠିକ୍ ନୁହେଁ । ଏ ନେଇ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିବି ବୋଲି ଶ୍ରୀ କାଡ଼ାମ କହିଛନ୍ତି । କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି, ରାଜ୍ୟରେ ଆୟୁଷ୍ମାନ ଯୋଜନା ବାଟବଣା ହୋଇଛି । ଏ ପର୍ଯ୍ୟନ୍ତ ଆୟୁଷ୍ମାନ ଯୋଜନାର ନୀତି ନିୟମ ନାହିଁ । ଲୋକମାନେ ହଇରାଣ ହେଉଛନ୍ତି । ସାମ୍ବାଦିକଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ନିନ୍ଦନୀୟ । ସେମାନଙ୍କୁ ପୂର୍ବ ଭଳି ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଉ ବୋଲି ଶ୍ରୀ ଦାସ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆୟୁଷ୍ମାନ ଯୋଜନାରେ ସାମ୍ବାଦିକଙ୍କୁ ସାମିଲ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଗତ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ସ୍ୱାସ୍ଥ୍ୟ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହ ବୈଠକ ବସିଥିଲା ଯେଉଁଥିରେ ସାମ୍ବାଦିକଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ସାମ୍ବାଦିକଙ୍କ ସ୍ୱାସ୍ଥ୍ୟକୁ ନେଇ ସରକାର ଦାୟିତ୍ୱବାନ ଅଛନ୍ତି। ଯଦି ସାମ୍ବାଦିକମାନେ ଆୟୁଷ୍ମାନରେ ସାମିଲ ହେବା ପାଇଁ ମନା କରୁଛନ୍ତି, ସରକାର ଏହାର ତର୍ଜମା କରିବେ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି ।

# ଭାବୀପତ୍ନୀଙ୍କୁ ଉପହାର ଦେବା ପାଇଁ ଯୁବତୀଙ୍କଠୁ ମୋବାଇଲ ଲୁଟି ଧରାପଡ଼ିଲେ ଯୁବକ

**ଭୁବନଶ୍ୱେର(ବୁରୋ):** ଭାବି ପତ୍ନୀଙ୍କୁ ଉପହାର ଦେବା ପାଇଁ ପାଖରେ ଟଙ୍କା ନଥିବାରୁ ସାଙ୍ଗଙ୍କ ସହ ମିଶି ମୋବାଇଲ ଲୁଟିଲା । ହେଲେ ସିସିଟିଭି ଫୁଟେଜ ଆଧାରରେ ପୁଲିସ ହାତରେ ଧରାପଡ଼ି ଜେଲ୍ ଗଲା । ଏଭଳି ଘଟଣା ଘଟିଛି ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ । ପୁଲିସ ଏହି ଯୁବକ ସହ ତା' ସାଙ୍ଗକୁ ଗିରଫ କରିଛି । ଯୁବକ ଜଣକ ହେଲା ୟୁନିଟ୍-୬ କାଳୀମନ୍ଦିର ବସ୍ତିରେ ରହୁଥିବା ନୟାଗଡ଼ ଓଡ଼ଗାଁର ରଥି ଓରଫ ରାକେଶ ନାୟକ(୨୯) ଓ ତା'ର ସହଯୋଗୀ ହେଲା କ୍ୟାପିଟାଲ ମାର୍କେଟ କମ୍ପ୍ଲେକ୍ସରେ ରହୁଥିବା ଜଗତସିଂହପୁର ରଘୁନାଥପୁରର ଟିଙ୍କୁ ଓରଫ ଦେବବ୍ରତ ବରାଳ(୩୪) । ପୁଲିସ ସେମାନଙ୍କଠାରୁ ଲୁଟ୍ ମୋବାଇଲ ଜବତ କରିଛି । ପୁଲିସେ ସୂଚନା ଅନୁଯାୟୀ, ରାକେଶର ବାହାଘର ଠିକ୍ ହୋଇସାରିଛି । ହେଲେ ଭାବି ପତ୍ନୀଙ୍କୁ ସେ ଏକ ଉପହର ଦେବା ପାଇଁ ଚାହିଁଥିଲେ । ଗତ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୭ଟାରେ ଅଭିଯୋଗକାରିଣୀ ରାଜଶ୍ରୀ ସାହୁ ଅଫିସ କାମ ସାରି ଘରକୁ ଫେରୁଥିବା ବେଳେ ନାଗେଶ୍ୱର ଟାଙ୍ଗୀ ରାଧାବଲ୍ଲଭ ମଠ ନିକଟରୁ ରାକେଶ ଓ ତାଙ୍କ ଦୁଇ ସହଯୋଗୀ ଦେବବ୍ରତ ଏବଂ ସିଟୁ ଏକ ପଲ୍ସର ବାଇକ୍‌ରେ ଆସି ତାଙ୍କ ହାତରୁ ମୋବାଇଲ ଝାମ୍ପି ନେଇ ପଳାଇଥିଲେ ।

### ଦେଶ-ବିଦେଶରେ ସୋନପୁରୀ ବାର୍ତ୍ତାପଟର ରହିଛି ସ୍ୱତନ୍ତ୍ର ପରିଚୟ

# ସରକାରୀ ଯୋଜନାରୁ ପ୍ରକୃତ ବୁଣାକାର ବଞ୍ଚିତ



**ଅମରପାଲି(ଅମୃତ ମିଡିଆ):** ସୁବର୍ଣ୍ଣପୁର ଜିଲାର ସମୃଦ୍ଧ ବାନ୍ଧକଳା ଓ ହସ୍ତତନ୍ତ ପରମ୍ପରା ସବୁବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି। ସମ୍ବଲପୁରୀ ଶାଢ଼ି ଏବଂ ସୋନପୁରୀ ବାର୍ତ୍ତାପାଟ ପାଇଁ ଦେଶବ୍ୟାପୀ ଖ୍ୟାତି ଅର୍ଜନ କରିଥିବା ଏହି ଜିଲାର ବୀରମହାରାଜପୁର ଉପଖଣ୍ଡ ଆଜି ବି ବାନ୍ଧକଳାର ଏକ ପ୍ରମୁଖ କେନ୍ଦ୍ର। ଏଠାରେ ହାତରେ ବୁଣାଯାଉଥିବା ସୋନପୁରୀ ବାର୍ତ୍ତାପାଟ ଓ ବାନ୍ଧ ଶାଢ଼ିର ଦେଶ, ବିଦେଶରେ ବେଶ୍ ଚାହିଦା ରହିଛି। ଶୁକ୍ରବାର ଜାତୀୟ ହସ୍ତତନ୍ତ ଦିବସ ପାଳନ ହେବାକୁ ଥିବା ବେଳେ ସରକାରୀ ଯୋଜନାର ସୁଫଳରୁ ପ୍ରକୃତ ବୁଣାକାର ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଜିଲାରେ ବର୍ତ୍ତମାନ ୬,୬୩୩ଟି ତନ୍ତ ଥିବାବେଳେ ୧୩,୧୧୨ ବୁଣାକାର ଏହି ପାରମ୍ପରିକ ବୃତ୍ତି ସହ ଜଡ଼ିତ ଅଛନ୍ତି। ସେମାନଙ୍କ ସହାୟତା ପାଇଁ ୭୦ ସମବାୟ ସମିତି କାର୍ଯ୍ୟ କରୁଛି। ବୀରମହାରାଜପୁର ବ୍ଲକରେ ୨,୮୧୭ ବୁଣାକାର ଓ ୨,୦୦୪ ତନ୍ତ ଥିବାବେଳେ ଉଲୁଣ୍ଡା ବ୍ଲକରେ ୩,୫୧୯ ବୁଣାକାର ଓ ୧,୬୬୭ ତନ୍ତ ରହିଛି। ବୀରମହାରାଜପୁର ବ୍ଲକର ସୁବଳୟା, ଟିକ୍ରାପଡ଼ା, ଆମ୍ବସରଭଟ୍ଟା, କେନ୍ଦୁପାଲି, ରଥିପଡ଼ା, ହନୁମାନପାଲି, ଚମ୍ପାପୁର, କମଳପୁର ଓ ଖମ୍ବେଶ୍ୱରୀପାଲି ସମେତ ଉଲୁଣ୍ଡା ବ୍ଲକର ଜଗନ୍ନାଥପାଲି, ଲିମ୍ବପାଲି, ନିମ୍ନା, ଦଶରାଜପୁର, ମାଟଖାଇ, ଚଡେଇପଙ୍କ, ଇଚ୍ଛାପୁର, କୁମରକେଲି, ମାନପୁର ଏବଂ ନାରାୟଣଟିକ୍ରା ଆଦି ଗ୍ରାମରେ ପ୍ରତିଦିନ ଅନେକ ହଜାର ହସ୍ତତନ୍ତ ବସ୍ତ୍ର ବୁଣାଯାଉଛି। ବୀରମହାରାଜପୁର ବ୍ଲକରେ ୮ ଏବଂ ଉଲୁଣ୍ଡା ବ୍ଲକରେ ୧୨ ସମବାୟ ସମିତି ବୁଣାକାରମାନଙ୍କ ସହାୟତା ପାଇଁ କାର୍ଯ୍ୟରତ ଅଛି। ହସ୍ତତନ୍ତ କାରିଗରଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସୂତାରେ ସବ୍ସିଡି, ଆଧୁନିକ ତନ୍ତ, ଯନ୍ତ୍ରପାତି କ୍ରୟ ପାଇଁ ବ୍ୟାଙ୍କ ଋଣ ଏବଂ ସୁଧ ରିହାତି, ବୀମା ସୁବିଧା, ନୂତନ ଡିଜାଇନ, ରଙ୍ଗକରଣ ସମ୍ପର୍କିତ ପ୍ରଶିକ୍ଷଣ, ବିପଣନ ସହାୟତା, ସମବାୟ ସମିତି ମାଧ୍ୟମରେ କଞ୍ଚାମାଲ ଯୋଗାଣ, ୱିଭର୍ସ ସର୍ଭିସ ସେଣ୍ଟରର ପ୍ରଯୁକ୍ତିଗତ ସହାୟତା ଏବଂ ବୟନିକା ମାଧ୍ୟମରେ ବିପଣନ ସହ ବିଭିନ୍ନ ସୁବିଧା ଯୋଗାଇ ଦେଉଛନ୍ତି। ତେବେ ଏସବୁ ସୁବିଧାର ପ୍ରକୃତ ଲାଭ ସମସ୍ତ ବୁଣାକାରଙ୍କ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ ଉଠୁଛି। ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମର ବୁଣାକାର ମନୋଜ ମେହେର କହିଛନ୍ତି, ବୁଣାକାରଙ୍କ ପାଇଁ ଥିବା ଅନେକ ଯୋଜନା ଏବେ ବି ଅଧିକାଂଶ କାରିଗରଙ୍କ ପାଖରେ ପହଞ୍ଚିତ୍ ପାରୁନାହିଁ। ଅନେକ ଯୋଗ୍ୟ କାରିଗର ଆଜି ମଧ୍ୟ ବୁଣାକାର ପରିଚୟପତ୍ର ପାଇନାହାନ୍ତି। ବିଭାଗ ସାମୂହିକ ଭାବେ ବୁଣାକାରଙ୍କ ଉନ୍ନତି ଦିଗରେ ଅଧିକ ପଦକ୍ଷେପ ନେଲେ ସ୍ଥିତିରେ ସୁଧାର ଆସିପାରିବ। ଉଲୁଣ୍ଡା ବ୍ଲକ ମାନପୁର ଗ୍ରାମର ବୁଣାକାର ସସ୍ମିତା ମେହେର କହିଛନ୍ତି, ସରକାରଙ୍କ ପକ୍ଷରୁ ଅନେକ କଲ୍ୟାଣକାରୀ ଯୋଜନା ରହିଥିଲେ ମଧ୍ୟ ତାହାର ସୁଫଳ ଉପଯୁକ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚୁନାହିଁ। ଫଳରେ ଯୋଗ୍ୟ ବୁଣାକାରମାନେ ନିରାଶ ହେଉଛନ୍ତି। ସୁବଳୟା ଟିକ୍ରାପଡ଼ାର ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଘନଶ୍ୟାମ ମେହେର କହିଛନ୍ତି, ସ୍ଥାନୀୟ ଅଞ୍ଚଳରେ ବଜାରର ଅଭାବ ଯୋଗୁ ବୁଣାକାରମାନେ ନିଜ ଉତ୍ପାଦିତ ବସ୍ତ୍ରକୁ ଦଲାଲ ଓ ବ୍ୟବସାୟୀଙ୍କୁ କମ ଦାମରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହାର ସର୍ବାଧିକ ଲାଭ ବ୍ୟବସାୟୀମାନେ ପାଉଥିବାବେଳେ ପ୍ରକୃତ ବୁଣାକାର ଉଚିତ ମୂଲ୍ୟରୁ ବଞ୍ଚିତ ହେଉଛନ୍ତି। ସରକାର ବୁଣାକାର ବହୁଳ ଅଞ୍ଚଳରେ ସ୍ଥାୟୀ ବଜାର ବ୍ୟବସ୍ଥା କରିବା ସହ ହସ୍ତତନ୍ତ ବସ୍ତ୍ର କ୍ରୟକୁ ପ୍ରୋତ୍ସାହନ ଦେଲେ କାରିଗରମାନେ ଅଧିକ ଉପକୃତ ହେବେ। ସୁବର୍ଣ୍ଣପୁର ଜିଲା ବୟନିକା ଭାରପ୍ରାପ୍ତ ଉପନିର୍ଦ୍ଦେଶକ ସୁନୀଲ ଲାଲ ମଣ୍ଡଳଙ୍କୁ ପଚାରିବାରେ ବୁଣାକାରମାନେ ବିଭିନ୍ନ ଯୋଜନା ପାଇଁ ଆବେଦନ କଲେ ତାଙ୍କୁ ଏକ ଟିମ ତର୍ଜମା କରି ସହାୟତା ଯୋଗାଇ ଦେଉଛନ୍ତି। ଜିଲାରେ ବୟାନ ଶିଳ୍ପର ଉନ୍ନତି ପାଇଁ ସରକାର ସବୁବେଳେ ଚେଷ୍ଟିତ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବୀରମହାରାଜପୁର ଅଞ୍ଚଳର ଲବ କୁମାର ମେହେର ଓ ଘନଶ୍ୟାମ ମେହେର ବାନ୍ଧକଳା ପାଇଁ ଜାତୀୟ ପୁରସ୍କାର ଲାଭ କରିଥିବାବେଳେ ଗଣେଶ ମେହେର, ତ୍ରିପୁରାରୀ ମେହେର, ମଙ୍ଗୁଲୁ ମେହେର ପ୍ରମୁଖ ରାଜ୍ୟ ପୁରସ୍କାର ପାଇଛନ୍ତି। ଜାତୀୟ ହସ୍ତତନ୍ତ ଦିବସରେ ବାନ୍ଧକଳାର ଐତିହ୍ୟ ଓ ବୁଣାକାରଙ୍କ ଅବଦାନକୁ ସମ୍ମାନ ଜଣାଯାଉଥିବା ବେଳେ, ପ୍ରକୃତ କାରିଗରଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବା, ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଦଲାଲ ପ୍ରଥା ଉପରେ ନିୟନ୍ତ୍ରଣ କରାଯିବା ଦରକାର ବୋଲି ବୁଦ୍ଧିଜୀବୀ ଓ ବୁଣାକାରମାନେ ମତ ପ୍ରକାଶ କରିଛନ୍ତି।

# କାର୍‌କୁ ଧକ୍କାଦେଲା ଯାତ୍ରୀବାହି ବସ୍, ଘଟଣାସ୍ଥଳରେ ଉତ୍ତେଜନା



**ଭଦ୍ରକ(ଅମୃତ ମିଡିଆ):** ୧୬ ନମ୍ବର ଜାତୀୟ ରାଜପଥ ଗେଲପୁର ଛକ ନିକଟରେ କାରକୁ ପଛରୁ ଧକ୍କା ଦେଲା ଯାତ୍ରୀବାହି ବସ । ଧକ୍କା ଦେଇ କାରକୁ ଘୋଷାଡ଼ି ନେଇଥିଲା । ବିଳମ୍ବିତ ରାତିରେ ଚଣ୍ଡିଖୋଲରୁ ବାଲେଶ୍ୱର ଅଭିମୁଖେ ଗୋଟିଏ କାରରେ ୪ ଜଣ ବ୍ୟକ୍ତି ଆସୁଥିଲା ବେଳେ ପଛରୁ ଏକ ଦ୍ରୁତଗାମୀ ଯାତ୍ରୀବାହି ବସ ଭଦ୍ରକ ଗ୍ରାମାଞ୍ଚଳ ଥାନା ଗେଲପୁର ଛକ ନିକଟ ର ଧକ୍କା ଦେଇଥିଲା । କାରର ପଛ ଭାଗ ନଷ୍ଟ ହୋଇ ଯାଇଥିଲେ ମଧ୍ୟ କେହି ଆହତ ହୋଇ ନାହାନ୍ତି । ବସ -କାର ଡ୍ରାଇଭରଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ସୂଚନା ଅନୁସାରେ, ଚଣ୍ଡିଖୋଲରୁ ବାଲେଶ୍ୱର ଅଭିମୁଖେ ଏକ କାରରେ ଚାରିଜଣ ବ୍ୟକ୍ତି ଯାତ୍ରା କରୁଥିଲେ। କାରଟି ଗେଲପୁର ଛକ ନିକଟରେ ପହଞ୍ଚିଥିବା ବେଳେ ପଛପଟୁ ଆସୁଥିବା ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ ଏହାକୁ ଜୋରଦାର ଧକ୍କା ଦେଇଥିଲା। ଧକ୍କାର ପ୍ରଭାବ ଏତେ ଅଧିକ ଥିଲା ଯେ ବସଟି କାରକୁ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଦୁର୍ଘଟଣାରେ କାରର ପଛପଟ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଛି। ତେବେ କାରରେ ଥିବା ଚାରିଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବାରୁ ସମସ୍ତେ ସୁରକ୍ଷିତ ଅଛନ୍ତି। ଘଟଣା ପରେ ବସ ଓ କାର ଚାଳକଙ୍କ ମଧ୍ୟରେ ଘଟଣାକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା, ଯାହା ଫଳରେ କିଛି ସମୟ ପାଇଁ ସେହି ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

# ବାଙ୍କୀରେ ଡାଇରିଆ ଆତଙ୍କ, ୫୦ରୁ ଅଧିକ ଆକ୍ରାନ୍ତ



**ବାଙ୍କୀ(ଅମୃତ ମିଡିଆ):** ବାଙ୍କୀରେ ଡାଇରିଆ ଆତଙ୍କ । ୫୦ରୁ ଅଧିକ ଆକ୍ରାନ୍ତ । କଟକ ଜିଲ୍ଲା ବାଙ୍କୀ ବ୍ଲକ କାଳିପୋଇ ପଞ୍ଚାୟତର କରଡାପଲି ଗାଁରେ ଡାଇରିଆ ଆତଙ୍କ ଖେଳାଇଛି । ଗତ ଦୁଇ ଦିନରେ ୫୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ମହିଳା, ପୁରୁଷଙ୍କ ସମେତ ଛୋଟ ଛୋଟ ପିଲା ମଧ୍ୟ ଅଛନ୍ତି । ଅସୁସ୍ଥଙ୍କୁ କଳପଥର ସ୍ୱାସ୍ଥ୍ୟକେନ୍ଦ୍ର ଓ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହେବା ପରେ ଘରକୁ ଫେରିଛନ୍ତି । ପିଇବା ପାଣିରୁ ଡାଇରିଆ ବ୍ୟାପି ଥିବାର ଗ୍ରାମବାସୀ ସନ୍ଦେହ କରୁଛନ୍ତି । ଗାଁରେ ପହଞ୍ଚି ଘର ଘର ଯାଇ ଓଆରଏସ ଓ ଔଷଧ ବଣ୍ଟନ କରୁଛନ୍ତି ଆଶା , ଅଙ୍ଗନୱାଡି କର୍ମୀ । ଏଥିସହ ଖୋଲା କୁଆରେ ବ୍ଲିଚିଂ ପାଉଡର ପକାଯାଉଛି । ଅନ୍ୟପଟେ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ରର କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟ ବିଭାଗ ର ଟିମ୍ ପହଞ୍ଚି ନାହାନ୍ତି । ସେହିପରି ଗତକାଲି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖରିଦା ଗ୍ରାମରେ ଭୋଜି ଖାଇବା ପରେ ଅଚାନକ ଆରମ୍ଭ ହୋଇଥିଲା ଝାଡ଼ାବାନ୍ତି । ଏହି ଘଟଣା ଦେଖାଦେଇଛି । ଏକ ଘର ପ୍ରତିଷ୍ଠା ଉତ୍ସବରେ ଭୋଜି ଖାଇବା ପରେ ଅଚାନକ ଝାଡ଼ାବାନ୍ତି ବ୍ୟାପିବାରୁ ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଛି । ଭୋଜି ଖାଇଥିବା ୭୦ ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ମିଳିଥିଲା । ସେମାନଙ୍କ ମଧ୍ୟରୁ ୫୦ ରୁ ଅଧିକ ଲୋକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଆକ୍ରାନ୍ତ ମାନଙ୍କ ମଧ୍ୟରେ ୩୦ରୁ ଅଧିକ ଶିଶୁ ରହିଥିବା ସୂଚନା ମିଳିଥିଲା ।

# ଭୋଜି ଖାଇ ଝାଡ଼ାବାନ୍ତିରେ ୩୦ ଶିଶୁଙ୍କ ସହ ଶହେରୁ ଊର୍ଦ୍ଧ୍ୱ ଆକ୍ରାନ୍ତ



**ଜଳେଶ୍ୱର(ଅମୃତ ମିଡିଆ):** ବାଲେଶ୍ୱରଜିଲ୍ଲା ଜଳେଶ୍ୱର ବ୍ଲକ ବର୍ତ୍ତନା ପଞ୍ଚାୟତର ଖରିଦା ଗ୍ରାମରେ ଗତକାଲି (ବୁଧବାର) ରାତିରେ ଏକ ଘର ପ୍ରତିଷ୍ଠା ଭୋଜି ଖାଇ ଝାଡ଼ାବାନ୍ତିରେ ୩୦ ଶିଶୁଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୫ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଜଳେଶ୍ୱର ଜିକେ ଭଞ୍ଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିବରଣୀରୁ ପ୍ରକାଶ, ଗତକାଲି (ବୁଧବାର) ଖରିଦା ଗାଁର ବିଜୟ ମହାନ୍ତିଙ୍କ ଘର ପ୍ରତିଷ୍ଠା ଉତ୍ସବ ଥିଲା। ଏହି ଅବସରରେ ଦିନରେ ପୂଜାର୍ଚ୍ଚନା ହୋଇଥିବା ବେଳେ ରାତିରେ ଭୋଜିର ବ୍ୟବସ୍ଥା ହୋଇଥିଲା। ଏଥିରେ ଆଉ ୫୦୦ ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ। ବିଳମ୍ବିତ ରାତିରେ କେତେକଙ୍କୁ ଝାଡାବାନ୍ତି ଆରମ୍ଭ ହୋଇଥିଲା। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସମ୍ପର୍କୀୟ ମାନେ ଆଜି ପୂର୍ବାହ୍ନରେ ଜିକେ ଭଞ୍ଜ ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲେ। ହସ୍ପିଟାଲରେ ସେମାନଙ୍କ ଚିକିତ୍ସା ଚାଲିଥିବା ବେଳେ ଗାଁରେ କିନ୍ତୁ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ଅପରାହ୍ନ ବେଳକୁ ଝାଡାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଶହେରୁ ଊର୍ଦ୍ଧ୍ୱ ପହଞ୍ଚିଥିବା କୁହାଯାଇଛି। ଏହି ରିପୋର୍ଟ ଲେଖା ହେବା ଯାଏଁ ଜିକେ ଭଞ୍ଜ ହସ୍ପିଟାଲରେ ୩୫ ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା ଚାଲିଛି। ସେମାନେ ହେଲେ ପୁର୍ଣ୍ଣିମା ଗିରି, କୁସୁମଲତା ମହାଳିକ, ଲକ୍ଷ୍ମୀପ୍ରିୟା ମହାଳିକ, ଅରୁଣ ହୁଇ, ସାଗରିକା ହୁଇ, ନଗେନ୍ଦ୍ର ସାମଲ, କରୁଣାକର ହୁଇ, ରୁପଶ୍ରୀ ଗିରି,ପ୍ରିୟଙ୍କା ମହାନ୍ତି, ଦୀପକ ମହାଳିକ, ବିକ୍ରମ ଗିରି, ଦେବଯାନୀ ମହାନ୍ତି, ପ୍ରଶାନ୍ତ ପାଳ, ବେବୀ ଗିରି, ପଦ୍ମିନୀ ପାଳ, ଯତୀନ ପାଳ, ରାଧାରାଣୀ ପାଳ, ଦୀପକ ମହାନ୍ତି, ମମତା ପାଳ, ଭୋଳାନାଥ ଗିରି ପ୍ରମୁଖ। ତେବେ ୩ ଜଣ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଅରୂପ ଅଭିଷେକ, ଜିକେ ଭଞ୍ଜ ହସ୍ପିଟାଲର ଡାକ୍ତର ବିନୋଦ ପ୍ରଧାନ ଓ ଡାକ୍ତର ମନୋଜ ଜାହାଙ୍ଗୀର ଙ୍କ ତତ୍ତ୍ୱାବଧାନରେ ହସ୍ପିଟାଲରେ ଚିକିତ୍ସା ଚାଲିଛି। ଆସନ୍ତା କାଲି ଗାଁ କୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ଭୀଷ୍ମ ପରିଡ଼ା।

# ବେଆଇନ୍ ଲିଙ୍ଗ ନିରୂପଣରେ ନାହିଁ ଲଗାମ, ଚାଲିଛି ବେଧଡ଼କ ଭ୍ରୂଣହତ୍ୟା



**ଅନୁଗୋଳ(ଅମୃତ ମିଡିଆ):** କନ୍ୟାଭ୍ରୁଣ ହତ୍ୟା ନେଇ ସମସ୍ତେ ଚିନ୍ତିତ । କନ୍ୟା ସନ୍ତାନକୁ ନେଇ ଜୋରଦାର ବୟାନ ବାଜି । ନିୟମିତ ବସୁଛି ପିସିପିଏନ୍‌ଡିଟି ବୈଠକ । ସେପଟେ ଜିଲ୍ଲା ପ୍ରଶାସନ କଠୋର ଆଇନ୍ ଓ ବ୍ୟାପକ ସଚେତନତା କଥା କହୁଥିବା ବେଳେ ଅନୁଗୋଳ ଜିଲ୍ଲାରେ କିନ୍ତୁ ବେଆଇନ୍ ଲିଙ୍ଗ ନିରୂପଣରେ ଲଗାମ ନାହିଁ । ନବଜାତ ଲିଙ୍ଗ ଅନୁପାତରେ ଅନୁଗୋଳର ପ୍ରଦର୍ଶନ ଅତି ଖରାପ ରହିଛି । ହଜାରେ ପୁଅରେ ୯ ଶହରୁ କମ୍ ଝିଅ ଥିବା ବେଳେ ଗତ ଜୁନ୍ ମାସରେ ଝିଅ ସଂଖ୍ୟା ୮ ଶହ ତଳକୁ ଖସିଯାଇଥିଲା । ଯାହାକୁ ନେଇ କେବଳ ଜିଲ୍ଲା ପ୍ରଶାସନ ନୁହଁ ରାଜ୍ୟ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଛି । ସଚେତନତାକୁ ବ୍ୟାପକ କରିବା ସହିତ ବେଆଇନ୍ ଲିଙ୍ଗ ନିରୂପଣ ବିରୋଧରେ ଏନ୍‌ଫୋର୍ସମେଣ୍ଟ୍‌କୁ ଜୋରଦାର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ସୂଚନା ମୁତାବକ, ଗତ ମାର୍ଚ୍ଚ ମାସ ସୁଦ୍ଧା ନବଜାତ ଲିଙ୍ଗ ଅନୁପାତରେ ଅନୁଗୋଳ ଜିଲ୍ଲା ଗ୍ରୀନ୍ ଜୋନ୍‌ରେ ଥିଲା । ହଜାରେ ପୁଅରେ ୯୦୦ ଝିଅ ରହିଥିଲେ । ମାତ୍ର ଏପ୍ରିଲ୍ ମାସଠୁ ପ୍ରଦର୍ଶନ ବିଗିଡ଼ି ଚାଲିଛି । ଉଦ୍‌ବେଗର ବିଷୟ, ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ପ୍ରଦର୍ଶନ ଭଲ ଥିବା ବେଳେ ଅବଶିଷ୍ଟ ୬ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ନୈରାଶ୍ୟଜନକ ରହିଛି । ସମାଜରେ ଝିଅ ସଂଖ୍ୟା ହ୍ରାସ ହେଲେ ବହୁ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ରହିଥିଲେ ହେଁ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା ରୋକିବା ଦିଗରେ ପ୍ରଶାସନ ସଫଳ ହୋଇପାରିନାହିଁ । ଅପରପକ୍ଷରେ ବ୍ୟାପକ ସଚେତନତା ସତ୍ତ୍ୱେ ଝିଅଙ୍କ ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀ ବଦଳୁନି । କନ୍ୟା ସନ୍ତାନକୁ ବୋଝ ଭାବୁଛନ୍ତି ଦମ୍ପତି । ପ୍ରସବ ପୂର୍ବରୁ ଭ୍ରୁଣର ଲିଙ୍ଗ ନିରୂପଣ କରୁଛନ୍ତି । କନ୍ୟା ସନ୍ତାନ ଜାଣିବା ପରେ ମାତୃଗର୍ଭରେ ହିଁ ଭ୍ରୁଣକୁ ହତ୍ୟା କରାଯାଉଛି । ପୂର୍ବରୁ ଲିଙ୍ଗ ନିରୂପଣ ପାଇଁ ସହର ବାହାରର କିଛି ଅସାଧୁ କ୍ଲିନିକ୍‌କୁ ଲୋକ ଯାଉଥିଲେ। ହେଲେ ଏବେ ଅନୁଗୋଳ ଜିଲ୍ଲାରେ ଅନେକ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ଭାରି ଚତୁରତାର ସହିତ ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହୋଇଛି । ଗତବର୍ଷ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କୋଲିୟରୀ ଥାନା ଇଲାକାରେ ଏକ ବେଆଇନ୍ ଲିଙ୍ଗ ନିରୂପଣ କେନ୍ଦ୍ରରେ ଚଢ଼ଉ କରିଥିଲା । ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ବିଭିନ୍ନ କ୍ଲିନିକ୍‌ରେ ଯାଞ୍ଚ କରାଉଥିଲେ ହେଁ ଲିଙ୍ଗ ନିରୂପଣ ଉପରେ କାଣିଚାଏ ବି ପ୍ରଭାବ ପଡୁନାହିଁ । ସେପଟେ ଜିଲ୍ଲାରେ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍‌ରେ ଲିଙ୍ଗ ନିରୂପଣ ପ୍ରମୁଖ ଚ୍ୟାଲେଞ୍ଜ୍ ଭାବେ ଉଭା ହୋଇଛି। କିଛି ଅସାଧୁ ଗୋଷ୍ଠୀ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦେଉଛନ୍ତି । ଲୁଚାଛପାରେ ମାସକୁ ଶହ ଶହ ଲିଙ୍ଗ ନିରୂପଣ କରୁଛନ୍ତି । ପ୍ରଥମେ ଲିଙ୍ଗ ନିରୂପଣ କରିବାକୁ ଚାହୁଁଥିବା ଦମ୍ପତିଙ୍କୁ ଚିହ୍ନଟ କରୁଛନ୍ତି ଦଲାଲ୍ । ୧୦ରୁ ଅଧିକ କେସ୍ ମିଳିବା ପରେ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦେଇ ଲିଙ୍ଗ ନିରୂପଣ କରାଯାଉଥିବା ଅନୁସନ୍ଧାନରୁ ଜଣାପଡିଛି । ଜିଲ୍ଲାରେ ନବଜାତ ଲିଙ୍ଗ ଅନୁପାତକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା ପ୍ରକଟ କରିଛି । ଲୋକ ସଚେତନ ହେଲେ ହିଁ କନ୍ୟାଭ୍ରୂଣ ହତ୍ୟାରେ ବିରାମ ଲାଗିପାରିବ ।

# ରାସ୍ତାରେ ଜଳିଗଲା ପାର୍ସଲ ଭ୍ୟାନ, ଅଳ୍ପକେ ବର୍ତ୍ତିଲେ ଚାଳକ

**ସୋର(ଅମୃତ ମିଡିଆ) :** ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ୧୬ ନମ୍ବର ଜାତୀୟ ରାଜପଥ ଉପରେ ପାର୍ସଲ କଣ୍ଟେନରରେ ଅଗ୍ନିକାଣ୍ଡ ହୋଇଛି । ତେବେ ଏହି ଅଗ୍ନିକାଣ୍ଡରେ କୌଣସି ଜୀବନହାନି କିମ୍ବା ଆହତ ହୋଇନଥିବା ଜଣାପଡ଼ିଛି । ଗୁରୁବାର ରାତି ପ୍ରାୟ ୧୦ଟା ୪୫ ସମୟରେ କାନପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ପାର୍ସଲ ଭ୍ୟାନରେ ହଠାତ୍ ଧୂଆଁ ବାହାରିବା ସହ ନିଆଁ ଲାଗିଥିଲା । ପାର୍ସଲ କଣ୍ଟେନରରେ ଅଗ୍ନିକାଣ୍ଡ ଘଟି ଧୂଆଁ ବାହାରିବାରୁ ଡ୍ରାଇଭର ଜଣକ ଜାଣି ପାରି ଗାଡ଼ିକୁ ସିମୁଳିଆ ଇଲେକ୍ଟ୍ରି ଅଫିସ ନିକଟରେ ଅଟକାଇଥିଲେ । ଖବର ପାଇ ସିମୁଳିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପରେ ଅଗ୍ନିଶମ ବାହିନୀ ମଧ୍ୟ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅଗ୍ନିକାଣ୍ଡ ଯୋଗୁଁ କିଛି ସମୟ ପାଇଁ ରାଜପଥରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ରହିଥିଲା । ପରେ ପୁଲିସର ହସ୍ତକ୍ଷେପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ଏହି କଣ୍ଟେନର ଭିତରେ ବିଭିନ୍ନ ପ୍ରକାରର ଲକ୍ଷାଧିକ ଟଙ୍କାର ପାର୍ସଲ ରହିଥିଲା । ଏକବଡ ଧରଣରର ଅଗ୍ନିକାଣ୍ଡରେ କଣ୍ଟେନରଟି ବର୍ତ୍ତି ଯାଇଛି। କଣ୍ଟେନରଟି କୋଲକାତାରୁ ଭୁବନେଶ୍ୱର ଆସୁଥିଲେ । ଏବେ ନିଆଁ ଲାଗିବାର ପ୍ରକୃତ କାରଣ କଣ, ସେନେଇ ତଦନ୍ତ ଜାରି ରହିଛି ।

### ସଂସଦରେ ପାଣିକୋଇଲି ଟ୍ରମା କେୟାର ପ୍ରସଙ୍ଗ

# ପିପିପି ମୋଡ୍‌ରେ କେରଳ ସଂସ୍ଥାକୁ ପରିଚାଳନା ଦାୟିତ୍ୱ



**କୋରେଇ(ଅମୃତ ମିଡିଆ):** ଯାଜପୁର ପାଣିକୋଇଲିଠାରେ ୧୦୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ୨୦୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟରକୁ କାର୍ଯ୍ୟକ୍ଷମ କରିବା ପ୍ରସଙ୍ଗ ଲୋକସଭାରେ ଉଠିଛି। କୋରାପୁଟ ସାଂସଦ ସପ୍ତଗିରି ଉଲାକା ଗତ ଜୁଲାଇ ୩୧ରେ ଏ ନେଇ ପ୍ରଶ୍ନ ଉଠାଇଥିବାବେଳେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପରାଓ ଯାଦବ ଘରୋଇ-ସରକାରୀ ସହଭାଗିତା (ପିପିପି ମୋଡ୍)ରେ ଏହା ଚାଲିବ ବୋଲି ଉତ୍ତର ରଖିଛନ୍ତି। ସାଂସଦ ଶ୍ରୀ ଉଲାକା ପ୍ରଶ୍ନରେ ଉଲ୍ଲେଖ କରିଥିଲେ ଯେ ୨୦୨୫ ଜୁନ୍‌ରେ ଉଦ୍‌ଘାଟିତ ଏହି ଟ୍ରମା କେୟାର ସେଣ୍ଟର ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଜାତୀୟ ରାଜପଥ-୧୬ ଓ ୨୦ର ସଙ୍ଗମସ୍ଥଳ ପାଣିକୋଇଲିରେ ଅବସ୍ଥିତ ଏହି ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ର ଯାଜପୁର ସହ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲାର ଲୋକଙ୍କ ପାଇଁ ଜରୁରି ସ୍ୱାସ୍ଥ୍ୟସେବାର ପ୍ରମୁଖ ଭରସା ହୋଇପାରିବ। ନିର୍ମାଣ ଓ ଅତ୍ୟାଧୁନିକ ଉପକରଣ ସ୍ଥାପନ ସରିଥିଲେ ମଧ୍ୟ ସେବା ଆରମ୍ଭ ହେଉ ନ ଥିବାରୁ ଅସନ୍ତୋଷ ବଢୁଥିବା ସେ କହିଥିଲେ। ଏହାର ଜବାବ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଥିଲେ, ଓଡ଼ିଶା ସରକାର ଟ୍ରମା କେୟାର ସେଣ୍ଟରକୁ ପିପିପି ମୋଡ୍‌ରେ ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ପରିଚାଳନା ଦାୟିତ୍ୱ କେରଳର ଏଚ୍‌ଏଲ୍‌ଏଲ୍ ଲାଇଫ୍‌କେୟାର ଲିମିଟେଡ୍‌କୁ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ସଂସ୍ଥା କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବ ବୋଲି ସେ ସୂଚନା ଦେଇଥିଲେ। ଏପରି ସ୍ଥିତିରେ ପାଣିକୋଇଲି ଟ୍ରମା କେୟାର ସେଣ୍ଟରକୁ ଉପଖଣ୍ଡସ୍ତରୀୟ ସରକାରୀ ହସ୍‌ପିଟାଲ୍ ଘୋଷଣା କରିବା ଦାବି ପୁଣିଥରେ ଜୋର ଧରିଛି। ଯାଜପୁର ୟୁଥ୍ ଫୋରମ୍ ପକ୍ଷରୁ ଆଇନଜୀବୀ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ପ୍ରାୟ ୧୦ ହଜାର ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପୂର୍ବରୁ ପ୍ରଦାନ କରାଯାଇଛି। ଫୋରମ୍‌ର ମତ ହେଲା, ୨୦୦ ଶଯ୍ୟାବିଶିଷ୍ଟ ଏହି କେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ହସ୍‌ପିଟାଲ୍ ମାନ୍ୟତା ଦିଆଗଲେ ଜନସାଧାରଣ ଉନ୍ନତ ଚିକିତ୍ସା ସୁବିଧା ପାଇବେ। ଅନ୍ୟପକ୍ଷରେ ପିପିପି ମୋଡ୍‌ରେ ପରିଚାଳନା ହେଲେ ମଧ୍ୟବିତ୍ତ ଓ ଗରିବ ରୋଗୀମାନେ ଆର୍ଥିକ ବୋଝ ବହନ କରିବାକୁ ବାଧ ହେବେ ବୋଲି ଫୋରମ୍ ଆଶଙ୍କା ପ୍ରକାଶ କରିଛି। ସରକାର ନିଷ୍ପତ୍ତିରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି।

# ପାତିଙ୍କ ଉତ୍ପାତରେ ଗାଁ ଗହଳିରୁ ଲୋପ ପାଇଗଲେଣି କାଉ



**ନୟାଗଡ଼(ଅମୃତ ମିଡିଆ):** କାଉ କାଆ ଡାକିଲେ ରାତି ପାହିଲା ବୋଲି ଲୋକେ ଜାଣୁଥିଲେ । ଏବେ କିନ୍ତୁ ରାତି ପାହିଲେ ଆଉ ଶୁଣିବାକୁ ମିଳୁନି କାଉର କାଆ ଡାକ । ଗାଁ ହେଉ କି ସହର କାଉ ସଂଖ୍ୟା ଧୀରେଧୀରେ ହ୍ରାସ ପାଉଥିବା ଦେଖିବାକୁ ମିଳୁଛି । କାଉ ପଲ ବଦଳରେ ଦେଖିବାକୁ ମିଳୁଛି ୨/୩ଟି କାଉ । କାଉ ବଂଶ ଧୀରେଧୀରେ ଲୋପ ପାଇବାକୁ ବସିଲାଣି । ଯେଉଁ ଗାଁରେ ଶହ ଶହ ସଂଖ୍ୟାରେ ଏମାନେ ବାସ କରୁଥିଲେ ଆଜିକାଲି ୪/୫ଟି କାଉଙ୍କୁ ଦେଖିବାକୁ ମିଳୁନି । ଆଉ କିଛି ବର୍ଷ ପରେ କାଉମାନଙ୍କୁ ଆଉ ଆଦୌ ଦେଖିବାକୁ ମିଳିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଲାଣି । ଗାଁ ଗହଳିର ଚାଳ ଘରେ ବାସ କରୁଥିବା ଘରଚଟିଆ ଓ ଶାଗୁଣାମାନଙ୍କ ବଂଶ ଲୋପ ପାଇଯାଉଥିବାବେଳେ ଏବେ କାଉ ଓ ବଗ ବଂଶ ଲୋପ ପାଇବାକୁ ବସିଲାଣି । ପାତି ମାଙ୍କଡ଼ଙ୍କ ଦୌରାତ୍ମ୍ୟରେ କାଉ ଓ ବଗ ବଂଶ ଲୋପ ପାଇଯାଉଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି । ମୃତ ପଚାସଢ଼ା ଜୀବଜନ୍ତୁ ଖାଇ ପରିବେଶକୁ ଦୁର୍ଗନ୍ଧ ଓ ପ୍ରଦୂଷଣରୁ ମୁକ୍ତ ରଖି ମଣିଷର ବନ୍ଧୁ ଭଳି ସହାୟତା କରୁଥିବା ଏହି ଉପକାରୀ ପକ୍ଷୀ ଲୋପ ପାଇବା ପରିବେଶ ଉପରେ କୁପ୍ରଭାବ ପକାଉଛି। ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ତାଳକଣି, ଲୋଧାଚୁଆ, ଖଇରପଲ୍ଲୀ, ଗଡ଼ବାଣିକିଲୋ, କୁଳାଶର ପ୍ରଭୃତି ୫ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ପାତି ମାଙ୍କଡ଼ମାନଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି । ପାତିମାନେ ଗଛରେ କୌଣସି ପକ୍ଷୀଙ୍କ ବସା ରଖୁ ନାହାନ୍ତି । ଗଛକୁ ଗଛ ବୁଲି କାଉ ଓ ବଗଙ୍କ ବସାରୁ ଅଣ୍ଡା ଖୋଜିଖୋଜି ଖାଉଛନ୍ତି । ଫଳରେ କାଉ ଓ ବଗମାନଙ୍କ ବଂଶ ବୃଦ୍ଧି ପାଇପାରୁ ନାହିଁ । ପାତି ମାଙ୍କଡ଼ ଭଳି ହନୁମାଙ୍କଡ଼ ଗାଁ ଗହଳି ଏବଂ ଗଛ ଡାଳରେ ଘୂରି ବୁଲୁଥିଲେ ମଧ୍ୟ ସେମାନେ କାଉ ବସା ନିକଟକୁ ଯାଉ ନାହାନ୍ତି । କାଉମାନେ ହନୁ ମାଙ୍କଡ଼ମାନଙ୍କୁ ଥଣ୍ଟରେ ଖୁମ୍ପି ସେମାନେ ବସା କରିଥିବା ଗଛରୁ ଘଉଡ଼ାଇ ଦେଉଛନ୍ତି । କିନ୍ତୁ ପାତି ମାଙ୍କଡ଼ମାନଙ୍କ କ୍ଷେତ୍ରରେ ଓଲଟା ଦେଖିବାକୁ ମିଳୁଛି । କାଉମାନଙ୍କ ଆକ୍ରମଣକୁ ପାତିମାନେ ଡରୁ ନାହାନ୍ତି । ବରଂ କାଉମାନଙ୍କୁ ପ୍ରତିଆକ୍ରମଣ କରୁଛନ୍ତି । ଗଛରେ କାଉଙ୍କୁ ଗୋଡ଼ାଇ ମାରି ଦେବାକୁ ଉଦ୍ୟମ କରୁଛନ୍ତି । କାଉ ବସା ପାଖରେ ଡିଆଁଡିଇଁ କରି ବସା ଭାଙ୍ଗି ଦେଉଛନ୍ତି । ଏପରିକି ଗାଁ ଗହଳିର ଲୋକମାନଙ୍କୁ ଏମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ରାସ୍ତାରେ ଯାଉଥିବା ଲୋକଙ୍କୁ କାମୁଡ଼ି ଗୋଡ଼ାଉଛନ୍ତି । ଘରେ ପଶି ଖାଦ୍ୟ ସାମଗ୍ରୀ ଖାଇ ଯାଉଛନ୍ତି । ଜଙ୍ଗଲ ଲୋପ ପାଇବା ଯୋଗୁଁ ଖାଦ୍ୟାଭାବର ସମ୍ମୁଖୀନ ହୋଇ ମାଙ୍କଡ଼ମାନେ ଜନବସତିମୁହାଁ ହେଉଛନ୍ତି । ସେମାନଙ୍କ ଖାଦ୍ୟ ଶୈଳୀରେ ମଧ୍ୟ ପରବର୍ତ୍ତନ ଆସିଥିବା ଲକ୍ଷ୍ୟ କରାଯାଉଛି । ବନ ବିଭାଗର କଡ଼ା ଆଇନ୍ ଏବଂ ଧାର୍ମିକ ଭାବନା ନେଇ ଲୋକେ ମାଙ୍କଡ଼ମାନଙ୍କୁ ଘଉଡ଼ାଇବା ବ୍ୟତୀତ ଆଉ କିଛି କରି ପାରୁନାହାନ୍ତି । ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନନେଲେ ଆଉ ଅଳ୍ପ ଦିନ ପରେ କାଉମାନଙ୍କୁ ଆଉ ଦେଖିବାକୁ ମିଳିବ ନାହିଁ । ଗ୍ରାମାଞ୍ଚଳ ଭଳି ସହରାଞ୍ଚଳରେ ମଧ୍ୟ କାଉଙ୍କ ସଂଖ୍ୟା ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଇଛି । ଆଗ ଭଳି କାଉମାନଙ୍କ ମେଳି ଦେଖିବାକୁ ମିଳୁ ନାହିଁ । ସହରର ଜଳଖିଆ ଦୋକାନ ସମ୍ମୁଖରେ ସକାଳୁ ସକାଳୁ ଖାଦ୍ୟ ପାଇଁ ଶହ ଶହ କାଉମାନେ ମେଳି ବାନ୍ଧିଥାନ୍ତି । କିନ୍ତୁ ଏବେ ତାହା ବହୁ ପରିମାଣରେ କମି ଯାଇଛି । ଦୋକାନ ଆଗରେ ବହୁ କମ୍ ସଂଖ୍ୟକ କାଉଙ୍କୁ ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ କୁହନ୍ତି, କାଉମାନେ ପରିବେଶ ସ୍ୱଚ୍ଛତାର ବନ୍ଧୁ । ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ । ସ୍ଥାନୀୟ ଅଞ୍ଚଳବାସୀ, ପରିବେଶବିତ୍, ବନ ବିଭାଗ ଏବଂ ସ୍ୱେଚ୍ଛାସେବୀମାନେ ଏ ଦିଗରେ ଗୁରୁତ୍ୱ ଦେଇ କାଉ ଅଣ୍ଡା ଦେବା ସମୟରେ ପାତିମାନଙ୍କୁ ଘଉଡ଼ାଇବାର ବ୍ୟବସ୍ଥା କଲେ କାଉମାନେ ଅଣ୍ଡା ଫୁଟାଇ ବଂଶବୃଦ୍ଧି କରି ପାରିବେ । ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଅନୁରାଗ ଦାଶଙ୍କୁ କହିଛନ୍ତି, ପାତି ମାଙ୍କଡ଼ମାନେ ମଣିଷ ଭଳି ସବୁ ଖାଦ୍ୟ ଖାଇଥାନ୍ତି । ତେବେ କାଉ ଲୋପ ପାଇବାର ମୁଖ୍ୟ କାରଣ ପାତିମାନେ କାଉ ଅଣ୍ଡା ଖାଇ ଦେବା ଯୋଗୁଁ ହେଉଥିବାବେଳେ ବାହାରେ ବିଷକ୍ରିୟାରେ ମୃତ ମୂଷା କିମ୍ବା ଅନ୍ୟାନ୍ୟ ବିଷାକ୍ତ ଖାଦ୍ୟ ଖାଇବା, ଉଚ୍ଚ ଗଛ କଟାଯିବାରୁ କାଉ ବସା ବାନ୍ଧିବାରେ ଅସୁବିଧାରୁ କାଉ ବଂଶ କମି ଯାଉଛି ବୋଲି ମତ ଦେଇଛନ୍ତି । ପରିବେଶକୁ ସ୍ୱଚ୍ଛ ରଖି ରୋଗ ଦାଉରୁ ଲୋକଙ୍କୁ ରକ୍ଷା କରୁଥିବା ଏହି ପକ୍ଷୀର ସୁରକ୍ଷା ପାଇଁ ପ୍ରଶାସନ, ସ୍ୱେଚ୍ଛାସେବୀ, ବୈଜ୍ଞାନିକ, ପରିବେଶବିତ୍ ଆଗେଇ ଆସିବା ଦରକାର ବୋଲି ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି ।




# ସେପ୍ଟେମ୍ବରରେ ଭାରତ-ପାକିସ୍ତାନ ମଧ୍ୟରେ ପୁଣି ହେବ କ୍ରିକେଟ୍ ମୁକାବିଲା




**ନୂଆଦିଲ୍ଲୀ ;** ଏସୀୟ କ୍ରିକେଟ୍ କାଉନସିଲ ପକ୍ଷରୁ ମହିଳା ଏସିଆ କପ୍ ପାଇଁ କ୍ରୀଡ଼ାସୂଚୀ ଓ ଭେନ୍ୟୁ ଘୋଷଣା କରାଯାଇଛି । ଚଳିତ ମାସ ୨୮ ତାରିଖରୁ ଏସିଆ କପ୍ ଟି-ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ସେପ୍ଟେମ୍ବର ମାସ ୫ ତାରିଖରେ ବହୁ ପ୍ରତିକ୍ଷୀତ ଭାରତ-ପାକିସ୍ତାନ ମୁକାବିଲା ଖେଳାଯିବ । ସେପ୍ଟେମ୍ବର ୧୩ ତାରିଖରେ ଫାଇନାଲ୍ ଅନୁଷ୍ଠିତ ହେବ । ଏସିଆର ୮ଟି ଦଳକୁ ନେଇ ଏସିଆ କପ୍ ଖେଳାଯିବ । ସମସ୍ତ ଦଳକୁ ୨ଟି ଗ୍ରୁପରେ ଭାଗ କରାଯାଇଛି । ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିଛନ୍ତି । ଭାରତ, ପାକିସ୍ତାନ, ଚୀନ୍ ଓ ଥାଇଲାଣ୍ଡ ଗ୍ରୁପ୍ ଏ'ରେ ସ୍ଥାନ ପାଇଛନ୍ତି । ସେହିପରି ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ ଓ ୟୁଏଇ ଗ୍ରୁପ୍ ବି'ରେ ରହିଛନ୍ତି । ଉଭୟ ଗ୍ରୁପର ଶ୍ରେଷ୍ଠ ୨ ଦଳ ସେମି ଫାଇନାଲ୍‌ରେ ପ୍ରବେଶ କରିବେ । ସେପଟ୍ଟେମ୍ବର ୧୦ ଓ ୧୧ ତାରିଖରେ ସେମି ଫାଇନାଲ୍ ଆୟୋଜିତ ହେବ । ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡ଼ିୟମ୍‌ରେ ସମସ୍ତ ମ୍ୟାଚ ଖେଳାଯିବ । ଭାରତୀୟ ସମୟ ଅନୁଯାୟୀ ଅପରାହ୍ଣ ୬.୩୦ରେ ମ୍ୟାଚ ଆରମ୍ଭ ହେବ । ସୂଚନାଯୋଗ୍ୟ ଶ୍ରୀଲଙ୍କା ଡିଫେଣ୍ଡିଂ ଚାମ୍ପିଅନ ଭାବେ ଟୁର୍ଣ୍ଣାମେଣ୍ଟକୁ ଓହ୍ଲାଇବ । ପୂର୍ବରୁ ୨୦୧୮ରେ ବାଂଲାଦେଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ଭାରତ ସର୍ବାଧିକ ୩ଥର (୨୦୧୨, ୨୦୧୬ ଓ ୨୦୨୨) ଏସିଆ କପ୍ ଚାମ୍ପିଅନ୍ ହୋଇଛି । ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ ବନାମ ପାକିସ୍ତାନ ସେପଟ୍ଟେମ୍ବର ୫ରେ ମୁହାଁମୁହିଁ ହେବେ । ଘୋଷଣା ହେବ ଟିମ୍ ଇଣ୍ଡିଆ ଘୋଷଣା- ଏସିଆ କପ ସିଡ୍ୟୁଲ ଜାରି ହୋଇ ସାରିଛି । ଖୁବଶୀଘ୍ର ଭାରତୀୟ ଦଳ ବି ଘୋଷଣା ହେବ । ଆଶା କରାଯାଉଛି କି, ଭାରତୀୟ ଟିମର କମାଣ ହର୍ମମନପ୍ରୀତ କୌରଙ୍କ ହାତରେ ରହିବ । ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ର ବି ସେ ନେତୃତ୍ୱ ନେଇଥିଲେ । ପାକିସ୍ତାନ ବିପକ୍ଷରେ ବିଜୟ ହାସଲ କରିଥିଲା ଭାରତ । ସେପଟ୍ଟେମ୍ବର ୧୭ରୁ ୨୪ ଯାଏ ଜାପାନରେ ଏସିଆ ଗେମ୍ସ ଆୟୋଜନ ହେବ । ଅର୍ଥାତ ଏସି କପ ସରୁ ସରୁ ଏସିଆ ଗେମ୍ସ ଆରମ୍ଭ ହୋଇଯିବ । ଟିମ୍ ଇଣ୍ଡିଆ ଏକଦମ ପ୍ୟାକ୍ ରହିବ । ଏସିଆ କପରେ ଭାରତ ଅଗଷ୍ଟ ୩୦ରେ ଥାଇଲାଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୩ରେ ହଂକଂ ବିପକ୍ଷରେ ଖେଳିବ ।

# ଆମଷ୍ଟରଡମ ପକ୍ଷରୁ ଟି-୨୦ ଲିଗ୍ ଖେଳିବେ ରାହାଣେ



**ନୂଆଦିଲ୍ଲୀ :** ନିକଟରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିବା ଟିମ ଇଣ୍ଡିଆର ବ୍ୟାଟର ଅଜିଙ୍କ୍ୟ ରାହାଣେ ନିଜର ନୂଆ ଇନିଂସ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ ଆମଷ୍ଟରଡାମ୍ ଫ୍ଲେମ୍ସରେ ଷ୍ଟାର ଖେଳାଳି ଭାବେ ସାମିଲ ହୋଇଛନ୍ତି । ଅର୍ଥାତ ୟୁରୋପୀୟ ଟି-୨୦ ପ୍ରିମିୟର ଲିଗର ଉଦଘାଟନୀ ସଂସ୍କରଣରେ ସେ ଆମଷ୍ଟେରଡମ ପକ୍ଷରୁ ଖେଳିବେ । ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ ଆସନ୍ତା ଅଗଷ୍ଟ ୨୬ରୁ ଆରମ୍ଭ ହେବ । ଜୁଲାଇ ୩୦ରେ ରାହାଣେ ଅନ୍ତର୍ଜାତୀୟ କ୍ରିକେଟ ଓ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ । ସେ ଭାରତ ପାଇଁ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଓ ୨୦ଟି ଟି-୨୦ ଖେଳିଛନ୍ତି । ତାଙ୍କୁ ୨୦୨୩ ଜୁଲାଇରେ ଶେଷ ଥର ଭାରତ ପାଇଁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଦେଖିବାକୁ ମିଳିଥିଲା । ଏହାପରେ ଜାତୀୟ ଟିମରୁ ସେ ବାଦ ପଡ଼ିଥିଲେ । କମବ୍ୟାକ ପାଇଁ ସେ ଅନେକ ଚେଷ୍ଟା କରିଥିଲେ ହେଁ ଏହା ସଫଳ ହୋଇ ନଥିଲା । ଶେଷରେ ସେ ଚଳିତ ବର୍ଷ ଜୁଲାଇ ୩୦ରେ ଲୁହଭିଜା ଆଖିରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ । ଏବେ ସେ ବିଦେଶରେ ଟି-୨୦ ଲିଗ ଖେଳିବାକୁ ଯାଉଥିବା ଘୋଷଣା କରିଛନ୍ତି । ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ ପକ୍ଷରୁ ରାହାଣେଙ୍କ ବିବୃତିକୁ ଶୁକ୍ରବାର ଜାରି କରାଯାଇଛି । ଏଥିରେ ସେ କହିଛନ୍ତି, "କ୍ରିକେଟ୍ ମୋତେ ବହୁତ କିଛି ଦେଇଛି । ମୁଁ ସବୁବେଳେ ବିଶ୍ୱାସ କରେ ଯେ ଜଣେ ଖେଳାଳିର ଦାୟିତ୍ୱ ହେଉଛି ସେ ଯେଉଁ ଖେଳକୁ ପାଇଛି, ତା'କୁ ଆହୁରି ଶକ୍ତିଶାଳୀ କରିବା । ୟୁରୋପ ଏବେ କ୍ରିକେଟ୍‌ରେ ଏକ ରୋମାଞ୍ଚକର ପର୍ଯ୍ୟାୟରେ ପ୍ରବେଶ କରୁଛି । ଏଠାରେ କ୍ରିକେଟର ବଡ଼ ସମ୍ଭାବନା ରହିଛି । ଆମଷ୍ଟରଡାମ୍ ଫ୍ଲେମ୍ସ ଗୋଟିଏ ଏଭଳି ସଂସ୍ଥା ପଡ଼ିଆ ଭିତରେ ଓ ବାହାରେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବ । ମୁଁ ପରିଚାଳନା ଟିମ୍ ସହ କାମ କରି ଗୋଟିଏ ସଫଳ ଫ୍ରାଞ୍ଚାଇଜି ଗଢ଼ିବା ସହିତ ଆଗାମୀ ପିଢ଼ିକୁ ପ୍ରେରଣା ଦେବା ଓ ୟୁରୋପରେ କ୍ରିକେଟ୍‌ର ଭବିଷ୍ୟତକୁ ଆହୁରି ମଜବୁତ କରିବାକୁ ଉତ୍ସାହିତ । ରାହାଣେ ବର୍ତ୍ତମାନ ଇଂଲଣ୍ଡରେ ରହି 'ଦ ହଣ୍ଡ୍ରେଡ୍' ଟୁର୍ଣ୍ଣାମେଣ୍ଟରେ କମେଣ୍ଟେଟର ଭାବେ କାର୍ଯ୍ୟ କରୁଛନ୍ତି । ଆମଷ୍ଟରଡାମ୍ ଫ୍ଲେମ୍ସର ସହ ପ୍ରତିଷ୍ଠାତା ତଥା ଚିଫ୍ କ୍ରିକେଟ୍ ଅଫିସର ହେଉଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ୍ ୱଗ । ସେ ରାହାଣେଙ୍କୁ ନିଜ ଦଳକୁ ସ୍ୱାଗତ କରିଛନ୍ତି । ଅଜିଙ୍କ୍ୟ ରାହାଣେ ନିଜ କ୍ୟାରିୟରରେ କେବଳ ପ୍ରଦର୍ଶନ ପାଇଁ ନୁହେଁ, ବରଂ ପଡ଼ିଆ ଭିତରେ ଓ ବାହାରେ ନିଜର ଆଚରଣ ପାଇଁ ମଧ୍ୟ କ୍ରିକେଟ୍ ଜଗତରେ ସମ୍ମାନ ଅର୍ଜନ କରିଛନ୍ତି । ଚାପର ପରିସ୍ଥିତିରେ ତାଙ୍କର ଶାନ୍ତ ମନୋଭାବ ଓ ନେତୃତ୍ୱ ଗୁଣକୁ ମୁଁ ନିଜେ ଦେଖିଛି । ଏହି ଗୁଣଗୁଡ଼ିକ ଏକ ବିଜୟୀ ଦଳୀୟ ସଂସ୍କୃତି ଗଢ଼ିବାରେ ସହାୟକ ହୁଏ । ଆମଷ୍ଟରଡାମ୍ ଫ୍ଲେମ୍ସକୁ ୟୁରୋପର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ୍ କ୍ଲବ୍‌ରେ ପରିଣତ କରିବା ସମୟରେ ତାଙ୍କ ଅଭିଜ୍ଞତା, ନେତୃତ୍ୱ ଓ ଚରିତ୍ର ଅମୂଲ୍ୟ ସାବ୍ୟସ୍ତ ହେବ ବୋଲି ୱଗ୍ କହିଛନ୍ତି । ଆଇପିଏଲ୍‌ରେ ରହାଣେ ୬ଟି ଦଳ ପାଇଁ ୨୧୨ଟି ମ୍ୟାଚ୍ ଖେଳି ୫,୩୬୭ ରନ୍ ସଂଗ୍ରହ କରିଥିଲେ । ୨୦୨୫ ଓ ୨୦୨୬ ସିଜନରେ ସେ କୋଲକାତା ନାଇଟ୍ ରାଇଡର୍ସର ଅଧିନାୟକ ମଧ୍ୟ ଥିଲେ । ଏହାଛଡ଼ା ୨୦୨୩ରେ ଚେନ୍ନାଇ ସୁପର କିଙ୍ଗ୍ସ ସହ ଆଇପିଏଲ୍ ଟାଇଟଲ୍ ଜିତିବାକୁ ସକ୍ଷମ ହୋଇଥିଲେ ।

# କୋରିଆ ମାଷ୍ଟର୍ସ: ସେମିରେ ରକ୍ଷିତା, ଅସ୍ମିତା



**ଆସାନ୍ :** ଚଳିତ କୋରିଆ ଓପନ୍‌ର ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ଅଟକି ଯାଇଛନ୍ତି ନିକଟରେ ତାଇପେଇ ଓପନ୍ ବିଜୟିନୀ ହୋଇଥିବା ତନ୍ୱୀ ଶର୍ମା । ଏହି ୧୭ ବର୍ଷୀୟା ବାଳିକା ଗୁରୁବାର କଡ଼ା ସଂଘର୍ଷ କରି ତାଙ୍କ ସାଥୀ ଭାରତୀୟ ଖେଳାଳି ରକ୍ଷିତା ରାମରାଜ ୨୧-୧୮, ୧୯-୨୧, ୧୯-୨୧ରେ ହାରି ଯାଇଥିଲେ । ଏହି ବିଜୟ ସହ ରକ୍ଷିତା ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି । ସେହିପରି ଅନ୍ୟ ଏକ ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ଭାରତର ଅସ୍ମିତା ଚାଲିହା ୨୦-୨୨, ୨୧-୧୫, ୨୧-୧୯ରେ ଶୀର୍ଷ ମାନ୍ୟତାପ୍ରାପ୍ତ ହିନା ଆକେଚିଙ୍କୁ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି । ତେବେ ମହିଳା ଓ ମିଶ୍ରିତ ଯୁଗଳରେ ଭାରତୀୟଙ୍କ ଅଭିଯାନ ଶେଷ ହୋଇଛି । ମହିଳା ଯୁଗଳରେ ସୋନାଲି ସିଂହ ଓ ରିତିକା ଠକର ୧୫-୨୧, ୯-୨୧ରେ ସପ୍ତମ ମାନ୍ୟତାପ୍ରାପ୍ତ ଜାପାନ ଯୋଡ଼ଇ ସୁମିରେ ନକାଡେ ଓ ମିୟୁ ତାକାହାସିଙ୍କଠୁ ହାରି ବିଦାୟ ନେଇଛନ୍ତି । ସେହିଭଳି ମିଶ୍ରିତ ଯୁଗଳରେ ଷଷ୍ଠ ମାନ୍ୟତାପ୍ରାପ୍ତ ଈଶାନ ଭଟନଗର ଓ ଶ୍ରୁତି ମିଶ୍ରା ୧୬-୨୧, ୨୧-୧୬, ୧୩-୨୧ରେ ଦକ୍ଷିଣ କୋରିଆର ସିନ୍ ତାଏ-ୟାଙ୍ଗ ଓ କିମ୍ ୟୁ ଜୁଙ୍ଗଙ୍କଠୁ ପରାସ୍ତ ହୋଇଛନ୍ତି ।

# ଅଭ୍ୟାସ ମ୍ୟାଚରେ ଶ୍ରୀଲଙ୍କା ବ୍ୟାଟରଙ୍କ ବଡ଼ ସ୍କୋର



**ନୂଆଦିଲ୍ଲୀ :** କଲମ୍ବୋରେ ଆଜି ଭାରତୀୟ କ୍ରିକେଟ୍ ଟିମ୍ ଓ ଶ୍ରୀଲଙ୍କା ବୋର୍ଡ଼ ଏକାଦଶ ମଧ୍ୟରେ ଆରମ୍ଭ ହୋଇଛି ଅଭ୍ୟାସ ମ୍ୟାଚ୍ । ତେବେ ଏହି ମ୍ୟାଚରେ ଘରୋଇ ଦଳ ବ୍ୟାଟରମାନେ ଭାରତୀୟ ବୋଲରଙ୍କୁ ଖୁବ୍ ଧୋଇଥିବା ବେଳେ ଆଉ ଏକ ବଡ଼ ଝଟକା ଲାଗିଛି ଟିମକୁ । ଅଧିନାୟକ ଶୁବମନ ଗିଲ୍ ମ୍ୟାଚର ପ୍ରଥମ ଦିନରୁ ଆହତ ହୋଇଛନ୍ତି । ଅବଶ୍ୟ ଅଧିନାୟକ ଶୁବମାନ ଗିଲ୍ ମ୍ୟାଚ୍ ବେଳେ ନୁହେଁ ଟିମର ଅଭ୍ୟାସ ସମୟରେ ଆହତ ହୋଇଛନ୍ତି । ସେ ବ୍ୟାଟିଂ ଅଭ୍ୟାସ କରୁଥିବା ବେଳେ ଗୁରନୁର ବ୍ରାରଙ୍କ ବୋଲିଂରେ ଆହତ ହୋଇଥିଲେ । ତାଙ୍କ ବୁଢ଼ା ଆଙ୍ଗୁଠିରେ ଖୁବ୍ ଜୋରରେ ବଲ୍ ବାଜିଥିଲା । ତେବେ ସେ ଫିଜିଓଙ୍କ ଦେଖାଇ ଚିକିତ୍ସା କରିବା ପରେ ପୁଣି ବ୍ୟାଟିଂ ଜାରି ରଖିଥିଲେ । ତେଣୁ ତାଙ୍କର ଆଘାତ ଗୁରୁତର ନୁହେଁ ବୋଲି ଆଶା କରାଯାଉଛି । କାରଣ ସେ ଆଜି ମ୍ୟାଚରେ ଖେଳୁଛନ୍ତି । ଆଜି ଆରମ୍ଭ ହୋଇଥିବା ତିନି ଦିନିଆ ମ୍ୟାଚରେ ଶ୍ରୀଲଙ୍କା ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଛି ।

# କୋଲକତା ନାଇଟ୍ ରାଇଡର୍ସର କ୍ୟାପ୍ଟେନ ହେବେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ ;** ଟିମ୍ ଇଣ୍ଡିଆର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଏକ ବଡ଼ ଖବର ଆସୁଛି । ନା ଚେନ୍ନାଇ ନା ମୁମ୍ବାଇ । ନୂଆ ଦଳରେ ଯୋଗ ଦେଲେ ଅଲରାଉଣ୍ଡର ପାଣ୍ଡ୍ୟା । ରିପୋର୍ଟ ଅନୁସାରେ ହାର୍ଦ୍ଦିକ ପାଣ୍ଡ୍ୟା ୨୦୨୭ ଆଇପିଏଲରେ କୋଲକତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜରେ ଯୋଗ ଦେବେ । ଖାଲି ପ୍ଲେୟାର ନୁହେଁ ଅଧିନାୟତ୍ୱ କରିବେ ପାଣ୍ଡ୍ୟା । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ହାର୍ଦ୍ଦିକ ପାଣ୍ଡ୍ୟା କେବଳ କୋଲକାତା ନାଇଟ୍ ରାଇଡର୍ସରେ ଯୋଗଦେବେ ନାହିଁ ବରଂ ଅଧିନାୟକ ମଧ୍ୟ ହେବେ । କୋଲକାତା ଏମିତି ଏକ ଲିଡର ଖୋଜୁଛି । କୋଲକାତାର ଅଧିନାୟକତ୍ୱ କରିଥିବା ଅଜିଙ୍କ୍ୟ ରାହାଣେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି । ତେଣୁ କେକେଆରକୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ବାଜି ଲଗାଇବାକୁ ପଡିଲା । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ କୋଲକାତା ନାଇଟ୍ ରାଇଡର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ କଣ ଡିଲ୍ ହୋଇଛି ତାହା ଜଣାପଡିନାହିଁ । କିନ୍ତୁ ଚେନ୍ନାଇ ସୁପରକିଙ୍ଗସ ଏବଂ ରାଜସ୍ଥାନ ରୟାଲ୍ସ ଫ୍ୟାନ୍ସ ଏହି ଖବରରୁ ନିଶା ହେବେ କାରଣ ଏହି ଦୁଇ ଦଳ ହାର୍ଦ୍ଦିକଙ୍କୁ କିଣିବାକୁ ଚାହୁଁଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୧୬୨ଟି ଆଇପିଏଲ୍ ମ୍ୟାଚ୍ରେ ୨୭ ରୁ ଅଧିକ ହାରରେ ୨୯୫୫ ରନ୍ କରିଛନ୍ତି । ତାଙ୍କ ନାମରେ ୮୨ଟି ୱିକେଟ୍ ମଧ୍ୟ ଅଛି । ସେ ଗୁଜରାଟ ଟାଇଟାନ୍ସକୁ ଆଇପିଏଲ୍ ବିଜୟୀ କରାଇଥିଲେ । ଏହା ପରେ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନେତୃତ୍ୱ ମିଳିଥିଲା । କିନ୍ତୁ କିଛି ସିଜିନରେ ହେବ ଦଳର ପ୍ରଦର୍ଶନ ନିରାଶାଜନକ ରହିଛି ।

# ଭାରତୀୟ ମହିଳା ଦଳ ଦକ୍ଷିଣ ଆଫ୍ରିକା ଗସ୍ତସୂଚୀରେ ପରିବର୍ତ୍ତନ




**ନୂଆଦିଲ୍ଲୀ :** ଚଳିତ ବର୍ଷ ଡିସେମ୍ବର ମାସରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରିବ । ଏହି ଗସ୍ତର କାର୍ଯ୍ୟସୂଚୀରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି । କ୍ରିକେଟ୍ ଦକ୍ଷିଣ ଆଫ୍ରିକା ଭାରତ ବିପକ୍ଷ ଘରୋଇ ମଲ୍ଟି-ଫର୍ମାଟ୍ ସିରିଜରେ ଅତିରିକ୍ତ ତିନୋଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ସାମିଲ କରିବାକୁ ନିଷ୍ପତ୍ତି ନେଇଛି । ଫଳରେ ଏହି ପୂରା ଗସ୍ତରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୋଟିଏ ଟେଷ୍ଟ, ତିନୋଟି ଦିନିକିଆ ଏବଂ ତିନୋଟି ଟି-୨୦ ମ୍ୟାଚ୍ ଖେଳାଯିବ । ୨୦୨୭ ଫେବୃଆରୀରେ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫିକୁ ଦୃଷ୍ଟିରେ ରଖି ଏହି ଟି-୨୦ ସିରିଜ୍ ଯୋଡ଼ା ଯାଇଛି । CSAର ମୁଖ୍ୟ କାର୍ଯ୍ୟନିର୍ବାହୀ ଫୋଲେଟ୍ସି ମୋସେକି କହିଛନ୍ତି ଯେ, ଭାରତ ଭଳି ଶକ୍ତିଶାଳୀ ଦଳ ବିରୋଧରେ ଖେଳିବା ଦ୍ୱାରା ଦକ୍ଷିଣ ଆଫ୍ରିକା ଦଳକୁ ଚାମ୍ପିଅନ୍ସ ଟ୍ରଫି ପାଇଁ ଶ୍ରେଷ୍ଠ ପ୍ରସ୍ତୁତିର ସୁଯୋଗ ମିଳିବ । ନିକଟ ଅତୀତରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଛି । ଗତବର୍ଷ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ଭାରତ ଦକ୍ଷିଣ ଆଫ୍ରିକାକୁ ହରାଇ ବିଶ୍ୱ ବିଜୟୀ ହୋଇଥିଲା । ତେବେ ଚଳିତ ବର୍ଷ ଟି-୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ଭାରତକୁ ପରାସ୍ତ କରିଥିଲା । ଏବେ ଘରୋଇ ପରିବେଶରେ ଚାମ୍ପିଅନ୍ ଭାରତୀୟ ଦଳକୁ ସାମ୍ନା କରିବାକୁ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତ । ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ: ଭାରତର ଏହି ଗସ୍ତ ଡିସେମ୍ବର ୯ରୁ ଗକେବରହାରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ସହ ଆରମ୍ଭ ହେବ । ଟେଷ୍ଟ ମ୍ୟାଚ୍: ୯-୧୨ ଡିସେମ୍ବର (ଗକେବରହା) । ଦିନିକିଆ ସିରିଜ୍: ୧୬ ଡିସେମ୍ବର (ପାର୍ଲ), ୧୯ ଡିସେମ୍ବର (କେପ୍ ଟାଉନ୍) ଏବଂ ୨୨ ଡିସେମ୍ବର (ବ୍ଲୋମଫୋଣ୍ଟେନ୍) । ଟି-୨୦ ସିରିଜ୍: ୨୬ ଡିସେମ୍ବର (ବେନୋନି), ୨୯ ଓ ୩୦ ଡିସେମ୍ବର (ପୋଟ୍‌ଚେଫଷ୍ଟ୍ରମ୍) । ତିନୋଟି ଯାକ ଫର୍ମାଟରେ ଏହି ସିରିଜ୍ ଉଭୟ ଦଳର ଖେଳାଳିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ କରିବ ।

# ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ, ଜାତୀୟ ରେକର୍ଡ ସହ ଫାଇନାଲ୍‌ରେ ଅସ୍‌ଫାକ୍

**ୟୁଗେନ:** ଭାରତର ମହମ୍ମଦ ଅସ୍‌ଫାକ ୨୦ କମ୍ ଜାତୀୟ ରେକର୍ଡ ଭାଙ୍ଗିବା ସହ ଚଳିତ ଯୁବ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାର ପୁରୁଷ ୪୦୦ ମିଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ୧୯ ବର୍ଷୀୟ ଏହି ଭାରତୀୟ ମିଡିଲ୍ ଡିଷ୍ଟାନ୍ସ ରନର୍ ହିଟ୍-୫ରେ ନୂଆ ଜାତୀୟ ରେକର୍ଡ ସମୟ ୪୫.୮୧ ସେକେଣ୍ଡ୍ ସହ ରେସ୍ ଶେଷ କରି ସେମିଫାଇନାଲ୍‌ରେ ପହଞ୍ଚିଥିଲେ । ପୂର୍ବରୁ ଏହି ରେକର୍ଡ ୪୬.୫ ସେକେଣ୍ଡ ତାଙ୍କ ନାଁରେ ଥିଲା । ସେ ଗତ ଏପ୍ରିଲ୍‌ରେ ବେଙ୍ଗାଲୁରୁରେ ଆୟୋଜିତ ୨୦ ବର୍ଷରୁ କମ୍ ଫେଡେରେସନ୍ କପରେ ଏହା ହାସଲ କରିଥିଲେ । ସେମିଫାଇନାଲ୍ ହିଟ୍-୩ରେ ଅସ୍‌ଫାକ୍ ୪୬.୦୦ ସେକେଣ୍ଡ ସହ ତୃତୀୟ ସ୍ଥାନରେ ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ । ତାଙ୍କ ସାଥୀ ଭାରତୀୟ ରନର ପୀୟୁଷ ରାଜ (୪୭.୭୮) ନିଜ ହିଟ୍‌ରେ ପଞ୍ଚମ ସ୍ଥାନରେ ରହି ଆଗକୁ ବଢ଼ି ପାରିନାହାନ୍ତି । ପୁରୁଷ ଉଚ୍ଚଡିଆଁ ଫାଇନାଲ୍‌ରେ ବସନ୍ତ ୨.୧୪ ମିଟର ଲମ୍ଫ ମାରି ଗ୍ରୁପ୍-ଏ'ରେ ପଞ୍ଚମ ସ୍ଥାନରେ ରହି ଫାଇନାଲ୍‌ରେ ପହଞ୍ଚିଛନ୍ତି । ତେବେ ଗ୍ରୁପ୍-ବି'ରେ କେ ଅନ୍ଥିସ୍ ୨.୦୫ ମିଟର ଡେଇଁ ଫାଇନାଲ୍‌ରୁ ବଞ୍ଚିତ ହୋଇଥିଲେ ।

# ହକି ବିଶ୍ୱକପ୍‌ରେ ନାହାଁନ୍ତି ଭାରତୀୟ ଅମ୍ପାୟାର

**ନୂଆଦିଲ୍ଲୀ:** ପ୍ରାୟ ୨୮ ବର୍ଷ ପରେ ପ୍ରଥମ ଥର ଏଫଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ପରିଚାଳନା କରିବାରେ ଭାରତୀୟ ଅମ୍ପାୟର କି ବୈଷୟିକ ଅଧିକାରୀଙ୍କୁ ଦେଖିବାକୁ ମିଳିବେନି । ନେଦରଲାଣ୍ଡସ ଓ ବେଲ୍‌ଜିୟମରେ ଖେଳାଯିବାକୁ ଥିବା ଏଫଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ପରିଚାଳନା ଲାଗି ଘୋଷିତ ତାଲିକାରେ କୌଣସି ଭାରତୀୟ ଅମ୍ପାୟାର କିମ୍ବା ବୈଷୟିକ ଅଧିକାରୀଙ୍କ ନାଁ ନାହିଁ । ଯାହା ଭାରତ ପାଇଁ ଲଜ୍ଜାର ବିଷୟ । ଏହାକୁ ନେଇ ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟାରମାନେ ନିରାଶ ହେବା ସହ ଦେଶରେ ଅମ୍ପାୟାରିଂ ପାଇଁ ଏକ ଦୃଢ଼ ଓ ନିୟମିତ ପଥ ପ୍ରସ୍ତୁତ କରିବାକୁ ଦାବି ଉଠାଇଛନ୍ତି । ୧୯୯୮ ବିଶ୍ୱକପ୍ ପରେ ପ୍ରଥମ ଥର ଅମ୍ପାୟାରିଂ ପ୍ୟାନେଲ୍‌ରେ ଭାରତୀୟ ନଥିଲା ବେଳେ ୟୁରୋପୀୟ ଦେଶର ଅଧିକାରୀଙ୍କ ଦବ୍‌ଦବା ଅଧିକ ଦେଖିବାକୁ ମିଳିଛି । ଆଧୁନିକ ହକି ଇତିହାସରେ ଭାରତର ମାତ୍ର ୪ ଜଣ ପୁରୁଷ ବିଶ୍ୱକପ୍ ଅମ୍ପାୟାରିଂ କରିଛନ୍ତି । ସେମାନେ ହେଲେ ଅମରଜିତ୍ ସିଂହ ବାୱା (୧୯୯୦), ତର୍ଲୋକ ସିଂହ ଭୁଲ୍ଲାର (୧୯୯୪), ସତୀନ୍ଦର ଶର୍ମା (୨୦୦୨, ୨୦୦୬, ୨୦୧୦) ଓ ଆର ଭି ରଘୁ ପ୍ରସାଦ (୨୦୧୦, ୨୦୧୪, ୨୦୧୮, ୨୦୨୩) । ହକି ଇଣ୍ଡିଆର ୨୦୨୫ ମେ' ମାସ ସୁଦ୍ଧା ହୋଇଥିବା ତାଲିକାରେ ୧୦୦ରୁ ଅଧିକ ପୁରୁଷ ଓ ୭୦ରୁ ଅଧିକ ମହିଳା ଅମ୍ପାୟାର ରହିଥିଲେ । ଏଫଆଇଏଚ୍ ଅନ୍ତର୍ଜାତୀୟ ପ୍ୟାନେଲରେ ମାତ୍ର ୬ ପୁରୁଷ ଓ ୪ ମହିଳା ଅମ୍ପାୟାର ରହିଛନ୍ତି । ଗତ ବର୍ଷ ରଘୁ ପ୍ରସାଦଙ୍କ ଅବସର ପରେ ପୁରୁଷ ଅମ୍ପାୟାର ସଂଖ୍ୟା କମିଯାଇଛି ।

# ୨୫ ବର୍ଷ ବୟସରେ କ୍ରିକେଟ୍‌ରୁ ଅବସର ନେଲେ ଇଂଲଣ୍ଡର ଦ୍ରୁତ ବୋଲର ଜନ୍ ଟର୍ନର

**ନୂଆଦିଲ୍ଲୀ ;** ୨୦୨୪ରେ ପଦାର୍ପଣ । ମାତ୍ର ୪ଟି ମ୍ୟାଚରେ ସରିଗଲା କ୍ୟାରିୟର । ଜଣେ ୨୫ ବର୍ଷୀୟ ଅନ୍ତର୍ଜାତୀୟ କ୍ରିକେଟର, ଯିଏ ମାତ୍ର ଦୁଇ ବର୍ଷ ପୂର୍ବେ ଅର୍ଥାତ ୨୦୨୪ ମସିହାରେ ଡେବ୍ୟୁ କରିଥିଲେ, ସେ ତାଙ୍କର ଅବସର ଘୋଷଣା କରିଛନ୍ତି । ଏହା କ୍ରିକେଟ ପ୍ରେମୀଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଖବର । ଖେଳାଳିମାନେ ପ୍ରାୟତଃ ଏହି ବୟସରେ ଡେବ୍ୟୁ କରନ୍ତି, କିନ୍ତୁ ଏଠାରେ ସେ ଅବସର ନେଇଛନ୍ତି । ଆମେ କହୁଛୁ ଇଂଲଣ୍ଡର ଦ୍ରୁତ ବୋଲର ଜନ୍ ଟର୍ନରଙ୍କ ବିଷୟରେ । ମାତ୍ର ୨୫ ବର୍ଷ ବୟସରେ କ୍ରିକେଟରୁ ସନ୍ନ୍ୟାସ ନେଇଛନ୍ତି ଏହି ଷ୍ଟାର ପ୍ଲେୟାର । ଇଂଲଣ୍ଡ ପାଇଁ ହ୍ୱାଇଟ୍ ବଲ୍ କ୍ରିକେଟ୍ ଖେଳିଥିବା ଟର୍ନର ଆଘାତ ଯୋଗୁଁ ଏହି ନିଷ୍ପତ୍ତି ନେଇଛନ୍ତି । ତାଙ୍କ ଘରୋଇ ଦଳ ହାମ୍ପଶାୟାର ଏକ ବିବୃତ୍ତି ଜାରି କରି ଇଂଲଣ୍ଡ ଖେଳାଳିଙ୍କ ଅବସର ଘୋଷଣା କରିଛି । ପୋଷ୍ଟରେ ଲେଖଅଛି, 'ଦ୍ରୁତ ବୋଲର ଜନ୍ ଟର୍ନର କ୍ରିକେଟରୁ ସନ୍ନ୍ୟାସ ନେଇଛନ୍ତି । ଜନ୍ ୨୦୨୪ ମସିହାରେ ଇଂଲଣ୍ଡ ପାଇଁ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ । ସେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୨ଟି ଦିନିକିଆ ୨ଟି ଟି-ଟ୍ୱେଣ୍ଟି ଖେଳିଥିଲେ । ସେ ଦିନିକିଆ ଏବଂ ଗୋଟିଏ ଟି-ଟ୍ୱେଣ୍ଟିରେ ଦୁଇଟି ୱିକେଟ୍ ନେଇଥିଲେ, ଏବଂ ଟି-ଟ୍ୱେଣ୍ଟିରେ ଗୋଟିଏ ୱିକେଟ୍ ନେଇଥିଲେ । ଆଘାତଜନିତ ଅବସର ହାମ୍ପଶାୟାରର ଏକ ରିଲିଜ୍ରେ ଉଦ୍ଧୃତ କରି ଜନ୍ ଟର୍ନର କହିଛନ୍ତି, 'ପେସାଦାର ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବା ସର୍ବଦା ମୋର ଏକ ସ୍ୱପ୍ନ ଥିଲା, ଏବଂ ଇଂଲଣ୍ଡ ଏବଂ ହାମ୍ପଶାୟାର ପାଇଁ ଏହା କରିବା ପିଲାଦିନର ସ୍ୱପ୍ନଠାରୁ କମ୍ ନୁହେଁ । ମୁଁ ଖେଳରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି, ଏବଂ ଆପଣ କଳ୍ପନା କରିପାରିବେ, ଏହା ମୋତେ ନେବାକୁ ପଡ଼ିଥିବା ସବୁଠାରୁ କଷ୍ଟକର ନିଷ୍ପତ୍ତି ମଧ୍ୟରୁ ଗୋଟିଏ । ଜଣେ କ୍ରିକେଟର ଭାବରେ ଏବଂ ତା'ପରେ ମୋର ଭବିଷ୍ୟତ ବିଷୟରେ ପ୍ରତିଫଳିତ କରିଛି ।'

## ବଲ ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଓଡିଶାର ନୂତନ କର୍ମକର୍ତ୍ତା ମନୋନୀତ

# ଡକ୍ଟର ନାରାୟଣ ପାତ୍ର ସଭାପତି, ସମ୍ପାଦକ ପ୍ରଣୟ କୁମାର ପଟ୍ଟନାୟକ



**ପୁରୀ(ବ୍ୟୁରୋ):** ବଲ ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ମାଳତୀପାଟପୁର ୱାଣ୍ଡର ୱାଲର୍ଡ ପାର୍କ ସଭାଗୃହରେ ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ନୂତନ କମିଟି ଗଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ଡକ୍ଟର ନାରାୟଣ ପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଶୁଭାରମ୍ଭ କରି କହିଲେ ବଲ ବ୍ୟାଡମିଣ୍ଟନ ଖେଳାଳୀମାନଙ୍କ ସମସ୍ତ ସୁବିଧାସୁଯୋଗ ବନ୍ଦୋବସ୍ତ ସହ ଆସୋସିଏସନକୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଏକ ନମ୍ବର କରି ଓଡିଶାର ନାମ ରଖିବା ପାଇଁ ମତବ୍ୟକ୍ତ କରିଥିଲେ । ସମସ୍ତେ ଏକତ୍ରିତ ହୋଇ ନିସ୍ୱାର୍ଥପର ଭାବେ ଉତ୍ସାହର ସହ କାମ କରିଚାଲ । କର୍ମକର୍ତ୍ତା ମାନଙ୍କୁ ପ୍ରଶଂସା କରିବା ସହ ବଲ ବ୍ୟାଡମିଣ୍ଟନର ଉର୍ନ୍ନତି କାମନା କରିଥିଲେ । ପୂର୍ବତନ ସମ୍ପାଦକ ତଥା ମୁଖ୍ୟ ଉପଦେଷ୍ଟା ସୁକାନ୍ତ ଦାଶ ଯୋଗଦେଇ କହିଲେ ବଲ ବ୍ୟାଡମିଣ୍ଟନ ଖେଳାଳୀ ମାନେ ଭଲ ଖେଳ ପ୍ରଦର୍ଶନ କରିଲେ ସେମାନଙ୍କ କ୍ୟାରିୟର ନିଶ୍ଚିତ ଉଜ୍ଜଳମୟ । ଏଥିରେ ଖେଳାଳୀମାନେ ଚାକିରି ପାଇ ରୋଜଗାର କରୁଛନ୍ତି । ଅନୁଷ୍ଠାନର କାର୍ଯ୍ୟ କରିବା ସହ ଅନୁଷ୍ଠାନକୁ ଆଗକୁ ନେବା ପାଇଁ ସବୁବେଳେ ଚେଷ୍ଟା ଜାରି ରହିବ । ସଭାଗୃହରେ ଇଲେକ୍ସନ ଅଫିସର ଓ ଅବଜରଭରଙ୍କୁ ସ୍ୱାଗତ କରିବା ସହ ଉପଢୌକନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା । ବଲ ବ୍ୟାଡମିଣ୍ଟନ ଆସୋସିଏସନ ୨୦୨୬ ରୁ ୨୦୩୦ ପର୍ଯ୍ୟନ୍ତ ନୂଆ କମିଟି କାର୍ଯ୍ୟ କରିବା ପାଇଁ କର୍ମକର୍ତ୍ତା ମାନଙ୍କୁ ମନୋନୀତ କରାଯାଇଛି । ଏଥିରେ ସଭାପତି ଭାବେ ଡକ୍ଟର ନାରାୟଣ ପାତ୍ର, ଉପସଭାପତି ଭାବେ ପ୍ରଦ୍ୟୁମ୍ନ ମିଶ୍ର, ରଜନୀକାନ୍ତ ମହାପାତ୍ର, ସମ୍ପାଦକ ଭାବେ ପ୍ରଣୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁନିତା ସ୍ୱାଇଁ ଓ ସର୍ବାନନ୍ଦ ବେହେରା ଓ କାର୍ଯ୍ୟକାରୀ ସଭ୍ୟ ଭାବେ ପୂଜାରାଣୀ ନାୟକ ଓ ବି.ତ୍ରିନାଥ ରାଓ ଙ୍କୁ ମନୋନୀତ କରାଯାଇଛି । ନିର୍ବାଚନ ଅଧିକାରୀ ଆଇନଜୀବୀ ଜଗନ୍ନାଥ ସିଂହାରୀ ଓ ୱେଷ୍ଟବେଙ୍ଗଲ ସମ୍ପାଦକ ତଥା ଅବଜରଭର ବଲ ବ୍ୟାଡମିଣ୍ଟନ ଫେଡେରେସନ ଅଫ ଇଣ୍ଡିଆ ସୁବାଶିଷ ଝାଏନ ଯୋଗଦେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପ ମାଲ୍ୟାର୍ପଣ ସହ ଉପଢୌକନ ପ୍ରଦାନ କରାଯାଇଥିଲା । କରତାଳି ଦେଇ କର୍ମକର୍ତ୍ତା ମାନେ ନୂତନ କମିଟିକୁ ସ୍ୱାଗତ କରିଥିଲେ । ଆସୋସିଏସନର ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର କହିଲେ ସବ ଜୁନିୟର ଓ ସିନିୟର ବଲ ବ୍ୟାଡମିଣ୍ଟନ ଖେଳ ଭୁବନେଶ୍ୱର ଅନୁଷ୍ଠିତ ହେବ ଓ ଜୁନିୟର ପୁରୀରେ ଖେଳ ପ୍ରଦର୍ଶନ ହେବ । ଜାତୀୟସ୍ତରରେ ବଲ ବ୍ୟାଡମିଣ୍ଟନ ଖେଳ ଓଡ଼ିଶା ଏକ ନମ୍ବର ରହିବା ପାଇ ଆମର ଲକ୍ଷ । ଖେଳାଳୀମାନଙ୍କୁ ସମସ୍ତ ସୁବିଧାସୁଯୋଗ ଦିଆଯିବ । ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ଓ ପିଲାମାନଙ୍କୁ ଗାଇଡ ରହିଲେ ଏହି ଖେଳ ବହୁତ ଆଗକୁ ବଢିବ । ଏଥିରେ ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ, ଗଞ୍ଜାମ,ଭୁବନେଶ୍ୱର, କଟକରୁ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । ଆଦିତ୍ୟ କୁମାର ସାମନ୍ତରାୟ, ପ୍ରକାଶ କୁମାର ମହାନ୍ତି, ଶ୍ରୀହରି ସୁରଲା, ରଜତ କୁମାର ରାଉତ, ଉମେଶ ମିଶ୍ର, ମନୋଜ ଦାସ, ଅଞ୍ଜଳି ଦାସ, କପିଳ ଚନ୍ଦ୍ର ରାଉତ, ଦେବାଶିଷ ମିଶ୍ର ପ୍ରମୁଖ ସମେତ ୧୦ଟି ଜିଲ୍ଲାର ସଭାପତି ଓ ସମ୍ପାଦକ ଯୋଗଦେଇ ବଲ ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଓଡିଶାକୁ ଆଗେଇ ନେବା ସହ ଜାତୀୟସ୍ତରରେ ନାମ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ବଲ ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଓଡ଼ିଶାର ନୂତନ କର୍ମକର୍ତ୍ତା ମନୋନୀତ


















# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.110, Saturday, 8 August 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୦, ଶନିବାର, ୮ ଅଗଷ୍ଟ ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



